R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୦୬
ତିଥି : ତୃତୀୟା
୧୨ ଅଗଷ୍ଟ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 306
12 Aug 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ସମାଜକୁ ଗ୍ରାସୁଛି ଅନ୍ଧବିଶ୍ୱାସ

## ପୁଣି ପ୍ରେମୀଯୁଗଳଙ୍କୁ ବଳଦ ଦଣ୍ଡ



କୋରାପୁଟ, ୧୧ ।୮ (ସବ୍ୟୁ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଆଲମଣ୍ଡା ପଞ୍ଚାୟତ ଆନ୍ଧ୍ର ଓ ଓଡ଼ିଶା ସୀମାନ୍ତ ଚିଡିବାଲସା ଗାଁରେ ଅନ୍ଧବିଶ୍ୱାସର ବଶବର୍ତ୍ତି ହୋଇ ଦୁଇ ଜଣ ସମାନ ବଂଶର ପ୍ରେମୀଯୁଗଳଙ୍କୁ ଗାଁ ଦାଣ୍ଡରେ ଲଙ୍ଗଳ ବୁଲାଇଛନ୍ତି ପ୍ରେମିକା ଜଣକ ପେଦାଅଲୋଡ଼ା ଗାଁର ମେରି କଲେକା ହୋଇଥିବା ବେଳେ ପ୍ରେମିକ ଚିଡିବାଲସାର ସୀତାରାମ କଲେକା । ଚଳିତ ବର୍ଷ ରାୟଗଡ଼ା କଞ୍ଚାମଯୋଡ଼ି, କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ପେଦା ଇଟିକି ଏବେ ବନ୍ଧୁଗାଁ ବ୍ଲକ ଆଲମଣ୍ଡା ଚିଡିବାଲସା ଗାଁରେ ସମାନ ଦୃଶ୍ୟ ନିଜ ବଂଶ ବା (କୁଳ) ର ପ୍ରେମୀଯୁଗଳ ଅର୍ଥାତ ସମ୍ପର୍କୀୟ ଭାଇ ଭଉଣୀ ବିବାହ ପାଇଁ ପୁଅ ଘରକୁ ଚାଲି ଆସିଥିଲେ ।

ଆଦିବାସୀଙ୍କ ପରମ୍ପରା ଅନୁଯାୟୀ ରବିବାର ସକାଳେ ଗାଁର ମୁଖିଆ ଜାନି, ଦୁଶାରି ଓ ଗାଁ ମୁଖିଆ ସବୁ ଉପସ୍ଥିତ ରହି , ପ୍ରେମୀ ଯୁଗଳ ବଂଶ ଅନୁଯାୟୀ ବିବାହ କରି ପରମ୍ପରା ଭାଙ୍ଗିଥିବାରୁ ଗାଁ ଦାଣ୍ଡରେ ଥିବା ବେରମମଣ୍ଡାରେ ହଳ ଲଙ୍ଗଳ ଯୁଆଳି ସ୍ୱାମୀ ସ୍ତ୍ରୀଙ୍କୁ ଟଣାଇ ଦଣ୍ଡ ଦେଇଥାନ୍ତି । ଆଜି ଦିନରୁ ପ୍ରେମୀ ଯୁଗଳ ଘରେ ସ୍ୱାମୀ ସ୍ତ୍ରୀ ହୋଇ ରହି ପାରିବେ । ଗୋରୁ ଗାଈଙ୍କ ପରି ହୋଇ ଥିବାରୁ ଏକା ବଂଶର ଭାଇ ଭଉଣୀ ବିବାହ କରିଥିବାରୁ ଗାଁର ଅନ୍ୟମାନେ ଶିକ୍ଷାଲାଭ କରିବା ସହିତ ଭବିଷ୍ୟତରେ ଆଉ ଏହି ପ୍ରକାର ଭୁଲ ନ କରିବା ପାଇଁ କରାଯାଉଥିବା ଜାଣିବାକୁ (୯ ପୃଷ୍ଠାରେ)

### ପାତ୍ରପଡା ଦୁର୍ଘଟଣା, ଝିଅ ପରେ ମା'ଙ୍କ ମୃତ୍ୟୁ

## ଜାତୀୟ ରାଜପଥ ଅବରୋଧ



ଭୁବନେଶ୍ୱର, ୧୧ ।୮ (ସବ୍ୟୁ) : ରାକ୍ଷୀ ପୂର୍ଣ୍ଣିମା ଦିନ ପାତ୍ରପଡା ଛକ ନିକଟରେ ରାସ୍ତା ପାର୍ ହେଉଥିବା ବେଳେ ଦୁର୍ଘଟଣାରେ ୮ ବର୍ଷର ଝିଅ ରେସ୍ମା ରାଉଳଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ମା'

### ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୧୧ ।୮ (ସବ୍ୟୁ) : ଜଙ୍ଗିଆ ଅଞ୍ଚଳର ଜାଗୃତି ରାଉଳ ଏବଂ ରେବତୀ ରାଉଳଙ୍କ ସଡକ ଦୁର୍ଘଟଣାରେ ଦୁଃଖଦ ପ୍ରାଣହାନି ବିଷୟ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ଲାଗି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି ।

## ମୁନିରଙ୍କ ପରମାଣୁ ଯୁଦ୍ଧ ମନ୍ତବ୍ୟକୁ ଭାରତର ନିନ୍ଦା

ନୂଆଦିଲ୍ଲୀ, ୧୧ ।୮ : ପାକିସ୍ତାନ ସେନା ମୁଖ୍ୟ ତଥା ଫିଲ୍ଡ ମାର୍ସଲ ଅସିମ ମୁନିରଙ୍କ ପରମାଣୁ ଯୁଦ୍ଧ ଧମକକୁ ଭାରତ ନିନ୍ଦା କରିଛି । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ମୁନୀରଙ୍କ ମନ୍ତବ୍ୟକୁ ଗମ୍ଭୀରତାର ସହ ନିଆଯାଇଛି ଓ ଏଭଳି ମନ୍ତବ୍ୟ ଦାୟିତ୍ୱହୀନତା ବୋଲି ମତ ରଖାଯାଇଛି । ଏଭଳି ମନ୍ତବ୍ୟ ତୃତୀୟ ଦେଶ ପ୍ରତି ବେଶ୍ ଦୁଃଖଦାୟକ ବୋଲି କୁହାଯାଇଛି । ମୁନୀର ବାରମ୍ବାର ଭବିଷ୍ୟତରେ ଭାରତ ପକ୍ଷରୁ ଯଦି ଯୁଦ୍ଧ ହୁଏ ତେବେ ପରମାଣୁର ଧମକ ଦେଇଚାଲିଛନ୍ତି ।

ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଆନ୍ତର୍ଜାତୀୟ ସମୁହ ଏଭଳି ମନ୍ତବ୍ୟକୁ ଦାୟିତ୍ୱହୀନତା ବୋଲି ସବିଶେଷ ସିଦ୍ଧାନ୍ତରେ ପହଞ୍ଚିଛି । ପାକିସ୍ତାନ ସେନା ଆତଙ୍କବାଦୀଙ୍କ ସହ ପରୋକ୍ଷରେ ହାତ ମିଳାଇଛି । ଭାରତର ସ୍ଥିତିକୁ ସ୍ପଷ୍ଟ କରି କହିଛି ଯେ ପରମାଣୁ ବ୍ଲାକ୍‌ମେଲ୍‌କୁ ନେଇ ଭାରତ ଭୟଭୀତ ନୁହଁ । ଜାତୀୟ ସୁରକ୍ଷାକୁ ସୁରକ୍ଷିତ କରିବା ପାଇଁ ଆମେ ସର୍ବଦା ଆବଶ୍ୟକୀୟ ପଦକ୍ଷେପ ନେବୁ । ପୂର୍ବରୁ କେନ୍ଦ୍ର ସରକାର ମୁନୀରଙ୍କ ମନ୍ତବ୍ୟ ଉପରେ କହିଥିଲେ ଯେ ପରମାଣୁ ସମ୍ପନ୍ନ ରାଷ୍ଟ୍ରର ଏଭଳି ମନ୍ତବ୍ୟ ସମ୍ପୂର୍ଣ୍ଣ ଦାୟିତ୍ୱହୀନତା । ଆମେରିକା ସହଯୋଗରେ ପାକିସ୍ତାନ ସେନା ସବୁବେଳେ ତାର ପ୍ରକୃତ ରଙ୍ଗ ଦେଖାଉଛି । ଆମେରିକା ପାକିସ୍ତାନ ସେନାକୁ ସହାୟତା କରୁଛି । ପାକିସ୍ତାନରେ (୯ ପୃଷ୍ଠାରେ)

### ୮୮% ଅଭିଯୋଗର ସମାଧାନ ହୋଇଛି

## ନିୟମିତ ଅଭିଯୋଗ ଶୁଣାଣି ଯୋଗୁ ଲୋକଙ୍କ ଭରସା ବଢ଼ିଛି



ଭୁବନେଶ୍ୱର, ୧୧ ।୮ (ସବ୍ୟୁ) : ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ୧୪ତମ ପାଳି । ସୋମବାର ଭୁବନେଶ୍ୱର ୟୁନିଟ-୨ ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମନ୍ତ୍ରୀ ମଣ୍ଡଳର ବରିଷ୍ଠ ମନ୍ତ୍ରୀଗଣ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ନିୟମିତ ଅଭିଯୋଗ ଶୁଣାଣି ଯୋଗୁ ବିଭିନ୍ନ କାରଣରୁ ସମସ୍ୟାରେ ଥିବା ଲୋକମାନେ ଆଶା ଓ ଭରସା ନେଇ ଆସୁଛନ୍ତି ଏବଂ ସେମାନଙ୍କ ସମସ୍ୟାର ସମାଧାନ ମଧ୍ୟ କରାଯାଉଛି । ଗତ ୧୩ଟି ପାଳିରେ ଗ୍ରହଣ କରାଯାଇଥିବା ୧୨,୨୫୨ଟି ଅଭିଯୋଗ ମଧ୍ୟରୁ ୧୦,୮୦୭ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୮୮ ପ୍ରତିଶତ ଅଟେ । ବାକି ଅଭିଯୋଗ ଗୁଡ଼ିକ ପ୍ରକ୍ରିୟା ମଧ୍ୟରେ ରହିଛି । ଲୋକଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିୟମିତ ପ୍ରୟାସ ଯୋଗୁ ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି ପାଇଛି ।

ପ୍ରତିଥର ଭଳି ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ ପ୍ରଥମେ ଆସି ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଓ ଜଟିଳ ରୋଗରେ ପୀଡିତ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଜଣ ଜଣ କରି ଭେଟିଥିଲେ ଏବଂ ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ ।

ମୁଖ୍ୟମନ୍ତ୍ରୀ, ସାଧାରଣ ଲୋକଙ୍କ ସୁଖ ଦୁଃଖ ଶୁଣିବା (୯ ପୃଷ୍ଠାରେ)

## ଛାତ୍ରୀଙ୍କୁ ଦୁଷ୍କର୍ମ ଘଟଣା ସ୍ଥଳରେ ସିନ୍ ରିକ୍ରିଏସନ



ସିମୁଳିଆ / ଖଇରା, ୧୧ ।୮ (ସବ୍ୟୁ): ବାଲେଶ୍ୱର ଜଲ୍ଲା ସିମୁଳିଆ ଥାନା ଖଇରା ବ୍ଲକ ଅଧିନ ଅନ୍ତରା ଅଞ୍ଚଳରେ ରବିବାର ଦିନ ନବମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ଘଟଣାରେ ସୋମବାର ଦିନ ବାଲେଶ୍ୱର ଏସ୍‌ପି ରାଜ୍ ପ୍ରସାଦ ଘଟଣା ସ୍ଥଳକୁ ଯାଇ ଘଟଣାର ତଦନ୍ତ କରିଛନ୍ତି । ପରେ ଅଭିଯୁକ୍ତକୁ ପୋଲିସ କଡ଼ା ସୁରକ୍ଷାମଧ୍ୟରେ ଘଟଣା ସ୍ଥଳକୁ ନେଇ ସିନ୍ ରିକ୍ରିଏସନ୍ କରିଥିଲେ ।

ଅଭିଯୁକ୍ତ କିପରି ଘଟଣା ଘଟାଇଥିଲା ଘଟଣା ଘଟାଇଥିଲା ତାହା ପୋଲିସ ଆଗରେ ପ୍ରକାଶ କରିଥିଲା । ସିନ୍ ରିକ୍ରିଏସନ୍ ସମୟରେ ବାଲେଶ୍ୱର ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ସିମୁଳିଆ ଆଇଆଇସି ଶ୍ରବଣ କୁମାର ମହାରଣାଙ୍କ ସମେତ ଓଡ୍ରାଫ୍ ଟିମ୍ ଉପସ୍ଥିତ ରହିଥିଲେ । ସିମୁଳିଆ କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା ଘଟଣା ସ୍ଥଳରେ ପହଁଚି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି । ପୀଡିତା ଛାତ୍ରୀ ଜଣଙ୍କର ଅବସ୍ଥାରେ ସୁଧାର ଆସି ନଥିବାରୁ ଭଦ୍ରକ ମେଡିକାଲରେ ଚିକିତ୍ସା ଚାଲିଛି । ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ପୀଡ଼ିତାଙ୍କୁ ଓ ପୂର୍ବତନ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହି ପରିବାରକୁ ଭେଟିବା ସହିତ ପୀଡିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ । ପୀଡ଼ିତା ଛାତ୍ରୀ ଜଣକ ରବିବାର ଦିନ ଟିଉସନରୁ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଜଣକ ବରଦା ରାଣୀତାଳ (୯ ପୃଷ୍ଠାରେ)

## ଆସୁଛି ଲଘୁଚାପ, ୩ ଜିଲ୍ଲାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୧ ।୮ (ସବ୍ୟୁ): ଆସୁଛି ଲଘୁଚାପ । ଏହା ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷିବା ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ହେବାକୁଥିବା ବେଳେ ଉତ୍ତର ଓ ଉପକୂଳ ଅଞ୍ଚଳରେ ସ୍ୱଳରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

ପାଣିପାଗ ବିଭାଗର କହିବା ଅନୁସାରେ, ଆସନ୍ତା ୧୩ ତାରିଖ ବେଳକୁ ଉତ୍ତର-ପଶ୍ଚିମ ଏବଂ ଏହା ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି। ଏହାର ଦୁଇ ଦିନ ପରେ ଅର୍ଥାତ୍ ୧୫ ତାରିଖ ବେଳକୁ ଏହା ଅଧିକ ଘନୀଭୂତ ହୋଇପାରେ। ଫଳରେ ଦକ୍ଷିଣ ଓଡ଼ିଶା ସମେତ ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ଅଛି।

ଆସନ୍ତାକାଲି (ମଙ୍ଗଳବାର) ଦକ୍ଷିଣଓଡ଼ିଶାର କୋରାପୁଟ ଓ ମାଲକାନାଗିରି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ଏଥିପାଇଁ ଉକ୍ତ ଦୁଇ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହା ସହ ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ। ଏଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ବାକି ଜିଲ୍ଲା ଗୁଡିକରେ (୯ ପୃଷ୍ଠାରେ)

## ବିନା ଆଲୋଚନାରେ ଆୟକର ବିଲ୍ ପାରିତ

ନୂଆଦିଲ୍ଲୀ, ୧୧ ।୮ : ବିନା ଆଲୋଚନାରେ ଆଜି ଲୋକସଭାରେ ସଂଶୋଧିତ ଆୟକର ବିଲ୍ ୨୦୨୫ ପାରିତ ହୋଇଛି । ବିରୋଧୀ ସଦସ୍ୟମାନେ ବିହାରର ଭୋଟର ତାଲିକାକୁ ନେଇ ବିରୋଧ ପ୍ରଦର୍ଶନ କରୁଥିବାରୁ ସେମାନେ ବିଲ୍ ଆଲୋଚନାରେ ଅଂଶଗ୍ରହଣ କରିନଥିଲେ । ଆୟକର ଆଇନ୍ ୧୯୬୧ର ସରଳୀକରଣ ପାଇଁ ଏହି ସଂଶୋଧିତ ବିଲ୍ ଆଗତ ହୋଇଥିଲା । ପୂର୍ବ ବିଲ୍‌ରେ ଥିବା କେତେକ ବ୍ୟବସ୍ଥାକୁ ସଂଶୋଧିତ କରାଯାଇ ଫେବୃଆରୀରେ ନୂତନ ଆୟକର ବିଲ୍ ଆଗତ ହୋଇଥିଲା । ତେବେ ଏହାକୁ ସିଲେକ୍ଟ କମିଟିକୁ ପଠାଇ ଦିଆଯାଇଥିଲା । ସିଲେକ୍ଟ କମିଟି ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା ବିଲ୍‌ରେ କିଛି ଆବଶ୍ୟକୀୟ ପରିବର୍ତ୍ତନ ପାଇଁ ସୁପାରିଶ କରିଥିଲେ । ଗତ ଶୁକ୍ରବାର ବିଲ୍‌କୁ ପତ୍ୟାହାର କରିନିଆଯାଇଛି ।

ଆଜି ଏହି ବିଲ୍‌କୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ଆଗତ କରିଥିଲେ । ନୂଆ ବିଲ୍‌ରେ ପୂର୍ବ ବିଲ୍‌ରେ ଥିବା ୮୧୯ ଧାରାକୁ କାଣ୍ଟଛାଣ୍ଟ କରାଯାଇ ୫୩୬ କରାଯାଇଛି । ନୂଆ ବିଲ୍‌ଟିରେ ଅସଙ୍ଗତି ଥିବା ୫୭ ଫର୍ମକୁ ୧୮ କରାଯାଇଥିବାବେଳେ ଫର୍ମୁଲେ ନମ୍ବରକୁ ୪୬ ରୁ ୬କୁ ହ୍ରାସ କରାଯାଇଛି । ନୂଆ ବିଲ୍‌ରେ ମଧ୍ୟ ଆୟକର ଅଧିକାରୀଙ୍କୁ ଚଢ଼ାଉ ସମୟରେ ଜବତ କ୍ଷମତା ଦିଆଯାଇଛି ।

### ନିର୍ବାଚନ କମିଶନଙ୍କୁ ଭେଟିବାକୁ ଯାଉଥିଲେ ୩୦୦ ସାଂସଦ

## ବିରୋଧୀ ସାଂସଦଙ୍କୁ ମଝି ରାସ୍ତାରେ ଅଟକାଇଲା ପୋଲିସ



ନୂଆଦିଲ୍ଲୀ, ୧୧ ।୮ : ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନକୁ ବିରୋଧୀ ସାଂସଦମାନେ ବିରୋଧ କରୁଛନ୍ତି । ଏହି ପ୍ରସଙ୍ଗରେ ସେମାନେ ଆଲୋଚନା ଦାବି କରି ସଂସଦକୁ ଅଚଳ କରିଛନ୍ତି । ତେବେ ସରକାର ଆଲୋଚନା ପାଇଁ ରାଜି ହୋଇନଥିବାରୁ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ସାଂସଦମାନେ ଆଜି ସଂସଦ ପରିସରରୁ ନିର୍ବାଚନ କମିଶନଙ୍କୁ ଭେଟିବା ପାଇଁ ରାସ୍ତାକୁ ଓହ୍ଲାଇଥିଲେ । ୩୦୦ରୁ ଊର୍ଦ୍ଧ୍ୱ ସାଂସଦ ଏକ ଶୋଭାଯାତ୍ରାରେ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟକୁ ଯାଉଥିବା ସମୟରେ ମଝି ରାସ୍ତାରେ ପୋଲିସ ସେମାନଙ୍କୁ ଅଟକାଇଥିଲା । ପୋଲିସ ବ୍ୟାରିକେଡ୍ କରି ସାଂସଦମାନଙ୍କୁ ଅଟକାଇବା ସହ ସେମାନଙ୍କୁ ମଧ୍ୟ ଉଠାଇ ନେଇ ଅଟକ ରଖିଥିଲା ।

ଅଧିକାଂଶ ସାଂସଦଙ୍କୁ ରାସ୍ତା ଉପରେ ଅଟକାଇବାରୁ ସେମାନେ ସ୍ଲୋଗାନ ଦେଇଥିଲେ । ମହିଳା ସାଂସଦମାନେ ମଧ୍ୟ ସ୍ଲୋଗାନ ଦେଇ ପୋଲିସର (୯ ପୃଷ୍ଠାରେ)

- ରାହୁଲଙ୍କ ସମେତ ବହୁ ସାଂସଦ ଥାନାରେ ଅଟକ
- ବିକ୍ଷୋଭ ବେଳେ ମହୁଆ ମୋଇତ୍ର ଅଚେତ
- ବ୍ୟାରିକେଡ୍ ଡେଇଁବାକୁ ଅଖିଳେଶଙ୍କ ଉଦ୍ୟମ
- ୩୦ଙ୍କ ପାଇଁ ଅନୁମତି ଥିଲା : ପୋଲିସ

## ପାରିବାରିକ କଳହରୁ ଛାତ୍ରୀଙ୍କ ଆତ୍ମାହୁତି



ସମ୍ବଲପୁର / ପଦ୍ମପୁର, ୧୧ ।୮ (ସବ୍ୟୁ): ବରଗଡ ଜିଲ୍ଲା ଗାଇସିଲେଟ୍ ଥାନା ଅନ୍ତର୍ଗତ ଫିରିଙ୍ଗମାଳ ଗ୍ରାମରେ ସୋମବାର ସକାଳେ ଅଭାବନୀୟ ଘଟଣା ଘଟିଛି। ଜଣେ ୧୩ବର୍ଷିୟା ନାବାଳିକା ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରି ବୁର୍ଲା ଭିମସାରରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ଏନେଇ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ବରଗଡ ଜିଲ୍ଲା ତେଣ୍ଡାପଦର ଗ୍ରାମର ଏହି ନାବାଳିକା ଜଣକ ସାଁପଲହରା ସ୍ଥିତ ସେବାଶ୍ରମ ହଷ୍ଟେଲରେ ରହି ୮ମ ଶ୍ରେଣୀ ପାଠ ପଢୁଥିଲେ। ତାଙ୍କ ଦେହ ଅସୁସ୍ଥ ଥିବାରୁ ସେ ପ୍ରାୟ ୧ମାସ ହେବ ମାମୁଁ ଘରେ ରହି ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ସେ ହଷ୍ଟେଲ ଫେରିବେ ବୋଲି ନିଜ ଜିନିଷପତ୍ର ମଧ୍ୟ ସଜାଡିଥିଲେ। ତେବେ ଫିରିଙ୍ଗମାଲ ସ୍ଥିତ ମାମୁଁଘର ପଛପଟ ଫୁଟବଲ ପଡିଆରୁ ତାଙ୍କୁ ସକାଳେ ଅର୍ଦ୍ଧଦଗ୍ଧ (୯ ପୃଷ୍ଠାରେ)

## ଅନ୍ତର୍ଜାତୀୟ ଯୁବ ଦିବସ

ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ ଅନ୍ତର୍ଜାତୀୟ ଯୁବ ଦିବସ ରୂପେ ପାଳନ କରାଯାଏ । ମିଳିତ ଜାତିସଂଘ ଆନୁକୂଲ୍ୟରେ ୨୦୦୦ ମସିହାରେ ପ୍ରଥମକରି ଏହି ଦିବସ ପାଳିତ ହୋଇଥିଲା । ଯୁବମାନଙ୍କ କ୍ଷେତ୍ରରେ ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରାଇବା ଉଦ୍ଦେଶ୍ୟ ନେଇ ଏହି ଦିବସ ଆରମ୍ଭ କରାଯାଇଥିଲା । ଏହି ଦିନ ବିଭିନ୍ନ ଦେଶର ସରକାରଙ୍କ ତରଫରୁ କୃତି ଯୁବମାନଙ୍କୁ ଭିନ୍ନ ଭିନ୍ନ ସମ୍ମାନ ପ୍ରଦାନ କରାଯାଇଥାଏ । ତେବେ ସରକାର ଓ ଅନ୍ୟମାନଙ୍କୁ ଯୁବପିଢିର ସମସ୍ୟା ଓ ସଂଘର୍ଷ ବାବଦରେ ଏହି ଦିବସ ଏକ ସାମାଜିକ ଜାଗରଣ ସୃଷ୍ଟି କରିବାର ସୁଯୋଗ ପ୍ରଦାନ କରିଥାଏ । ଏହି ଦିନ ବିଶ୍ୱବ୍ୟାପୀ ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ଉତ୍ସବ, କର୍ମଶାଳା ଓ ସମ୍ମାନ ଆଦିର ଆୟୋଜନ କରାଯାଇଥାଏ । ହେଲେ ଭାରତରେ ଜାନୁଆରୀ ୧୨ ତାରିଖକୁ ଜାତୀୟ ଯୁବ ଦିବସ ରୂପେ ପାଳନ କରାଯାଏ ।





## ଏଲିଅନ୍ ଡାଇମଣ୍ଡ

ନିକଟରେ ଚୀନ୍‌ର ବୈଜ୍ଞାନିକମାନଙ୍କୁ ଏକ ସ୍ୱତନ୍ତ୍ରଧରଣର ଡାଇମଣ୍ଡ ପ୍ରାପ୍ତ ହୋଇଛି, ଯାହାକୁ ନେଇ ଆଲୋଚନା ଆରମ୍ଭ ହୋଇଛି । ଏହି ଡାଇମଣ୍ଡର ନାଁ ବୈଜ୍ଞାନିକମାନେ ଏଲିଅନ ଡାଇମଣ୍ଡ ରଖିଛନ୍ତି, ଯାହା ଉଲକାପିଣ୍ଡରୁ ମିଳିଥିବା ନେଇ ସେମାନେ ସୂଚନା ଦେଇଛନ୍ତି । ଚୀନର ମିଡିଆ ରିପୋର୍ଟ ଅନୁସାରେ ଏହାଏକ ହେକ୍ସାଗୋନାଲ ଡାଇମଣ୍ଡ, ଯାହା ଖୁବ ଟାଣ ପଦାର୍ଥରୁ ନିର୍ମାଣ କରାଯାଇଛି । ଏହା ପୃଥିବୀରେ ମିଳୁଥିବା ଡାଇମଣ୍ଡ ଠାରୁ ଖୁବ ଟାଣ ବୋଲି ଆକଳନ କରାଯାଇଛି । ଏହାକୁ ନେଇ ଗବେଷଣା ଜାରି ରହିଛି, ଆଗକୁ ଏହା ଉପରେ ଅନେକ ତଥ୍ୟ ସାମନାକୁ ଆସିବ ବୋଲି ବୈଜ୍ଞାନିକ ଆଶା ରଖିଛନ୍ତି । ତେବେ ଏହି ଡାଇମଣ୍ଡକୁ ନେଇ ସୋସିଆଲ ମିଡିଆରେ ଖୁବ ଆଲୋଚନା ଜାରି ରହିଛି ।

## ସୋସିଆଲ କୋଟ୍ସ



“ସୁଶାନ୍ତଙ୍କ ମୃତ୍ୟୁର ୧୦ ଦିନ ଆଗରୁ ମୁଁ ତାଙ୍କ ସହିତ କଥା ହୋଇଥିଲି । ତାଙ୍କୁ କିଛି କଥା ବୁଝେଇ ବି ଥିଲି । ସେ ମୋ ହାତ ରନ୍ଧା ମଟନ ଖାଇବାକୁ ଚାହୁଁଥିଲେ, ହେଲେ ମୁଁ ଖୁଆଇ ପାରିଲିନି ।

ମନୋଜ ବାଜପେୟୀ, ଅଭିନେତା



“ମୋତେ ଯେତେବେଳେ ‘ଥାର’ ଫିଲ୍ମ ଅଫର ହୋଇଥିଲା ମୁଁ ସେତେବେଳେ ଡିପ୍ରେସନରେ ଥିଲି । ଯେଉଁ କାରଣରୁ ଫିଲ୍ମ କରିବାକୁ ମନା କରିଥିଲି ।

ଇମ୍ରାନ ଖାନ୍, ଅଭିନେତା



“ସେଟ୍‌ରେ ସବୁଠାରୁ ଅଧିକ ପ୍ରଶଂସା ମୋତେ ସଞ୍ଜୟ ସାରଙ୍କ ଠାରୁ ମିଳିଥିଲା । ମୋ ଭିତରେ ଅଭିନୟର ଖୁବ କ୍ଷମତା ରହିଛି । ସଞ୍ଜୟ ସାରଙ୍କ ପ୍ରଶଂସା ମୋତେ ଖୁବ ଉତ୍ସାହିତ କରିଥିଲା ।

ସୋନାକ୍ଷୀ ସିହ୍ନା, ଅଭିନେତ୍ରୀ

## ତିନି ସାଙ୍ଗଙ୍କର ଦେଶ

ଗୋଟିଏ ଦେଶ ନିର୍ମାଣ କରିବାକୁ ଅନେକ କିଛିର ଆବଶ୍ୟକ ହୋଇଥାଏ । ହେଲେ ଦୁନିଆରେ ଏଭଳି ଏକ ଦେଶ ରହିଛି, ଯାହାକୁ ତିନିଜଣ ସାଙ୍ଗ ମିଳିମିଶି ନିର୍ମାଣ କରିଥିଲେ । ରିପୋର୍ଟ ଅନୁସାରେ ଅଷ୍ଟ୍ରେଲିଆର ରହିଛି ଏହି ଦେଶ ଯାହାର ନାଁ ହେଉଛି ଅଲ୍‌ଟାନିୟମ । ଏହି ଦେଶର ନିର୍ମାଣ ପଛରେ ଏକ ରୋଚକ ତଥ୍ୟ ସାମିଲ ରହିଛି । ଏହାକୁ ୧୯୮୧ରେ ତିନିଜଣ ସାଙ୍ଗ ମିଶି ନିଜ ବାଡିପଟେ ନିର୍ମାଣ କରିଥିଲେ । ଏହାକୁ ମାଇକ୍ରୋନେସନର ଆଖ୍ୟା ମିଳିଛି । ଜର୍ଜ କ୍ରୁଇକଶଙ୍କ୍, ଜେଫରି ଡୁଗାନ୍, କ୍ଲେୟରେ କୋଲ୍ଟର ନାମକ ଏହି ତିନି ସାଙ୍ଗ ଏହି ଦେଶକୁ ନିର୍ମାଣ କରିଥିଲେ । ଏହାକୁ ମାତ୍ର ୧୦ ସ୍କୋୟାର ମିଟରରେ ପ୍ରଥମେ ନିର୍ମାଣ କରାଯାଇଥିଲା । ଏହି ଦେଶର ନିଜସ୍ୱ ସରକାର ସହିତ, ପୋଷ୍ଟ ଅଫିସ, ଷ୍ଟାମ୍ପ, କଏନ୍, ପୋଷ୍ଟକାର୍ଡ, ପତାକା ଆଦି ରହିଛି ।



### ହାହାଃ..ହାହାଃ..

ପପୁ ଖାଲି ସିଙ୍ଗଡାର ଭିତର ମସଲା ଖାଉଥିଲା ।
ଡପୁ – ଆରେ ତୁ ସିଙ୍ଗଡାର ଖାଲି ଭିତର ମସଲା କ’ଣ ପାଇଁ ଖାଉଛୁ ।
ପପୁ – ମୋର ଦେବ ଭଲ ନାହିଁ । ମୋତେ ଡାକ୍ତର ବାହାର ଜିନିଷ ଖାଇବାକୁ ମନା କରିଛନ୍ତି ।



୧୭୬୫– ଆହ୍ଲାବାଦ ଚୁକ୍ତି ଅନ୍ତର୍ଗତ ଭାରତରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀର ଶାସନର ଶୁଭାରମ୍ଭ ।

୧୮୩୩– ଆମେରିକାରେ ଚିକାଗୋ ସହରର ସ୍ଥାପନା ।

୧୯୦୮– ହେନରୀ ଫୋର୍ଡର କାର୍ କମ୍ପାନୀ ଏହାର ପ୍ରଥମ କାର୍ ମଡେଲ୍ ବିକଶିତ କଲା ।

୧୯୧୯– ଭାରତୀୟ ଅନ୍ତରୀକ୍ଷ କାର୍ଯ୍ୟକ୍ରମର ଜନକ ବୈଜ୍ଞାନିକ ବିକ୍ରମ ସାରାଭାଇଙ୍କ ଜନ୍ମ ।

୧୯୮୧– ଆଇବିଏମ୍ ଏହାର ପ୍ରଥମ ପର୍ସନାଲ୍ କମ୍ପ୍ୟୁଟର ଜାରି କଲା, ଯାହାର ମୂଲ୍ୟ ୧୬ ହଜାର ଡଲାର ଧାର୍ଯ୍ୟ କରାଯାଇଥିଲା ।

୨୦୦୮– ଅମିର ଖାନ୍‌ଙ୍କୁ ଫିଲ୍ମ ‘ତାରେ ଜମିନ୍ ପର୍’ ପାଇଁ ଗୋଲାପୁଡୀ ଶ୍ରୀନିବାସ ମେମୋରିଆଲ୍ ଆୱାର୍ଡ ପ୍ରଦାନ କରାଗଲା ।

୨୦୦୯– ପ୍ରସିଦ୍ଧ ଭାରତୀୟ ଅର୍ଥଶାସ୍ତ୍ରୀ ସି. ରଙ୍ଗରାଜନ୍‌ଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ରୂପେ ନିଯୁକ୍ତି ଦିଆଗଲା ।

## ଟ୍ରିପରେ ଯିବାର ପୂର୍ବପ୍ରସ୍ତୁତି

**ଅନେକ ସମୟରେ ଆମେ ଛୁଟି କାଟିବା ପାଇଁ ଡ୍ରାଇଭିଂକୁ ଏକ ଅପସନ୍ ଭାବେ ରଖିଥାଆନ୍ତି । ସାଙ୍ଗସାଥୀ ହେଉ କିମ୍ବା ପରିବାର ଲୋକଙ୍କ ସହିତ ଗାଡି ଧରି ଏମାନେ ବୁଲିବାକୁ ବାହାରି ଯାଆନ୍ତି । ତେବେ କୌଣସି ରୋଡଟ୍ରିପ୍‌ରେ ଯିବା ଆଗରୁ ଅନେକ କଥା ରହିଛି, ଯାହା ଉପରେ ଧ୍ୟାନ ଦେବାକୁ ହୋଇଥାଏ ।**



**ଗାଡିକୁ କରନ୍ତୁ ପ୍ରସ୍ତୁତ–** ପ୍ରଥମେ କୌଣସି ରୋଡ ଟ୍ରିପରେ ବାହାରିବା ଆଗରୁ ନିଜର ଗାଡିକୁ ଏଥିପାଇଁ ପ୍ରସ୍ତୁତ କରନ୍ତୁ । ଗାଡିର ଇଞ୍ଜିନ ଅଏଲ୍, ବ୍ରେକ୍, ଗାଡିର ଅନ୍ୟାନ ଯନ୍ତ୍ରାଂଶ ସଠିକ୍ ଅବସ୍ଥାରେ ଅଛି କି ନାହିଁ ସେ ନେଇ ଧ୍ୟାନ ଦିଅନ୍ତୁ । ଗାଡି ବାହାରକୁ ନେବା ଆଗରୁ ସମସ୍ତ କଥା ଦେଖି ଏହାପରେ ନିଜର ଜର୍ଣ୍ଣି ଆରମ୍ଭ କରନ୍ତୁ । ଚାହିଁବେ ଯଦି ଗାଡିକୁ ଥରେ ମେକାନିକ୍‌କୁ ମଧ୍ୟ ଦେଖାଇପାରିବେ, ଯାହା ଫଳରେ ଯଦି କୌଣସି ଅସୁବିଧା ଥିବ ତେବେ ଜଣାପଡିବ । ବିଶେଷ ଭାବେ ଲାଇଟ୍ ଓ ବ୍ରେକ ଉପରେ ଧ୍ୟାନ ଦିଅନ୍ତୁ ।

**ଏମରଜେନ୍ସି କିଟ୍ ରଖନ୍ତୁ–** ଡ୍ରାଇଭିଂରେ ଯିବା ସମୟରେ ପାଖରେ ଏମରଜେନ୍ସି କିଟ୍ ରଖନ୍ତୁ । ପାଖରେ ଫାଷ୍ଟଏଡ୍ କିଟ୍, ଟର୍ଚ୍ଚ, ଜମ୍ପର କେବଲ, ଅନ୍ୟାନ ଯନ୍ତ୍ରପାତି ଯାହା ଗାଡିକୁ ମରାମତି କରିବାରେ ଆବଶ୍ୟକ ପଡିପାରେ ସେ ସବୁକୁ ପାଖରେ ରଖନ୍ତୁ । ଯଦି ରାସ୍ତାରେ କୌଣସି ଯାନ୍ତ୍ରିକ ତ୍ରୁଟି ଦେଖିବାକୁ ମିଳିବ ଏଗୁଡିକ ଆପଣଙ୍କୁ ସହାୟତା କରିବ ।

**ଟ୍ରାଫିକ୍‌କୁ ବୁଝନ୍ତୁ–** ଯେଉଁ ସ୍ଥାନକୁ ଯାଉଛନ୍ତି ସେହି ସ୍ଥାନ ବିଷୟରେ ପ୍ରଥମେ ଜାଣନ୍ତୁ । ଏହି ସ୍ଥାନର ଟ୍ରାଫିକ୍ ଅବସ୍ଥା କଣ । କେଉଁ ସମୟରେ ଟ୍ରାଫିକ୍ ଅଧିକ ରହିଥାଏ, କେଉଁ ସମୟରେ କମ ଥାଏ । ସେ ନେଇ ସବିଶେଷ ବିବରଣୀ ପାଖରେ ରଖନ୍ତୁ, ଯାହା ଫଳରେ ସହଜରେ ଯାତ୍ରା କରିପାରିବେ ।

**ପାଖରେ ରଖନ୍ତୁ ସମସ୍ତ ପ୍ରମାଣ ପତ୍ର–** ପାଖରେ ଡ୍ରାଇଭିଂରେ ଯିବା ଆଗରୁ ସମସ୍ତ ପ୍ରମାଣ ପତ୍ର ଯେପରି ଡ୍ରାଇଭିଂ ଲାଇସେନ୍ସ, ଗାଡି ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ, ଗାଡିର ଫିଟ୍‌ନେସ ସାର୍ଟିଫିକେଟ, ଇନ୍ସୁରାନ୍ସ ସାର୍ଟିଫିକେଟ୍, ପଲ୍ୟୁସନ ସାର୍ଟିଫିକେଟ ସମସ୍ତକୁ ପାଖରେ ରଖନ୍ତୁ । ଏସବୁ କେତେବେଳେ ବି ଦରକାର ଆସିପାରେ । ନିଜ ବିଷୟରେ ମଧ୍ୟ ଏକ ବିବରଣୀ ଚିଠା ଅର୍ଥାତ ଏଥିରେ ନିଜର ସମ୍ପର୍କୀୟଙ୍କ ନମ୍ବର, ବ୍ଲଡଗ୍ରୁପ, ଠିକଣା ଆଦି ଲେଖି ରଖିପାରିବେ ।

**ପାଣିପାଗ ତଥ୍ୟ–** କୌଣସି ରୋଡଟ୍ରିପରେ ଯିବା ଆଗରୁ ଯେଉଁଠାକୁ ଯାଉଛନ୍ତି ଏବଂ ଯେଉଁଠାରୁ ଯିବେ ସେଠିକାର ପାଣିପାଗ ସମ୍ପର୍କରେ ତଥ୍ୟ ରଖନ୍ତୁ । ନଚେତ୍ ଆପଣ ସମସ୍ୟାରେ ପଡିବାର ସମ୍ଭାବନା ରହିଛି । ଯଦି ବର୍ଷା ହେବାର ଥାଏ ତେବେ ସେ ନେଇ ବ୍ୟବସ୍ଥା କରିବା ପରେ ରୋଡ ଟ୍ରିପ୍‌ରେ ଯିବା ଆବଶ୍ୟକ ।



## ସବୁକିଛି ଠିକ୍ ଅଛି

ଗତ କିଛି ମାସଧରି ଐଶ୍ୱର୍ଯ୍ୟା ରାୟ ଓ ଅଭିଷେକ ବଚ୍ଚନଙ୍କ ସମ୍ପର୍କକୁ ନେଇ ଅନେକ ଚର୍ଚ୍ଚା ଜାରି ରହିଛି । ଉଭୟଙ୍କ ଭିତରେ କିଛି ଠିକ୍ ନଥିବା ନେଇ ଆଲୋଚନା ହେଉଥିଲା, ହେଲେ ସମସ୍ତଙ୍କୁ ନିକଟରେ ଚୁପ କରାଇଛନ୍ତି ଦମ୍ପତି । ନିକଟରେ ଉଭୟ ଫ୍ୟାମିଲି ଟ୍ରିପରୁ ଫେରିଛନ୍ତି । ଏହି ଟ୍ରିପରେ ଐଶ୍ୱର୍ଯ୍ୟାଙ୍କ ସହିତ ଅଭିଷେକ ଓ ଆରାଧ୍ୟା ସାମିଲ ଥିଲେ । ଏୟାରପୋର୍ଟରେ ପୂରା ଫ୍ୟାମିଲିର କେମେଷ୍ଟ୍ରୀ ଖୁବ ଭାଇରାଲ ହେଉଛି । ଅଭିଷେକଙ୍କର ଐଶ୍ ଓ ଝିଅଙ୍କ ପ୍ରତି ଥିବା ଆଟିଚ୍ୟୁଡ୍‌କୁ ଦର୍ଶକ ଖୁବ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ଏହାପରେ ପରିବାରରେ ସବୁ ଠିକ୍ ଥିବାନେଇ ଆଲୋଚନା ଆରମ୍ଭ ହୋଇଛି । ଗତ କିଛିଦିନ ହେଲା ଉଭୟଙ୍କ ଭିତରେ କିଛି ଠିକ୍ ନଥିବା ଏବଂ ଉଭୟଙ୍କ ଭିତରେ ବିବାହ ବିଚ୍ଛେଦ ନେଇ ମଧ୍ୟ ଆଲୋଚନା ହେଉଥିଲା । ତେବେ ଏହାକୁ ମିଛ ବୋଲି ପ୍ରମାଣ କରିଛନ୍ତି ଦମ୍ପତି । ଏହି ଭିଡିଓଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏହାପୂର୍ବରୁ ଏଭଳି ଅନେକ ଇଭେଣ୍ଟ ଦେଖିବାକୁ ମିଳିଥିଲା ଯେଉଁଥିରେ ଐଶ୍‌ଙ୍କୁ ବଚ୍ଚନ ପରିବାର ନୁହେଁ ଝିଅ ଆରାଧ୍ୟାଙ୍କ ସହିତ ଏକୁଟିଆ ଦେଖିବାକୁ ମିଳିଥିଲା । ଏହାପରେ ଐଶ୍ ଓ ଅଭିଷେକଙ୍କ ଭିତରେ କିଛି ମତଭେଦ ଥିବାନେଇ ଆଲୋଚନା ଆରମ୍ଭ ହୋଇଥିଲା ।

## ଚାଇନିଜ୍ ମଞ୍ଚୁରିଆନର ଜନ୍ମ ଭାରତରେ

ଚାଇନିଜ୍ ମଞ୍ଚୁରିଆନ ଚୀନର ଖାଦ୍ୟବୋଲି ସମସ୍ତଙ୍କର ଧାରଣା ରହିଛି, ହେଲେ ଏପରି ନୁହେଁ । ଚୀନ ନୁହେଁ ବରଂ ଚାଇନିଜ୍ ମଞ୍ଚୁରିଆନର ଜନ୍ମ ୫୦ ବର୍ଷ ତଳେ ଭାରତରେ ହୋଇଥିଲା । ଜଣେ କଲିକତାର ରୋଷେୟା ଏହାକୁ ତିଆରି କରିଥିଲେ । ତାଙ୍କର ସମ୍ପର୍କ ଚୀନ ସହିତ ରହିଥିଲା, ତାଙ୍କର ବଂଶୋଭବ ଚୀନର ଥିଲେ ବୋଲି ସୂଚନା ରହିଛି । ତେବେ ସେ କିଛି ଏକ୍ସପେରିମେଣ୍ଟ କରିବା ପାଇଁ ଏହି ଡିସ୍ ପ୍ରସ୍ତୁତ କରିଥିଲେ । ମୁମ୍ବାଇରେ ହେଉଥିବା ଏକ କ୍ରିକେଟମ୍ୟାଚରେ ପରଷାଯିବା ପାଇଁ ସେ ଏହି ଡିସ୍‌ଟିକୁ ପ୍ରସ୍ତୁତ କରିଥିଲେ ଯେଉଥିରେ ଉଭୟ ଚୀନ ଓ ଭାରତୀୟ ସ୍ୱାଦ ରହିଥିଲା । ପ୍ରଥମେ ଏହାକୁ ଚିକେନ୍‌ରେ ପ୍ରସ୍ତୁତ କରାଯାଇଥିଲା, ଯାହା ବର୍ତ୍ତମାନ ବିଭିନ୍ନ ପ୍ରକାରରେ କରାଯାଉଛି । ତେବେ ଖୁବ ଲୋକ ଏହା ଜାଣନ୍ତି କି ଚିକେନ୍ ମଞ୍ଚୁରିଆନ ଭାରତର ଖାଦ୍ୟ, ସମସ୍ତେ ଏହାକୁ କୌଣସି ଚାଇନିଜ୍ ଡିସ୍ ବୋଲି ଭାବିଥାଆନ୍ତି ।





ଭୁବନେଶ୍ୱର ରେଳ ଅଡିଟୋରିୟମ ରେ କମିଶନରେଟ୍ ପୋଲିସ ପକ୍ଷରୁ ଆୟୋଜିତ ଯୁବ ସଚେତନତା କାର୍ଯ୍ୟକ୍ରମ ଜୀବନ ଜିନ୍ଦାବାଦରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ରେଳ ଧାରଣାରୁ ଆହତ ଯୁବକଙ୍କୁ ଉଦ୍ଧାର କଲେ ଗ୍ରାମବାସୀ

ଚୌଦ୍ୱାର,(ସ.ବ୍ୟୁ.) : ଟାଙ୍ଗୀ ଥାନା ଅନ୍ତର୍ଗତ ନିର୍ଗୁଣ୍ଡି ରେଳଷ୍ଟେସନ୍‌ର କିଛି ଦୂରରେ ଥିବା ରେଳ ଧାରଣାରୁ ଜଣେ ଯୁବକ ଆହତ ଅବସ୍ଥାରେ ପଡ଼ିଥିବାର ସ୍ଥାନୀୟ ଗ୍ରାମବାସୀମାନେ ଦେଖିବାକୁ ପାଇଥିଲେ । ପ୍ରଥମେ ସେମାନେ ଏ ସମ୍ପର୍କରେ ରେଳବାଇ ପୁଲିସ୍‌କୁ ଖବର ଦେଇଥିବା ବେଳେ ରେଳବାଇ ପୁଲିସ୍ ଟ୍ରେନ୍ ଦୁର୍ଘଟଣାରେ କୌଣସି ବ୍ୟକ୍ତି ଆହତ ହୋଇନଥିବାର ଖବର ନଥିବାରୁ ସେ ସ୍ଥାନୀୟ ପୁଲିସ୍‌କୁ ଖବର ଦେବା ପାଇଁ ପ୍ରକାଶ କରିଥିଲେ । ପରେ ଗ୍ରାମବାସୀ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଟକ ବଡ଼ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ପଠାଇଥିଲେ । ଆହତ ଯୁବକର ପରିଚୟ ମିଳିପାରିନଥିବା ବେଳେ ସେ ଓଡ଼ିଆ ଭାଷାର କଥା ବୁଝିପାରୁନଥିବା ବେଳେ ଯୁବକ ଜଣକ ବାହାର ରାଜ୍ୟର ହୋଇଥାଇପାରନ୍ତି ବୋଲି ଗ୍ରାମବାସୀମାନେ ସନ୍ଦେହ କରୁଥିବା ବେଳେ ଯୁବକ ଜଣକ ରାତିରେ କୌଣସି ଟ୍ରେନ୍‌ରେ ଯାଉଥିବା ବେଳେ ଅସାବଧନତା ଯୋଗୁଁ ଟ୍ରାକ୍‌ରେ ପଡ଼ିଯାଇ ଆହତ ହୋଇଥାଇପାରନ୍ତି ବୋଲି ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି ।

### ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ପ୍ରାଥମିକ ଚିକିତ୍ସା ଦେଢ଼ ଲକ୍ଷ ଟଙ୍କାର କ୍ୟାସଲେସ ସୁବିଧା

## ଇ-ଡାର ପୋର୍ଟାଲ ଅପଲୋଡ଼୍ ପାଇଁ ନିଯୁକ୍ତ ହେବେ ହୋମଗାର୍ଡ

କଟକ,(ସବ୍ୟୁ): ପ୍ରତ୍ୟେକ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ରାଜ୍ୟର କେତେକ ନିର୍ଦ୍ଦିଷ୍ଟ ମେଡିକାଲରେ ପ୍ରାଥମିକ ଚିକିତ୍ସା ପାଇଁ ଦେଢ଼ ଲକ୍ଷ ଟଙ୍କାର କ୍ୟାସ୍‌ଲେସ୍ ସୁବିଧା ଯୋଗାଇ ଦେବାପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ପ୍ରତ୍ୟେକ ଥାନାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯେଉଁ ଥାନା ଅଧୀନରେ ଦୁର୍ଘଟଣା ଘଟିବ ସମ୍ପୃକ୍ତ ବ୍ୟକ୍ତିଙ୍କ ସବିଶେଷ ତଥ୍ୟ ରଖିବା ଲାଗି ଥାନା ପକ୍ଷରୁ ସମ୍ପୃକ୍ତ ଆହତ ବ୍ୟକ୍ତିଙ୍କ ନାମରେ ଏକ ଆଇଡି (ଇନ୍‌ଫରମେସନ୍ ଡିଟେଲ) ଖୋଲାଯିବ । ଏହି ଆଇଡିର ସମସ୍ତ ସୂଚନା ପରିବହନ ବିଭାଗ ପକ୍ଷରୁ ଖୋଲାଯାଇଥିବା ଇ-ଡାର(ଇ-ଡିଏଆର) ପୋର୍ଟାଲରେ ଅପ୍‌ଲୋଡ୍ କରାଯିବ । ଏଥିପାଇଁ ପ୍ରତ୍ୟେକ ଥାନାରେ ସ୍ୱତନ୍ତ୍ର ଭାବେ ଜଣେ ଜଣେ ହୋମ୍‌ଗାର୍ଡ଼ଙ୍କୁ ନିଯୁକ୍ତି ପାଇଁ ପରିବହନ ବିଭାଗ ପକ୍ଷରୁ ଗୃହ ବିଭାଗକୁ ଅନୁରୋଧ କରାଯାଇଛି । ସମ୍ପୃକ୍ତ ହୋମ୍‌ଗାର୍ଡ଼ମାନେ ସ୍ୱତନ୍ତ୍ର ଭାବେ ଏହି ତଥ୍ୟ ଦାଖଲ ଲାଗି ତାଲିମ୍ ନେବେ । ଏଥିପାଇଁ ଯାହା ଅର୍ଥ ଖର୍ଚ୍ଚ ହେବ ସମସ୍ତ ଅର୍ଥ ସଡ଼କ ସୁରକ୍ଷା ପାଣ୍ଠିରୁ ଗୃହ ବିଭାଗକୁ ଯୋଗାଇ ଦିଆଯିବ । ଏହି ମର୍ମରେ ପରିବହନ ବିଭାଗ ପକ୍ଷରୁ ଗୃହ ବିଭାଗକୁ ଚିଠି ଲେଖାଯାଇଛି ।

କୌଣସି ସ୍ଥାନରେ ଦୁର୍ଘଟଣା ହେଲେ ଉକ୍ତ ଦୁର୍ଘଟଣାର ସବିଶେଷ ତଥ୍ୟ ତଥା ସୂଚନା ପାଇଁ ସର୍ବଭାରତୀୟ ସ୍ତରରେ ଏକ ପୋର୍ଟାଲ ଖୋଲାଯାଇଛି । ଉକ୍ତ ପୋର୍ଟାଲ ର ନାଁ ରହିଛି 'ଇଲୋକ୍ଟ୍ରୋନିକ୍ସି ଡିଟେଲଡ୍ ଆକ୍ସିଡେଣ୍ଟ ରିପୋର୍ଟ(ଇ-ଡାର୍)' । ଅର୍ଥାତ ଏହି ପୋର୍ଟାଲରେ ଦୁର୍ଘଟଣାର କାରଣ, ନିରାକରଣ ଆଦି ସଂକ୍ରାନ୍ତରେ ଉଲ୍ଲେଖ କରାଯିବ । ଏହି ତଥ୍ୟ ଚାରୋଟି ବିଭାଗ ସହିତ ଜଡ଼ିତ । ପୁଲିସ୍, ପରିବହନ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏବଂ ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥା । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜଣେ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା ଦେବା ଏବଂ ଦୁର୍ଘଟଣାକୁ ହ୍ରାସ ପାଇଁ ପଦକ୍ଷେପ ନେବା । ଏହି ଇ-ଡାର୍ ଆପ୍ଲିକେସନ୍ ଗାଇଡ୍‌ଲାଇନ୍ ଅନୁଯାୟୀ, କୌଣସି ଦୁର୍ଘଟଣା ପରେ ତଦନ୍ତକାରୀ ଅଧିକାରୀ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବେ । ଏକ ଆଇଡି ଖୋଲିବା ଲାଗି ଦୁର୍ଘଟଣାଗ୍ରସ୍ତଙ୍କ ବିଷୟରେ ଏହି ଇ-ଡାର୍ ଆପ୍ଲିକେସନ୍‌ରେ ସବିଶେଷ ସୂଚନା ଡାଉନ୍‌ଲୋଡ୍ କରିବେ । ଏହି ଆପ୍ଲିକେସନ୍ ସହ ଉକ୍ତ ଦୁର୍ଘଟଣା କେସ୍‌ର ଏଫଆଇଆର ନମ୍ବର ମଧ୍ୟ ଟ୍ୟାଗ୍ କରାଯିବ । ଏହାପରେ ତଦନ୍ତକାରୀ ଅଧିକାରୀ ଦୁର୍ଘଟଣାର ବିଭିନ୍ନ ଦିଗକୁ ନେଇ ତଥ୍ୟ ଉକ୍ତ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବେ ।

ନିକଟରେ କେନ୍ଦ୍ର ସରକାର ପ୍ରତ୍ୟେକ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ନିର୍ଦ୍ଦିଷ୍ଟ ହସ୍ପିଟାଲରେ ଦେଢ଼ଲକ୍ଷ ଟଙ୍କାର କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ଯୋଗାଇ ଦେବାଲାଗି ନିଷ୍ପତ୍ତି ନେଇଛନ୍ତି । ଏହି ହସ୍ପିଟାଲ ପକ୍ଷରୁ ଇ-ଡାର୍ ଆପ୍ଲିକେସନ୍‌ରେ ଏହି ଆହତଙ୍କ ଚିକିତ୍ସା ସମ୍ପର୍କରେ ମଧ୍ଯ ସବିଶେଷ ସୂଚନା ଦିଆଯିବ ।

## ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟ

ବାରଙ୍ଗ,(ସବ୍ୟୁ): ରବିବାର ବିଳମ୍ବିତ ରାତିରେ ମନ୍ଦିର ର ହୁଣ୍ଡି ଭାଙ୍ଗି ଲୁଟିନେଇଛନ୍ତି ଲକ୍ଷାଧିକ ଟଙ୍କା । ଏଭଳି ଘଟଣା ନନ୍ଦନକାନନ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି । ଅନ୍ୟପଟେ ଏଭଳି ଘଟଣାକୁ ନେଇ ଅଞ୍ଚଳବାସୀ ସୁରକ୍ଷିତ ମଣୁନାହାନ୍ତି । ନନ୍ଦନକାନନ ଥାନା ଠାରୁ ୨ ସହ ମିଟର ବ୍ୟବଧାନରେ ଥିବା ଜଗନ୍ନାଥ ମନ୍ଦିର ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟି ନେଇଯାଇଛନ୍ତି ଲୁଟେରା । ଏହି ଘଟଣା କୁ ନେଇ ଥାନା ରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି । ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି । ତେବେ ମନ୍ଦିର ପୂଜକ ଓ ଅଞ୍ଚଳବାସି କହିବା ମୁତାବକ ଆମ ଅଞ୍ଚଳ ରେ ପୋଲିସ ପେଟ୍ରୋଲିଙ୍ଗ ଠିକ ସେ ହେଉନାହିଁ ଏବଂ ପୂର୍ବରୁ ଥିବା ଥାନା ଅଧିକାରୀଣିଙ୍କ ବଦଳି ପରେ ପୁଣି ସକ୍ରିୟ ହେଲେଣି ଲୁଟେରା ବୋଲି କହିଛନ୍ତି ।

### ଧାର ଟଙ୍କା ମାଗିବାରୁ ଦୁଇଜଣଙ୍କୁ ହତ୍ୟା ମାମଲା

## ୬ ଜଣ ଆସାମୀଙ୍କ ଆଜୀବନ କାରାଦଣ୍ଡ ହାଇକୋର୍ଟରେ କାଏମ

କଟକ,(ସବ୍ୟୁ) : ହଜାରେ ଟଙ୍କା ଧାର ଦେଇଥିଲେ । ମାଗିବାରୁ ଟଙ୍କା ତ ମିଳିଲାନି, ପରନ୍ତୁ ଦୁଇଟି ଜୀବନ ଚାଲିଗଲା । ଦୀର୍ଘ ୨୯ ବର୍ଷ ତଳେ କେନ୍ଦ୍ରାପଡ଼ା ଇନ୍ଦୁପୁର ଗ୍ରାମରେ ଘଟିଥିବା ଏଭଳି ଏକ ମର୍ମନ୍ତୁଦ ହତ୍ୟା ଘଟଣାରେ ନିମ୍ନ ଅଦାଲତ ୯ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲାବେଳେ ଏହି ଆଦେଶ ବିରୋଧରେ ଅଭିଯୁକ୍ତମାନେ ହାଇକୋର୍ଟକୁ ଆସିଥିଲେ । ହାଇକୋର୍ଟରେ ଏହି ମାମଲା ବିଚାରଧୀନ ଥିଲାବେଳେ ୩ ଅଭିଯୁକ୍ତଙ୍କ ଦେହାନ୍ତ ହାଇଯାଇଥିଲା । ଆଉ ୬ ଅଭିଯୁକ୍ତଙ୍କ ବିରୋଧରେ ମାମଲା ଚାଲିଥିଲା । ଆଜି ଏହି ମାମଲାର ରାୟ ପ୍ରକାଶ କରି ହାଇକୋର୍ଟ ସମସ୍ତ ୬ଜଣ ଆସାମୀଙ୍କ ଆଜୀବନ କାରାଦଣ୍ଡ ଆଦେଶକୁ କାଏମ୍ ରଖିଛନ୍ତି ।

ଆସାମୀମାନେ ହେଲେ ଚଣ୍ଡି ସେଠୀ, କରୁଣାକର ସେଠୀ, ବୁଲୁ ସେଠୀ, ପ୍ରେମାନନ୍ଦ ସେଠୀ, ସୁରଥ ସେଠୀ ଏବଂ ବସନ୍ତ ସେଠୀ । ସମସ୍ତ ଆସାମୀମାନେ ୨୦୧୦ ମସିହାରୁ ଜାମିନ୍‌ରେ ଥିବାରୁ ଅଦାଲତ ସେମାନଙ୍କ ଜାମିନ୍ ବଣ୍ଡକୁ ବାତିଲ୍ କରି ଦେଇଛନ୍ତି । ଆଜିଠାରୁ ଠିକ୍ ୧୫ଦିନ ମଧ୍ଯରେ ଆସାମୀମାନେ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବେ । ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଆସାମୀମାନେ ଆତ୍ମସମର୍ପଣ ନକରନ୍ତି ତାହେଲେ ଟ୍ରାଏଲ୍ ଆସାମୀମାନଙ୍କୁ ଗିରଫ ପାଇଁ ପଦକ୍ଷେପ ନେବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ସମସ୍ତ ଆସାମୀଙ୍କ କ୍ରିମିନାଲ ଅପିଲ୍‌କୁ ଖାରଜ କରିବା ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ରାୟ ଦେଇଛନ୍ତି ।

୧୯୯୬ ମସିହା ଜୁନ୍ ୧୯ ତାରିଖ ଦିନ କେନ୍ଦ୍ରାପଡ଼ା ଥାନାରେ ଏକ ଏତଲା ରୁଜୁ ହୋଇଥିଲା । ଯେଉଁଥିରେ ସେହିଦିନ ସକାଳେ ଶଙ୍କର୍ଷଣ ସେଠୀ ଏବଂ ବାବୁଲୀ ସେଠୀଙ୍କୁ ଆକ୍ରମଣ କରାଯାଇଥିଲା । ଏହି ଆକ୍ରମଣରେ ଉଭୟଙ୍କର ମୃତ୍ୟୁ ହୋଇଥିଲା । ପଡ଼ୋଶୀ କରୁଣାକର ସେଠୀଙ୍କୁ ଶଙ୍କର୍ଷଣ ସେଠୀ ୧ହଜାର ଟଙ୍କା ଧାର ଦେଇଥିଲେ । ଏହି ଟଙ୍କା ପାଇବା ଲାଗି ଶଙ୍କର୍ଷଣ ସେଠୀ ବିଭିନ୍ନ ସମୟରେ କରୁଣାକରଙ୍କୁ ମାଗୁଥିଲେ । କିନ୍ତୁ କରୁଣାକର ଟଙ୍କା ଫେରାଇବା ନାଁରେ ଜୁନ୍ ୧୯ ତାରିଖ ଦିନ ସକାଳେ ଶଙ୍କର୍ଷଣଙ୍କୁ ଗାଁ ଚଣ୍ଡି ମନ୍ଦିର ନିକଟକୁ ଡାକିଥିଲେ । ଶଙ୍କର୍ଷଣ ଏବଂ ବାବୁଲି ଚଣ୍ଡି ମନ୍ଦିର ନିକଟକୁ ଯାଇଥିଲେ । ସେଠାରେ ପୂର୍ବରୁ ଜଗି ରହିଥିବା ଉପରୋକ୍ତ ଅଭିଯୁକ୍ତମାନେ ଶଙ୍କର୍ଷଣ ଏବଂ ବାବୁଲୀଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଉଭୟଙ୍କର ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ପୁଲିସ୍ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

ମାମଲାର ଶୁଣାଣି କେନ୍ଦ୍ରାପଡ଼ା ଅତିରିକ୍ତ ସେସନ୍ସ ଜଜ୍‌ଙ୍କ ଅଦାଲତରେ ହୋଇଥିଲା । ଅଦାଲତ ୧୯୯୮ ମସିହା ସେପ୍ଟେମ୍ବର ୨୨ ତାରିଖରେ ମାମଲାର ରାୟ ପ୍ରକାଶ କରି ସମସ୍ତ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ଏହି ଆଦେଶ ବିରୋଧରେ ସମସ୍ତ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟରେ ମାମଲାର ଶୁଣାଣି ଚାଲିଥିବାବେଳେ ତିନି ଆସାମୀଙ୍କର ଦେହାନ୍ତ ହୋଇଯାଇଥିଲା । ଅନ୍ୟ ୬ଜଣଙ୍କ ବିରୋଧରେ ମାମଲାର ଶୁଣାଣି ଚାଲିଥିଲା । ଆଜି ଅଦାଲତ ଅନ୍ୟ ସମସ୍ତ ୬ଆସାମୀଙ୍କ ଆଜୀବନ କାରାଦଣ୍ଡକୁ କାଏମ୍ ରଖିଛନ୍ତି ।

## ଦାୟିତ୍ୱ ନେଲେ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି



ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ମହିଳା କମିଶନ ଅଧକ୍ଷା ଭାବେ ଶୋଭନା ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି । ତାଙ୍କ ସହ ମହିଳା କମିଶନର ଅନ୍ୟ ସଦସ୍ୟାମାନେ ମଧ୍ୟ ନିଜ ନିଜ ଦାୟିତ୍ୱ ଗ୍ରହଣ କରିଛନ୍ତି । ମହିଳା କମଶନ କାର୍ଯ୍ୟାଳୟରେ ସମସ୍ତଙ୍କୁ ସ୍ୱାଗତ କରାଯାଇଛି । ଦାୟିତ୍ୱ ନେବା ପରେ ଶ୍ରୀମତୀ ମହାନ୍ତି ପ୍ରତିକ୍ରିୟାରେ କହିଛନ୍ତି, ବର୍ତ୍ତମାନ ସମାଜରେ ପ୍ରତ୍ୟେକ ସ୍ତରରେ ଦୁର୍ଘଟଣା ଘଟିଚାଲିଛି ।

ମୁଁ ପେସାରେ ଜଣେ ଓକିଲ । ଯାହା ମୋ ତଦନ୍ତ ପରିସରକୁ ଆସିବ ସେସବୁକୁ ନ୍ୟାୟ ଦେବା ପାଇଁ ମୋର ଉଦ୍ୟମ ରହିବ । କମିଶନଙ୍କ ଉପରେ କୌଣସି ଚାପ ରହିବ ନାହିଁ । ସମସ୍ତଙ୍କ ସ୍ୱାର୍ଥ ରକ୍ଷା ପାଇଁ ଉଦ୍ୟମ କରାଯିବ । ମହିଳା କମିଶନ ହେଉଛି ମହିଳାଙ୍କ ବାପ ଘର । ଯିଏ ଦୋଷୀ ସେ ଦଣ୍ଡ ପାଇବ ।

ବାଲେଶ୍ୱର, ବଲଙ୍ଗୀ ଓ ପଟ୍ଟାମୁଣ୍ଡାଇ ଘଟଣାରେ ତ୍ୱରିତ ପଦକ୍ଷେପ ନିଆଯାଇଛି । ଆଗକୁ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ସମାଜର ଅସହାୟ, ଅବହେଳିତ ମହିଳାଙ୍କ ସୁରକ୍ଷା ଏବଂ ନ୍ୟାୟ ପାଇଁ କାମ କରିବା ସହ ପ୍ରତିଟି ମହିଳା କିପରି ସୁରକ୍ଷା ପାଇବେ ତୃଣମୂଳସ୍ତରରେ ସେ ଦିଗରେ ଚେଷ୍ଟିତ ରହିବି ବୋଲି ସେ କହିଛନ୍ତି ।

## ୧୭୨ ଗ୍ରାମ ଓଜନର ବ୍ରାଉନ୍‌ସୁଗର ଜବତ : ଜଣେ ଗିରଫ

କଟକ,(ସବ୍ୟୁ): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଦ୍ୱାରା ଧରାପଡ଼ିଛି ଜଣେ କୁଖ୍ୟାତ ନିଶା ବେପାରୀ । ଅଭିଯୁକ୍ତ ଜଣକ ହେଉଛି ସିଆରଆରଆଇ ଥାନା ଅନ୍ତର୍ଗତ ନେହେରୁପଲ୍ଲୀ ବଡ ସାହିର ସୌମ୍ୟରଞ୍ଜନ ଦାସ (୨୩) । ତା' ପାଖରୁ ୧୭୨ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି ।

ଗତ କିଛି ଦିନ ତଳେ ସହର ଉପକଣ୍ଠରେ ବ୍ରାଉନସୁଗର କାରବାର ହେଉଥିବା ସମ୍ପର୍କରେ ଅବକାରୀ ବିଭାଗକୁ ସୂଚନା ମିଳିଥିଲା । ଏହାପରଠୁ ଏକ ଟିମ ନିଶା ବେପାରୀର ସନ୍ଧାନ ନେବା ଆରମ୍ଭ କରିଥିଲା । ତଦନ୍ତକ୍ରମେ ଜଣାପଡିଲା ଯେ, ନେହେରୁପଲ୍ଲୀ ଅଞ୍ଚଳର ସୌମ୍ୟରଞ୍ଜନ ବ୍ରାଉନସୁଗର ଆଣି ବେପାର କରୁଛି । ତାକୁ ନିଶାଦ୍ରବ୍ୟ ସହିତ ଧରିବା ପାଇଁ ଅବକାରୀ ବିଭାଗ ଜାଲ ବିଛାଇଥିଲା । କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ଜଣେ ଅଧିକାରୀ ଗ୍ରାହକ ଭାବେ ତା' ସହିତ ଯୋଗାଯୋଗ କରିଥିଲେ । ଅଧିକ ପରିମାଣର ବ୍ରାଉନସୁଗର ଆବଶ୍ୟକ ବୋଲି ତାକୁ କୁହାଗଲା । ଏହି କ୍ରମରେ ସୋମବାର ମଧ୍ୟାହ୍ନରେ ସୌମ୍ୟରଞ୍ଜନ ନିଶାଦ୍ରବ୍ୟ ଧରି ଚାଲି ଚାଲି କାଳିଆବୁଦା ଅଭିମୁଖେ ଆସୁଥିଲା । ଏତିକିବେଳେ ସ୍ଥାନୀୟ ଶାନ୍ତି ମଣ୍ଡପ ନିକଟରେ ଅବକାରୀ ଟିମ ତାକୁ ମାଡି ବସିଥିଲା । ଯାଞ୍ଚ ପରେ ତା' ପାଖରୁ ଏକ ଜରି ପୁଡିଆରେ ଥିବା ୧୭୨ ଗ୍ରାମ ଓଜନର ବ୍ରାଉନସୁଗର ମିଳିଛି । ଯାହାର ମୂଲ୍ୟ ପ୍ରାୟ ୧୭ ଲକ୍ଷ ୨୦ ହଜାର ଟଙ୍କା ହେବ । ଅଭିଯୁକ୍ତ ସୌମ୍ୟରଞ୍ଜନ ଜଣେ ପେସାଦାର ନିଶା ବେପାରୀ ।

## ସାପ୍ତାହିକ ନବୀନ ପତ୍ରିକା ର ୯୬ତମ ପ୍ରତିଷ୍ଠା ଦିବସ

ବ୍ରହ୍ମପୁର, (ସବ୍ୟୁ) ମହୁରୀ ରାଜା କୃପାସିନ୍ଧୁ ନରେନ୍ଦ୍ର ଦେବ ଙ୍କ ପ୍ରତିଷ୍ଠିତ ସାପ୍ତାହିକ "ନବୀନ "ପତ୍ରିକା ର ୯୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ନବୀନ ର ସମ୍ପାଦକ ରବି ରଥ ଙ୍କ ସଭାପତିତ୍ୱ ରେ ଆୟୋଜିତ ସମାରୋହ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖଲିକୋଟ ବିଶ୍ୱବିଦ୍ୟାଳୟ ର ପ୍ରାକ୍ତନ କୁଳପତି ଡ଼ ମନ୍ମଥ ପାଢ଼ୀ କହିଥିଲେ ଯେ ନବୀନ ଭଳି ପତ୍ରିକା ସ୍ୱାଧୀନତା ପୂର୍ବତ୍ତର ସମୟରେ ଓଡ଼ିଶାର ସାହିତ୍ୟିକ ମାନଙ୍କୁ ପ୍ରତିଷ୍ଠା ଦେବାରେ ନବୀନ ର ଅବଦାନ ଓ ଭୂମିକା ଅଧିକ । ମୁଖ୍ୟ ବକ୍ତା ଡ଼ ବାୟାମାନୁ ଚର୍ଚ୍ଚି କହିଥିଲେ ଯେ ଇଚ୍ଛା ଶକ୍ତି ଆଗରେ ସବୁ ସମ୍ଭବ ଥିବା ଉକ୍ତି କୁ ମହୁରୀ ରାଜା ପ୍ରମାଣିତ କରିଥିଲେ । ଗଞ୍ଜାମ ରେ ସାମ୍ବାଦିକତା ର ଉନ୍ନତ ପୃଷ୍ଠଭୂମି ର ସେ ଅବତାରଣା କରିଥିଲେ । ବିଶିଷ୍ଟ ସମାଜ ର ପ୍ରକାଶକ ଓ ମୁଦ୍ରାକର ତଥା ଲୁ ସେବକ ମଣ୍ଡଳ ର ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ରାଜେନ୍ଦ୍ର ଜେନା ନିଜ



ଅତିଥି ପ୍ରେମ ର ପ୍ରତିଷ୍ଠାତା ଡ଼ ଜାକବ ଥୁଣ୍ଡିଲ ନିଜ ବକ୍ତବ୍ୟ ରେ କହିଥିଲେ ଯେ ସାଧାରଣ ଲୋକଙ୍କ ପ୍ରତି ନବୀନ ପତ୍ରିକା ର ଦରଦ ଉଦାହରଣୀୟ ଥିଲା । ବକ୍ତବ୍ୟ ରେ ସମାଜ ଓ ନବୀନ ର ସମକାଳୀନ ପ୍ରକାଶନ ରେ ଅନେକ ଲୁକ୍କାୟିତ ପ୍ରତିଭା ଙ୍କୁ ସ୍ଥାନିତ କରି ପରବର୍ତ୍ତୀ ସମୟରେ ସେମାନଙ୍କୁ ସମାଜ ରେ ପ୍ରତିଷ୍ଠିତ କରାଇ ପାରିଥିଲା ।

ଏହି ଅବସର ରେ ଇଂ ଯାମିନୀ କାନ୍ତ ଦାସ ଏବଂ ବାଲେଶ୍ୱର ର ସମାଜସେବୀ ରୀତିକ ଜୀ ଙ୍କୁ କୃପାସିନ୍ଧୁ ନରେନ୍ଦ୍ର ଦେବ ସ୍ମୃତି ସମ୍ମାନ ରେ ସମ୍ବର୍ଦ୍ଧିତ ।କରାଯାଇଥିଲା । ପ୍ରାରମ୍ଭ ରେ ନବୀନ ସାହିତ୍ୟ ପ୍ରତିଷ୍ଠାନ ର ସଭାପତି କୃଷ୍ଣ ଚନ୍ଦ୍ର ତ୍ରିପାଠୀ ଙ୍କ ପୌରୋହିତ୍ୟରେ କବିତା ପାଠ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ସସ୍ମିତା ପାଣିଗ୍ରାହୀ ଓ ରଞ୍ଜନ କୁମାର ବ୍ରହ୍ମା ସଂଯୋଜନା କରିଥିଲେ । ଅତିଥି ଭାବେ ନବୀନ ପାଠାଗାର ର ଉପଦେଷ୍ଟା ଡ଼ ଡମ୍ବରୁଧର ସାହୁ ଯୋଗ ଦେଇଥିଲେ । ନବୀନ ସହ ସମ୍ପାଦକ ସୁଶାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ ।

### ସ୍ୱର୍ଗତ ଅନୀଲ ପ୍ରସାଦ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଓ ସ୍ମୃତିସଭା

## ଅନୀଲ ଥିଲେ ସ୍ୱାଭିମାନୀ : ଭକ୍ତ ଦାସ

ଭୁବନେଶ୍ୱର, (ସବ୍ୟୁ): ଇଷ୍ଟର୍ଣ୍ଣ ପ୍ରେସ୍ ଏଜେନ୍ସି ଓ ଇପିଏର ପ୍ରତିଷ୍ଠାତା ସ୍ୱର୍ଗତ ଅନୀଲ ପ୍ରସାଦ ମିଶ୍ରଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଓ ସ୍ମୃତିସଭା ଆଜି ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ପାଳିତ ହୋଇଯାଇଛି । ଏହି ସ୍ମୃତିସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଲେ ଯେ, ଫଟୋ ମାଧ୍ୟମରେ ଅନେକ ବାର୍ତ୍ତା ଦେଉଥିଲେ ଅନୀଲ । ତାଙ୍କ ଫଟୋ କଥା କହୁଥିଲା । ସମାଜକୁ ସଚେତନ କରିବା ସହ ଶାସକ ଓ ବିରୋଧୀ ଦଳକୁ ବାଟ ଦେଖାଉଥିଲା । ସେ ଥିଲେ ବଡ଼ ସ୍ୱାଭିମାନୀ । କାହାକୁ କେବେହେଲେ ସହଯୋଗ ମାଗି ନାହାଁନ୍ତି ବୋଲି ଶ୍ରୀ ଦାସ କହିଥିଲେ । ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର କହିଲେ ଯେ, ସେ ବିଜୁବାବୁଙ୍କ ନିକଟରେ ଥିଲେ । ତାଙ୍କର ଫଟୋକ ନେଇ ବିଜୁ ଗ୍ୟାଲେରୀ କରିଥିଲେ । ପୂର୍ବତନ ବିଧାୟକ ସୁରେଶ



କୁମାର ରାଉତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ଆସିଆ ବେଗମ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ମହାନ୍ତି ତଥା ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଇଷ୍ଟର୍ଣ୍ଣ ପ୍ରେସ୍‌ର ସାମ୍ବାଦିକ ବନ୍ଧୁ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଇପିଏର ସମ୍ପାଦିକା ଅଞ୍ଜଳି ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦନା କରାଯାଇଥିଲା । ସ୍ୱର୍ଗତ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ସମ୍ମାନୀୟ ଅତିଥିମାନେ ସ୍ୱର୍ଗତ ମିଶ୍ରଙ୍କ କାର୍ଯ୍ୟ, ନିଷ୍ଠା ଓ ବଳିଷ୍ଠ ଉଦ୍ୟମର ପ୍ରଶଂସା କରିବା ସହିତ କେଉଁଭଳି ଭାବରେ ଅନେକ ସାମ୍ବାଦିକଙ୍କ ପାଇଁ ପ୍ରେରଣା ସାଜିଛନ୍ତି, ସେ ବାବଦରେ ମତ ରଖିଥିଲେ । ଏହି ଅବସରରେ ଅନେକ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ମଞ୍ଚ ଉପରେ ସମ୍ମାନିତ କରାଯାଇଥିଲା ଏବଂ ଇପିଏ ଉଇକ୍ଲିର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ ।

DSPL-200



ବାର୍ତ୍ତା

ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ମୁଁ ଓଡ଼ିଶାର ଯୁବପିଢ଼ିଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ଆମ ଯୁବପିଢ଼ି ପ୍ରଗତି, ନବସୃଜନ ଏବଂ ସାମାଜିକ ପରିବର୍ତ୍ତନର ପ୍ରମୁଖ ସ୍ତମ୍ଭ । ସୁସ୍ଥ ଯୁବପିଢ଼ି ହେଉଛନ୍ତି ଏକ ସୁନ୍ଦର ଓ ସୁରକ୍ଷିତ ଓଡ଼ିଶାର ଆଧାରଶିଳା ।

ଅନେକ ସମୟରେ ସଚେତନତା ଅଭାବରୁ ଯୁବବର୍ଗଙ୍କ ଭବିଷ୍ୟତ ଅସୁରକ୍ଷିତ ହୋଇଥାଏ । ଏଚ୍.ଆଇ.ଭି/ ଏଡସ୍ ଏବଂ ଅନ୍ୟ ସହ–ସଂକ୍ରମଣ ସମ୍ପର୍କରେ ସଚେତନତା ଓ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନର ଦ୍ୱିତୀୟ ବର୍ଷ ଆଜି ଆରମ୍ଭ ହୋଇଛି । ଯୁବପିଢ଼ିଙ୍କୁ ସଚେତନ କରିବାର ଲକ୍ଷ୍ୟ ନେଇ ଓଡ଼ିଶା ମଧ୍ୟ ଏଥିରେ ସାମିଲ ହୋଇଛି ।

ଏହି କାର୍ଯ୍ୟକ୍ରମ ଆଜିଠାରୁ ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଭିଯାନରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହିତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଥିବା ଯୁବବର୍ଗଙ୍କ ପାଇଁ କଲେଜ ଏବଂ ସ୍କୁଲରେ ସଚେତନତା ଶିବିରମାନ ଆୟୋଜନ କରାଯାଉଛି । ଏହି ଅଭିଯାନରେ ଏଚ୍.ଆଇ.ଭି ସମ୍ପର୍କିତ ସଚେତନତା ଓ ସୁରକ୍ଷିତ ବ୍ୟବହାର ବିଷୟରେ ସଚେତନ କରାଯିବାର ଲକ୍ଷ୍ୟ ରହିଛି । ସମସ୍ତ ଶିକ୍ଷାନୁଷ୍ଠାନ, ଯୁବ ମଣ୍ଡଳ ଓ ସାମାଜିକ ସଂଗଠନମାନେ ଏଥିରେ ସକ୍ରିୟ ଭାଗ ନେବେ ବୋଲି ମୋର ଆଶା ଓ ବିଶ୍ୱାସ ।

ଏକ ସଚେତନ ଓ ସୁରକ୍ଷିତ ଯୁବପିଢ଼ି–ଏକ ଶକ୍ତିଶାଳୀ ଓଡ଼ିଶାର ଆଧାର ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ବାର୍ତ୍ତା

ଯୁବପିଢ଼ି ଆମ ରାଜ୍ୟର ମେରୁଦଣ୍ଡ ଏବଂ ଏକ ସଶକ୍ତ ତଥା ସୁସ୍ଥ ଓଡ଼ିଶା ଗଠନ ପାଇଁ ସେମାନଙ୍କ ସ୍ୱାସ୍ଥ୍ୟ, ସଚେତନତା ଏବଂ ସଶକ୍ତିକରଣରେ ବିନିଯୋଗ କରିବା ଗୁରୁତ୍ୱପୂର୍ଣ୍ଣ । ଆଜି ଅନ୍ତର୍ଜାତୀୟ ଯୁବ ଦିବସ ୨୦୨୫ ଅବସରରେ ଓଡ଼ିଶାରେ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନର ଦ୍ୱିତୀୟ ବର୍ଷ ଆରମ୍ଭ କରୁଛୁ । ଯାହା ଏଚ୍.ଆଇ.ଭି ନିରାକରଣ ଏବଂ ସୁସ୍ଥ ଆଚରଣ ଉପରେ ଯୁବ ନେତୃତ୍ୱଙ୍କ ସଚେତନତା ଉପରେ ପରିବେଶିତ ।

ଚଳିତ ବର୍ଷ ଅଗଷ୍ଟ ୧୨ରୁ ଅକ୍ଟୋବର ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନର ଲକ୍ଷ୍ୟ ତୃଣମୂଳ ସ୍ତରରେ ସଚେତନତାକୁ ଆହୁରି ତୀବ୍ର କରିବା ଏବଂ ସଠିକ ସୂଚନା, ପରୀକ୍ଷା ଏବଂ ସମର୍ଥନ ପାଇବାକୁ ପ୍ରୋତ୍ସାହିତ କରିବା । ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟ ସାରା ରାଜ୍ୟରେ ଖୁବ୍ ଆଦୃତ ହୋଇପାରିଥିଲା । ସମସ୍ତଙ୍କ ସହଯୋଗରେ ୪ ହଜାରରୁ ଉର୍ଦ୍ଧ୍ୱ ଗ୍ରାମ ଏବଂ ୪ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ପାଖରେ ସିଧାସଳଖ ସଚେତନତା ବାର୍ତ୍ତା ପହଞ୍ଚାଯାଇଥିଲା । ପଞ୍ଚାୟତ ସ୍ତରରେ ସମ୍ପୃକ୍ତି ସୁନିଶ୍ଚିତ କରିବା ପାଇଁ ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅଭିଯାନର ସଫଳ ରୂପାୟନ ପାଇଁ ଚଳିତ ବର୍ଷ ମଧ୍ୟ ସମସ୍ତଙ୍କ ସହଯୋଗ ଏକାନ୍ତ କାମ୍ୟ ।

ଆସନ୍ତୁ, ଆମେ ଏକାଠି ଏକ ଏଡସ୍ ମୁକ୍ତ, ସୂଚନାପ୍ରଦ ଏବଂ ଦାୟିତ୍ୱବାନ ଓଡ଼ିଶା ଗଠନ କରିବା ।

(ଡ଼. ମୁକେଶ ମହାଲିଙ୍ଗ)
ମାନ୍ୟବର ମନ୍ତ୍ରୀ,
ସ୍ୱସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

OIPR: 10009/13/0052/2526

### ନୂଆଦିଲ୍ଲୀରେ କଂଗ୍ରେସ, ଇଣ୍ଡି ମେଣ୍ଟ ଉପରେ ବର୍ଷିଲେ କେନ୍ଦ୍ରମନ୍ତ୍ରୀ

# ଅନୁପ୍ରବେଶକାରୀଙ୍କୁ ଭୋଟର୍ କରି ରାଜନୈତିକ ରୁଟି ସେକିବାକୁ ଚାହୁଁଛି : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): କଂଗ୍ରେସ ଦଳ ଏବଂ ଏହାର ସହଯୋଗୀମାନେ କେବଳ ଭୋଟ ବ୍ୟାଙ୍କ ରାଜନୀତିରେ ଲିପ୍ତ । ଅନୁପ୍ରବେଶକାରୀଙ୍କୁ ଭୋଟର୍ କରି ସେମାନେ ନିଜର ରାଜନୈତିକ ରୁଟି ସେକିବାକୁ ଚାହୁଁଛନ୍ତି ବୋଲି ସୋମବାର ନୂଆଦିଲ୍ଲୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ ଗାନ୍ଧୀ, କଂଗ୍ରେସ ଏବଂ ଇଣ୍ଡି ଗଠବନ୍ଧନ ଉପରେ କଠୋର ଜବାବ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଯେଉଁମାନେ ସମ୍ବିଧାନର ଦ୍ୱାହି ଦିଅନ୍ତି, ସେମାନେ ଆଜି ସମ୍ବିଧାନର ମୂଳ ପ୍ରତିଷ୍ଠାନଗୁଡ଼ିକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର ରଚୁଛନ୍ତି । ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳ ନିର୍ବାଚନ କମିଶନ ଭଳି ଏକ ନିରପେକ୍ଷ ସଂସ୍ଥା ଉପରେ ଭିତ୍ତିହୀନ ଅଭିଯୋଗ ଆଣି ଦେଶରେ ଅରାଜକତା ସୃଷ୍ଟି କରିବାକୁ ଅପଚେଷ୍ଟା କରୁଛନ୍ତି । ସ୍ୱତନ୍ତ୍ର ସଂଶୋଧିତ ଭୋଟର ତାଲିକା (ଏସଆଇଆର) ଭଳି ନିୟମିତ ପ୍ରକ୍ରିୟାକୁ ରାଜନୈତିକ




ଅସ୍ତ୍ର କରି ଏହି ଲୋକମାନେ ଅନୁପ୍ରବେଶକାରୀଙ୍କ ସପକ୍ଷରେ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି । ତେବେ ପରିବାର କ୍ଷମତାଚ୍ୟୁତ ହେବା ବାସ୍ତବରେ ସେମାନଙ୍କୁ ଅଧିକ କଷ୍ଟ ଦେଉଛି । ଇଣ୍ଡି ମେଣ୍ଟର ଲୋକମାନେ ବିଶେଷ ଭାବରେ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀ ସବୁବେଳେ ସମ୍ବିଧାନର ଦ୍ୱାହି ଦେଇ ସମ୍ବିଧାନ ବିରୋଧୀ କାମ କରୁଛନ୍ତି । କଂଗ୍ରେସ ପାର୍ଟି ଦିଶାହୀନ ହେବା ରାହୁଲଙ୍କ ପାଇଁ ଦ୍ୱନ୍ଦର କାରଣ ହୋଇଛି ।

ସେ କହିଛନ୍ତି, ସ୍ୱତନ୍ତ୍ର ସଂଶୋଧିତ ଭୋଟର ତାଲିକା ପ୍ରଥମ ଥର ପାଇଁ ନୁହେଁ ବରଂ ସବୁ ରାଜ୍ୟରେ ଜାତୀୟ ସ୍ତରରେ ନିର୍ବାଚନ କମିଶନଙ୍କ ଏକ ନିୟମିତ ପ୍ରକ୍ରିୟା । ସ୍ୱାଧୀନତା ପରେ ଭୋଟର ତାଲିକାକୁ ସଂଶୋଧିତ ଏବଂ ବ୍ୟବସ୍ଥିତ କରିବା ପାଇଁ ନିର୍ବାଚନ କମିଶନଙ୍କ ଏକ ସ୍ୱତନ୍ତ୍ର ଏବଂ ନିରନ୍ତର ପ୍ରକ୍ରିୟା ରହିଛି । କଂଗ୍ରେସ ଦଳ ପ୍ରଥମେ ଇଭିଏମ ଉପରେ ମିଛ ଅଭିଯୋଗ ଆଣିବା ସହ ସମୟ ସମୟରେ ମହାରାଷ୍ଟ୍ର, ହରିୟାଣାର ପ୍ରସଙ୍ଗ ଉଠାଇ ଦେଶବାସୀଙ୍କ ସାମ୍ନାରେ ମିଛର ପାହାଡ ତିଆରି କରେ । ବିଶେଷ ଭାବରେ ୨୦୧୪, ୨୦୧୯ ଏବଂ ୨୦୨୪ ରେ ଅନେକ ରାଜ୍ୟରେ ଲଗାତାର ପରାଜୟ ଯୋଗୁଁ କଂଗ୍ରେସ ଦଳ ହତାଶାବସ୍ଥାରେ ଅଛି । କଂଗ୍ରେସ ପାଖରେ ନା କୌଣସି ସ୍ପଷ୍ଟ ପ୍ରସଙ୍ଗ ନାହିଁ, ନା କୌଣସି ନୀତି ଅଛି । କେବଳ ଏକ ପ୍ରତିକ୍ରିୟାଶୀଳ ଶକ୍ତି ଭାବରେ ଇଚ୍ଛାନୁସାରେ ନିଜର ରାଜନୈତିକ କାର୍ଯ୍ୟକ୍ରମ ତିଆରି କରୁଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ରାହୁଲ ଗାନ୍ଧୀ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ କିମ୍ବା ଦେଶର ଜନସାଧାରଣଙ୍କ ନିଷ୍ପତ୍ତି ବିରୋଧରେ ଟିପ୍ପଣୀ ଦେଉନାହାନ୍ତି ବରଂ ଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ ନଷ୍ଟ କରିବା ଭଳି କଥା କହୁଛନ୍ତି । ଏହି ଲୋକମାନେ କେବଳ ପ୍ରତିବାଦ କରିବାକୁ ଚାହୁଁନାହାଁନ୍ତି ବରଂ ଦେଶରେ ଅରାଜକତା ତିଆରି କରିବାକୁ ଚାହୁଁଛନ୍ତି । ରାହୁଲ ଗାନ୍ଧୀ ଦେଶର ଅଧିକାର ବିଦେଶୀମାନଙ୍କୁ ହସ୍ତାନ୍ତର କରିବାକୁ ଚାହୁଁଛନ୍ତି, ଏହା ତାଙ୍କର ଅନ୍ତର୍ନିହିତ ଭୋଟ ବ୍ୟାଙ୍କ ରାଜନୀତି, ଏହା ତାଙ୍କର ତୁଷ୍ଟୀକରଣର ରାଜନୀତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ପୂର୍ବ ଶତ୍ରୁତାକୁ ନେଇ ବୋମାମାଡ଼, ଅଭିଯୁକ୍ତ ଗିରଫ

ଚୌଦ୍ୱାର, (ସ.ବ୍ୟୁ.) : ଟାଙ୍ଗୀ ଥାନା ଅନ୍ତର୍ଗତ ରସିକନଗର ଗ୍ରାମର ମୁକେଶ କୁମାର ଦାସ ଗତକାଲି ସକାଳ ୯ଟା ବେଳେ ନିଜର ମୋବାଇଲ ରିପାୟରିଂ କରିବାକୁ ଗୋକୁଳପୁର ଦେଇ ଗୋବିନ୍ଦପୁର ଛକକୁ ଯାଉଥିବା ବେଳେ ଗୋକୁଳପୁର ଗ୍ରାମର ବୈକୁଣ୍ଠନାଥ ପାଲ ଓରଫ୍ ବାବୁନା (୩୦) ତାଙ୍କୁ ଅଟକାଇ ରାସ୍ତା ମଝିରେ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ପାଖରେ ରଖିଥିବା ଦୁଇଟି ବୋମା ତାଙ୍କ ଉପରକୁ ପକାଇଥିଲା । ଭାଗ୍ୟବଶତଃ ଗୋଟିଏ ବୋମା ଫୁଟି ନଥିବା ବେଳେ ଅନ୍ୟଟି ମୁକେଶଙ୍କର କିଛି ଦୂରରେ ଫୁଟିଥିଲା । ମୁକେଶ ଏଥିରୁ ଅଳ୍ପକେ ର୍ବି ଯାଇ ଟାଙ୍ଗୀ ଥାନାରେ ଏ ନେଇ ଏକ ଲିଖିତ ଅଭିଯୋଗ କରିଥିଲେ । ପରେ ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ଶିବପ୍ରସାଦ ଭଦ୍ର ବମ୍ସ୍କ୍ୱାର୍ଡ଼ଙ୍କ ସହ ଘଟଣାସ୍ଥଳରେ ପହଂଚି ଫୁଟିଥିବା ବୋମାର ଅଂଶବିଶେଷକୁ ସଂଗ୍ରହ କରିବା ସହ ଅଭିଯୁକ୍ତ ବାବୁନାକୁ ତା ଘରୁ ଗିରଫ୍ କରିବା ସହ ଘରେ ବାବୁନା ରଖିଥିବା ୨ଟି ଅଫୁଟା ବୋମା, ଗୋଟିଏ ମୋଟର ସାଇକେଲ ଓ ବୋମା ତିଆରି କରିବାର କିଛି ସାମଗ୍ରୀକୁ ଜବତ କରି ବମ୍ ସ୍କ୍ୱାର୍ଡ଼ଙ୍କ ସହାୟତାରେ ୨ଟି ଜୀବନ୍ତ ବୋମାକୁ ନିଷ୍କ୍ରିୟ କରିଥିଲେ । ଏହି ଘଟଣାକୁ ନେଇ ଆଜି ଟାଙ୍ଗୀ ଥାନା ପରିସରରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ପୂର୍ବରୁ ଅଭିଯୁକ୍ତ ବାବୁନା ନାମରେ ଟାଙ୍ଗୀ ଥାନାରେ ବେଆଇନ୍ ମଦ ବ୍ୟବସାୟ ଓ ବୋମା ତିଆରି କରି ଲୋକଙ୍କୁ ଧମକ୍ ଦେବା ଭଳି ମାମଲା ରହିଆସିଥିବା ବେଳେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଶ୍ରୀ ନାୟକ ପ୍ରକାଶ କରିଛନ୍ତି ।

## ଶହୀଦ୍ ଖୁଦିରାମ ବୋଷଙ୍କ ଫାଶୀ ଦିବସ

ଖୋର୍ଦ୍ଧା, (ସବ୍ୟୁ) : ଆପୋଷହୀନ ଧାରାର ଅଗ୍ନିଯୁଗର କିଶୋର ଶହୀଦ୍ ଖୁଦିରାମ ବୋଷଙ୍କ ୧୧୭ତମ ଫାଶି ଦିବସ ଏ.ଆଇ.ଡ଼ି. ଏସ୍.ଓ, ଖୋର୍ଦ୍ଧା ଲୋକାଲ କମିଟି ପକ୍ଷରୁ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ମୁଖ୍ୟ ଫାଟକ ପରିସରରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଖୁଦିରାମଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ପ୍ରାଣନାଥ ମହାବିଦ୍ୟାଳୟ ଛାତ୍ରନେତା ରାକେଶ କାଣ୍ଡିଙ୍କ ସଭାପତିତ୍ୱରେ ଲୋକାଲ କମିଟିର ସମ୍ପାଦକ ଅବିନାଶ ପ୍ରଧାନ ସ୍ୱାଧୀନତା ଆନ୍ଦୋଳନରେ ଖୁଦିରାମଙ୍କର ବଳିଦାନ ଉପରେ ଆଲୋଚନା କରିଥିଲେ । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ର ଛାତ୍ରୀମାନଙ୍କୁ ଆହ୍ୱାନ କରିଛନ୍ତି ।

### ସମ୍ ହସ୍ପିଟାଲ-୨ରେ ବିରଳ, ଗୁରୁତ୍ୱପୂର୍ଣ୍ଣ ଶ୍ୱାସନଳୀ ଅସ୍ତ୍ରୋପଚାର

# ବଞ୍ଚିଲା କର୍କଟ ରୋଗୀଙ୍କ ଜୀବନ

ଭୁବନେଶ୍ୱର, (ସବ୍ୟୁ): ଫୁଲନଖରା ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍, କ୍ୟାମ୍ପସ-୨ର ଡାକ୍ତରମାନେ ଜଣେ ୪୦ ବର୍ଷୀୟ କର୍କଟ ରୋଗୀଙ୍କ ରୁଦ୍ଧ ଶ୍ୱାସନଳୀକୁ ସଫଳତାର ସହ ଉନ୍ମୁକ୍ତ କରି ଉଦାହରଣ ସୃଷ୍ଟି କରିଛନ୍ତି । ରୋଗୀଙ୍କ ଡାହାଣ ପାଖର୍ ମୁଖ୍ୟ ବ୍ରୋଙ୍କସ ସମ୍ପୂର୍ଣ୍ଣ ଅବରୋଧ ହେତୁ ନିଃଶ୍ୱାସ ନେବାରେ କଷ୍ଟ ହେଉଥିଲା । କଟକ ଜିଲ୍ଲା ନିଆଳୀର ବାସିନ୍ଦା ଏହି ରୋଗୀ ୨୦୨୪ ମସିହାରେ ଜିଭ କର୍କଟ ରୋଗ ନିମନ୍ତେ ଅସ୍ତ୍ରୋପଚାର, କେମୋଥେରାପି ଏବଂ ରେଡିଏସନ ଥେରାପି ମଧ୍ୟ ଦିଆ ଯାଇଥିଲା । ତେବେ ଗତ ଦୁଇ ମାସ ମଧ୍ୟରେ ତାଙ୍କର ଶ୍ୱାସକ୍ରିୟାରେ କ୍ରମଶଃ ଅସୁବିଧା ଉପୁଜିବା ସହ ଅଧିକ ମାତ୍ରାରେ କାଶ ହେବା ଆରମ୍ଭ ହୋଇଥିଲା । ଅଗଷ୍ଟ ୧ ତାରିଖରେ ତାଙ୍କୁ ହସ୍ପିଟାଲର ପଲମୋନାରୀ ମେଡିସିନ ବିଭାଗରେ ଭର୍ତ୍ତି କରାଯିବା ସମୟରେ ତାଙ୍କ ଶରୀରରେ



ଅମ୍ଳଜାନର ମାତ୍ରା ବିପଦ୍‌ଜନକ ଭାବରେ କମି ଯାଇ ୮୪ ପ୍ରତିଶତକୁ ଖସି ଆସିଥିଲା ।

ଛାତିର ଏକ ସିଟି ସ୍କାନ୍ ଦ୍ୱାରା ବାଇଲେଟରାଲ ହିଲାର୍ ଲଙ୍ଗ ମାସେସ୍ ଥିବା ଜଣାପଡ଼ିଥିଲା । ସେହିପି ଭିଡିଓ ବ୍ରୋଙ୍କୋସ୍କୋପି ରିପୋର୍ଟରେ ଟ୍ୟୁମର ବୃଦ୍ଧି ଦ୍ୱାରା ଡାହାଣ ମୁଖ୍ୟ ବ୍ରୋଙ୍କସ୍ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଥିଲା ଯାହା ଡାହାଣ ଫୁସ୍‌ଫୁସ୍ ନିମନ୍ତେ ବାୟୁ ପ୍ରବାହକୁ ବନ୍ଦ କରିଦେଇଥିବା ଜଣାପଡ଼ିଥିଲା । ରୋଗୀଙ୍କ ପରିସ୍ଥିତି ଜଟିଳ ହେବାରୁ ଡାକ୍ତରୀ ଦଳ ସେଂଟ୍ରାଲ୍ ଏୟାରୱେ ଟ୍ୟୁମର ଡିବଲକିଂ- ଯାହାକି ଏକ ଅତ୍ୟନ୍ତ ଜଟିଳ ପ୍ରକ୍ରିୟା କରିବାକୁ ନିଷ୍ପତି ନେଇଥିଲେ । ଅସ୍ତ୍ରୋପଚାରର ଦୁଇଟି ପର୍ଯ୍ୟାୟରେ ପ୍ରଥମେ ଅଗଷ୍ଟ ୨ ଏବଂ ଦ୍ୱିତୀୟ ଥର ପାଇଁ ଅଗଷ୍ଟ ୭ ରେ କରାଯାଇଥିଲା । ସାଧାରଣ ଆନେସ୍‌ଥେସିଆ ପ୍ରୟୋଗ ତଥା ଅତ୍ୟାଧୁନିକ କ୍ରାୟୋ ପ୍ରୋବ୍ ଏବଂ ଇଲେକ୍ଟ୍ରୋସ୍ନେର ଟେକ୍ନୋଲୋଜି ବ୍ୟବହାର କରି ଅତି ସାବଧାନତାର ସହିତ ଏହି ଉପଚାର କରାଯାଇ ଟ୍ୟୁମରକୁ ବାହାର କରାଯିବା ସହ ଶ୍ୱାସନଳୀକୁ ପୁନଃ ଉନ୍ମୁକ୍ତ କରାଯାଇଥିଲା ।

ଡାକ୍ତର ମହାନ୍ତି, ଡାକ୍ତର ରଚିତା ମହାନ୍ତି, ଡାକ୍ତର ସୂର୍ଯ୍ୟ ଶଙ୍କର ମେହେର ଏବଂ ଡାକ୍ତର ରାଜକୃଷ୍ଣ ବେହେରାଙ୍କୁ ନେଇ ଗଠିତ ପଲ୍‌ମୋନାରୀ ମେଡିସିନ୍ ଅସ୍ତ୍ରୋପଚାର ଦଳ ଏବଂ ବିଭାଗୀୟ ମୁଖ୍ୟ ଡାକ୍ତର ସୁଦୀପ ମହାପାତ୍ରଙ୍କ ନେତୃତ୍ୱରେ ପରିଚାଳିତ ଆନେସ୍‌ଥେସିଆ ଦଳ ମଧ୍ୟରେ ଘନିଷ୍ଠ ସହଯୋଗ ଯୋଗୁଁ ଏହି ଅସ୍ତ୍ରୋପଚାର ସଫଳ ଭାବେ ସମ୍ଭବ ହୋଇପାରିଥିଲା ।

### କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

# ଅଭିଯୋଗର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, (ସବ୍ୟୁ): ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଏବଂ ପ୍ରଧାନମନ୍ତ୍ରୀ-କୁସୁମ ଭଳି ଶକ୍ତି ବିଭାଗର ପ୍ରମୁଖ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଛନ୍ତି । ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯୋଜନା ଓଡ଼ିଶାର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି, ଓଡ଼ିଶା ଏକ ସ୍ଥାୟୀ, ଆତ୍ମନିର୍ଭରଶୀଳ ଶକ୍ତି ଭବିଷ୍ୟତର ଲକ୍ଷ୍ୟରେ ଅଗ୍ରସର ହେଉଛି - ଯେଉଁଠାରେ ନବସୃଜନ ଅନ୍ତର୍ଭୁକ୍ତିକରଣର ସମନ୍ୱୟରେ ପ୍ରତ୍ୟେକ ପରିବାର ଏବଂ ଚାଷୀ ସଶକ୍ତ ହୁଅନ୍ତି । ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ମୋଟ ୧,୨୮,୩୩୬ ଆବେଦନ କରିଛନ୍ତି, ଯେଉଁଥିରୁ ୧,୨୭,୮୨୦ଟି ଆବେଦନ ସମ୍ଭାବ୍ୟତାକୁ ଅନୁମୋଦନ ଦିଆଯାଇଛି । ଏଯାବତ ୩୩.୬ ମେଗାୱାଟ କ୍ଷମତା ସ୍ଥାପନ କରାଯାଇଛି । ସେହିପରି, ପ୍ରଧାନମନ୍ତ୍ରୀ-କୁସୁମ ଯୋଜନାରେ, ୫୦ ମେଗାୱାଟ କ୍ଷମତାକୁ ଓଡ଼ିଶା ବିଦ୍ୟୁତ ନିୟାମକ (ଓଇଆରସି) ଦ୍ୱାରା ଅନୁମୋଦନ ପ୍ରାପ୍ତ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ



ବିଭାଗ ଦ୍ୱାରା ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ, ବିଶେଷକରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ଅଭିଯୋଗର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିୟମିତ ଭାବରେ ଭେଣ୍ଡରମାନଙ୍କର କାର୍ଯ୍ୟଦକ୍ଷତା ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଠିକଭାବେ କାର୍ଯ୍ୟ କରୁନଥିବା ଭେଣ୍ଡରଙ୍କ ପଞ୍ଜିକରଣ ରଦ୍ଦ କରିବାକୁ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି । ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ, ବିଉପରାମର୍ଶ ଦାତା-ତଥା-ସ୍ୱତନ୍ତ୍ର ସଚିବ ଦେବିଦତ୍ତ ତ୍ରିପାଠି, ଅତିରିକ୍ତ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଓରେଡା, ଟାଟା ପାୱାର ଏବଂ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ସେମାନଙ୍କର ସୁଦୃଢ଼ ଏବଂ ରଣନୈତିକ ରୋଡମ୍ୟାପ୍ ପ୍ରଦାନ କରିଥିଲେ ।

### ସାମୁହିକ ଛୁଟିରେ ଜିଲ୍ଲାର ସମସ୍ତ ଅମଲା : ଅଫିସ କାର୍ଯ୍ୟ ବାଧାପ୍ରାପ୍ତ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଖୋର୍ଦ୍ଧା, (ସବ୍ୟୁ): ରାଜ୍ୟ ସଙ୍ଗଠନର ଆହ୍ୱାନ କ୍ରମେ ଜିଲ୍ଲା ରାଜସ୍ୱ ଅମଳା ସଂଘ ୧୦ ଦଫା ଦାବି ପୂରଣକୁ ନେଇ ଅଗଷ୍ଟ ୧୧ତାରିଖରୁ ସମୁହ ଛୁଟି ରହି ଅନିର୍ଦ୍ଦିଷ୍ଟ ସମୟ ପାଇଁ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ପ୍ରଥମ ଦିନରେ ଶାନ୍ତି ପୂର୍ଣ୍ଣ ଭାବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ରାଜସ୍ୱ ଅମଲାମାନେ ଜିଲ୍ଲା କାର୍ଯ୍ୟାଳୟ ସମେତ ପ୍ରତିଷ୍ଠାନ, ଆପାତ୍‌କାଳୀନ, ନିଜାରତ, ଅଧିଗ୍ରହଣ, ରାଜସ୍ୱ ବିଭାଗ ଆଦି ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ



ବିଭାଗରେ କାର୍ଯ୍ୟ କରିଥାନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ପ୍ରଣୟନ ଏବଂ ଜରୁରୀ କାଳୀନ ସ୍ଥିତିକୁ ମୁକାବିଲା ଆଦି ବିଭିନ୍ନ କାର୍ଯ୍ୟକ୍ରମକୁ ସୂଚାରୁଭାବେ ପରିଚାଳନା କରିଥାନ୍ତି । ପୂର୍ବରୁ ପ୍ରତିବାଦ ସ୍ୱରୂପ ରାଜ୍ୟ ସଂଘ ଆହ୍ୱାନ କ୍ରମେ ଜୁଲାଇ ୭ତାରିଖରେ କାର୍ଯ୍ୟରତ ଥିବା ଜିଲ୍ଲାର ରାଜସ୍ୱ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିଥିଲେ । ୯ତାରିଖ ଦିନ ରାଜସ୍ୱ ବିଭାଗ ମନ୍ତ୍ରୀଙ୍କ ସହ ଅମଲା ସଂଘର ଏକ ପ୍ରତିନିଧି ଦଳର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଦାବି ପୂରଣକୁ ନେଇ ରାଜ୍ୟ ସରକାର ଦୁଇ ସପ୍ତାହ ସମୟ ମାଗି ଥିବାବେଳେ ଅମଲା ସଂଘ ପକ୍ଷରୁ ୧ମାସ ସମୟ ପ୍ରଦାନ କରାଯାଇଥିଲା । ମାତ୍ର ସରକାର ଆଜି ପର୍ଯ୍ୟନ୍ତ ନିରବ ରହିବା କାରଣରୁ ଜିଲ୍ଲାରେ କାର୍ଯ୍ୟରତ ଥିବା ୨୪୮ ଜଣ ରାଜସ୍ୱ ଆମଲା ଦାବି କରିଆସୁଥିବା ମୂଳ ଦରମା, ଓଆରଏସ୍‌ପି ନିୟମ ଅନୁଯାୟୀ ଲେବେଲ-୯ କୁ ବୃଦ୍ଧି କରିବା, ଜିଲ୍ଲାପାଳମାନଙ୍କ ସୁପାରିସ ଆଧାରରେ କ୍ୟାଡର ପୂର୍ଣ୍ଣଗଠନ ତଥା, ଓଆରଏସ ପଦୋନ୍ନତିରେ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାଙ୍କୁ ସୁଯୋଗ ଦେବା ସହିତ ୧୦ଦଫା ଦାବି ପୂରଣ ଦାବିରେ ଆଜି ଠାରୁ ଛୁଟିରେ ଯାଇଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଜିଲ୍ଲା କାର୍ଯ୍ୟାଳୟ ସମେତ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ରହି ଅଫିସ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଠପ୍ କରିଦିଆଯିବ ବୋଲି ଜିଲ୍ଲା ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ବୋଲି କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ମହାପାତ୍ର, ସମ୍ପାଦକ ଅରୁଣ କୁମାର ମୁଦୁଲି, ସାଂଗଠନିକ ସମ୍ପାଦକ ରଶ୍ମିରଞ୍ଜନ ରାଉତରାୟ ପ୍ରମୁଖ କହିଛନ୍ତି । ଏହା ରାଜ୍ୟ ସରକାରଙ୍କ ରାଜସ୍ୱ ଅମଲାମାନଙ୍କ ପ୍ରତି ଏକ ବୈମାତୃକ ମନୋଭାବ ବୋଲି ଜିଲ୍ଲା ସଙ୍ଗଠନର ସନ୍ତୋଷ କୁମାର ନିଶଙ୍କ, ଅନିତା ବେହେରା, ବ୍ରଜକିଶୋର ମହାପାତ୍ର, ଭବାନୀ ଶଙ୍କର ବିଧାର, ସୁପ୍ରଭା ପଟ୍ଟନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି ।

# ଆରମ୍ଭ ହେଲା ସ୍ୱାଧୀନତା ଦିବସ ଅଭ୍ୟାସ ପ୍ୟାରେଡ୍

ପୁରୀ, (ସବ୍ୟୁ) : ପୁରୀ ଜିଲ୍ଲା ସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆରମ୍ଭ ହୋଇଛି ଅଭ୍ୟାସ ପ୍ୟାରେଡ଼ । ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ସୋମବାର ଅପରାହ୍ନରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ପ୍ୟାରେଡ଼ ଅଭ୍ୟାସ କରିଥିଲେ । ପୋଲିସ ରିଜର୍ଭ ଇନିସପେକ୍ଟର ତଥା ପ୍ୟାରେଡ଼ କମାଣ୍ଡର ଚିତ୍ତ ରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଅଭ୍ୟାସ ଆରମ୍ଭ ହୋଇଛି ।ଏହି ଅଭ୍ୟାସ ମଧ୍ୟ ଆସନ୍ତା କାଲି ୧୨ତାରିଖ ଅପରାହ୍ନ ୩ ଘଟିକା ଓ ୧୩ ତାରିଖ ପୂର୍ବାହ୍ନ ୮ ଘଟିକା ସମୟରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ବ୍ୟବସ୍ଥା, ଅଗ୍ନି ଶମ କାର୍ଯ୍ୟାଳୟ ପକ୍ଷରୁ ଅଗ୍ନି ନିର୍ବାପକ ଓ ପ୍ୟାରେଡ଼ ଗ୍ରାଉଣ୍ଡରେ ଜଳ ସିଞ୍ଚନ ବ୍ୟବସ୍ଥା, ମୁଖ୍ୟ ଚିକିତ୍ସା ବିଭାଗ ପକ୍ଷରୁ ଚିକିତ୍ସା ସୁବିଧା, ୱାଟକୋ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା, ପୌର ପାଳିକା ପକ୍ଷରୁ ପରିଷ୍କାର ପରିଚ୍ଛନ୍ନତା ବ୍ୟବସ୍ଥା କରାଯାଇଛି ।ଅଭ୍ୟାସ ପ୍ୟାରେଡ଼ ଅବସରରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଓ ବ୍ୟାଙ୍କ ଙ୍କ ସହଯୋଗ ରେ ପିଲା ମାନଙ୍କୁ ବିସ୍କୁଟ ମଧ୍ୟ ପ୍ରଦାନ କରାଯାଇଥିଲା ।ଏହି ଅଭ୍ୟାସ ପାରେଡରେ ଆରକ୍ଷୀ ବାହିନୀ, ଶ୍ରୀମନ୍ଦିର ସୁରକ୍ଷା ବାହିନୀ, ସେଣ୍ଟ ଜନ ଆମ୍ବୁଲାନ୍ସ ପୁରୀ ସେବା ସମିତି, ପୋଲିସ ବ୍ୟାଣ୍ଡ ଦଳ, ବିଭିନ୍ନ ଶିକ୍ଷାନୁଷ୍ଠାନ ର ଏନ ସି ସି, ସ୍କାଉଟ, ଗାଇଡ ର କ୍ୟାଡେଟ, ମାନେ ଅଂଶଗ୍ରହଣ କରିଥିଲେ । ସ୍ୱାଧୀନତା ଦିବସ ପାରେଡରେ ଶ୍ରେଷ୍ଠ ଦଳଙ୍କୁ ସ୍ୱାଧୀନତା ଦିବସ ର ମୁଖ୍ୟ ଅତିଥି ୧୫ ଅଗଷ୍ଟରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ରେ ସମ୍ବର୍ଦ୍ଧିତ କରିବେ ।

### ବରିଷ୍ଠ ନାଗରିକଙ୍କ ଗୋଷ୍ଠୀକେନ୍ଦ୍ରକୁ ଆଳକରି ରେଳବାଇ ଜାଗା ହଡପ ଉଦ୍ୟମ !

# ରେଳବାଇ ଡିଆର୍‌ଏମ୍‌ଙ୍କ ନିକଟରେ ଅଭିଯୋଗ

କଟକ, (ସବ୍ୟୁ)କଟକ ମହାନଗର ନିଗମ ଦୁର୍ନୀତିଗ୍ରସ୍ତ ଅଧିକାରୀ ସ୍ଥାନୀୟ ନେତା ମଧୁଚନ୍ଦ୍ରିକାରେ ଜନସାଧାରଣଙ୍କ ଟିକସ ଅର୍ଥକୁ ବିଭିନ୍ନ ଯୋଜନାର ପ୍ରକଳ୍ପ ନିର୍ମାଣ କରି ହରିଲୁଟ୍ କରିବା ଚକ୍ରାନ୍ତ ପଦାକୁ ଆସିଛି । କଟକ ୪୬ନଂ ୱାର୍ଡ ଶିଖରପୁର ଅଞ୍ଚଳରେ ରେଳବାଇ ଜାଗାରେ ବରିଷ୍ଠ ନାଗରିକଙ୍କ ପାଇଁ ଗୋଷ୍ଠୀକେନ୍ଦ୍ର ନିର୍ମାଣ ଆଳ କରି କିଛି ନ୍ୟସ୍ତ ସ୍ୱାର୍ଥ ନେତା ମୋଟାଅଙ୍କର ପିସି ହାତେଇବା ଉଦ୍ଦେଶ୍ୟରେ ରେଳବାଇ ଜମି ହଡପ ଉଦ୍ୟମ କରିଛନ୍ତି ।ଏଥିରେ ସ୍ଥାନୀୟ ନେତାଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି ।କଟକ ମହାନଗର ନିଗମ ଏଭଳି ଜନକଲ୍ୟାଣ ଯୋଜନାକୁ ଆଳ କରି ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ସହ ମୋଟା ଅଙ୍କର ପିସି କାରବାର ହେଉଛି । ଯେଉଁଥିରେ ସ୍ଥାନୀୟ କର୍ପୋରେଟର, ବିଭାଗୀୟ ଅଧିକାରୀ, ଠିକାଦାରଙ୍କ ସମ୍ପୃକ୍ତି ରହୁଛି ବୋଲି ଚର୍ଚ୍ଚା ଜୋର ହେଉଛି । କଟକ ମହାନଗର ନିଗମ କମିଶନର, ମେୟର, ପୂର୍ବତଟ ରେଳବାଇ ଡିଆରଏମ ଓ କଟକ ରେଳସୁରକ୍ଷାବଳ ଥାନା ଅଧିକାରୀଙ୍କୁ ଅଭିଯୋଗ ପରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ ରହିବ ବୋଲି ନଗର ଯନ୍ତ୍ରୀ ଅତନୁ ସାମନ୍ତ କହିଛନ୍ତି । ୧୬ଲକ୍ଷରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟରେ ରେଳବାଇ ଜାଗାରେ ବରିଷ୍ଠ ନାଗରିକଙ୍କ ଗୋଷ୍ଠୀକେନ୍ଦ୍ର ନିର୍ମାଣ ପାଇଁ ଚଳିତ ବର୍ଷ ମେ ମାସ ୮ତାରିଖରେ ସ୍ଥାନୀୟ ବିଧାୟକ, କର୍ପୋରେଟର ଶିଳାନ୍ୟାସ କରିଥିଲେ ।ନିର୍ମାଣ ପାଇଁ ୧୬ଲକ୍ଷ ଟଙ୍କାର ବ୍ୟୟ ବରାଦ ଥିବା ବେଳେ ଏହି ସରକାରୀ ଟଙ୍କା ଏବେ ଏକପ୍ରକାର ଆତ୍ମସାତ ହେବା ଆଶଙ୍କା ରହିଛି । ଶିଖରପୁରରେ ସିଏମସିର ୨୩ଏକର ଜାଗା ବେଆଇନ ଜବରଦଖଲ ଥିବା ବେଳେ ଏହାକୁ ଉଚ୍ଛେଦ କରାଯାଉନଥିବା ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

୪୬ନଂ ୱାର୍ଡ ଅନ୍ତର୍ଗତ ଶିଖରପୁର ଅଞ୍ଚଳରେ ରେଳବାଇ ବିଭାଗର ଏକ ଜମି ଉପରେ ଠିକାଦାର ବରିଷ୍ଠ ନାଗରିକଙ୍କ ପାଇଁ ଏକ ଗୋଷ୍ଠୀକେନ୍ଦ୍ର ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ଏ ବିଷୟରେ ସ୍ଥାନୀୟ ଲୋକ ସିଏମସିର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଉକ୍ତ କାର୍ଯ୍ୟ ବନ୍ଦ ହୋଇ ନଥିଲା । ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ରେଳବାଇ ସ୍ଥାନରେ ହୋଇଥିବା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା । ଏନେଇ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ଉକ୍ତ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ମେ ୯ତାରିଖରେ ସିଏମସିକୁ ସୂଚନାଅଧିକାର ଆଇନରେ ତଥ୍ୟ ମାଗିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ଜାଣିଶୁଣି ତଥ୍ୟ ଦେଇନଥିଲେ ଏନେଇ ମଧ୍ୟ ପ୍ରଥମ ଅପିଲ କରିଥିଲେ ।ଅପିଲ ଶୁଣାଣୀ ଏକମାସ ପରେ ଅପିଲ ଅର୍ଡର କପି ମିଳିନଥିବା ଅଭିଯୋଗ କରିଛନ୍ତି ଜିତେନ୍ଦ୍ର ।ଯେଉଁଥିରୁ ଏଭଳି କାର୍ଯ୍ୟ ପଛରେ ବଡ଼ ଧରଣର ହେରଫେର ହୋଇଥିବା ଅନୁମାନ ହେଉଛି ।ତେବେ ଏବେ ପ୍ରଶ୍ନ ହେଉଛି ସିଏମସିର ନିଜସ୍ୱ ଜମି ନ ହୋଇ ମଧ୍ୟ ରେଳବାଇ ଜମି ଉପରେ କିଭଳି ଏହି ନିର୍ମାଣ କାର୍ଯ୍ୟ କରାଯାଉଛି । କାର୍ଯ୍ୟ ପୂର୍ବରୁ ସମ୍ପୃକ୍ତ ଜମିର ସ୍ଥିତି, ମାଲିକାନା ଓ ସିଏମସି ଜମି ସର୍ଭେ ରିପୋର୍ଟ, ଆଇନବିଭାଗ ରିପୋର୍ଟ ନଜାଣି ଏହା ଉପରେ ଏହି ଜନକଲ୍ୟାଣ ପ୍ରକଳ୍ପ କାର୍ଯ୍ୟର ସୂଚନା ଫଳକ ନ ଲଗାଯିବା ପ୍ରସଙ୍ଗ ଏହି ସନ୍ଦେହକୁ ଅଧିକ ଘନୀଭୂତ କରୁଛି । ଅନ୍ୟ ପକ୍ଷରେ କଟକ ମହାନଗର ନିଗମର ଯେ କୌଣସି ପ୍ରକଳ୍ପ ହୁଏ ପ୍ରଥମେ ଏହାର ଡିପିଆର (ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ ହୁଏ । ଏଥିରୁ ସ୍ପଷ୍ଟ ହୋଇଥାଏ ଯେ ଉକ୍ତ ଜମି କାହା ଅଧୀନରେ ରହିଛି ଏବଂ ଏଥିରେ କୌଣସି ପ୍ରକାର ବିବାଦ ଅଛି କି ନାହି ସିଏମସି ପକ୍ଷରୁ ଯାଞ୍ଚକରି ଉକ୍ତ ଜମି ଉପରେ ପ୍ରକଳ୍ପ ଆରମ୍ଭ ହେବା କଥା । ପ୍ରକଳ୍ପ ପୂର୍ବରୁ କାର୍ଯ୍ୟର ସୂଚନାଫଳକ ଲଗାଯିବା ମଧ୍ଯ ଅନିବାର୍ଯ୍ୟ ।କିନ୍ତୁ ରେଳବାଇ ଜମି ଉପରେ ନିଗମର ଏହି କାର୍ଯ୍ୟ କିଭଳି ହୋଇଛି ଏବଂ ସ୍ଥାନୀୟ ବିଧାୟକ କିଭଳି ଭାବରେ ଏହାର ଶିଳାନ୍ୟାସ କରିଛନ୍ତି ତାହାଏବେ ପ୍ରଶ୍ନ ପାଲଟିଛି । ଏଭଳି ବେଆଇନ କାର୍ଯ୍ୟକୁ ସଫଳ ରୂପାୟନ ଦେବାରେ ସ୍ଥାନୀୟ କର୍ପୋରେଟର,, ବିଭାଗୀୟ ଅଧିକାରୀ ଓ ନିର୍ଦ୍ଦିଷ୍ଟ ଠିକାଦାରଙ୍କର ମଧୁଚନ୍ଦ୍ରିକା ରହିଛି ବୋଲି ମତ ପ୍ରକାଶ ପାଉଛି । କଟକ ମହାନଗର ନିଗମ ରେଳବାଇ ଜାଗାରେ ବେଆଇନ ଭାବେ ନିର୍ମାଣ କରୁଥିବା ବରିଷ୍ଠ ନାଗରିକଙ୍କ ଗୋଷ୍ଠୀକେନ୍ଦ୍ରର ସତ୍ୟାସତ୍ୟ ଅନୁସନ୍ଧାନ କରି ଏହାକୁ ଉଚ୍ଛେଦ କରାଯିବା ସହ ଜନସାଧାରଣଙ୍କ ଟିକସ ଅର୍ଥକୁ ଅପବ୍ୟବହାର କରୁଥିବା ଅଧିକାରୀ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ବେଆଇନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବ୍ୟୟ ହୋଇଥିବା ଟଙ୍କା ଅସୁଲ କରାଯାଉ ବୋଲି ଖୋର୍ଦ୍ଧାରୋଡ ଡିଆରଏମ, ରେଳସୁରକ୍ଷାବଳ ଥାନା ଅଧିକାରୀ, ସିଏମସି ମେୟର ଓ କମିଶନରଙ୍କୁ ଲିଖିତ ଅଭିଯୋଗ କରିବା ସହ ବେଆଇନ ନିର୍ମାଣରେ ଜନସାଧାରଣଙ୍କ ଟିକସ ଅର୍ଥ ବିଭାଗୀୟ ଅଧିକାରୀଙ୍କ ଠାରୁ ଆଦାୟ କରାନଗଲେ ଆଇନର ଦ୍ୱାରସ୍ଥ ହେବେ ବୋଲି ଜିତେନ୍ଦ୍ର ଜଣାଇଛନ୍ତି ।

## ବାଲେଶ୍ୱର ଘଟଣାରେ ପିସିସି ଅନୁଧ୍ୟାନ କମିଟି

ଭୁବନେଶ୍ୱର, (ସବ୍ୟ): ବାଲେଶ୍ୱର ଜିଲ୍ଲାର ଖଇରା ବ୍ଲକ ଅନ୍ତର୍ଗତ ଏକ ନବମଶ୍ରେଣୀ ନାବାଳିକା ଛାତ୍ରୀକୁ ଗତ ୧୦ ତାରିଖ ରବିବାର ଦିନ ଅନ୍ତରା ଅଞ୍ଚଳର ଜଣେ ଯୁବକ ଦୁଷ୍କର୍ମ କରିଥିବା ଅଭିଯୋଗ ଆସିଛି । ଏହି ଘଟଣାର ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି । ଶ୍ରୀମତୀ ବନ୍ଦିତା ପରିଡା ଉକ୍ତ କମିଟିର ଅଧକ୍ଷା ଥିବାବେଳେ ମଧୁସ୍ମିତା ସେଠୀ, ଅମିତା ବିଶ୍ୱାଳ, ନିରୁପମା ପାତ୍ର, ବାସନ୍ତୀ ସାମଲ, ଶ୍ରେୟା ମହାନ୍ତି, ସହିଯତା ପରଓ୍ୱିନ, ଜୟଶ୍ରୀ ପଟ୍ଟନାୟକ, କନକଲତା ମଲ୍ଲିକ ସଭ୍ୟା ଭାବରେ ରହିଛନ୍ତି । ଆଜି ଉକ୍ତ କମିଟି ଘଟଣା ସ୍ଥଳକୁ ଯାଇ ପୀଡ଼ିତାଙ୍କୁ ଏବଂ ତାଙ୍କ ପରିବାରବର୍ଗଙ୍କୁ ଭେଟି ଆଲୋଚନା କରି ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ପିସିସି ସଭାପତି ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି ।

## ଫେରାର ଆସାମୀ ୱାରେଣ୍ଟ ବଳରେ ଗିରଫ

ବୁଗୁଡ଼ା,(ସବ୍ୟ): ବୁଗୁଡ଼ା ଥାନା ଅନ୍ତର୍ଗତ ମାଣିତରା ଗ୍ରାମର ଜନୈକ ଫେରାର ଆସାମୀଙ୍କୁ ୱାରେଣ୍ଟ ବଳରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗିରଫ ୱାରେଣ୍ଟି ଜଣକ ହେଲେ କପିଳା ନାଇକ (୫୩) । ଏ ନେଇ ଜିଆର ନଂ ୩୭୬/୨୦୦୭ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗତ ୨୦୦୭ ମସିହାରେ ଏକ ଗଣ୍ଡଗୋଳ ମାମଲାରେ ସମ୍ପୃକ୍ତ ଥାଇ ଦୀର୍ଘ ୧୮ ବର୍ଷ ଧରି ଫେରାର ଥିବା କପିଳାକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

## ବ୍ରହ୍ମପୁରରେ ଚାଞ୍ଚଲ୍ୟ
# ଘର ଭିତରେ ମହିଳାଙ୍କୁ ହତ୍ୟା, ଝିଅ ଗୁରୁତର



ବ୍ରହ୍ମପୁର, (ସବ୍ୟ): ବ୍ରହ୍ମପୁର ପୋଲିସ ଜିଲାର ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମା ନଗରରେ ଜଣେ ମହିଳାଙ୍କୁ ଅତି ବିଭତ୍ସ ଭାବେ ହତ୍ୟା କରାଯାଇଛ । ଧରା ପଡିଯିବା ଭୟରେ ଉକ୍ତ ମହିଳାଙ୍କ ଝିଅକୁ ମଧ ଘାତକ ଆକ୍ରମଣ କରିଛନ୍ତି ଦୁର୍ବୃତ୍ତ । ମୃତ ମହିଳା ଜଣଙ୍କ ସାଧୁ ଚରଣ ସ୍ୱାଇଁଙ୍କ ସ୍ତ୍ରୀ ଗାୟତ୍ରୀ ସ୍ୱାଇଁ(୩୦) । ଆହତ ଥିବା ତାଙ୍କ ଝିଅ ହେଲେ ନିଲମ ସ୍ୱାଇଁ (୧୦) । ସେମାନେ ଘରେ ଶୋଇଥିବା ବେଳେ ଆକ୍ରମଣ କରାଯାଇଥିବା ଅନୁମାନ କରାଯାଉଛି । ଘର ଭିତରେ ମୁମୂର୍ଷ ଅବସ୍ଥାରେ ପଡିଥିବା ନିଲମଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ବୟାନ ରେକର୍ଡ ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ କରୁଛି । ଅଭିଯୁକ୍ତ ଜଣଙ୍କ ତାଙ୍କ ସମ୍ପର୍କୀୟ ବୋଲି ଜଣାପଡିଛି । ବ୍ରହ୍ମପୁର ଏସପି ଡା. ସର୍ଣା ବିବେକ ଏମ. ସଦର ଏସଡ଼ିପିଓ, ଥାନାଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । ସେହିପରି ଗୁରୁତରଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଅଞ୍ଚଳରେ ଏହାକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି । ନିମଖଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରାଯାଉଛି । ପୋଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାର ବିଭିନ୍ନ ଦିଗରୁ ଛାନଭିନ କରୁଛି । ସିସିଟିଭି ଯାଞ୍ଚ ବେଳେ ଜଣେ ଯୁବକ ରବିବାର ବିଳମ୍ବିତ ରାତ୍ରରେ ସେହି ଘରୁ ବାହାରୁଥିବା ଦେଖିବାକୁ ମିଳିଛି । ମହିଳାଙ୍କ ଗଳାକାଟି ହତ୍ୟା କରିବା ପରେ ସେ ଚିହ୍ନଟ ହୋଇଯିବା ଭୟରେ ନିଲମଙ୍କ ବେକରେ ଖଣ୍ଡା ଚୋଟ ପକାଇଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଏପରିକି ଘଟଣା ଘଟାଇବା ପରେ ସେ ବାହାରପଟୁ ତାଲା ପକାଇ ଚମ୍ପଟ ମାରିଥିବା ପୋଲିସ ସନ୍ଦେହ କରୁଛି । ମୃତ ମହିଳାଙ୍କ ଭାଇ ଚିତ୍ରସେନଙ୍କ ଅଭିଯୋଗ ଅନୁସାରେ ୨୪୩/୨୫ରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି । ବ୍ୟବଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଘଟଣାରୁ ପ୍ରକାଶ ଯେ ସାଧୁଚରଣ ସ୍ୱାଇଁଙ୍କ ଘର କୋରାପୁଟ ହୋଇଥିବା ବେଳେ ସେ ଭୁବନେଶ୍ୱରରେ କାମ କରି ସେଠାରେ ରହୁଛନ୍ତି । ବ୍ରହ୍ମପୁରରେ ତାଙ୍କ ସ୍ତ୍ରୀ ଗାୟତ୍ରୀ ଝିଅ ନିଲମ ରହୁଥିଲେ । ଶନିବାର ରାଖୀ ପୂର୍ଣ୍ଣିମା ଥିବା ବେଳେ ଗାୟତ୍ରୀ ନିଜ ଝିଅକୁ ଧରି ରାଖୀ ବାନ୍ଧିବା ପାଇଁ ତାଙ୍କ ଭାଇ ଘର ହିଂଜିଳିକାଟୁ ଯାଇଥିଲେ । ରବିବାର ସନ୍ଧ୍ୟାରେ ସେମାନେ ଘରକୁ ଫେରିଥିଲେ । ସୋମବାର ବଡି ଭୋରୁ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡିଥିଲା । ଖବର ପାଇ ତାଙ୍କ ଭାଇ ଚିତ୍ରସେନ ଭଉଣୀ ଘରକୁ ଆସିଥିଲେ । ସେହିପରି ଭୁବନେଶ୍ୱରରେ ରହୁଥିବା ମୃତକଙ୍କ ସ୍ୱାମୀ ସାଧୁଚରଣ ସ୍ୱାଇଁ ମଧ ଏମକେସିଜି ମେଡିକାଲରେ ପହଞ୍ଚି ଗୁରୁତର ଥିବା ତାଙ୍କ ଝିଅକୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ନେଇ ଯାଇଥିଲେ । ପୋଲିସ ସିସିଟିଭି ସହାୟତାରେ ତଦନ୍ତ କରୁଛି ।

## କାର ଚାଳକଙ୍କୁ ଆକ୍ରମଣ : ୩ ଗିରଫ

ବ୍ରହ୍ମପୁର, (ସବ୍ୟ): କାର ଚାଳକଙ୍କୁ ଆକ୍ରମଣ ଘଟଣାରେ ସଂପୃକ୍ତ ଥିବା ୩ଜଣ ଅଭିଯୁକ୍ତଙ୍କୁ ଟାଉନ ପୋଲିସ ଗିରଫ କରିଛି । ସେମାନେ ହେଲେ ବଡବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହି ଆପାର୍ଟମେଣ୍ଟରେ ରହୁଥିବା ଲାଲା ମହାନ୍ତି(୨୭), ପାଣିଗ୍ରାହୀପେଟର ବଣ୍ଟି ସାହୁ(୩୦) ଓ ଦିଗପହଣ୍ଡି ଥାନା ଅନ୍ତର୍ଗତ ଅନନ୍ତେଇ ଗ୍ରାମର ମନୋରଞ୍ଜନ ସାହୁ ଓରଫ ବାବୁ (୩୦) । ସେମାନଙ୍କ ଠାରୁ ପୋଲିସ ଦୁଇଟି ବାଇକ ପୋଲିସ ଜବତ କରିଛି । ଲାଲା ମହାନ୍ତି ନାମରେ ବଡବଜାର ଥାନାରେ ୯ ଗୋଟି ମାମଲା ରହିଥିବା ବେଳେ ବଣ୍ଟି ନାମରେ ଗୋଟିଏ ମାମଲା ରହିଥିବା ବ୍ରହ୍ମପୁର ଏସପି ଡା. ସର୍ଣା ବିବେକ ଏମ. ସୂଚନା ଦେଇଛନ୍ତି । ମାମଲା ନଂ ୩୧୨/୨୫ ରେ ଉକ୍ତ ତିନି ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ଗତ ୨ ତାରିଖ ବଡି ଭୋରୁ ବିକାଶ ଶତପଥୀ ତାଙ୍କ ସ୍ତ୍ରୀ ସୋନାଲି ଶତପଥି ଓ ଏମକେସିଜି ମେଡିକାଲରେ ଚିକିତ୍ସା ପରେ ଭଲ ହୋଇଥିବା ଜଣେ ସମ୍ପର୍କୀୟଙ୍କୁ ଧରି ଫେରୁଥିଲେ । ବିକାଶ ନିଜ କାର ଚଳାଇ ତାଙ୍କ ସ୍ତ୍ରୀ ଓ ସମ୍ପର୍କୀୟଙ୍କୁ ଧରି ଘରକୁ ଫେରୁଥିଲେ । ଆସ୍କାରୋଡ ନିକଟ କର୍ପୋରେସନ ଛକରେ ଉକ୍ତ ତିନି ଅଭିଯୁକ୍ତ ଦୁଇଟି ବାଇକରେ କ୍ଷିପ୍ର ଗତିରେ ଆସି ଉକ୍ତ କାର ଅଟକାଇ ଥିଲେ । ବିନା କୌଣସି କାରଣରେ ସେମାନେ ବିକାଶଙ୍କୁ କାର ଭିତରୁ ଟାଣି ଆଣି ରାସ୍ତା ଉପରେ ଆକ୍ରମଣ କରିଥିଲେ । ପରେ ସେ ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଉକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲା ।

## ନବରଙ୍ଗପୁର ଘଟଣାରେ ପିସିସିର ତଥ୍ୟ ଅନୁଧ୍ୟାନ କମିଟି

ଭୁବନେଶ୍ୱର, (ସବ୍ୟ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ନର୍ସିଂ ଛାତ୍ରୀଙ୍କୁ ନିର୍ଯାତନା ଜନିତ ଆତ୍ମହତ୍ୟା ଉଦ୍ୟମ ଏବଂ ଦୀର୍ଘ ୧୪ଦିନ ଧରି ଜୀବନ ସଂଗ୍ରାମ ପରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଛାତ୍ରୀ ମୃତ୍ୟୁବରଣ କରିଛନ୍ତି । ଏହି ଦୁଃଖଦ ଘଟଣାର ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି । ଏଥିରେ ମନୋରଞ୍ଜନ ତ୍ରିପାଠୀ କମିଟିର ଅଧ୍ୟକ୍ଷ ଥିବାବେଳେ ସନରାଜ ଗଣ୍ଡ, ଲିପିକା ମାଝୀ, ସୁଶ୍ରୀ ହାରାବତୀ ଗଣ୍ଡ, ମନଷା ତ୍ରିପାଠୀ, ଅଖିଳ ସାଉନ୍ତା ଓ କ୍ଷମରାଜ ବାଗ ସଭ୍ୟ ଭାବରେ ରହିଛନ୍ତି । ଉକ୍ତ କମିଟି ଘଟଣା ସ୍ଥଳକୁ ଯାଇ ପୀଡ଼ିତାଙ୍କୁ ଏବଂ ତାଙ୍କ ପରିବାରବର୍ଗଙ୍କ ସହିତ ଆଲୋଚନା କରି ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ପିସିସି ସଭାପତି ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି ।

## ରାସ୍ତାରେ ମାଉଜର ଧରି ବୁଲୁଥିବା ଯୁବକ ଗିରଫ

ଭଞ୍ଜନଗର, (ସବ୍ୟ): ଭଂଜନଗର ଥାନା ଅଞ୍ଚଳରେ ଗତ କିଛି ଦିନ ହେଲା ଚୋରା ବନ୍ଧୁକ ଜବତ କରିବାରେ ପୋଲିସକୁ ଗୋଟିଏ ପରେ ଗୋଟିଏ ସଫଳତା ମିଳୁଛି । ଯାହା ଫଳରେ ଅପରାଧିକ କାର୍ଯ୍ୟକଳାପ ରୋକିବାରେ ପୋଲିସ ସକ୍ଷମ ହୋଇପାରିଛ । ସେହି କ୍ରମରେ ରବିବାର ରାତିରେ ପୁଣି ଏକ ଚୋରା ପିସ୍ତଲ ଜବତ କରିଛି ପୋଲିସ । ଥାନାଧିକାରୀ ଜୀବନାନନ୍ଦ ଦେଇଥିବା ସୂଚନା ପ୍ରକାରେ ଏସଆଇ ସମୀର କୁମାର ସେଠୀ ଏବଂ ପୋଲିସ କର୍ମଚାରୀଙ୍କ ସହିତ ବିଳମ୍ବିତ ରାତିରେ ପେଟ୍ରୋଲିଂ କରୁଥିବା ସମୟରେ ଶାଲୁଆପଲ୍ଲୀ ଛକ ନିକଟରେ ଜଣେ ଯୁବକ ରାସ୍ତା କଡ଼ରେ ସନ୍ଦେହ ଜନକ ଭାବେ ଠିଆ ହୋଇଥିଲେ । ପୋଲିସ ସଂପୃକ୍ତ ଯୁବକକୁ ସନ୍ଦେହ ହେବାରୁ ତାଙ୍କୁ ଯାଞ୍ଚ କରିଥିଲା । ଉକ୍ତ ଯୁବକ ସେହି ଗ୍ରାମର ଅଶୋକ କୁମାର ଭୂୟାଁ ବୋଲି ଜଣା ପଡିଥିଲା । ସେହି ସମୟରେ ତାଙ୍କ ଅଣ୍ଟାରୁ ଗୋଟିଏ ୯ ଏମ୍ଏମ୍ ପିସ୍ତଲ, ଗୋଟିଏ ମାଗାଜିନ ଏବଂ ଦୁଇଟି ଜୀବନ୍ତ ଗୁଳି ଜବତ ହୋଇଥିଲା । ସେ ଉକ୍ତ ମାରଣାସ୍ତ୍ର ରଖିବା ସମ୍ପର୍କିତ କୌଣସି କାଗଜପତ୍ର ପୋଲିସକୁ ଦେଖାଇବାରେ ଅସମର୍ଥ ହୋଇଥିଲେ । ତେଣୁ ବେଆଇନ ଭାବେ ପିସ୍ତଲ ରଖିଥିବା ଅଭିଯୋଗରେ ଉକ୍ତ ଯୁବକକୁ ଗିରଫ କରିଥିଲା ପୋଲିସ । ଏହି ଘଟଣାକୁ ନେଇ ଭଞ୍ଜନଗର ଥାନାରେ ୧୨୬/୨୫ ଧାରା ଓ୍ୟୁ/ଏସ ୨୫(୧-ବି)(କ)/୨୫(୧-କ) ଅସ୍ତ୍ରଶସ୍ତ୍ର ଆଇନରେ ମାମଲା ରୁଜୁ ହେଇଥିବା ଭଞ୍ଜନଗର ଥାନା ଅଧିକାରୀ ଶ୍ରୀ ଜେନା ସୁଚନା ଦେଇଛନ୍ତି । ଅଭିଯୁକ୍ତ ଅଶୋକ ଭୂୟାଁକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ବ୍ରାଉନସୁଗର ଜବତ, ଯୁବକ କୋର୍ଟ ଚାଲାଣ

ରାସୋଳ, (ସବ୍ୟ): ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ପୁରୁଣା କଟକ ସମ୍ବଲପୁର ରାସ୍ତାର ଅସନବଣିଆ ନିକଟରୁ ସୋମବାର ଜଣେ ଯୁବକ ଠାରୁ ବ୍ରାଉନସୁଗାର ଜବତ ହୋଇଥିବା ଜଣାଯାଇଛି। ସୋମବାର ଅସନବଣିଆ ନିକଟରେ ପୋଲିସ ଗାଡ଼ି ଯାଞ୍ଚ କରୁଥିବା ବେଳେ ଓଡି ୦୨ ବିୱାଇ ୩୭୨୫ ବାଇକ୍କୁ ଅଟକାଇ ଥିଲେ। ଯାଞ୍ଚ୍ ବେଳେ ଗାଡି ଚାଳକ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା କୁଷପଲା ଗ୍ରାମର ଶେଖ୍ ଜଇବୁଲ୍ଙ୍କ ପୁଅ ଶେଖ୍ ସାରା ଜୁନ୍ (୩୦)ଙ୍କ ନିକଟରୁ ୪୦ଗ୍ରାମ ବ୍ରାଉନ ସୁଗାର ଜବତ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

## ବାରିପଦାରେ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ
# ଭୋଟ ଚୋରୀ ମାଧ୍ୟମରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି




ବାରିପଦା, (ସବ୍ୟ) : ଭାରତୀୟ ସମ୍ବିଧାନରେ ଭୋଟ ହେଉଛି ନାଗରିକର ଶକ୍ତି ଭୋଟ ଦାନ ଅଧିକାର ମାଧ୍ୟମରେ ଜନଗଣ ନିଜର ସରକାର ଚୟନ କରିଥାନ୍ତି। ଭୋଟ ପରିଚାଳନା କରିବା ପାଇଁ ଭାରତରେ ନିର୍ବାଚନ କମିଶନ ଏକ ସର୍ବୋଚ୍ଚ ସାମ୍ବିଧାନିକ ଏବଂ ସ୍ୱୟଂଶାସିତ ସଂସ୍ଥା ମାତ୍ର ବିଗତ କିଛି ବର୍ଷ ଧରି ଭାରତରେ ନିର୍ବାଚନ କମିଶନ ଏବଂ ବିଜେପି ସରକାର ମିଳିତ ଭାବରେ ଯେଭଳି ଭୋଟ ଚୋରୀ କରିବାର ପ୍ରମାଣ କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିଗତ ଅଗଷ୍ଟ ୭ତାରିଖ ଦିନ ପ୍ରେସମିଟରେ ଖୁଲାସା କରିଛନ୍ତି ତାହା ଦେଶବାସୀଙ୍କ ମୌଳିକ ଅଧିକାରକୁ ବିପର୍ଯ୍ୟ କରିଛି। ବର୍ତ୍ତମାନ ଭୋଟ ଚୋରୀ ମାଧ୍ୟମରେ ଗଣତନ୍ତ୍ରକୁ ହତ୍ୟା କରାଯାଉଛି ବୋଲି ଆଜି ଅପରାହ୍ନରେ ବାରିପଦା ସର୍କିଟ ହାଉସ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବରିଷ୍ଠ ନେତା ତଥା ବିଧାୟକ ଅଶୋକ ଦାସ କହିଛନ୍ତି। ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟି ଓ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ବିରୋଧୀଦଳ ନେତା ରାହୁଲ ଗାନ୍ଧିଜୀଙ୍କ ଗତ ସାଧାରଣ ନିର୍ବାଚନ ଓ ବିଭିନ୍ନ ରାଜ୍ୟ ନିର୍ବାଚନରେ ହୋଇଥିବା ଭୋଟ ଚୋରିର ଯେଉଁ ପର୍ଦ୍ଦାଫାଶ କରିଛନ୍ତି, ତାହାକୁ ନେଇ ମୟୂରଭଞ୍ଜ ପୂର୍ବ ସାଙ୍ଗଠନିକ ଜିଲ୍ଲା ସଂଯୋଜକ ଅରବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କିଭଳି ଡୁପ୍ଲିକେଟ ଭୋଟର, ଫେକ ଇନଭେଲିଡ଼ ଠିକଣା, ଇନଭେଲିଡ଼ ଫୋଟ, ଗୋଟିଏ ଠିକଣାରେ ବହୁ ସଂଖ୍ୟକ ଭୋଟର, ଫର୍ମ -୬ (ନୂଆ ଭୋଟର ପଞ୍ଜିକରଣ) ଇତ୍ୟାଦି ୫ଟି ଉପାୟରେ କର୍ଣ୍ଣାଟକ ରାଜ୍ୟର ମହାଦେବପୁରା ନିର୍ବାଚନ ମଣ୍ଡଳୀରେ ଭୋଟ ଚୋରୀ କରାଯାଇଛି ତାହା ସ୍କ୍ରିନିଂ ମାଧ୍ୟମରେ ପ୍ରଦର୍ଶନ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ନିରୋଜ ଲୋଚନ ଦାସ, ବରିଷ୍ଠ କଂଗ୍ରେସ ନେତା ଜ୍ୟୋତି ପ୍ରକାଶ ରଥ, ସୁସ୍ମିତା ଘୋଷାଲ, ପ୍ରଦୀପ ମିଶ୍ର, ଶିବାନନ୍ଦ ଦାସ, ମୋତି ପ୍ରକାଶ ଦାସ, ଦୀପକ ଦାସ, ମୀନ କେତନ ବେହେରା, ଅଶୋକ ଅଧିକାରୀ, ଚୈତନ୍ୟ ମାଝୀ, ଅଶୋକ ଗିରି, ସେକ ଇକବାଲ, ଫରିଦା ତବସୁମ, ବିଶ୍ୱ ସିଂ, ଠାକୁରା ସୋରେନ ଓ ଭବାନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ।

## ଆସୁଛି ଗଣେଷ, ବିଶ୍ୱକର୍ମା ପୂଜା, ମୂର୍ତ୍ତି ନିର୍ମାଣରେ ନିମଗ୍ନ କାରିଗର

ବୁଗୁଡ଼ା, (ସବ୍ୟ): ପାର୍ବଣର ଋତୁ ପାଖେଇ ଆସିଲାଣି । ଉତ୍ସବ ମୁଖର ହୋଇ ଉଠିବ ବୁଗୁଡ଼ା ଅଞ୍ଚଳ । ପାର୍ବଣ ପ୍ରସ୍ତୁତିର ପ୍ରଥମପର୍ବ ମୂର୍ତ୍ତି ଗଢାରୁ ଆରମ୍ଭ ହୋଇଥାଏ । ସେଥିପାଇଁ ବୁଗୁଡ଼ା ଅଞ୍ଚଳର ମୂର୍ତ୍ତି କାରିଗରମାନେ ମୂର୍ତ୍ତି ଗଢାରେ ମାତି ଗଲେଣି । ଆଉ କିଛି ଦିନର ବ୍ୟବଧାନ ପରେ ଗଣେଶ ପୂଜା ଓ ବିଶ୍ୱକର୍ମା ପୂଜା ପଡୁଥିବାରୁ କାରିଗରମାନେ ମୂର୍ତ୍ତିରେ ନଡା ଠାରୁ ଆରମ୍ଭ କରି ମାଟି ପ୍ରଲେପ କାର୍ଯ୍ୟ ଜୋରସୋରରେ ଜାରି ରଖିଛନ୍ତି । ମୂର୍ତ୍ତି ନିର୍ମାଣ ପରିଶ୍ରମ ତୁଳନାରେ ଲାଭ ମିଳୁନଥିଲେ ମଧ କାରିଗରମାନେ ଦେଖାଇ ଚାଲିଛନ୍ତି ନିଜ ହାତର ଯାଦୁଗରୀ । ବୁଗୁଡା ଅଞ୍ଚଳର ବୟୋଜ୍ୟେଷ୍ଠ ତଥା ଅଭିଜ୍ଞ ମୂର୍ତ୍ତି କାରିଗର ଗୋବିନ୍ଦ ବେହେରାଙ୍କ ସମେତ ତାରା ପ୍ରସାଦ ଭୂୟାଁ, କୈଳାସ ବେହେରା, ଝୁନା ବେହେରା, ସୋନୁ ବେହେରା, ପ୍ରମୋଦ ବେହେରା, ଟୁଟୁ ବେହେରା, ତାରା ପ୍ରସାଦ ଭୂୟାଁ, ଭଗବାନ ବେହେରା, ବାବୁ ଦୋରା, ଚିତ୍ତ ରଞ୍ଜନ ସାହୁ, ସାଗର ବାଡତ୍ୟା, ପଞ୍ଚୁ ବେହେରା ପ୍ରମୁଖ ନିଜ ନିଜର ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜୋରସୋରରେ ଜାରି ରଖିଛନ୍ତି । ବୁଗୁଡା ଏବଂ ଆଖପାଖ ଅଞ୍ଚଳରେ ସେମାନଙ୍କ ହାତଗଢା ମୂର୍ତ୍ତିର ବେଶ୍ ଚାହିଦା ରହିଛି । ମୂର୍ତ୍ତି ନିମନ୍ତେ ଲୋକଙ୍କ ଶ୍ରଦ୍ଧା ଓ ପ୍ରଶଂସାର ଦୁଇପଦ କଥା ଶୁଣିଲେ କାରିଗରମାନେ ନିଜର କଳାକୁ ଅଧିକ ଜୀବନ୍ତ କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ଲୋକଙ୍କ ଏହି ପ୍ରଶଂସା ଟିକକ ତାଙ୍କ ପରିଶ୍ରମ ଓ କଷ୍ଟକୁ ଦୂରେଇ ଦେଇଥାଏ । ବୁଗୁଡା ଏନଏସିର କୁମ୍ଭାର ସାହି ଏବଂ ବ୍ଲକର ଗୋଳିଆ, ବାଦୁଆ ଓ ପଙ୍କଲବାଡି ଆଦି ଗ୍ରାମରେ ଗଢା ଯାଉଥିବା ମୂର୍ତ୍ତି ବିଭିନ୍ନ ଅଞ୍ଚଳକୁ ପଠାଯାଇଥାଏ । ତେବେ ଏଇ କିଛି ବର୍ଷ ହେଲା ଚିକିଟା ମାଟିର ଅଭାବ ମୂର୍ତ୍ତି ଗଢାରେ ଏକ ବଡ ସମସ୍ୟା ଭାବେ ମୁଣ୍ଡ ଟେକିଛି । ଚିକିଟା ମାଟିକୁ ଚିMଣ କରିବା ପାଇଁ କୌଣସି ମିଶ୍ରଣ ଯନ୍ତ୍ର ବାହାରି ନାହିଁ । ଯନ୍ତ୍ର ବାହାରି ଥିଲେ ଅଳ୍ପ ସମୟ ମଧରେ ଅଧିକ ମୂର୍ତ୍ତି ଗଢାଯାଇ ପାରିବା ସହ ମୂର୍ତ୍ତି ଗୁଡିକ ଅଧିକ ଜୀବନ୍ତ ହୋଇପାରିଥାନ୍ତା ବୋଲି କାରିଗର ଗୋଷ୍ଠୀ ପ୍ରକାଶ କରିଛନ୍ତି ।

## କଥାକାର ଧନେଶ୍ୱର ପଣ୍ଡାଙ୍କ ଏକାଦଶାହାରେ ସ୍ମୃତିଚାରଣ ସଭା

ବାରିପଦା, (ସବ୍ୟ) : ବାରିପଦା ସହରର ୧୧ନଂ ୱାର୍ଡ ନହରପଦାସ୍ଥ ସାଇ ଶ୍ୟାମ ମଣ୍ଡପରେ ବିଶିଷ୍ଟ କଥାକାର ସ୍ୱର୍ଗତ ଧନେଶ୍ୱର ପଣ୍ଡାଙ୍କ ଏକାଦଶାହ ଅବସରରେ ଆଶାଦେବୀ ସ୍ମୃତି ପରିଷଦ ଆନୁକୂଲ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅନେକ ଧନେଶ୍ୱର ପ୍ରେମୀ ବର୍ଷିୟାନ୍ ସାହିତ୍ୟିକ, ଜ୍ଞାନୀ, ଗୁଣୀ, ବରିଷ୍ଠ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଅନନ୍ୟ ସାରସ୍ୱତ କୃତି, ପ୍ରଚଣ୍ଡ ପ୍ରତିଭା, ଆଦର୍ଶ ବ୍ୟକ୍ତିତ୍ୱ, ତ୍ୟାଗପୂତ ସେବା ଓ ଧାର୍ମିକ ଚେତନାର ଗୁଣଗାନ କରି ତାଙ୍କର ବିଦେହୀ ଆତ୍ମାର ସଦଗତି କାମନା କରିଥିଲେ। ଆଶିଷ କୁମାର ବଶା, କୈବଲ୍ୟ ମହାପାତ୍ର, ମୋହିତ କୁମାର ଷଡଙ୍ଗୀ, ରବିନ୍ଦ୍ର ବେହେରା, ଅକ୍ଷୟ ନାୟକ, ଅଜିତ କବାଟ, ହିମାଂଶୁ ଶେଖର ଦାସ, ଅଶୋକ କୁମାର ପଲେଇ, ରାଜେନ୍ଦ୍ର ସାମଲ, ଭାଗବତ ପଣ୍ଡା, ନରସିଂହ ବାରିକ, ବାସନ୍ତୀ ମହାପାତ୍ର, ପଦ୍ମନାଭ ସାହୁ, ଦେବକାନ୍ତ ପଣ୍ଡା(ପୁତ୍ର), ରବିନ୍ଦ୍ର ପରିଡା, ଅଜିତ୍ ପାଣିଗ୍ରାହୀ, ରନିପ୍ରଭା ବେହେରା ପ୍ରମୁଖ ସ୍ମୃତିଚାରଣରେ ଅଂଶଗ୍ରହଣ କରି ସ୍ୱର୍ଗତ ପଣ୍ଡାଙ୍କର ବହୁମୁଖୀ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରି ଶ୍ରଦ୍ଧାନୈବେଦ୍ୟ ଜ୍ଞାପନ କରିଥିଲେ। ଉକ୍ତ ସଭାରେ ଡଃ ଅବନୀ କୁମାର କୁଣ୍ଡୁ, ରାକେଶ ସିଂହ, ରବିନ୍ଦ୍ର ଦତ୍ତ, ମନୋଜ ଦଳବେହେରା, ମେଘମାଳା ବେହେରା, ସୁରେନ୍ଦ୍ର ନାଥ ବେହେରା, ପାର୍ବତୀ ଦେ, ମାମି ପଣ୍ଡା ସହିତ ଶତାଧିକ ଧନେଶ୍ୱର ପ୍ରେମୀ ଓ ତାଙ୍କର ଆତ୍ମୀୟ ସ୍ୱଜନ ଯୋଗଦେଇ ସଭାକାର୍ଯ୍ୟକୁ ସାଫଲ୍ୟମଣ୍ଡିତ କରିଥିଲେ ।

## "ରକ୍ତଦାନ ମହାପୂଣ୍ୟ ଉପରେ ବକ୍ତୃତା ପ୍ରତିଯୋଗିତା



ବାରିପଦା, (ସବ୍ୟ) : ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ୧୫ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ନାରାୟଣ ସେବା ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ "ରକ୍ତଦାନ ମହାପୂଣ୍ୟ ବିଷୟ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ୬ଷ୍ଠ ରୁ ୧୨ଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ମୋଟ ୩୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬ଷ୍ଠ ରୁ ୮ମ ଶ୍ରେଣୀ ବିଭାଗରେ ସେଣ୍ଟମେରି ବିଦ୍ୟାଳୟର ସମ୍ଭବ ମିଶ୍ର ୧ମ, ଓଏଭି, ରାଣୀଭୋଳର ତୃପ୍ତିମୟୀ ବିଶ୍ୱାଳ ୨ୟ, ସରସ୍ୱତୀ ବିଦ୍ୟା ମନ୍ଦିରର ଜ୍ୟୋତି କିରଣ ବାରିକ ୩ୟ, ୯ମ ଓ ୧୦ମ ଶ୍ରେଣୀ ବିଭାଗରେ ଓଏଭିର ଅରଜିତ ପ୍ରଧାନ ୧ମ, ଓଏଭି, ମୋରଡାର ପ୍ରଭୁପାଦ ନାୟକ ୨ୟ, ସାଇ ଆଦର୍ଶ ବିଦ୍ୟାମନ୍ଦିରର ତପସ୍ୱିନୀ ବେହେରା ଓ କିସ ରେସିଡେନ୍ସିଆଲର ଲକ୍ଷ୍ମୀପ୍ରିୟା ମୁର୍ମୁ ୩ୟ ଏବଂ ୧୧ଶ ଓ ୧୨ଶ ଶ୍ରେଣୀ ବିଭାଗରେ ସେଣ୍ଟମେରୀର ଆରୟାନ ଦାସ ୧ମ ଓ ସୁଜାଲ ସେନାପତି ୨ୟ, ତଥା ଶରତପାଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଦିବ୍ୟାଶ୍ରୀ ଦୀପ୍ତି ୩ୟ ସ୍ଥାନ ଅଧିକାର କରିଥିଲେ ଓ ସମସ୍ତଙ୍କୁ ଅଂଶଗ୍ରହଣକାରୀ ପ୍ରମାଣପତ୍ର ପ୍ରଦାନ କରାଯାଇଥିବାବେଳେ ସ୍ୱାଧୀନତା ଦିବସ ସନ୍ଧ୍ୟାରେ କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲାପ୍ରଶାସନ ଦ୍ୱାରା ପୁରସ୍କୃତ କରାଯିବ ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶ ଜଣାଇଛନ୍ତି। ପ୍ରଥମେ ବାରିପଦା ରକ୍ତଭଣ୍ଡାର ଅଧିକାରୀ ଡଃ ସୌମ୍ୟରଞ୍ଜନ ନାୟକ ରକ୍ତ ଓ ରକ୍ତଦାନ ଉପରେ ସବିଶେଷ ଆଲୋଚନା କରିଥିଲେ। ଡଃ ନାୟକ, ବରିଷ୍ଠ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ମହାନ୍ତି, ଡଃ ନିରୋଜ କୁମାର ପୋଥାଳ ଓ ବସନ୍ତ କୁମାର ମହାପାତ୍ର ବିଚାରକ ଭାବେ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିବାବେଳେ ବରିଷ୍ଠ ଶିକ୍ଷକ ସୋମନାଥ ସିଂହ, ଚିତ୍ତରଞ୍ଜନ ସ୍ୱାଇଁ, ଭାସ୍ୱତୀ ପଣ୍ଡା ଓ ଶୁଭସ୍ମିତା କାମିଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଆରସିସି ତପସ୍ୱିନୀ ଦାଶ ଓ ସିଆରସିସି ଧନଞ୍ଜୟ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ।

## ଆସିକାରେ ପ୍ରଶାସନର ମିଳିତ ଜନ ଅଭିଯୋଗ ଶୁଣାଣି

ଆସିକା, (ସବ୍ୟ): ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି । ଗଞ୍ଜାମ ଜିଲ୍ଲାପାଳ କୀର୍ତ୍ତି ଭାସନ୍ ଭି ଓ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ଦାସ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଶିକ୍ଷା ନିବେଶ ପ୍ରଶାସନିକ ଅଧିକାରୀ ଡେପୁଟି କଲେକଟର କସ୍ତୁରୀ ସ୍ୱାଇଁ ଯୋଗଦେଇ ଜନ ସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜିର ଶୁଣାଣିରେ ଜନସାଧାରଣଙ୍କ ୧୪୪ ଟି ଅଭିଯୋଗର ଶୁଣାଣି ହୋଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୀପିନା ଦାସ ପ୍ରକାଶ କରିଛନ୍ତି । ଶିବିରରେ ୪ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକଲ ଓ ଜଣଙ୍କୁ ବ୍ୟାଟେରୀ ସାଇକଲ ଓ ଜଣଙ୍କୁ ଆଶାବାଡି ପ୍ରଦାନ କରାଯାଇଥିବା ବେଳେ ଜଣେ ଦୁଇ ଅସହାୟଙ୍କ ଚିକିତ୍ସା ଖର୍ଚ୍ଚ ସକାଶେ ପନ୍ଦର ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦିଆଯାଇଥିବା ଜଣାଯାଇଛି । ଜିଲ୍ଲାର ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ବହୁ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ । ଜିଲ୍ଲାପାଳଙ୍କ ଗ୍ରସ୍ତକାଳରେ ସ୍ଥାନୀୟ ବିଡ଼ିଓ ସୁଶ୍ରୀ ଦାସ, ତହସିଲଦାର ସଙ୍ଗୀତା ସେନ, ଥାନା ଅଧିକାରୀ କୃଷ୍ଣମଣି ସେଠୀ ଆସିକା ସବ୍ ଡିଭିଜନ ହସ୍ପିଟାଲର ସୁପରଇନଟେଣ୍ଡେଣ୍ଟ ଡ଼ା. ବାଲ ଗୋପାଳ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ୍ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।




## ଇପିଏଫ ପେନସନର୍ସ ଆସୋସିଏସନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

କଟକ, (ସ୍ୱପ୍ର): ଅଲ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଖାନନଗର ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ଇଓ ବିଜୟ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାଲେଶ୍ୱର, ଜଗତସିଂହପୁର, ଯାଜପୁର, ଭଦ୍ରକ, ଖୋର୍ଦ୍ଧା, ଗଞ୍ଜାମ ଏବଂ କଟକ ଜିଲ୍ଲାରୁ ୩୭ ଜଣ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ରାଜ୍ୟ ସାଧାରଣ ସମ୍ପାଦକ ତଥା ଜାତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା ୮୦ ଲକ୍ଷ ଇପିଏଫ ପେନସନଭୋଗୀ ବରିଷ୍ଠ ନାଗରିକମାନେ ସାମ୍ନା କରୁଥିବା ସର୍ବନିମ୍ନ ପେନସନ ଓ ବର୍ଦ୍ଧିତ ପେନସନ ସମସ୍ୟା ବାବଦରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ନିର୍ବାଚନ ପୂର୍ବରୁ ବିଜେପି ଦଳର ତତ୍କାଳୀନ ପ୍ରବକ୍ତା ତଥା ରାଜ୍ୟସଭା ସାଂସଦ ପ୍ରକାଶ ଜାଭେଦକର ୨୦୧୪ ମସିହା ଜାନୁଆରୀ ୧୫ ତାରିଖରେ ଦିଲ୍ଲୀ ଠାରେ ପ୍ରେସ କନଫରେନ୍ସ କରି ବିଜେପି ଦଳ କ୍ଷମତାକୁ ଆସିଲେ ଇପିଏଫ ପେନସନ ଭୋଗୀଙ୍କ ସର୍ବନିମ୍ନ ମାସିକ ପେନସନ ୩ ହଜାର ଟଙ୍କା ସହ ଦରଦାମ ବୃଦ୍ଧିର ଭରଣା ଲାଗି ମହଙ୍ଗାଭତ୍ତା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ବିଡମ୍ବନାର ବିଷୟ ଇତି ମଧ୍ୟରେ ୧୧ବର୍ଷ ବିତିଯାଇଥିଲେ ମଧ ଦଳ ତରଫରୁ ଦିଆଯାଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି । ଫଳରେ ସେପ୍ଟେମ୍ବର ୨୦୧୪ରୁ ମିଳୁଥିବା ବିନା ମହଙ୍ଗା ଭତ୍ତାରେ ସର୍ବନିମ୍ନ ମାସିକ ପେନସନ ଏକ ହଜାର ଟଙ୍କାକୁ ଏପର୍ଯ୍ୟନ୍ତ ବୃଦ୍ଧି କରା ଯାଉନାହିଁ । କେନ୍ଦ୍ର ସରକାର ସେମାନଙ୍କ କର୍ମଚାରୀ ମାନଙ୍କୁ ଦେଉଥିବା ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା ସହ ମହଙ୍ଗାଭତ୍ତା ଅନୁରୂପ ଭାବେ ଇପିଏଫ ପେନସନ ଭୋଗୀଙ୍କୁ ଦେବା ଲାଗି ଦେଶର ସମସ୍ତ ଇପିଏଫ ପେନସନଭୋଗୀ ସଂଗଠନ, କେନ୍ଦ୍ରୀୟ ଶ୍ରମିକ ସଂଗଠନ, ବିଭିନ୍ନ ରାଜନୈତିକ ଦଳ ଏବଂ ଉଭୟ ଗୃହର ସାଂସଦ ଦୀର୍ଘବର୍ଷ ଧରି ଦାବୀକରି ଆସୁଥିଲେ ମଧ କେନ୍ଦ୍ର ସରକାର ଏଥିପ୍ରତି ଆଦୌ କର୍ଣ୍ଣପାତ ନକରିବା ଅତୀବ ଦୁଃଖର ବିଷୟ ବୋଲି ଶ୍ରୀ ବ୍ରହ୍ମା ପ୍ରକାଶ କରିଥିଲେ । ସେହିଭଳି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଯୋଗ୍ୟ ହିତାଧିକାରୀମାନଙ୍କୁ ବର୍ଦ୍ଧିତ ପେନସନ ପ୍ରଦାନ କ୍ଷେତ୍ରରେ ଇପିଏଫ କର୍ତ୍ତୃପକ୍ଷ ଅହେତୁକ ବିଳମ୍ବ କରିବା ସହ ନାନା ପ୍ରକାର ହଇରାଣ ହରକତ କରୁଥିବାରୁ ଉପସ୍ଥିତ କର୍ମକର୍ତ୍ତାମାନେ ଘୋର ଉଦବେଗ ପ୍ରକାଶ କରିଥିଲେ । ଇପିଏଫ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏ ବାବଦରେ ହେଉଥିବା ଅନ୍ୟାୟ ବିରୁଦ୍ଧରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ସହ ଆଇନର ଆଶ୍ରୟ ନେବାଲାଗି ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ନଟବର ଆଚାର୍ଯ୍ୟ, ମୁକ୍ତିକାନ୍ତ ମହାପାତ୍ର, କାର୍ଯ୍ୟକାରୀ ସଭାପତି ପ୍ରଫୁଲ କୁମାର ଦାସ, ବିଷ୍ଣୁ ପ୍ରସାଦ ମହାନ୍ତି, ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

## ହାଇକୋର୍ଟଙ୍କ ନିର୍ଦ୍ଦେଶରେ ନିଜ ସ୍କୁଲରେ କାର୍ଯ୍ୟରେ ଯୋଗ ଦେଲେ ଶିକ୍ଷକ

ନିଶ୍ଚିନ୍ତକୋଇଲି,(ସବ୍ୟୁ): ଶିକ୍ଷା ବିଭାଗର ବେଆଇନ ଶିକ୍ଷକ ବଦଳି କାର୍ଯ୍ୟ ଏବେ ମହଙ୍ଗା ପଡ଼ିଛି । ମାନ୍ୟବର ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ପାଟପୁର ଠାରେ ଥିବା ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ସୀତାକାନ୍ତ ସାମଲ ତାଙ୍କ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଫଳରେ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ କରାଯାଇଥିବା ବେଆଇନ ଶିକ୍ଷକ ବଦଳିକୁ ନେଇ ଏବେ ଚର୍ଚ୍ଚା ଯୋର ଧରିଛି । ଗତ ୨୫.୦୭.୨୦୨୫ରିଖରେ କଟକ ଜିଲ୍ଲା ସ୍ତରୀୟ ବଦଳି କମିଟି ପକ୍ଷରୁ ଆକ୍ରୋଶମୂଳକ ଭାବେ ଶିକ୍ଷକ ସୀତାକାନ୍ତ ସାମଲଙ୍କୁ ବାଙ୍କୀ-୧ବ୍ଲକ ଅର୍ନ୍ତଗତ ବାଉଁଶପୁଟ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଥିଲା । ଏହି ବିଦ୍ୟାଳୟଟି ୧୬୫ କିଲୋମିଟର ଦୂର ହୋଇଥିବାରୁ ଶିକ୍ଷକ ଜଣକ ସେଠାରେ ଯୋଗ ନଦେଇ ତାଙ୍କ ବଦଳିକୁ ବେଆଇନ ଦର୍ଶାଇ ଏହାକୁ ବନ୍ଦ କରିବା ନେଇ ୨୮.୦୭.୨୦୨୫ରେ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ସପରିବାର ଅନଶନ କରିଥିଲେ । କଟକ ଜିଲ୍ଲା ଶିକ୍ଷାଧିକାରୀ ୪ଦିନ ମଧ୍ୟରେ ଏହି ଘଟଣାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବାରୁ ଶିକ୍ଷକ ଜଣକ ଅନଶନରୁ ଉଠି ଯାଇଥିଲେ । ହେଲେ ୮ଦିନ ବିତି ଯାଇଥିଲେ ମଧ୍ୟ ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଶ୍ରୁତି ପାଳନ ନକରିବାରୁ ସମ୍ପୃକ୍ତ ଶିକ୍ଷକ ଜଣକ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ଗତ ଅଗଷ୍ଟ ୮ତାରିଖରେ ଏହି ମାମଲା ବିଚାର କରାଯାଇ ହାଇକୋର୍ଟ ପକ୍ଷରୁ ଏକ ଯୁଗାନ୍ତକାରୀ ରାୟ ପ୍ରକାଶ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଏହି ବଦଳି ଆଦେଶକୁ ଅନ୍ତରୀଣ ରହିତାଦେଶ ପ୍ରଦାନ କରି ସମ୍ପୃକ୍ତ ଶିକ୍ଷକ ଜଣକ ପୂର୍ବରୁ କାର୍ଯ୍ୟ କରୁଥିବା ବିଦ୍ୟାଳରେ ତାଙ୍କର କାର୍ଯ୍ୟ ଜାରି ରଖିବା ପଇଁ ନିର୍ଦ୍ଦେଶ ଦେଇଥିଲେ ।

## କଲେଜ ସମ୍ମୁଖରେ ଅନଶନ

ରାଜନଗର,(ସବ୍ୟୁ) : ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ସମୁଖରେ ଆଜି ୮ ଜଣ ଚାକିରି ଆଶାୟୀ ଅନଶନରେ ବସିଥିଲେ । ମହାବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପଦବୀ ପାଇଁ ଅସ୍ଥାୟୀ ନିଯୁକ୍ତି ଦିଆଯାଇଛି । ଏହି ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସଞ୍ଜୟ କୁମାର ମହାରଣା , ଦେବ ପ୍ରସାଦ ସାହୁ , ସୁନୀଲ କୁମାର ସାହୁ , ବ୍ରହ୍ମାନନ୍ଦ ସେଠୀ , ରାଜ କିଶୋର ସ୍ଵାଇଁ , ପ୍ରହଲ୍ଲାଦ ଦାସ ପ୍ରମୁଖ ରାଜନଗର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଗେଟ ନିକଟରେ ଅନଶନରେ ବସିଥିଲେ । ବିଦ୍ୟାଳୟର ଅଧକ୍ଷଙ୍କ ସହ ଆଲୋଚନା ପରେ ସେମାନେ ଅନଶନ ରୁ ଉଠି ଯାଇଥିଲେ ।

## ମହିଳାଙ୍କୁ ହାଣିବାକୁ ତିନିଶହ କିଲୋମିଟର ଟ୍ରେନ ଯାତ୍ରା



ପାରାଦୀପ,( ଜି ପ୍ର ): ମହିଳାଙ୍କୁ ହାଣିବାକୁ ଥିଲା ଲକ୍ଷ୍ୟ । ରାତିରୁ କରିଥିଲେ ଟ୍ରେନ ଯାତ୍ରା । ଭୋର ସକାଳୁ କଟକରୁ କୁଜଙ୍ଗ ବଡବନ୍ଧ ଷ୍ଟେସନକୁ ଆସି ସେଠାରେ ଓଲ୍ହାଇ ଅପେକ୍ଷା କରି ବସିଥିଲେ ମହିଳାଙ୍କ ଆସିବା ବାଟକୁ । ମହିଳା ମଧ୍ୟ ଶାଶୁ ଘରୁ ସୁଭଦ୍ରା ଯୋଜନା ଟଙ୍କା ଆସିଛି କି ନାହିଁ ବ୍ୟାଙ୍କରୁ ପଚାରି ଆସିବାକୁ କହି ଆସିଥିଲେ । ବାଟରେ ପାଟପୁର ଫାଟକ ପାଖ ଏକ ଗଳି ରାସ୍ତାକୁ ଯାଇ ଯୁବକଙ୍କ ସହ କଥା ହେଉଥିଲେ । କଣ ହେଲା କେଜାଣି ସେଠାରେ ଉଭୟଙ୍କ ମଧ୍ୟରେ ଖୁବ ଜୋରରେ ପାଟିତୁଣ୍ଡ ହେଲା ଓ ଯୁବକ ଜଣଙ୍କ ପାଖରେ ଲୁଚାଇ ରଖିଥିବା ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ଘଣ୍ଟିକା, ହାତ ଓ ମୁଣ୍ଡକୁ ହାଣି ପକାଇଲା । ରକ୍ତ ଜୁଡୁବୁଡୁ ହୋଇ ମହିଳା ଜଣଙ୍କ ଚିତ୍କାର କରିବା ଫଳରେ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ମହିଳାଙ୍କୁ ମେଡିକାଲ ପଠାଇବା ସହ ସମ୍ପୃକ୍ତ ଯୁବକଙ୍କୁ ଧରି ପୋଲିସ ଜିମା ଦେଇଥିଲେ । ଏରସମା ଅନ୍ଧାରି ପଞ୍ଚାୟତ ତେନ୍ତୁଇ ଗ୍ରାମରେ ସମ୍ପୃକ୍ତ ମହିଳାଙ୍କ ଶାଶୁଘର ହୋଇଥିବା ବେଳେ ଅଭିଯୁକ୍ତ ଯୁବକଙ୍କ ଘର ଗଞ୍ଜାମ ଜିଲ୍ଲା ସେରଗଡ଼ ଓ ତାଙ୍କ ନାମ ରାଜେଶ କୁମାର ବେହେରା ବୋଲି ଜଣାପଡ଼ିଛି । ବାଙ୍ଗାଲୋରରେ ଥିବା ଏକ ଘରୋଇ କମ୍ପାନୀରେ ଜୈନିକା ମହିଳା ଙ୍କ ସ୍ୱାମୀ କାମ କରନ୍ତି ଏବଂ ମହିଳା ମଧ୍ୟ ତାଙ୍କ ସ୍ୱାମୀଙ୍କ ପାଖରେ ରୁହନ୍ତି । ସେହି କିଛି ଦୂରରେ ରାଜେଶ ମଧ୍ୟ ରୁହେ । ଓଡ଼ିଆ ଲୋକ ହିସାବରେ ଦୁହିଁଙ୍କ ଚିହ୍ନା ପରିଚୟ ସୃଷ୍ଟି ହୋଇଥିବା ବେଳେ ଗତ ତିନିମାସ ହେବ ମହିଳାଙ୍କୁ ତାଙ୍କ ସ୍ୱାମୀ ଆଣି ଏରସମା ନିଜ ଘରେ ଛାଡିଦେଇ ଯାଇଥିଲେ । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର କଥା ମହିଳା ଜଣଙ୍କ କଣ ପାଇଁ ଆଜି ପାଟପୁର ରେଳ ଫାଟକ ପାଖରେ ଥିବା ରାସ୍ତା କଡକୁ ଯାଇଥିଲେ ଓ ରାଜେଶ କିଭଳି ଟ୍ରେନରେ ଆସି ବଡବନ୍ଧ ଷ୍ଟେସନରେ ପହଞ୍ଚି ସେହି ସମାନ ରାସ୍ତା କଡକୁ ଗଲେ ଓ ଦୁହିଁଙ୍କ ମଧ୍ୟରେ କଣ ହେଲାଯେ ରାଜେଶ ପୂର୍ବରୁ ପ୍ରସ୍ତୁତ ହୋଇ ଆସିଥିବା ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ମହିଳାଙ୍କୁ ଏଭଳି ଆକ୍ରମଣ କଲେ, ଏସବୁ ଘଟଣାର ତଦନ୍ତ ଆରମ୍ଭ କରିଛି ପୋଲିସ । ଅଭିଯୁକ୍ତ ରାଜେଶଙ୍କୁ ପୋଲିସ ଆଜି କୋର୍ଟ ଚାଲାଣ କରିଥିବା ବେଳେ ମହିଳା ଜଣଙ୍କ ଏବେ କଟକ ମେଡିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ।

## ହାଇୱା ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ପାଣିକୋଇଲି,(ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଗୋଲେଇ ଉପରେ ଦ୍ରୁତଗାମୀ ହାଇୱା ଚଢ଼ିଯିବାରୁ ଜଣେ ଇଂଜିନ ମିସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ପ୍ରକାଶଯେ ଭଦ୍ରକ ଜିଲ୍ଲା ଚରମ୍ପା ଅଂଚଳର ବୁଦ୍ଧଦେବ ସାହୁ ଧନପୁର ଠାରେ ଥିବା ଟାଟା ମୋଟର୍ସରେ କାର୍ଯ୍ୟରତ ଥିବା ପାଣିକୋଇଲି ଅଂଚଳରେ ଭଡ଼ା ନେଇ ରହୁଥିଲେ। ସବୁଦିନ ବୁଦ୍ଧଦେବ ନିଜ ସାଇକେଲ ଯୋଗେ କର୍ମକ୍ଷେତ୍ରକୁ ଯାଆନ୍ତି । ତେବେ ଆଜି ସକାଳେ ସେ ସୋରୁମକୁ ଯିବା ସମୟରେ ପାଣିକୋଇଲି ବଜାର ଉପରେ ସଠିପୁର ପଟୁ ଏକ ଦ୍ରୁତଗାମୀ ହାଇୱା (ଓଡ଼ି୩୪ଏକ୍ସ ୪୦୪୯) ଓଭରବ୍ରିଜ ତଳୁ ବାହାରି ବୁଦ୍ଧଦେବଙ୍କୁ ଧକ୍କା ଦେବା ସହିତ ତାଙ୍କ ଉପରେ ଚଢି ଯାଇଥିଲା। ଫଳରେ ବୁଦ୍ଧଦେବ ଗୁରୁତର ହୋଇପଡ଼ିଥିଲେ। ଖବର ପାଇ ପାଣିକୋଇଲି ପୁଲିସ ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ହାଇୱା ତଳୁ ବାହାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମାତ୍ର ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୁଲିସ ଥାନାରେ ଏକ ମାମଲା ରୁଜୁ କରି ହାଇୱା ଓ ଚାଳକକୁ ଥାନାରେ ଅଟକ ରଖିବା ସହିତ ଶବକୁ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଇଛି।

## ଅବନତି: ବାଲିଚନ୍ଦ୍ରପୁର ଥାନା ଘେରିଲା କଂଗ୍ରେସ



ଚଣ୍ଡିଖୋଲ,(ସବ୍ୟୁ) :ଯାଜପୁର ଜିଲ୍ଲାର ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା,ଚୋରି ଡକାୟତି,ରାହାଯାନୀ ବୃଦ୍ଧି, ଲଘୁ ଖଣିଜ ପଦାର୍ଥ ଲୁଟ,ଚୋରା ମଦ,ଚରସ, ବ୍ରାଉନ ସୁଗାର କାରବାର ବୃଦ୍ଧି,ବଜାର ଅଞ୍ଚଳରେ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ସହିତ ଗତ ସପ୍ତାହରେ ଦଳିତ ଯୁବକ ରବିନ୍ଦ୍ର ମଲ୍ଲିକଙ୍କୁ ଥାନା ଭିତରେ ଥାର୍ଡଡିଗ୍ରୀ ଦିଆଯିବା ଘଟଣା ପ୍ରତିବାଦରେ ବଡଚଣା ବ୍ଲକ କଂଗ୍ରେସ ପକ୍ଷରୁ ସୋମବାର ଦିନ ବାଲିଚନ୍ଦ୍ରପୁର ଥାନା ଘେରାଉ କରାଯାଇଥିଲା । ବ୍ଲକ କଂଗ୍ରେସ ନେତା ଅଜୟକୁମାର ସାମଲଙ୍କ ନେତୃତ୍ୱରେ ଏହି ଘେରାଉ ଓ ପ୍ରତିବାଦ ସଭାରେ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ । ୫୩ ନମ୍ବର ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ବାଇପାସ ଛକ ନିକଟରୁ କଂଗ୍ରେସ କର୍ମୀମାନେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଏକ ବିରାଟ ଶୋଭାଯାତ୍ରାରେ ଆସି ଥାନା ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀଙ୍କ ଅଧ୍ୟକ୍ଷତାରେ ଥାନା ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କଂଗ୍ରେସ ନେତା ଅଜୟ ସାମଲଙ୍କ ସହ ପୂର୍ବତନ ପିସିସି ସମ୍ପାଦକ ସନ୍ତୋଷକୁମାର ବଳ, ଜିଲ୍ଲା ଯୁବ କଂଗ୍ରେସର ପୂର୍ବତନ ସଭାପତି ବିଶ୍ୱପ୍ରକାଶ ସାମଲ,ପୂର୍ବତନ ସରପଞ୍ଚ ଦେବେନ୍ଦ୍ରକୁମାର ସାମଲ,ବିଳାସଚନ୍ଦ୍ର ବାରିକ, ସେକ ରିୟାସତ ଅଲି,ଚାନ୍ଦ ଖାଁ, ଶ୍ରୀକାନ୍ତ ମଲ୍ଲିକ, ସୁବାସ ପରିଡା ଓ କାଳିକିଙ୍କର ସାମଲ ପ୍ରମୁଖ ଯୋଗଦେଇ ଥାନା ଅଞ୍ଚଳରେ ବିଭିନ୍ନ ଚୋରା କାରବାର ବନ୍ଦ,ବଜାର ଭିତରେ ଟ୍ରାଫିକ ନିୟନ୍ତ୍ରଣ ସହିତ ଥାନା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଜୟ ଜେନା,କରୁଣାକର ରଣା, ରମେଶ ଚନ୍ଦ୍ର ଗଡନାୟକ, ସେକ ଅବଦୁଲ ମଜିଦ, ବଟକୃଷ୍ଣ ଦାସ, ଖଗେଶ୍ୱର ବେହେରା, କାର୍ତ୍ତିକଚନ୍ଦ୍ର ନାୟକ, ଅଶୋକ କୁମାର ରାଉତଙ୍କ ସହ ବହୁ ନେତୃବୃନ୍ଦ ବଡଚଣା ସମେତ ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପାଇବା ସହ ଆଇନ ଶୃଙ୍ଖଳା ଭୁଶୁଡି ପଡିଥିବା ଅଭିଯୋଗ କରିଥିଲେ । ଶେଷରେ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ଦାବିପତ୍ରକୁ ଥାନାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା ।

## ହରଘର ତ୍ରିରଙ୍ଗା

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ନିର୍ବାଚନମଣ୍ଡଳୀର ଆରୁହା ଜୋନରେ ଆଜି ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସାରା ଦେଶରେ ସ୍ୱାଧିନତା ଦିବସକୁ ଅମୃତ ମହୋତ୍ସବ ଭାବେ ପାଳନ କରାଯାଉଛି । ଏହି କ୍ରମରେ ଆଜି ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଆରୁହା ମଣ୍ଡଳ ଅନ୍ତର୍ଗତ ଗଙ୍ଗାଧରପୁର ପଂଚାୟତରେ ହରଘର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ଶୋଭାଯାତ୍ରାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ କର୍ମୀମାନଙ୍କ ସହ ଶୋଭାଯାତ୍ରାରେ ଘରକୁ ଘର ବୁଲି ସ୍ୱାଧିନତାର ଅମୃତ ମହୋତ୍ସବ ସମ୍ପର୍କରେ ଅବଗତ କରିବା ସହ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ମନରେ ଦେଶପ୍ରେମ ଜାଗୃତ କରିବା ଲକ୍ଷନେଇ ଏହି ଶୋଭାଯାତ୍ରାର ଆୟୋଜନ କରାଯାଇଛି ବୋଲି କହିଥିଲେ ।

## ନାବାଳିକାକୁ ବିବାହ କରି ପୋଲିସ ଏସ ଆଇ ଫେରାର ଘଟଣା
## ପୀଡିତାଙ୍କୁ ସହକାରୀ ଥାନା ଅଧିକାରୀଙ୍କ ଧମକ

ଜଗତସିଂହପୁର,(ସବ୍ୟୁ) :ନାବାଳିକାକୁ ବିବାହ କରି ପୋଲିସ ଏସ ଆଇ ଫେରାର ଘଟଣାରେ ପୁଣି ଏକ ନୂଆ ମୋଡ଼ । ଅଭିଯୁକ୍ତ ପୋଲିସ ସବ ଇନ୍ସପେକ୍ଟର ଅମିତ ପାଢ଼ୀଙ୍କୁ ଗିରଫ କରିବା ବଦଳରେ ଜଗତସିଂହପୁର ସହକାରୀ ଥାନା ଅଧିକାରୀ ଦିଲ୍ଲୀପ କାଣ୍ଡି ଓଲଟା ପିଡ଼ିତାଙ୍କୁ ଧମକ ଦେଉଥିବା ଅଭିଯୋଗ କରିଛନ୍ତି ପିଡିତା । ପିଡିତାଙ୍କ ମାଆ ନ୍ୟାୟ ପାଇଁ ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲିବା ପରେ ସମ୍ପୃକ୍ତ ସହକାରୀ ଥାନା ଅଧିକାରୀ ଦିଲୀପ କାଣ୍ଡି ହୋଇଛନ୍ତି ପ୍ରତିକ୍ରିୟାଶୀଳ । ପିଡିତା ଓ ତାଙ୍କ ମାଆ ନ୍ୟାୟ ପାଇଁ ପୂର୍ବରୁ ଥାନାକୁ ବାରମ୍ବାର ଯାଇଥିବା ବେଳେ ତଦନ୍ତ ଦାୟିତ୍ୱରେ ଥିବା ଜଗତସିଂହପୁର ସହକାରୀ ଥାନା ଅଧିକାରୀ ଶ୍ରୀ କାଣ୍ଡି ତାଙ୍କୁ କେସ କିଛି ବୁଝାଯିବନି ବୋଲି କୁଆଡେ ରୋକ ଠୋକ କହିଥିବାର ପିଡିତା ଓ ତାଙ୍କ ମାଆ ଗଣ ମାଧ୍ୟମରେ ଅଭିଯୋଗ କରିଥିଲେ । ଏହାକୁ ନେଇ ସମ୍ପୃକ୍ତ ଥାନା ଅଧିକାରୀ ରିଆକ୍ଟିଭ ହୋଇ ପିଡ଼ିତାଙ୍କୁ ଫୋନ ମାଧ୍ୟମରେ ଧମକ ଦେଇଛନ୍ତି ବୋଲି ପିଡିତା ଗଣମାଧ୍ୟମରେ ଅଭିଯୋଗ କରିଥିଲେ । ସମ୍ପୃକ୍ତ ଥାନା ଅଧିକାରୀ ପିଡିତାଙ୍କ ମାଆଙ୍କୁ ଏକ କେସରେ ବୁକ କରିଦେଲେ କେମିତି ହେବ ବୋଲି ଫୋନରେ କହି ଏକ ପ୍ରକାର ଧମକ ଦେଇଛନ୍ତି । ଯାହାର ଅଡିଓ ଭାଇରାଲ ହେବା ପରେ ତଦନ୍ତକାରୀ ଅଧିକାରୀ ତଥା ଜଗତସିଂହପୁର ସଦର ଥାନାର ଅତିରିକ୍ତ ଥାନା ଅଧିକାରୀ ଦିଲ୍ଲୀପ କାଣ୍ଡି ବିବାଦକୁ ଆସିଛନ୍ତି । ଜଣେ ନାବାଳିକା ପିଡିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ତାଙ୍କ ମାଆଙ୍କ ନାଁରେ କେସ ଦେବାକୁ କହି ଥାନା ବାବୁ ତାଙ୍କୁ ଏକ ପ୍ରକାର ମାନସିକ ନିର୍ଯାତନା ଦେଇ ଭୟଭୀତ କରିବା ଘଟଣା ତଦନ୍ତ ର ନିରପକ୍ଷତା କୁ ନେଇ ସନ୍ଦେହ ସୃଷ୍ଟି କରିଛି । ଏହା ସହିତ ସମ୍ପୃକ୍ତ ଥାନା ଅଧିକାରୀ କହିଥିଲେ ଯେ ପିଡିତାଙ୍କ ବିବାହ ସମୟରେ ତାଙ୍କ ପରିବାର ଲୋକ ସାମିଲ ରହିଥିଲେ । ମାତ୍ର ଏହାକୁ ନେଇ ଥାନା ଅଧିକାରୀଙ୍କ ଜବାବ ରଖିଥିଲେ ପିଡିତା । ବିବାହ ସମୟରେ କେହି ପରିବାର ଉପସ୍ଥିତ ନଥିଲେ ବୋଲି ପିଡିତା ଜବା ରଖିଥିଲେ । ଆଗେ ପରିବାର ଲୋକଙ୍କ ସାମିଲ ରହିଥିବା ଭିଡ଼ିଓ ଓ ଫଟୋ ଦେଖାନ୍ତୁ । ପରେ ଗିରଫ କରିବେ ବୋଲି ପିଡିତା ଥାନା ଅଧିକାରୀଙ୍କୁ ଜବାବ ରଖିଥିଲେ । ସେହିପରି ପିଡିତାଙ୍କ ଓକିଲ ସରୋଜ ବିଶ୍ୱାଳ ମଧ୍ୟ ବିବାହ ସମୟରେ କେହି ପରିବାର ଲୋକେ ଉପସ୍ଥିତ ନଥିଲେ ବୋଲି ସ୍ପଷ୍ଟ କରିଛନ୍ତି । ଥାନା ଅଧିକାରୀଙ୍କ ପିଡିତାଙ୍କୁ ଧମକ ଘଟଣା ବାବଦରେ ଜଗତସିଂହପୁର ଏସ୍ପି କିଛି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି । ଆଡିସନାଲ ଆଇ ଆଇ ସି ଦିଲୀପ କାଣ୍ଡି ଙ୍କ ସହ ଯୋଗାଯୋଗ କରିବାରୁ ସେ ପିଡିତାଙ୍କୁ ଅଭିଯୁକ୍ତର ଫେସବୁକ ଆଇ ଡି ମାଗିଥିଲେ । ସେ ତାଙ୍କୁ କୌଣସି ଧମକ ଦେଇ ନାହାଁନ୍ତି ବୋଲି ସଫେଇ ଦେଇଛନ୍ତି ।ତେବେ ତଦନ୍ତ ଦାୟିତ୍ୱ ରେ ଥିବା ପୋଲିସ ଅଧିକାରୀ ଯଦି ତଦନ୍ତ ସମୟରେ ପିଡିତାଙ୍କୁ ଧମକ ଦେବେ ତାହେଲେ ତଦନ୍ତର ଦିଗ ଓ ନିରପକ୍ଷତା କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ ବୋଲି କୁହାଯାଉଛି । ତେଣୁ ଏହି ଘଟଣାକୁ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଗୁରୁତ୍ୱ ଦେଇ ପିଡିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି ହେଉଛି ।

## ବୈତରଣୀ ନଦୀରେ ବୁଡ଼ି ପ୍ରାକ୍ତନ ପୁଲିସ୍ କର୍ମଚାରୀ ମୃତ

ଯାଜପୁର,(ସ.ବ୍ୟୁ): ପଣସା ଗ୍ରାମ ପଞ୍ଚାୟତ ବିନ୍ଧାଣ ଗ୍ରାମର ପୂର୍ବତନ ପୁଲିସ୍ କର୍ମଚାରୀ ପ୍ରଦ୍ୟୁମ୍ନ କୁମାର ନନ୍ଦ ପୁରୁଣା ବୈତରଣୀ ନଦୀ ଅତିକ୍ରମ କରି ତାଙ୍କର ବାଡ଼ିରୁ ଫେରୁଥିବା ବେଳେ ନଦୀରେ ବୁଡ଼ି ଯାଇଥିଲେ। ନଦୀର ପାଶ୍ୱବର୍ତ୍ତୀ ଅଞ୍ଚଳରେ ଛେଳି ଚରାଉଥିବା ଲୋକମାନେ ହାଉଳି ଖାଇ ଚିତ୍କାର କରି ନନା ନନା ଡାକ ପକାଇଥିଲେ ହେଲେ ତାଙ୍କର କୌଣସି ଶ୍ୱର ମିଳିନଥିଲା। ସ୍ଥାନୀୟ ଲୋକମାନେ ବହୁତ ଖୋଜା ଖୋଜି କରିବା ପରେ ଅସଫଳ ହେବାରୁ, ଦମକଳ ବିଭାଗ ଓ ପୋଲିସ୍ ବିଭାଗକୁ ଖବର ଦିଆଯାଇଥିଲା। ପୁଲିସ୍ ଓ ଦମକଳ ବାହିନୀ ଆସି ବୋହୁ ଖୋଜା ଖୋଜି କରିବା ସହ ସ୍ଥାନୀୟ ମୋଟରଙ୍ଗପାଳର କିଛି ବ୍ୟକ୍ତିଙ୍କ ସହାୟତାରେ ଶ୍ରୀ ନନ୍ଦିଙ୍କୁ ଠାବ କରାଯାଇଥିଲା ଓ ସଙ୍ଗେ ସଙ୍ଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିବା ସହ ଶବ ବ୍ୟବଚ୍ଛଦ କରାଯାଇ ପୁଲିସ୍ ମୃତ ବ୍ୟକ୍ତିଙ୍କ ପରିବାରକୁ ହସ୍ତାନ୍ତର କରିଥିଲେ। ନଦୀର ଶ୍ରୋତରେ ଗୋଡ଼ ଟଳମଳ ହେବା ସହ ସେ ନଦୀରେ ଭାସି ଯାଇଥିଲେ ଓ କିଛି ବାଟ ପାରେ ବୁଡ଼ିଯାଇଥିଲେ। ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁସାରେ ବୈତରଣୀ ନଦୀରେ ଅତ୍ୟଧିକ ବାଲିଖନନ ଓ ନଦୀର ଚଟାଣ ଅସମାନ ହୋଇଥିବାରୁ ଏହି ଭଳି ଆକସ୍ମିକ ମୃତ୍ୟୁ ଘଟିଲା ବୋଲି ସ୍ଥାନୀୟ ଲୋକେ ଦାବୀ କରନ୍ତି। ତାଙ୍କର ମୃତ୍ୟୁରେ ଗ୍ରାମ ଓ ସମଗ୍ର ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି। ଶେଷକୃତ୍ୟ ଆଙ୍କୁଲା ହରମୁକୁନ୍ଦ ମହା ଶ୍ମଶାନରେ ସମ୍ପାଦନ ହୋଇଅଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ବର୍ଷ ହୋଇଥିଲା, ତାଙ୍କର ଏକମାତ୍ର ପୁଅ ଦିଲୁ ନନ୍ଦ ମୁଖାଗ୍ନି ଦେଇଥିଲେ।

## ନାଳରେ ୨୦ ଫୁଟ ବିରାଟକାୟ କୁମ୍ଭୀର

ରାଜନଗର,(ସବ୍ୟୁ) : ରାଜନଗରବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଜରିମୁଳ ବଜାର ର ବ୍ୟାଙ୍କ ଅଫ ବରୋଦା ନିକଟ ନାଳରେ ବିରାଟକାୟ ପ୍ରାୟ ୨୦ ଫୁଟର ବଉଳା କୁମ୍ଭୀର ଭାସିବା ସହିତ କେନାଲ ନିକଟରେ ଥିବା ଚାଷଜମି ଉପରକୁ ଉଠି ଶୋଇଥିବା ଦେଖିବାକୁ ମିଳିଛି । ପୂର୍ବରୁ ଏହି କୁମ୍ଭୀର ମହିଳାଙ୍କୁ ଟାଣି ନେଇ ଖାଇଥିବାରୁ ପୁଣି ଆକ୍ରମଣର ଆଶଙ୍କା କରି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଛନ୍ତି । ବନବିଭାଗକୁ ସ୍ଥାନୀୟ ଲୋକେ ଖବର ଦେବା ପରେ ବି ବନବିଭାଗ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କୁ ପଚାରିବାରୁ ଖବର ପାଇବା ପରେ କୁମ୍ଭୀରକୁ ଜାଲ ମାଧ୍ୟମରେ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି କହିଛନ୍ତି ।

## ବଦଳିଲା ନାରୀ ସୁରକ୍ଷା ସଂଗଠନ ତେଜସ୍ୱୀନୀର ସ୍ୱର

ରଘୁନାଥପୁର,(ସବ୍ୟୁ) : ରଘୁନାଥପୁର ଥାନା ଅନ୍ତର୍ଗତ ଅଯୋଧାପୁର ଗ୍ରାମର ଜନୈକା ମହିଳା ନିଜ ଶ୍ୱଶୁର ଙ୍କ ନାମରେ କରିଥିବା ଯୌନ ନିର୍ଯାତନା ଅଭିଯୋଗ ନେଇ ନାରୀ ସୁରକ୍ଷା ସଂଗଠନ ତେଜସ୍ୱୀନି ର ସ୍ୱର ବଦଳିଛି । କିଛି ମତଲବି ମହିଳାଙ୍କ ପାଇଁ ଆଜି ସମାଜରେ ନାରୀ ଅସୁରକ୍ଷିତ ହେଉଥିବା କହିଛନ୍ତି ସୁରକ୍ଷା ସଂଗଠନର ସଭାନେତ୍ରୀ ଅଞ୍ଜନା ସାହୁ । ଗତ କିଛି ଦିନ ତଳେ ରଘୁନାଥପୁର ଥାନା ଅଞ୍ଚଳ ଅଯୋଧାପୁର ଗ୍ରାମର ଜନୈକା ମହିଳା ତାଙ୍କ ଶ୍ୱଶୁର ତାଙ୍କୁ ଯୌନ ନିର୍ଯାତନା ଦେଉଥିବା ଏବଂ ରଘୁନାଥପୁର ଥାନାରେ ଏ ବାବଦରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଏହାକୁ ଘଣ୍ଟ ଘୋଡାଉଥିବା ନେଇ ସେ ଜଗତସିଂହପୁର ସ୍ଥିତ ତେଜସ୍ୱୀନି ନାରୀ ସୁରକ୍ଷା ସଂଗଠନ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଏହି ସଂଗଠନ ତାଙ୍କୁ ସାଥିରେ ଧରି ଜଗତସିଂହପୁର ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିବା ସହିତ ରଘୁନାଥପୁର ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ କରିଥିଲେ ଏବଂ ଜଣେ ନାରୀ ବର୍ତ୍ତମାନ ଘରେ ହେଉକି ବାହାରେ,ଆଦୌ ସୁରକ୍ଷିତ ନୁହଁନ୍ତି ବୋଲି ବିଭିନ୍ନ ସୋସିଆଲ ମିଡିଆ ଆଗରେ ପ୍ରକାଶ କରିଥିଲେ । ସେତେବେଳେ ଏହି ଘଟଣାଟି ସାରା ରାଜ୍ୟରେ ଚହଳ ପକାଇଥିବା ବେଳେ ଶ୍ୱଶୁର ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପତ୍ନୀ ଅଞ୍ଜଳି ସାହୁ ନିଜ ପୁଅ ବୋହୂଙ୍କ କାରନାମା ନେଇ ରଘୁନାଥପୁର ଥାନାରେ ପାଲଟା ଅଭିଯୋଗ କରିବା ସହିତ ତେଜସ୍ୱୀନି ମହିଳା ସଂଗଠନ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ଘଟଣାର ସତ୍ୟାସତ୍ୟ ପରକ୍ଷିବାକୁ ଯାଇ ଗତକାଲି ଏହି ସଂଗଠନର ସଭାନେତ୍ରୀ ଶ୍ରୀମତୀ ସାହୁଙ୍କ ସହିତ ସଂଗଠନର ସଦସ୍ୟା କାମିନୀ ମିଶ୍ର, ପୁଷ୍ପଲତା ସାହୁ ଓ ଅଞ୍ଜନା ମହାନ୍ତି ଅଯୋଧାପୁର ଗ୍ରାମକୁ ଗସ୍ତ କରିଥିଲେ । ସେଠାରେ ଘରର ପାରିପାର୍ଶ୍ୱିକ ଅବସ୍ଥା, ଗ୍ରାମବାସୀଙ୍କ ମତାମତ ଏବଂ ଉଭୟ ଅଭିଯୋଗକାରୀଙ୍କ ବୟାନ ଅନୁଯାୟୀ ଶ୍ୱଶୁର ପୂର୍ଣ୍ଣଚନ୍ଦ୍ରଙ୍କ ଉପରେ କରାଯାଇଥିବା ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ ଓ କପୋଳକଳ୍ପିତ ବୋଲି ସଂଗଠନର ସଭାନେତ୍ରୀ ଓ ସଦସ୍ୟମାନେ ରଘୁନାଥପୁର ଥାନା ପରିସରରେ ବିଭିନ୍ନ ଗଣମାଧ୍ୟମ ନିକଟରେ ପ୍ରକାଶ କରିଥିଲେ । ଏଥି ସହିତ ଜମିବାଡ଼ି ସଂକ୍ରାନ୍ତିୟ ଗଣ୍ଡଗୋଳ ନେଇ ଏଭଳି ଏକ ବିଭ୍ରାନ୍ତିକର ଅଭିଯୋଗ କରାଯାଇଛି ବୋଲି ସଂଗଠନ ପୋଲିସ ନିକଟରେ ପ୍ରକାଶ କରିଛି । ତେବେ ଏହି ଘଟଣାରେ ରଘୁନାଥପୁର ପୋଲିସ ଉଭୟ ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ଉଭୟଙ୍କ ନାମରେ ୧୬୭/୨୫ ଓ ୧୬୮/୨୫ନଂରେ ଦୁଇଟି ପୃଥକ ପୃଥକ ମୋକଦ୍ଦମା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

## ହଜାରେ ଚାରା ବାଣ୍ଟିଲେ ସରପଞ୍ଚ



ନାଉଗାଁ,(ସବ୍ୟୁ) :ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆଜିଠାରୁ ନାଉଗାଁ ବ୍ଲକ ଘୋଡ଼ାଂଶ ପଞ୍ଚାୟତରେ ଆରମ୍ଭ ହୋଇଛି । ଏହା ଆଗାମୀ ପାଞ୍ଚଦିନ ଧରି ଚାଲିବାକୁ ଥିବାବେଳେ ଆଜି ପ୍ରଥମ ଦିନରୁ ମୁଗେଇ, ପାଟଣା, ଓଡ଼ପଏଙ୍ଗା, ଜାମୁଦଣ୍ଡା, ଘୋଡାଂଶ ଓ ତୋଟାପାଟଣା ଠାରେ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ଏକ ହଜାର ଚାରାରୋପଣ କରିବା ପାଇଁ ସରପଞ୍ଚ ନିହାର ରଞ୍ଜନ ବସ୍ତିଆ ବଣ୍ଟନ କରିଛନ୍ତି । ପଞ୍ଚାୟତରେ ଆସନ୍ତା ପାଞ୍ଚଦିନ ପର୍ଯ୍ୟନ୍ତ ପାଞ୍ଚହଜାର ଚାରା ଗଛ ବଣ୍ଟନ କରାଯାଇ ପଞ୍ଚାୟତକୁ ଏକ ସବୁଜ ପଞ୍ଚାୟତ କରିବା ପାଇଁ ସରପଞ୍ଚ ପ୍ରାୟଶଃ ଆରମ୍ଭ କରିଛନ୍ତି । ଗତ ଦୁଇ ବର୍ଷ ଧରି ବିଭିନ୍ନ ଦେବାଦେବୀ ମନ୍ଦିରରେ ମେଗା ବୃକ୍ଷ ରୋପଣ ଓ ଗାଁ ପାଇଁ ଦିନଟିଏ କାର୍ଯ୍ୟକ୍ରମ କରି ସରପଞ୍ଚ ପଞ୍ଚାୟତବାସୀଙ୍କର ଅସ୍ଥା ସାଉଁଟି ଥିବା ବେଳେ ଚଳିତ ବର୍ଷ ସବୁଜ ପଞ୍ଚାୟତ ଲକ୍ଷ୍ୟ ଏହି ପଞ୍ଚାୟତକୁ ଆଗାମୀ ଦିନରେ ଏକ ଗ୍ରୀନ ପଞ୍ଚାୟତ ରୂପେ ଗଢି ତୋଳିବ ବୋଲି ଜଣାପଡିଛି ।

## ପୋଲିସର ସଫଳତା: ନିଖୋଜ ଛାତ୍ରର ମିଳିଲା ସନ୍ଧାନ

ମାହାଙ୍ଗା,(ସବ୍ୟୁ) : ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ପୋଡାମରାଇ ପଂଚାୟତର ଅଲିଅରା ଗ୍ରାମର ସୁରେନ୍ଦ୍ର ଖଟୁଆଙ୍କ ପୁଅ ବିଶ୍ୱଜିତ୍ ଖଟୁଆ (୧୬) ଅଜଣା ବ୍ୟକ୍ତିଙ୍କ ସହିତ ନିଖୋଜ ହୋଇଥିବା ତା.୨୧.୦୩.୨୦୨୫ ରିଖରେ ଅଭିଯୋଗ ହୋଇଥିଲା । ଭଦ୍ରେଶ୍ୱର ଥାନାରେ ୧୨/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରୀ ରଖିଥିଲା । ଏଠାରେ ସୂଚନାଯୋଗ୍ୟ ଯେ ବିଶ୍ୱଜିତ୍ ମାଟ୍ରିକ ପରୀକ୍ଷା ଦେଇଥିଲେ । ତା ୧୯.୦୩.୨୦୨୫ ରିଖରେ ସେ ଜଣେ ଅଜଣା ବ୍ୟକ୍ତିଙ୍କ ବାଇକ୍‌ରେ ବସି ପଳାଇଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା । ସଂଧ୍ୟାରେ ବିଶ୍ୱଜିତ୍ ଘରକୁ ନ ଫେରିବାରୁ ପରିବାର ପକ୍ଷରୁ ଭଦ୍ରେଶ୍ୱର ଥାନାରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା । ଭଦ୍ରେଶ୍ୱର ଥାନା ଅଧିକାରିଣୀ ସଂଧ୍ୟାରାଣୀ ସିଂ ଏହି ଘଟଣାକୁ ଗୁରୁତର ସହ ନେଇ ଖୋଜା ଖୋଜି ଆରମ୍ଭ କରିଥିଲେ । ନିଖୋଜ ହେବାର ୫ ମାସ ପରେ ଭଦ୍ରେଶ୍ୱର ପୋଲିସକୁ ବଡଧରଣର ସଫଳତା ମିଳିଛି । ଜଗତ୍‌ସିଂହପୁର ଜିଲ୍ଲାର ଶାରଳା ମନ୍ଦିର ପାଖରୁ ବିଶ୍ୱଜିତ୍‌ର ସନ୍ଧାନ ମିଳିଥିଲା । ଯାହା ଫଳରେ ପରିବାର ଲୋକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

## ନିଟ ମେଡିକାଲ ପାଇଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କୁଆଖିଆ,(ସବ୍ୟୁ): ରସୁଲପୁର ବ୍ଲକ ନୂଆହାଟ ପ୍ରାଥମିକ ଓ ଉ ପ୍ରା ବିଦ୍ୟାଳୟ ପରିସରରେ ନି ଟ ମେଡିକାଲ ପାଇଥିବା ଛାତ୍ରୀ ତଥା ସ୍କୁଲ ର ପୁରାତନ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟିଙ୍କୁ ଆଜି ସ୍କୁଲ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି । ଉ ପ୍ରା ପ୍ରଧାନ ଶିକ୍ଷକ ଇନ୍ଦ୍ରମଣି ରାଉତଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅଧାପକ ପ୍ରକାଶ ଚନ୍ଦ୍ର ରଥ, ପ୍ରଧାନଶିକ୍ଷକ ବିଦ୍ୟୁଭୂଷଣ ଦାଶ, ନରେନ୍ଦ୍ର ଦାସ, ଦେବକୀ ସେଠି, ଭାବିଲତା ସାହୁ, ବିଶ୍ୱଜିତ ମହାନ୍ତି, ଆଶୁତୋଷ ସାହୁ, ବିଶ୍ୱରଂଜନ ଖୁଣ୍ଟିଆ, ସ୍କୁଲ ସଭାପତି ଅଜୟ କୁମାର ସାହୁ, ୱାର୍ଡ ମେମ୍ବର ସନ୍ଧ୍ୟାରାଣୀ ପାତ୍ର, ସଭ୍ୟ ଜୟନ୍ତୀ ମହାଳିକ, ଅଶୋକ ମହାଳିକ, ଉ ପ୍ରା ସ୍କୁଲ ସଭାପତି ସଞ୍ଜୟ ମଳିକ, କୃତୀ ଛାତ୍ରୀର ପିତା ବାଇଧର ପୃଷ୍ଟି, ଜୟନ୍ତୀ ସାହୁ ଯୋଗଦେଇ ପ୍ରିୟଙ୍କା ସଫଳତା ପାଇଁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ରାଜରାସ୍ତାରୁ ରାଜକୀୟ ଢଙ୍ଗରେ ଲୁଟ୍

ପାରାଦୀପ,( ଜି. ପ୍ର ): ଦିନ ତମାମ ଶୋଇ ରହୁଛନ୍ତି ଆଉ ଠିକ ରାତି ଏଗାରଟା ବାଜିଲେ ରାଜପଥକୁ ଆସୁଛନ୍ତି । ଭୋର ହେବା ପୂର୍ବରୁ ପ୍ରାୟ ଦଶଟି ହାଇୱା ଓ ଜେସିବି ମେସିନ ସାହାଯ୍ୟରେ ଖୋଳି ନେଇଛନ୍ତି ଶହେରୁ ଉର୍ଦ୍ଧ ଟ୍ରିପ ମାଟି ଆଉ ମାଟି ଉଠୁଥିବା ସ୍ଥାନରେ ସୃଷ୍ଟି ହେଉଥିବା ଖାଲକୁ ପୂରଣ କରିବା ପାଇଁ ସମ ପରିମାଣର ଜିପସମ ଆସି ଖାଲକୁ ପୋତି ଭରଣା କରି ଦିଆଯାଉଛି ରାଜପଥର । ରାଜରାସ୍ତାରେ ଏଭଳି ରାଜକୀୟ ଢଙ୍ଗରେ ଏବେ ଅତି ଚତୁରତାର ସହ ଲୁଟ ଚାଲିଛି । ଚଣ୍ଡିଖୋଲରୁ ପାରାଦୀପ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ପ୍ରତି ରାତିରେ ଲୁଟେରାମାନେ ଅଭିନୟ ଉପାୟରେ ଏଭଳି ମାଟି ଲୁଟ କରୁଛନ୍ତି । ରାସ୍ତା କଡରୁ ପ୍ରତିଦିନ ଉଠୁଥିବା ଶହଶହ ଟ୍ରିପ ମାଟି ବିଭିନ୍ନ ପ୍ରାଇଭେଟ ପ୍ଲଟରେ ପକାଯାଇ ବେଶ ଭଲ ଟଙ୍କା ଉପାର୍ଜନ ମଧ୍ୟ ହେଉଛି । ଗତ ଗ୍ରୀଷ୍ମ ଋତୁରେ ଇଡକୋ ଜମିରୁ ହଜାର ହଜାର ଟ୍ରିପ ମାଟି ଲୁଟ କରି ଦିନ ଦ୍ୱିପହରରେ ଲୁଟେରା କୋଟିପତି ହେଲେ ଆଉ ସରକାରଙ୍କ ରାଜସ୍ୱକୁ ଟଙ୍କାଟିଏ ମଧ୍ୟ ଗଲା ନାହିଁ । କିଛି ଲୁଟେରା ବନ୍ଦର ନଗରୀ ଓ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ସରକାରୀ ଓ ବେସରକାରୀ ଜମିରୁ ମାଟି ଲୁଟ କରି ଢେର ଅର୍ଥ ଉପାର୍ଜନ କରିଥିବା ବେଳେ ଏବେ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ଓ ଏହି ମଉକାରେ ଛକା ମାରିବା ଲକ୍ଷ୍ୟ ନେଇ ରାତିରେ ଲୁଟର ଖେଳ କରିବାରେ ବ୍ୟସ୍ତ ପ୍ରଶ୍ନ ଉଠୁଛି । ଏହି ରାସ୍ତାରେ କଣ ରାତି ସମୟରେ ପୋଲିସ ପାଟ୍ରୋଲିଂ ହେଉନାହିଁ ଯଦି ହେଉଛି ତେବେ ପୋଲିସ କରୁଛି କଣ । ଅନ୍ୟପକ୍ଷରେ ରାତି ସମୟରେ ରାସ୍ତାରେ ମାଟି ଲୁଟ ହୋଇ ଖାଲ ସୃଷ୍ଟି ହେଉଥିବା ବେଳେ ସେଥିରେ ଜିପସମ ପକା ଯାଉଚି ଅର୍ଥାତ ମାଟି ଲୁଟକୁ ସମର୍ଥନ କରାଯାଉଛି । ଗତକାଲି ତାରିଣୀଗଡ଼ା ପାଖ ଏକ ବାର ଆଗରେ ବିଳମ୍ବିତ ରାତିରେ ପ୍ରବଳ ପାଟିତୁଣ୍ଡ ଏହି ମାଟି ଲୁଟ ପାଇଁ ହେଉଥିବା ଓ ଗଡ ବଜାର ପାଖରେ ଏକ ମାଟି ବୋଝେଇ ହାଇୱା ଦୀର୍ଘ ସମୟ କାଦୁଅରେ ଗଳି ପଡ଼ିବା ଆଲୋଚନା ହେଉଛି । ପୋଲିସ ଓ କୁଜଙ୍ଗ ତହସିଲ ଏବଂ ରାଜପଥ ବିଭାଗ ଏଠାରେ ଥିବା ସିସିଟିଭି ଫୁଟେଜକୁ ତଦନ୍ତ କଲେ ପ୍ରକୃତ ଲୁଟେରାଙ୍କ ସନ୍ଧାନ ପାଇ ପାରନ୍ତା ଓ ମାଟି ଲୁଟର ଗୁମର ଖୋଲିପାରନ୍ତା ବୋଲି ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି । କାହା ଇଙ୍ଗିତରେ କାହାର ଛତ୍ରଛାୟା ତଳେ ରହି ଲୁଟେରା ମାନେ ମାଟି ରାଜପଥରୁ ଲୁଟ କରି ଜିପସମ ଭରିଛନ୍ତି ଓ ପ୍ରଶାସନ କଣ ପାଇଁ ଏମାନଙ୍କ ପାଖ ମାଡି ପାରୁନାହିଁ ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଜିଲ୍ଲା ରାଜସ୍ୱ ଅମଲା ସଂଘର ୧୦ ଦଫା ଦାବିନେଇ ଧାରଣା

କେନ୍ଦ୍ରାପଡା,(ସବ୍ୟୁ) : ରାଜ୍ୟ ଅମଲା ସଂଘଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ଜିଲ୍ଲା ଅମଲା ସଂଘ ତରଫରୁ ୧୦ ଦଫା ଦାବିନେଇ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସମୂହ ଧାରଣା ଦିଆଯାଇଛି । ଜିଲ୍ଲା ସଭାପତି ସୁକା' କୁମାର ଜେନାଙ୍କ ନେତୃତ୍ୱରେ ଏହି ଧାରଣାରେ ଜିଲ୍ଲାର ସମସ୍ତ ରାଜସ୍ୱକର୍ମଚାରୀ ସାମିଲ ହୋଇ ସକାଳ ୧୦ଟା ରୁ ସଂନ୍ଧ୍ୟା ୫ଟା ପର୍ଯ୍ୟ' ବସି ରହିଥିଲେ । ଦୀର୍ଘ ବର୍ଷ ହେଲା ଏମାନଙ୍କର ଦାବି ଗୁଡିକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉ ନଥିବାରୁ ବାଧ ହୋଇ ଅମଲା ସଂଘ ତରଫରୁ ଧାରଣା ଦିଆଯାଇଛି । ୧୦ ଦଫା ଦାବି ଗୁଡିକ ମଧ୍ୟରୁ ଜିଲ୍ଲାରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଆରଏସପି ୨୦୧୭ ମସିହା ନିୟମ ଅନୁଯାଇ ଲେବୁଲ-୯କୁ ବୃଦ୍ଧି କରାଯିବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପତ୍ର ସଂଖ୍ୟା- । ୬୯୮, ତା-୦୬.୦୧.୨୦୧୪, ପତ୍ର ସଂଖ୍ୟା-୭୦୮, ତା-୦୬.୦୧.୨୦୨୪, ପତ୍ର ସଂଖ୍ୟା-୮୮୯୮, ତା-୧୩.୦୩.୨୦୨୪ ଅନୁଯାଇ ସମଗ୍ର ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇ ଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି କରାଯିବା ସହିତ ପଦବୀ ପୁନଃଗଠନ କରାଯାଉ । ବରିଷ୍ଠ ରାଜସ୍ୱ ସହାୟକ ଏବଂ ଏଏସଓ ପଦବୀକୁ ଏକତ୍ରୀକରଣ କରାଯାଇ କେବଳ ଏଏସଓ ରଖାଯାଉ, ଏବଂ କନିଷ୍ଠ ରାଜସ୍ୱ ସହାୟକଙ୍କୁ ୪ ବର୍ଷ ରେସିଡେନ୍ସି ପିରିୟଡ ରଖାଯାଇ ଏଏସଓ ପଦବୀକୁ ପଦୋନ୍ନତି ଦିଆଯାଉ । ତହସିଲ କାର୍ଯ୍ୟାଳୟ ମାନଙ୍କରେ ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ମାମଲାକୁ ତ୍ୱରାନିତ୍ୱ କରାଯିବା ପାଇଁ ସେଠାରେ କାର୍ଯ୍ୟରତ ରାଜସ୍ୱ ସହାୟ ମାନଙ୍କୁ ଏଲଆରଏମଏସ ୟୁଜର ଆଇଡି ପ୍ରଦାନ କରାଯାଉ ପ୍ରଭୃତି ୧୦ ଦଫା ଦାବି ଗୁଡିକ ରହିଛି । ଏହି ଧାରଣାରେ ସଂପାଦକ ଶୈଳେନ୍ଦ୍ର ନାରାୟଣ ପ୍ରଧାନ, କାର୍ଯ୍ୟକାରୀ ସଭାପତି ପ୍ରଦିପ କୁମାର ଦାଶ ପ୍ରମୁଖଙ୍କ ସମେତ ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ସଂଘର କର୍ମକର୍ତା ଧାରଣାରେ ବସିଥିଲେ ।

## ଭଦ୍ରେଶ୍ୱର ଜୋନ୍‌ରେ ତ୍ରିରଙ୍ଗା ଯାତ୍ରା


ମାହାଙ୍ଗା,(ସବ୍ୟୁ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭଦ୍ରେଶ୍ୱର ମଣ୍ଡଳରେ ବିଜେପି ଜୋନ୍ ସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ ହୋଇଛି । ଏହି ପରୀପ୍ରେକ୍ଷୀରେ ଭଦ୍ରେଶ୍ୱର ବିଜେପି ମଣ୍ଡଳ ପକ୍ଷରୁ ଜୋନ୍ ସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ସୋମବାର ମଣ୍ଡଳର ସଭାପତି ଭକ୍ତ ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରାରେ ବହୁ ବିଜେପି କର୍ମୀ ସାମିଲ ହୋଇଥିଲେ । ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ଶତାଧିକ ବାଇକ୍ ସାମିଲ ହୋଇ ଏରକଣା ଭଞ୍ଜମଣ୍ଡପ ନିକଟରୁ ବାହାରି ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ସଫେଇ କରିଥିଲେ । ଏହି ଶୋଭାଯାତ୍ରାରେ ମହିଳା ନେତ୍ରୀ ଯାଜ୍ଞସେନୀ ଜେନା, କଟକ ଜିଲ୍ଲା ବିଜେପି ଉପସଭାପତି ମନୋରଂଜନ ନାୟକ, ଆମ୍ଭର ଅଧକ୍ଷ କିଶୋର ରାଉତ, ବରିଷ୍ଠ କୃଷକ ନେତା ବିଶ୍ୱନାଥ ଜେନା, ଗୌତମ ଶତପଥି ପ୍ରମୁଖ ସାମିଲ ହୋଇଥିଲେ ।

# କ୍ଷେତରେ ଟଳିପଡିଲେ ଚାଷୀ



ସାକ୍ଷୀଗୋପାଳ ,(ସବ୍ୟୁ): ପୁରୀ ଜିଲ୍ଲା ସତ୍ୟବାଦୀ ଥାନା ଅନ୍ତର୍ଗତ ବଳପୁର ଗ୍ରାମ ପଞ୍ଚାୟତ ଅଧିନ ଆନନ୍ଦପୁର ଗ୍ରାମର ଜଣେ ଚାଷୀ କାଶିନାଥ ସାହୁ (୫୫) କ୍ଷେତରେ କାମ କରିବା ସମୟରେ ମୃତ୍ୟୁ ବରଣ କରିଛନ୍ତି। କାଦୁଅ ଜମିରୁ ଘାସ ବାହାର କରୁଥିବା ସମୟରେ ଟାଣ ଖରାରେ ତାଙ୍କ ମୁଣ୍ଡ ବୁଲାଇଥିଲା। ସେ ରାସ୍ତା ପାର୍ଶ୍ୱରେ ଶଙ୍ଖ ଉପରକୁ ଉଠି ଆସିଥିଲେ। ହେଲେ ଅସହ୍ୟ ତାତିରେ ସେ ଶଙ୍ଖ ତଳ ପାଣି ମଧ୍ୟକୁ ଖସି ପଡିଥିଲା ପଡ଼ିଥିଲେ। ସେହିଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଘରୁ ଯିବା ସମୟରେ ସାଙ୍ଗରେ ନେଇଥିବା ଖିଲପାନ ଓ ବାହୁଡ଼ା ଶଙ୍ଖ ଉପରେ ରହିଥିବାବେଳ ସେ ମୁହଁ ମାଡି ପାଣି ଭିତରେ ପଡ଼ିଥିବା ଦେଖାଯାଇଛି। ଆନନ୍ଦପୁର ଓ କୁସୁମେଶ୍ୱର ରାସ୍ତାର ଏକ ନାଳରେ ଏହି ଅଘଟଣ ଘଟିଛି।ଖବରପାଇ ପରିବାର ଲୋକେ ଓ ଗ୍ରାମବାସୀ ମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଖବରପାଇ ସତ୍ୟବାଦୀ ଥାନା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# କେନ୍ଦ୍ର ଗୃହ , ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟିଲେ ଅଧ୍ୟକ୍ଷାଙ୍କ ପ୍ରତିନିଧି



ଖଣ୍ଡପଡ଼ା, (ସବ୍ୟୁ): କେନ୍ଦ୍ର ସରକାରଙ୍କ ଗୃହ ଏବଂ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଖଣ୍ଡପଡ଼ା ସହରାଞ୍ଚଳର ବିକାଶ ନିମନ୍ତେ ସହଯୋଗ ଲୋଡ଼ିଛନ୍ତି ଏନଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି ତଥା ସୁପ୍ରିମକୋର୍ଟ ଆଇନଜୀବୀ ବିଧାନ ଚନ୍ଦ୍ର ପ୍ରଧାନ। ଏଥିସହ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଖଣ୍ଡପଡ଼ା ଏନଏସିକୁ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ପ୍ରଦାନ କରିବା ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି। ନୂଆଦିଲ୍ଲୀ ଠାରେ କେନ୍ଦ୍ର ସରକାରଙ୍କ ଗୃହ ଏବଂ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସାହୁଙ୍କ ସହ ଆଲୋଚନା କାଳରେ ଏନଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି ଶ୍ରୀ ପ୍ରଧାନ ଉଲ୍ଲେଖ କରିଥିଲେ ଯେ ଓଡ଼ିଶାର ଏକ ଅଗ୍ରଣୀ ଏବଂ ଜିଲ୍ଲାର ସର୍ବପୁରାତନ ଏନଏସି ହେଉଛି ଖଣ୍ଡପଡ଼ା ଏନଏସି। ଏବେ ଏନଏସି ଅଧ୍ୟକ୍ଷା ଭାବେ ଆରତୀ ପ୍ରଧାନ ପ୍ରତିନିଧି କରୁଛନ୍ତି। ବର୍ତ୍ତମାନ ରାଜ୍ୟରେ ଡବଲ ଇଞ୍ଜିନ ସରକାର କାର୍ଯ୍ୟକ୍ଷମ ଥିବା ବେଳେ ଯଶଶି ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ମାତ୍ରାରେ ସମର୍ଥନ କରୁଛନ୍ତି ଏନଏସି ଅଧ୍ୟକ୍ଷା ଶ୍ରୀମତୀ ପ୍ରଧାନ। ମାତ୍ର ଖଣ୍ଡପଡ଼ା ଏନଏସିକୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପଞ୍ଚଦଶ ଅର୍ଥ କମିଶନରେ ଦିଆଯାଉଥିବା ଅର୍ଥ ଏଯାବତ ଦିଆଯାଇନାହିଁ। ଖଣ୍ଡପଡ଼ା ଏନଏସି ଆର୍ଥିକ, ଶିକ୍ଷାଗତ ଏବଂ ସାଂସ୍କୃତିକ ଉନ୍ନତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ବେଳେ ପଞ୍ଚଦଶ ଅର୍ଥ କମିଶନ ଅଧୀନରେ ମୌଳିକ ଓ ସଂଯୁକ୍ତ ଅନୁଦାନ ଅର୍ଥ ଏପର୍ଯ୍ୟନ୍ତ ନମିଳିବା ଯୋଗୁଁ ଅନେକ ବିକାଶମୂଳକ କାର୍ଯ୍ୟରେ ବାଧା ଉପୁଜିଛି। ଏହି ମୌଳିକ ଅନୁଦାନ ରାଶି ପ୍ରଦାନ କରାଗଲେ ସହରାଞ୍ଚଳର ରାସ୍ତାଘାଟ, ଡ୍ରେନେଜ ବ୍ୟବସ୍ଥା, ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା ସହଜ ହେବାସହ ସହରାଞ୍ଚଳର ସୌନ୍ଦର୍ଯ୍ୟକରଣ, ଆଲୋକୀକରଣ ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି କାର୍ଯ୍ୟ ସୁଦୃଢ ହେବ ଏବଂ ଏହି ଅନୁଦାନ ଏନଏସିକୁ ଅତ୍ୟାବଶ୍ୟକୀୟ ବିକାଶ କାର୍ଯ୍ୟ ଜାରି ରଖିବାରେ ସହାୟକ ହେବ। ତେଣୁ ଏସବୁକୁ ଦୃଷ୍ଟିରେ ରଖି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଖଣ୍ଡପଡ଼ା ଏନଏସିକୁ ୧୫ତମ ଅର୍ଥ କମିଶନ ଅନୁଦାନ ସମୟ ସୀମା ମଧ୍ୟରେ ପ୍ରଦାନ କରିବା ପାଇଁ କେନ୍ଦ୍ର ଗୃହ ଏବଂ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଶ୍ରୀ ପ୍ରଧାନ। ଅନ୍ୟପକ୍ଷେ ଅଧ୍ୟକ୍ଷାଙ୍କ ପ୍ରତିନିଧି ତଥା ସୁପ୍ରିମକୋର୍ଟ ଆଇନଜୀବୀ ଶ୍ରୀ ପ୍ରଧାନ ଭାରତୀୟ ପ୍ରଶାସନିକ ସେବା (ବରିଷ୍ଠ ଆଇଏଏସ) ଅଧିକାରୀ ବିନୟ କୁମାର ଝା ଏବଂ ଗୁରଜିତ ସିଂଙ୍କୁ ଭେଟି ଖଣ୍ଡପଡ଼ା ସହରାଞ୍ଚଳରେ ଆବାସ ଯୋଜନାରୁ ବଞ୍ଚିତ ରହିଥିବା ସମସ୍ତ ଯୋଗ୍ୟ ହିତାଧିକାରୀ ମାନଙ୍କୁ କିଭଳି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ଏବଂ ଆଗାମୀ ଦିନରେ ଖଣ୍ଡପଡ଼ା ସହରାଞ୍ଚଳରେ କିଭଳି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯାଇ ଯୁବପିଢୀଙ୍କୁ ରୋଜଗାର ଯୋଗାଇ ଦିଆଯିବ ସେ ଦିଗରେ ମଧ୍ୟ ଆଲୋଚନା କରିଛନ୍ତି। ଏହା ଉପରେ ପଦକ୍ଷେପ ନେବା ପାଇଁ ଆଶ୍ୱସ୍ତ କରିଥିବାରୁ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶ୍ରୀ ପ୍ରଧାନ କେନ୍ଦ୍ର ଗୃହ ଏବଂ ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଓ ଭାରତୀୟ ପ୍ରଶାସନିକ ସେବା (ବରିଷ୍ଠ ଆଇଏଏସ) ଅଧିକାରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ଏଲଆଇସିର ତ୍ରୈମାସିକ ଫଳାଫଳ ଘୋଷଣା

ଭୁବନେଶ୍ୱର, (ସବ୍ୟୁ) : ଭାରତୀୟ ଜୀବନ ବୀମା ନିଗମ (ଏଲଆଇସ) ର ନିର୍ଦ୍ଦେଶକ ମଣ୍ଡଳୀ ଜୁନ୍ ୩୦ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ସ୍ୱତନ୍ତ୍ର ଏବଂ ସମନ୍ୱିତ ଆର୍ଥିକ ଫଳାଫଳ ଘୋଷଣା କରିଛନ୍ତି । ତ୍ରୈମାସିକ ପାଇଁ କର ପରବର୍ତ୍ତୀ ଲାଭ ୧୦,୯୮୬ କୋଟି ଟଙ୍କା ଥିଲା ଯେଉଁଥିରେ ଜୁନ୍ ୩୦, ୨୦୨୪ ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ୧୦,୪୬୧ କୋଟି ଟଙ୍କା ତୁଳନାରେ ୫.୦୨% ବୃଦ୍ଧି ପାଉଥିବା ରେକର୍ଡ କରାଯାଇଛି ।

ପ୍ରଥମ ବର୍ଷ ପ୍ରିମିୟମ୍ ଆୟ ଦ୍ୱାରା ମାପ କରାଯାଇଥିବା ବଜାର ଅଂଶ ଦୃଷ୍ଟିରୁ ଭାରତୀୟ ଜୀବନ ବୀମା ବ୍ୟବସାୟରେ ବଜାର ନେତା ଭାବରେ ରହିଛି ।ତ୍ରୈମାସିକ ପାଇଁ ମୋଟ ପ୍ରିମିୟମ୍ ଆୟ ୧,୧୯,୨୦୦ କୋଟି ଟଙ୍କା ଥିଲା ଯେଉଁଥିରେ ୩୦ ଜୁନ୍ ୨୦୨୪ ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ୧,୧୩,୭୭୦ କୋଟି ଟଙ୍କା ତୁଳନାରେ ୪.୭୭% ବୃଦ୍ଧି ପଞ୍ଜିକରଣ କରାଯାଇଛି ।ପୂର୍ବ ବର୍ଷର ତୁଳନାତ୍ମକ ଅବଧି ପାଇଁ ୬୭,୧୯୨ କୋଟି ଟଙ୍କାରୁ ୭୧,୪୭୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ୬.୩୭% ବୃଦ୍ଧି ଦର୍ଶାଉଛି । ଜୁନ୍ ୩୦, ୨୦୨୫ ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ଗୋଷ୍ଠୀ ବ୍ୟବସାୟର ମୋଟ ପ୍ରିମିୟମ୍ ଆୟ ୬୭,୧୯୨ କୋଟି ଟଙ୍କା ଥିଲା । ୨୦୨୪ ଜୁନ୍ ୩୦ ତାରିଖରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ୪୬,୫୭୮ କୋଟି ଟଙ୍କା ତୁଳନାରେ ୪୭,୭୨୬ କୋଟି ଟଙ୍କା ବୃଦ୍ଧି ପାଇଛି, ଯାହା ୨.୪୬% ବୃଦ୍ଧି ଦର୍ଶାଉଛି ।

# ନାବାର୍ଡ ବ୍ୟାଙ୍କ ନାମରେ ଠକେଇ
# ପ୍ରାଥମିକ ସେବା ସମବାୟ ସମିତିକୁ ଆସୁଛି ଫେକ ଇମେଲ ଓ କଲ

ନିରାକାରପୁର,(ସବ୍ୟୁ):ଆଜିକାଲି ଅନଲାଇନ ରେ ମାତି ଛନ୍ତି ଲୁଟେରା । ନାବାର୍ଡ ବ୍ୟାଙ୍କ ନାମ ବ୍ୟବହାର କରି ପ୍ରଥମେ। ସୋଶାଇଟିକୁ ପଠା ଯାଉଛି ଫେକ ଇମେଲ । ଇମେଲରେ ପୁଣି ଭାରତ ସରକାରଙ୍କ ସମବାୟ ବିଭାଗ ର ଚିଠି ପଠା ଯାଉଛି ।ଯେଉଁଥିରେ ଶେଖର ବୋଷ ଙ୍କ ନାମରେ ଏକ ଦସ୍ତଖତ ଥିବାର ଜଣାପଡୁଛି ଏବଂ ପରେ ମୋବାଇଲ ନମ୍ବର୍ - *୯୧୨୪୭୪୯୯୯୪* ରେ କଲ ଆସୁଛି ପୁଣି କୁହା ଯାଉଛି ସମିତିର ସବୁ ତଥ୍ୟ ଯେପରିକି ଆଗରୁ ସମିତିରେ କେତୋଟି କମ୍ପ୍ୟୁଟର ଅଛି , କେତୋଟି ଦରି ଆର ଏମ ସି ରୁ ମିଳିଛି । ସମ୍ପାଦକ ଏବଂ ସଭାପତିଙ୍କ ନାମ ଏବଂ କେବେ ଠାରୁ କାର୍ଯ୍ୟରେ ଯୋଗ ଦେଇଛନ୍ତି । ସମିତି କେଉଁଠାରେ ଅବସ୍ଥାପିତ ଏବଂ କେବେଠାରୁ ଅବସ୍ଥାପିତ, ସମିତିରେ କେତୋଟି ସି ସି ଟି ଭି ଲାଗିଛି , କେତେଜଣ ସମିତିରେ କାର୍ଯ୍ୟ କରୁଛନ୍ତି , ପୂର୍ବ ବର୍ଷ କେତେ କିଣ୍ଟାଲ ଧାନ ବିକ୍ରି ହୋଇଛି ,ସମ୍ପୂର୍ଣ୍ଣ ସମିତିର ତଥ୍ୟ ତାଙ୍କ ପାଖରେ ଅଛି । ଏହି ମୋବାଇଲ ନମ୍ବର୍ ଟିକୁ ଟ୍ରୁ କଲ ର ରେ ମାରିଲେ ନାସନାଲ ଫର୍ ଏ ଗ୍ରି କଲ୍ଚର ଆଣ୍ଡ ଡେଭଲପମେଣ୍ଟ ନାମରେ ବୋଲି ଜଣା ପଡୁଛି । ପରେ ଇ ମେଲ ରେ ୧୬ହଜାର ୬୦୦ ଟଙ୍କା ଡିପୋଜିଟ କରିବାକୁ କହୁଛନ୍ତି। ଯାହାକି ଏକ ବର୍ଷ ପରେ ଫେରି ପାଇବା ବୋଲି ଲେଖୁଛନ୍ତି ।ସେଥିରେ ପୁଣିଗୋଟିଏ ଏଚ ପି ଲାପଟପ , ସାମସଙ୍ଗ ଡେସ୍କ ଟପ ସେଟ ଏବଂ ଏକ ଇପିସନ ପ୍ରିଣ୍ଟର ଦିଆଯିବ ବୋଲି କହୁଛନ୍ତି ।ପଇସା ପେମେଣ୍ଟ କଲାପରେ କୋରିଅର ସାହାଯ୍ୟରେ ପଠା ଯିବା ବୋଲି କହୁଛନ୍ତି । ଏହା ଖୋର୍ଦ୍ଧା ଜିଲ୍ଲା ଅନେକ ସମିତିର କାର୍ଯ୍ୟରତ କର୍ମଚାରୀ ଫସୁଛନ୍ତି କାରଣ ଦୈନିକ କାର୍ଯ୍ୟ ବ୍ୟସ୍ତରେ ଯଦି ସମିତି ସମ୍ପାଦକଙ୍କୁ ନାବାର୍ଡ ଫୋନ ଆସି ଏଭଳି କୁହା ଯାଇ କିଏ କାହିଁ ସନ୍ଦେହ କରିବ ନାବାର୍ଡ ନାମ ବ୍ୟବହାର କରି ଠକେଇ ହେବା ଏକ ବିସ୍ମୟ କଥା । ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ନୂଆଗଡ ସେବା ସମବାୟ ସମିତି ର ସମ୍ପାଦକ ଙ୍କୁ ସମାନ ପରି ଏଭଳି ଇମେଲ ଏବଂ ଫୋନ କଲ ଆସିଥିଲା ପରେ ସେ ସଭାପତି ଏବଂ ପରିଚାଳନା ପରିଷଦ ବର୍ଗ ଙ୍କୁ ଜଣାଇଥିଲେ ଏବଂ ସମିତି ରୁ ଏକ ଚିଠି ନମ୍ବର - ୪୪ ତା ୨୩.୦୬.୨୦୨୫ ରିଖ ମାଧ୍ୟମରେ ପ୍ରକୃତ ସତ୍ୟା ସତ ଜାଣିବାକୁ ନାବାର୍ଡ ବ୍ରାଞ୍ଚ ମ୍ୟାନେଜର ଭୁବନେଶର ବ୍ରାଞ୍ଚଙ୍କୁ ପ୍ରେରଣ କରାଯାଇଥିଲା ।ନୂଆଗଡ ସେବା ସମବାୟ ସମିତି ତରଫରୁ ଏକ ଅନୁରୋଧ କରାଯାଇଥିଲା ଯେ ନାବାର୍ଡ ବ୍ୟାଙ୍କ ମ୍ୟାନେଜର ଏକ ଚିଠି ମାଧ୍ୟମରେ ନିବନ୍ଧକ ସମବାୟ ସମିତି ସମୂହ ଙ୍କ ଜଣାଇବା ପାଇଁ । ପରେ ନାବାର୍ଡ ବ୍ୟାଙ୍କ ତରଫରୁ ଏହାକୁ ଗୁରୁତ୍ୱର ସହ ତର୍ଜମା କରାଯାଇଥିଲା ପରେ ନାବାର୍ଡ ଆସିସ୍ଟାଣ୍ଟ ମ୍ୟାନେଜର ଡକ୍ଟର ପି କେ ଦାସ ଚିଠି ନମ୍ବର - ୬୧୬୯୩ , ତା ୧୮ ଜୁଲାଇ ୨୦୨୫ ରିଖରେ ଜଣାଇ ଦିଆଯାଇଥିଲା ଯେ ଏହା ନାବାର୍ଡ ବ୍ୟାଙ୍କ ଦାରା ସେମିତି କୌଣସି ଇମେଲ କରାଯାଇନଥିଲା ଏବଂ ବ୍ୟବହାର କରାଯାଇଥିବା ମେଲ ଆଇଡି ସମ୍ପୂର୍ଣ୍ଣ ଫେକ ଏବଂ ରାଜ୍ୟ ନିବନ୍ଧକ ସମବାୟ ସମିତି ସମୂହ ଙ୍କୁ ଅନୁରୋଧ କରାଯାଇଥିଲା କି ଏକ ସଚେତନ ସ୍ୱରୂପ ଏକ ଚିଠି ମାଧ୍ୟମରେ ସମସ୍ତ ଓଡ଼ିଶାର ସମିତି କୁ ସଚେତନ କରିବା ପାଇଁ ।ପରେ ନିବନ୍ଧକ ଓଡ଼ିଶା ସମବାୟ ସମିତି ସମୂହ ଭୁବନେଶ୍ୱର ଚିଠି ନମ୍ବର - ୫୦୫୦ ତା ୦୫.୦୮.୨୦୨୫ ରିଖ ରେ ସମସ୍ତ ସମିତି କୁ ସଚେତନ କରିବା ପାଇଁ ଏହି ଠକେଇ ବାବଦରେ ସମସ୍ତ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଙ୍କୁ ଜଣାଇ ଦିଆଯାଇଛି । ନୂଆଗଡ ସେବା ସମବାୟ ସମିତି ତରଫରୁ ରାଜ୍ୟ ନିବନ୍ଧକ ସମବାୟ ସମିତି ସମୂହ , ନାବାର୍ଡ ଆସି ଷ୍ଟାଣ୍ଟ ମ୍ୟାନେଜର ପି କେ ଦାସ ମହୋଦୟଙ୍କୁ ସତ୍ୟତା ଉନ୍ମୋଚନ କରିଥିବାରୁ କୃତଜ୍ଞତା ଜଣାଯାଇଛି।

# ବାପ-ଝିଅକୁ ହତ୍ୟା ଧମକ : ଯୁବକ ଗିରଫ

ନିମାପଡା,(ସବ୍ୟୁ): ରବିବାର ସଂଧ୍ୟାରେ ଚାରିଛକ ବଜାରର ନିଆଳୀ ରାସ୍ତାରେ ଜଣେ ଦୋକାନୀ ଏବଂ ତାଙ୍କ ନାବାଳିକା ଝିଅକୁ ଜଣେ ଯୁବକ ହତ୍ୟା ଧମକ ଓ ଗାଳିଗୁଲଜ କରିଥିଲେ । ଏସଂପର୍କରେ ଦୋକାନୀଙ୍କ ଝିଅ ଚାରିଛକ ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଗଡଇଟାପୋଖରୀ ଗ୍ରାମର ଅଶିଷ ପାତ୍ରଙ୍କୁ ଗିରଫ କରି ସୋମବାର ଦିନ କୋର୍ଟ ଚାଲାଣ କରିଛି ।

ପ୍ରକାଶ ଯେ, ଚାରିଛକ ବଜାରରେ ଥିବା ଏକ ଭେରାଇଟ୍ ଷ୍ଟୋରରେ ଗଡଇଟା ପୋଖରୀ ଗ୍ରାମର ଆଶିଷ ପାତ୍ର ପହଞ୍ଚି ଦୋକାନ ମାଲିକଙ୍କୁ ଗାଳିଗୁଲଜ କରିବାରୁ ତାଙ୍କ ଝିଅ ଏହାର ପ୍ରତିବାଦ କରିଥିଲେ । ଆଶିଷ ଦୋକାନୀ ବାପା ଓ ଝିଅ ଦୁହିଁଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଏ ସଂପର୍କରେ ଦୋକାନୀଙ୍କ ଝିଅ ଚାରିଛକ ଥାନାରେ ଅଭିଯୋଗ କରିବାରୁ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

# ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ

ଫୁଲନଖରା,(ସବ୍ୟୁ): ବାରଙ୍ଗ ବ୍ଲକ ନଗରୀ,କୋରକରା, ହରିଅନ୍ତା ଓ କୁରାଙ୍ଗ ପ୍ରଧାନ ଓ ଦାଢାପାଟଣା ଗ୍ରାମ ପଞ୍ଚାୟତରେ ଘରେଘରେ ତ୍ରିରଙ୍ଗା ଘରେ ଘରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମକୁ ସରପଞ୍ଚ ନରୋତ୍ତମ ଦାସ, ଅଶୋକ ପାତ୍ର, ପଦ୍ମିନି ପ୍ରଧାନ, ସୁରେଶ କୁମାର ଭୋଇ ଓ ଦିଲ୍ଲିପ କୁମାର ବେହେରା ଅଂଶ ଗ୍ରହଣ କରି ବ୍ୟାପକ ଜନ ସଚେତନା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମ କୁ ସ୍ୱଚ୍ଛ ଭାରତ ମିଶନ ସଂଯୋଜକ ମହେନ୍ଦ୍ର ବେହେରା ପରିଚାଳନା କରିଥିଲେ।

# ବାରଙ୍ଗ ବ୍ଲକରେ ସ୍ୱଚ୍ଛ ସର୍ବେକ୍ଷଣ ଗ୍ରାମୀଣ ସର୍ଭେ

ଫୁଲନଖରା,(ସବ୍ୟୁ): :ବାରଙ୍ଗ ବ୍ଲକ ଅର୍ନ୍ତଗପ ପାଟପୁର,ଅନ୍ଧୋଟୀ ଓ କୁରାଙ୍ଗ ପ୍ରଧାନ ଗ୍ରାମରେ ଭାରତ ସରକାରଙ୍କ ତରଫରୁ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣର ସ୍ଥିତି ଅନୁଧ୍ୟାନ କରିବାକୁ ସର୍ଭେ କରାଯାଇଛି। ବ୍ୟକ୍ତିଗତ ଶୌଚାଳୟ,ଗୋଷ୍ଠୀ ଶୌଚାଳୟ ବ୍ୟବହାର,କଠିନ ଓ ତରଳ ବ୍ୟଜ ବସ୍ତୁର ପରିଚାଳନା, ସ୍କୁଲ,ଅଙ୍ଗନବାଡ଼ି, ଆରୋଗ୍ୟ କେନ୍ଦ୍ର, ଗ୍ରାମପଞ୍ଚାୟତ ପରିଦର୍ଶନ କରି ସ୍ୱଚ୍ଛତା ସ୍ଥିତି ପରଖିଥିଲେ, ସର୍ଭେକ୍ଷଣ ଦଳକୁ ସରପଞ୍ଚ ରିତାଞ୍ଜଳୀ ସାମଲ, ପଦ୍ମିନୀ ପ୍ରଧାନ,ସୁରେଶ ଚନ୍ଦ୍ର ଭୋଇ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ କେତନ ସାମଲ ଓ ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା ସହାୟତା କରିଥିଲେ। ଏହା ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା।

# ମହିଳାଙ୍କ ଗଳାକାଟି ହତ୍ୟା : ଦୁଇ ଅଟକ

ଭାପୁର, (ସବ୍ୟୁ):ନୟାଗଡ଼ ଜିଲା ଫତେଗଡ଼ ଥାନା ଭାପୁର ପଞ୍ଚାୟତରେ ଏ ରାତିରେ ଜଣେ ବିଧବା ମହିଳାଙ୍କୁ ଗଳାକାଟି ହତ୍ୟା କରାଯାଇଛି । ହତ୍ୟାର କାରଣ ଅସ୍ପଷ୍ଟ ରହିଥିଲା ବେଳେ ଘଟଣାରେ ସଂପୃକ୍ତ ଥିବା ସନ୍ଦେହରେ ପୋଲିସ ୨ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ସ୍ୱର୍ଗତ ମିଟୁ ବେହେରାଙ୍କ ଧର୍ମପତ୍ନୀ ଜୟନ୍ତୀ (୩୦)ଙ୍କୁ ରବିବାର ରାତି ସାଢ଼େ ଦଶଟା ରାତିରେ ଦୁଇଜଣ ଯୁବକ ଗଳାକାଟି ହତ୍ୟା କରିଥିବା ସୂଚନା ମିଳିଛି। କରବର ଗ୍ରାମର ମହେଶ୍ୱର ବେହେରାଙ୍କ ଥାନାରେ ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅ ଜୟନ୍ତୀ ଭାପୁର ସରସତୀ ଶିଶୁ ମନ୍ଦିର ନିକଟସ୍ଥ ଘରେ ତାଙ୍କର ଝିଅ ଓ ପୁଅ ସହିତ ରହୁଥିଲେ। ରାତି ସାଢ଼େ ୧୧ଟା ବେଳେ ଖବର ପାଇଲେ ଯେ, ତାଙ୍କ ଝିଅକୁ ହତ୍ୟା କରାଯାଇଛି। ସେ ଆସି ନାତି ଓ ନାତୁଣୀଙ୍କ ଠାରୁ ଜାଣିବାକୁ ପାଇଥିଲେ ତାଙ୍କର ମୃତ ଜ୍ୱାଇଁ ମିଟୁଙ୍କ ବୈଦ୍ୟେଶ୍ୱର ଥାନା ଅଞ୍ଚଳର ମାଉସୀ ପୁଅ ମନୋଜ କୁମାର ସାହୁ ଓ ତାଙ୍କର ସାଙ୍ଗ ରାଜା ଗଳାକାଟି ହତ୍ୟା କରି ଫେରାର ହୋଇଯାଇଛନ୍ତି। ବର୍ତ୍ତମାନ ଫତେଗଡ଼ ଥାନାଧିକାରୀ ପଞ୍ଚାନନ ପରିଡ଼ା ସମେତ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରୁଥିବାବେଳେ ହତ୍ୟା କରିଥିବା ସନ୍ଦେହରେ ଦୁଇ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା କୁହାଯାଇଛି।

# ବାକି ଟଙ୍କାକୁ କେନ୍ଦ୍ର କରି ଯୁବକଙ୍କୁ ଆକ୍ରମଣ

ବଲଙ୍ଗା,(ସବ୍ୟୁ): ବାକି ଟଙ୍କାକୁ କେନ୍ଦ୍ରକରି ସୋମବାର ପୂର୍ବାହ୍ନରେ ବଲଙ୍ଗା ଥାନା ଅନ୍ତର୍ଗତ ରେଶିଙ୍ଗା ଛକରେ ଜଣେ ଯୁବକଙ୍କୁ ଆକ୍ରମଣ କରଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ବଲଙ୍ଗା ଥାନା ଅନ୍ତର୍ଗତ ରେରହଳ ଗ୍ରାମର ଦୁଃଶାସନ ପରିଡ଼ାଙ୍କ ଠାରୁ ରେଶୀଙ୍ଗା ଗ୍ରାମର ଛବି ଓଝା ୯୦ହଜାର ଟଙ୍କାରେ ୩ଟି ଚାକୁଣ୍ଡା ଗଛ କିଣି ଥିଲା ବେଳେ ୩୨ହଜାର ଟଙ୍କା ବାକି ରଖିଥିଲେ। ଗଛ ବିକ୍ରୀକୁ ୨ମାସ ବିତି ଯାଇଥିଲେ ସୁଦ୍ଧା ଛବି ବାକି ଟଙ୍କା ଦେଉ ନଥିଲେ। ସୋମବାର ପୂର୍ବାହ୍ନରେ ଦୁଃଶାସନ ରେସିଙ୍ଗା ଛକରେ ପହଞ୍ଚି ଛବିଙ୍କୁ ଫୋନ କରି ଟଙ୍କା ମାଗିଥିଲେ। ଛକରେ ଅପେକ୍ଷା କରିବାକୁ କହି ଟଙ୍କା ନେଇ ଯାଉଚି ବୋଲି କହିଥିଲେ ଛବି। ଅଳ୍ପ ସମୟ ମଧ୍ୟରେ ଛବି ଏକ ଟ୍ରାକ୍ଟର ନେଇ ଛକରେ ପହଁଚି ଛକରେ ଠିଆ ହୋଇଥିବା ଦୁଃଶାସନଙ୍କୁ ମଡ଼ାଇ ଦେବାକୁ ଉଦ୍ୟମ କରିଥିଲେ। ପରେ ହାତରେ ଏକ ଲୁହା ଜଗରଡ ଧରି ଦୁଃଶାସନଙ୍କୁ ଆକ୍ରମଣ କରିଥିଲେ ଛବି। ଆକ୍ରମଣରେ ଦୁଃଶାସନଙ୍କ ମୁଣ୍ଡ ଫାଟି ଯାଇଥିଲା ବେଳେ ଛବି ଦୁଃଶାସନଙ୍କ ବାମପଟ ଛାତିକୁ କାମୁଡି କ୍ଷତାକ୍ତ କରିଦେଇଥିଲେ। ଖବର ପାଇ ଦୁଃଶାସନଙ୍କ ସଂପର୍କୀୟ ଲୋକେ ଘଟଣା ସ୍ଥଳରେ ପହଁଚି ତାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ ବୋଲି ଦୁଃଶାସନ ଥାନାରେ ଅଭିଯୋଗ କରୁଛନ୍ତି।

# ଅବହେଳିତ ଅବସ୍ଥାରେ ୫ ନମ୍ବର ୱାର୍ଡ

ଅସ୍ତରଙ୍ଗ ,(ସବ୍ୟୁ): ରାଜ୍ୟ ସରକାର ବିଭିନ୍ନ ପଞ୍ଚାୟତ ଉନ୍ନତୀ କରଣ ଉପରେ ଦୃଷ୍ଟି ଦେବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।ମାତ୍ର ବ୍ଲକ ପ୍ରଶାସନ ଏଥି ପ୍ରତି କେତେ ଦାୟିତ୍ୱ ସମ୍ପୂର୍ଣ୍ଣ ତାହା ଅସ୍ତରଙ୍ଗ ପଞ୍ଚାୟତ ୫ ନମ୍ବର ୱାର୍ଡ ର ଭୂଗୋଳ ବୟାନ କରୁଛ। ମୁଖ୍ୟତଃ ଅସ୍ତରଙ୍ଗ ପଞ୍ଚାୟତ ୫ ନମ୍ବର ୱାର୍ଡ ସଭ୍ୟ ମନୋଜ ବିଶ୍ୱାଳଙ୍କ ବାସଗୃହ ସମ୍ମୁଖରେ ଜମିରହୁଛି ବର୍ଷା ଓ ନର୍ଦ୍ଦମା ଜଳ। ଯାହା ଫଳରେ କି ଏହି ସ୍ଥାନରେ ଯାବତୀୟ ସଂକ୍ରମଣ ରୋଗ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି। ବର୍ଷା ଦିନରେ ସାପ୍ତାହିକ ହାଟକୁ ଏହି ରାସ୍ତା ରେ ଅନେକ ଲୋକ ଯାତାୟାତ କରୁଥିବା ବେଳେ ବର୍ତ୍ତମାନ ସେହି ରାସ୍ତା ର ଅବ୍ୟବସ୍ଥା ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ। ସେଠି ବସବାସ କରୁଥିବା ସ୍ଥାନୀୟ ଲୋକ ଏହି କାରଣରୁ ଅନେକ ଅସୁବିଧା ମଧ୍ୟ ସୃଷ୍ଟି ହେଉଛ। ଏହି ଘଟଣା ଉପରେ ୫ ନମ୍ବର ୱାର୍ଡ ସଭ୍ୟ ମନୋଜ ବିଶ୍ୱାଳ ଙ୍କ ମତାମତ ନେବା ପରେ ସେ କହିଛନ୍ତି ଅନେକ ଥର ଆମେ ବିଭିନ୍ନ ବ୍ଲକ ଅଧ୍ୟକ୍ଷ ଙ୍କୁ ଜଣାଇଲା ପରେ ମଧ୍ୟ ଏହି ରାସ୍ତା ଅବସ୍ଥା ରେ ପରିବର୍ତ୍ତନ ହେଉନାହିଁ। ପଲ୍ଲୀସଭାରେ ଆଲୋଚନା ମଧ୍ୟ ବିଫଳ ହୋଇଛି।କୌଣସି ରାଜନୈତିକ ଚକ୍ରାନ୍ତ ମଧ୍ୟ ମୋ ପଛରେ ଥାଇ ପରେ। ଅନେକ ଦୃଶ୍ୟହୀନ କାରଣ ନେଇ ଆଜି ଆମ ୱାର୍ଡ ର ଏହି ରାସ୍ତା ମରଣଜନ୍ତା ପାଲଟିଛି। ବର୍ତ୍ତମାନ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଏହାକୁ ମରାମତି କରାଇଲେ ଆଗାମୀଦିନରେ ୫ ନମ୍ବର ୱାର୍ଡ ବାସୀ ଚିର ଋଣୀ ହେବେ ବୋଲି ୱାର୍ଡ଼ ସଭ୍ୟ କହିଛନ୍ତି।

# ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ବୁଲେଟ ଚାଳକ ଗୁରୁତର

ବଲଙ୍ଗା,(ସବ୍ୟୁ): ସୋମବାର ଅପରାହ୍ନ ବଲଙ୍ଗା ଥାନା ଅନ୍ତର୍ଗତ ବଲଙ୍ଗା ଜଳ ସମ୍ପଦ ଉପଖଣ୍ଡ ଅଧିନସ୍ଥ ନୂଆଗାଁ କେନାଲ ବନ୍ଧର ବିଲଗୋରଡ଼ା ଠାରେ ବନ୍ଧ ଉପରେ ଥିବା ୧୧ କେଭି ବିଦ୍ୟୁତ ଖୁଣ୍ଟରେ ଗୋଟିଏ ବୁଲେଟ ବାଇକ ପିଟି ହେଇ ଦୁର୍ଘଟଣା ଗ୍ରସ୍ତ ହେଇଛି। ଦୁର୍ଘଟଣାରେ ବୁଲେଟ ବାଇକ୍ଟି କ୍ଷତିଗ୍ରସ୍ତ ହୋଇଥିଲା ବେଳେ ଚାଳକ ଜଣଙ୍କ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକମାନେ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଗୁରୁତର ଚାଳକ ଜଣକ ଘର ଗୋପ ଥାନା ଅଞ୍ଚଳର ହୋଇଥିବା ବେଳେ ଗୁରୁତରଙ୍କ ପରିଚୟ ମିଳି ପାରି ନାହିଁ। ସୂଚନା ମୁତାବକ ସୋମବାର ଅପରାହ୍ନରେ ଜଣେ ଯୁବକ ବୁଲେଟ ବାଇକ ରେ ଦଣ୍ଡିପୁରରୁ ଦକ୍ଷିଣରାଡଶ ଅଭିମୁଖେ ଦୃତ ଗତିରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ବିଲୁଆଗୋରଡି କେନାଲ ବନ୍ଧ ଉପରେ ଥିବା ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଯାଇଥିଲା। ଦୁର୍ଘଟଣାରେ ବିଦ୍ୟୁତ ଖୁଣ୍ଟ ବଙ୍କା ହେବା ସହ ବୁଲେଟ ଭାଙ୍ଗି ଦୁଇଫାଳ ହୋଇଯାଇଥିଲା ବେଳେ ଯୁବକ ଜଣକ ରାସ୍ତା ପାଖରେ ଥିବା ବିଲରେ ପଡି ଗୁରୁତର ହୋଇଥିଲେ।

# ଅଣଛାତ୍ରଙ୍କ ମହାବିଦ୍ୟାଳୟ ପ୍ରବେଶକୁ ବିରୋଧ



ଆଠଗଡ ,(ସବ୍ୟୁ):ସ୍ଥାନୀୟ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟରେ ଅଣଛାତ୍ରଙ୍କ ପ୍ରବେଶକୁ ବିରୋଧ କରିଛନ୍ତି ଛାତ୍ରଛାତ୍ରୀ। ପ୍ରତ୍ୟେକ ଦିନ ଅଣଛାତ୍ର ମହାବିଦ୍ୟାଳୟରେ ନିଶାଦ୍ରବ୍ୟ ସେବନ କରି ଛାତ୍ରଛାତ୍ରୀ ମାନଙ୍କୁ ଖରାପ ବ୍ୟବହାର କରିବା ସହ ବାଡାବାଡି କରୁଛନ୍ତି। ଅଣଛାତ୍ରଙ୍କୁ ମହାବିଦ୍ୟାଳୟ ପରିସରରେ ପ୍ରବେଶ ନ କରାଇବା ପାଇଁ ମୁଖ୍ୟ ଫାଟକରେ ସୁରକ୍ଷା କର୍ମୀ ନିଯୁକ୍ତ କରି ମହାବିଦ୍ୟାଳୟର ପରିଚୟ ପତ୍ର ପ୍ରଦାନ କରିବା ପରେ ପ୍ରଶେ କରିବା ପାଇଁ ଅନୁମତି ମିଳିବ। ଛାତ୍ରଛାତ୍ରୀ ମାନେ ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋକନାଥ ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହାର ଏକକିତା ନକଲ ଆଠଗଡ ଥାନା ଆଇ ଆଇ ସି , ଏସଡିପିଓ ଙ୍କ ଅବଗତି ତଥା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରେରଣ କରାଯାଇଛି।

# ଦୁଇକୋଟି ମଞ୍ଜୁର : କୁଆଁରିଆ ସ୍ପିଲ ୱେ ହେବ ଅଟୋମେସନ



ଦଶପଲ୍ଲା ,(ସବ୍ୟୁ): ଦଶପଲ୍ଲା ର ଜୀବନ ରେଖା କୁହା ଯାଉଥିବା କୁଆଁରିଆ ଜଳ ଭଣ୍ଡାର ସ୍ପିଲ ୱେ ହେବ ଅଟୋ ମେସନ । ଅର୍ଥାତ ବର୍ତ୍ତମାନ ସ୍ପିଲ ୱେ ଗେଟ ଖୋଲିବା ପାଇଁ କେତେବେଳେ ହାତରେ ଚକି ବୁଲାଇ ଗେଟ ଖୋଲାଯାଉଥିଲା ତ କେତେବେଳେ ଜେନେରେଟର କିମ୍ବା ବେଟ୍ରି ଲଗାଇ ଗେଟ ଖୋଲା ଯାଉଥିଲା । ଏବେ କମ୍ପୁଟର ମାଧ୍ୟମ ରେ ଅଟୋ ମେସନ ମାଧ୍ୟମ ରେ ଏହା ଖୋଲାଯିବ । ଏ ନେଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଏଥି ନିମନ୍ତେ ରାଜ୍ୟ ସରକାର ଙ୍କ ପକ୍ଷରୁ ଦୁଇ କୋଟି ଟଙ୍କା ମଞ୍ଜୁର ହୋଇଛି । ରାଜ୍ୟ ବାହାର ଏକ ଠିକାଦାର କମ୍ପାନୀ ଏହି ଟେଣ୍ଡର ନେଇଥିବା ଜଣା ପଡ଼ିଛି । ସୂଚନା ଯୋଗ୍ୟଯେ, ଦଶପଲ୍ଲା କୁଆଁରିଆ ଜଳ ଭଣ୍ଡାର ଏକ ମଧ୍ୟମ ଜଳ ଭଣ୍ଡାର । ୧୯୮୪ ମାଡ଼ିହାରେ ଏହାକୁ ଉଦଘାଟନ କରାଯାଇଥିଲା । ଏହି ଜଳ ଭଣ୍ଡାର ର ଜଳ ଗ୍ରହଣ ଅଂଚଳ ୧୨୪ ବର୍ଗ କିଲୋମିଟର ହୋଇଥିବା ବେଳେ ଏହାର ପୂର୍ଣ୍ଣ ଜଳ ସ୍ତର ରହିଛି ୧୩୫.୭୦ହେକ୍ଟର ମିଟର ଓ ସର୍ବନିମ୍ନ ସ୍ତର ୧୩୦.୩୦ ହେକ୍ଟର ମିଟର ରହିଛି । ବିଶେଷ ଭାବେ ସ୍ପିଲ ୱେ ର ଦର୍ଘ୍ୟ ୭୫ ମିଟର ହୋଇଥିବା ବେଳେ ଏଥିରେ ପାଞ୍ଚଟି ସୁଇସ ଗେଟ ରହିଛି । ଏବଂ ସ୍ପିଲ ୱେ ର ସମୁଦାୟ ଉଚତା ୨୧ ମିଟର ରହିଛି । ବିଶେଷ ଭାବେ ବର୍ଷା ଦିନେ କୁଆଁରିଆ ଜଳ ଭଣ୍ଡାର ରେ ଅଧିକ ଜଳ ହେଲେ ଏହି ସ୍ପିଲ ୱେ ମାଧ୍ୟମ ରେ ଜଳ ଭଣ୍ଡାର ରୁ ଜଳ ନିଷ୍କାସନ କରାଯାଏ । କୁଆଁରିଆ ଜଳଭଣ୍ଡାରରୁ ଦଶପଲ୍ଲା ଅଂଚଳ କୁ ପାନୀୟ ଜଳ ଯୋଗାଣ କରାଯାଉଥିବା ବେଳେ ରବି ଏବଂ ଖରିଫ ଋତୁରେ ଏହାର ଥିବା ଦୁଇଟି କେନାଲ ମାଧ୍ୟମରେ ଜଳ ନିଷ୍କାସନ କରାଯାଇଥାଏ ।

# ରାଜ୍ୟସ୍ତରୀୟ ସନ୍ଥ ଭକ୍ତଚରଣ ପ୍ରତିଭା ସମ୍ମାନ-୨୦୨୫



ରଣପୁର , (ସବ୍ୟୁ): ନୟାଗଡ ଜିଲ୍ଲା ଦିତୀୟ ଶ୍ରୀ କ୍ଷେତ୍ର ତଥା ଶହୀଦ ମାଟି ରଣପୁର ସହରାଞ୍ଚଳ ସ୍ଥିତ ପ୍ରଶାନ୍ତ ହୋଟେଲ ଓ କଲ୍ୟାଣୀ ମଣ୍ଡପର ସଭାଗୃହରେ ଉତ୍କଳୀୟମ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର, ଓଡିଶା ପକ୍ଷରୁ ରାଜ୍ୟ ସ୍ତରୀୟ ସନ୍ଥ ଭକ୍ତଚରଣ ପ୍ରତିଭା ସମ୍ମାନ -୨୦୨୫ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନୟାଗଡ ଜିଲ୍ଲା କଞ୍ଜୁମର କୋର୍ଟର ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଦୂରଦର୍ଶୀ ଖବର କାଗଜର ମୁଖ୍ୟ ସଂପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ, ସମ୍ମାନୀତ ଅତିଥି ଭାବେ ପୁରୀ ଲୋକସଭା ସାଂସଦଙ୍କ ରଣପୁର ନିର୍ବାଚନ ମଣ୍ଡଳୀ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ଯୁବନେତା ତଥା ଗାୟତ୍ରୀ ଫାଉଣ୍ଡେସନର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ନାୟକ, ଯୁବ ସମାଜସେବୀ ବାସୁଦେବ ସାହୁ, ଦୂରଦର୍ଶନ ଉପସ୍ଥାପକ ତଥା ସଂସ୍କୃତି ଗବେଷକ ଶ୍ରୀକାନ୍ତ ନାୟକ, ଯୁବ ସମଜସେବୀ ଅମରଜିତ ସେନାପତି ଓ ଉତ୍କଳୀୟମ ଫାଉଣ୍ଡେସନର ରାଜ୍ୟ ସାଧାରଣ ସମ୍ପାଦକ ସୁଚିତ୍ରା ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ସଭାକାର୍ଯ୍ୟକୁ ଉତ୍କଳୀୟମ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଆଇନଜୀବୀ ରାଜିବ ଲୋଚନ ପ୍ରଧାନ ସଭାକାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ଶିକ୍ଷାବିତ ବଲ୍ଲଭ ପ୍ରଧାନ ସଂଯୋଜନା କରିଥିଲେ । ଓଡିଶାରେ ବିକାଶରେ ବୁଦ୍ଧିଜୀବି ସମାଜର ଭୂମିକା ଓ ଭକ୍ତଚରଣଙ୍କ ବିଷୟରେ ମୁଖ୍ୟ ବକ୍ତା ଓ ଅନ୍ୟ ଅତିଥିବୃନ୍ଦ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି ଉତ୍କଳୀୟମ ଫାଉଣ୍ଡେସନ ବର୍ତ୍ତମାନ ସୁଧା ୧୧ ଟି ରାଜ୍ୟରେ କାର୍ଯ୍ୟ କରି ଆସୁଅଛି । ଆଜିର କାର୍ଯ୍ୟକ୍ରମ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ଏହି କାର୍ଯ୍ୟକ୍ରମରେ ରାଜସୁନାଖଳାର ସ୍ପ୍ରିଙ୍ଗ ଗାର୍ଲସ ପ୍ରିୟା ପ୍ରିୟଦର୍ଶନୀ ନାୟକ, ରଣପୁରର ଓଡିଶୀ ନୃତ୍ୟଶିଳ୍ପୀ ସ୍ୱୟଂସିଦ୍ଧା ସେଠୀ ଓ ରଣପୁର ନନ୍ଦପୁର କେଳା କେଲୁଣୀ କଳାର ନିଖୁଣ ଅଭିନୟ ଅଜୟ ଦାସ ଓ ତାଙ୍କ ଟିମ କିଛି ସମୟ ପର୍ଯ୍ୟନ୍ତ ଆକର୍ଷଣୀୟ ତଥା ଚମତ୍କାର ଭାବେ କଳା ପ୍ରଦର୍ଶନ କରିଥିଲେ । ଏଥିରେ ବିଭିନ୍ନ ବୁଦ୍ଧିଜୀବି , ସାମାଜିକ କର୍ମୀ, ସାମ୍ବାଦିକ, ପୋଲିସ, ସରପଞ୍ଚ, କୁନି ନୃତ୍ୟ ଶିଳ୍ପୀ, ଶିକ୍ଷକ, କବି କବୟିତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ଦିଆ ଯାଇ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଡିଶାର ଅଞ୍ଚଳର କୋଣ ଅନୁକୋଣରୁ ବିଭିନ୍ନ ବ୍ୟକ୍ତିଙ୍କ ସହ ସୁଶାନ୍ତ ନାୟକ, ସତ୍ୟପେଶ୍ୱର ବରାଡ଼, ଅମୃତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

(ଶ୍ରୀମଭଗବଦ୍ ଗୀତା ୧୮/୧୩)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ )

**ପଞ୍ଚୈତାନି ମହାବାହୋ କାରଣାନି ନିବୋଧ ମେ ।**
**ସାଂଖ୍ୟେ କୃତାନ୍ତେ ପ୍ରୋକ୍ତାନି ସିଦ୍ଧୟେ ସର୍ବକର୍ମ୍ମଣାମ୍ ।। ୧୩ ।।**

(ନନୁ କର୍ମ୍ମ କୁର୍ବତଃ କର୍ମ୍ମଫଳଂ କଥଂ ନ ଭବେତ୍ ଇତ୍ୟାଶଙ୍କା ସଙ୍ଗତ୍ୟାଗିନୋ ନିରହଂକାରସ୍ୟ କର୍ମ୍ମଲୋପୋ ନାସ୍ତି ଇତି ଉପପାଦୟିତୁଂ ଆହ ପଞ୍ଚଭିଃ– ହେ ମହାବାହୋ ! ସର୍ବକର୍ମ୍ମଣାଂ ସିଦ୍ଧୟେ (ନିଷ୍ପତୟେ) ସାଂଖ୍ୟେ କୃତାନ୍ତେ (ବେଦାନ୍ତସିଦ୍ଧାନ୍ତେ) ପ୍ରୋକ୍ତାନି ( କଥିତାନି) ମାନି (ବକ୍ଷ୍ୟମାଣାନି) ପଞ୍ଚକାରଣାନି ମେ ( ମଦ୍‌ବଚନାତ୍) ନିବୋଧ (ଜାନୀହି) ।। ୧୩ ।।

# ଅବହେଳିତ କୋରାପୁଟ ପ୍ରତି ଦୃଷ୍ଟି

ଅବହେଳିତ କୋରାପୁଟ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଜରୁରୀ ବୋଲି ମନେ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସେଠାରେ ଥିବା ଶହୀଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜ ଓ ହସ୍‌ପିଟାଲର ଉନ୍ନତି ସକାଶେ ୨୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ଉଦ୍‌ଘାଟନ କରିଛନ୍ତି । ଏହା ବ୍ୟତୀତ ୬ଟିକିଆ ଜୟପୁର–ବ୍ରହ୍ମପୁର ଓ ଭୁବନେଶ୍ୱର ଆର୍ଥନୀତିକ ସଂଯୋଗକାରୀ ରାସ୍ତା ମଧ୍ୟ ନିର୍ମାଣ କରାଯିବ ବୋଲି ଘୋଷଣା କରିଛନ୍ତି । ପ୍ରକୃତରେ କୋରାପୁଟ ଅଞ୍ଚଳରୁ ସ୍ୱାସ୍ଥ୍ୟସେବା ଲାଗି ରୋଗୀମାନେ ନିକଟରେ ଥିବା ବିଶାଖାପାଟଣା ଅଞ୍ଚଳକୁ ଯାଉଥିଲେ । କାରଣ କୋରାପୁଟରୁ ଭୁବନେଶ୍ୱର ବା କଟକ ମେଡିକାଲ କଲେଜ ଓ ହସ୍‌ପିଟାଲ ୫୦୦ କିଲୋମିଟରରୁ ଅଧିକ । ଅଥଚ କୋରାପୁଟରୁ ବିଶାଖାପାଟଣାର ଦୂରତା ପ୍ରାୟ ୨୦୦ କିଲୋମିଟର । ଓଡ଼ିଶାରେ ସବୁଠାରୁ ଆୟତନରେ ବଡ଼ ଜିଲ୍ଲା କୋରାପୁଟକୁ ବିଜୁ ପଟ୍ଟନାୟକ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ହେବା ପରେ ଭାଗ ଭାଗ କରିଥିଲେ । ଫଳରେ ରାୟଗଡା, ନବରଙ୍ଗପୁର ଓ ମାଲକାନଗିରି ପ୍ରଭୃତି ଜିଲ୍ଲା ନୂତନ ଭାବେ ଗଠିତ ହୋଇଥିଲା । ଶାସନଗତ ତଥା ଯୋଜନାର ସୁବିଧା ଯୋଗୁଁ ଯେତେବେଳେ ୧୩ଟି ଜିଲ୍ଲା ୩୦ଟି ଜିଲ୍ଲା ହେଲା, ସେତେବେଳେ ନୂତନ ଜିଲ୍ଲା ପାଇ ଲୋକେ ଖୁସି ହୋଇଥିଲେ । ଶାସନଗତ ସୁବିଧା ମଧ୍ୟ ମିଳି ପାରୁଥିଲା । କୋରାପୁଟ ଜିଲ୍ଲାର ସଦର ମହକୁମା କୋରାପୁଟକୁ ଲୋକେ ଦୂରରୁ ଆସି କିପରି ହଇରାଣ ହୋଇ ଯାଉଥିଲେ, ସେ କଥା ଅନୁଭବୀ ହିଁ ଜାଣିପାରେ କେବଳ । ପ୍ରଶାସନିକ ଅଫିସରମାନେ ମଧ୍ୟ କୋରାପୁଟ ଜିଲ୍ଲାର ଏ ମୁଣ୍ଡରୁ ସେ ମୁଣ୍ଡକୁ ଯିବା ପାଇଁ ତଥା ସରକାରୀ ସୁବିଧା ପାଇବା ପାଇଁ ସାଧାରଣ ଲୋକେ ଘୋର ଦୁର୍ଦ୍ଦଶା ଭୋଗୁଥିଲେ । ଏତେ ସଂଖ୍ୟାରେ ଯାତ୍ରୀବାହୀ ବସ ପ୍ରଭୃତି ବି ଚଳାଚଳ କରୁ ନଥିଲା ।

ଭାରତର ସ୍ୱାଧୀନତା ପାଇବା ପାଇଁ ବ୍ରିଟିଶ ଶାସନ ବିରୋଧରେ କୋରାପୁଟ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମକୁ ଭୁଲି ହେବ ନାହିଁ । ଅଗଷ୍ଟ ବିପ୍ଳବ ବା ଭାରତଛାଡ ଆନ୍ଦୋଳନ ସମୟରେ ମଧ୍ୟ ଅବିଭକ୍ତ କୋରାପୁଟ ଜିଲ୍ଲାର ଅବଦାନକୁ ଭୁଲି ହେବ ନାହିଁ । ଲେଖକ ସତ୍ୟପ୍ରିୟ ଦାସ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି, 'ଅଗଷ୍ଟ ବିପ୍ଳବ ଅବସରରେ ଗୋଟିଏ ଉନ୍ମତ୍ତଜନିତ ପାଗଳାମୀରୂପକ ଦମନକୁ ଖୋଲାଖୋଲି ଛାଡ଼ି ଦିଆଗଲା । ହତ୍ୟା, ଲୁଣ୍ଠନ ଓ ଧର୍ଷଣ ଦୃତ ବେଗରେ ମାଡ଼ି ଚାଲିଲା । ସୌନ୍ଦର୍ଯ୍ୟଭରା ପର୍ବତମାଳା ଓ ଉପତ୍ୟକାର କୋରାପୁଟ ବନ୍ଧୁକର ଗୁଳି ଚାଳନା ଧ୍ୱନି, ପ୍ରତିଧ୍ୱନିତ ହେଲା । ବିଶ୍ୱାସଘାତକ ଓ ପ୍ରତିକ୍ରିୟାଶୀଳ ଗୋଷ୍ଠୀ ଶାନ୍ତିପ୍ରିୟ ଜନତାଙ୍କୁ ବେକରେ ପଘା ଦେଇ କଷି ବାନ୍ଧିବାକୁ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦିତା ଚଳାଇଥିଲେ । କୋରାପୁଟିଆର ସ୍ୱରାଜ ସଂଗ୍ରାମ ଅବଧିରେ ଜେ.ଏସ୍. ୱିଲକ୍ ଓ ଏଫ୍.ଇ.ଏ. ଟାଇଲର ଜିଲ୍ଲାପାଳ ଥିଲେ ଓ ପି.କେ.ସିତର ପୋଲିସ ସୁପରିଟେଣ୍ଡେଣ୍ଟ ଥିଲେ । ଜମିଦାରୀର ସର୍ବୋଚ୍ଚ କର୍ମଚାରୀ ଭାବେ ରହିଥିଲେ ଦେୱାନ ଚିଲିକୋଣ୍ଡା ଭେଙ୍କଟ ରାଓ । (ପୃଷ୍ଠା ୪୦ ଓ ୪୧, କୋରାପୁଟିଆର ସ୍ୱରାଜ୍ୟ ସଂଗ୍ରାମ, ଲେଖକ– ସତ୍ୟପ୍ରିୟ ଦାସ)

ଦୁଃଖର କଥା, ଲକ୍ଷ୍ମଣ ନାଏକ ଯିଏ ଆଦିବାସୀମାନଙ୍କୁ ମତାଇ ବ୍ରିଟିଶ ସରକାରଙ୍କ ବିରୋଧରେ ଅହିଂସା ଆନ୍ଦୋଳନ କରୁଥିଲେ, ମାଥିଲି ଗୁଳିକାଣ୍ଡ ବେଳେ ଜଣେ ଫରେଷ୍ଟ ଗାର୍ଡ ପୋଲିସ ଗୁଳିରେ ମରିଥିଲା । ମାତ୍ର ବ୍ରିଟିଶ ପୋଲିସ ଲକ୍ଷ୍ମଣ ନାଏକ ତାକୁ ମାରିଛନ୍ତି ବୋଲି ମିଥ୍ୟା ଅଭିଯୋଗରେ ତାଙ୍କୁ ଫାଶୀ ଦେଇଥିଲେ । 'ଅଗଷ୍ଟ ବିପ୍ଳବ ବା ଭାରତ ଛାଡ' ଆନ୍ଦୋଳନ ସମୟରେ ଆଦିବାସୀ ନେତା ଲକ୍ଷ୍ମଣ ନାଏକ ଫାଶୀ ପାଇବା ଘଟଣା ସମ୍ଭବତଃ ଭାରତରେ ପ୍ରଥମ ଘଟଣା । ୧୯୪୩ ମସିହା ମାର୍ଚ୍ଚ ମାସ ୨୮ ତାରିଖରେ ତାଙ୍କୁ ବ୍ରହ୍ମପୁର ଜେଲରେ ଫାଶୀ ଦିଆ ଯାଇଥିଲା । ଜେଲରେ ଥିବା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସଦାଶିବ ତ୍ରିପାଠୀ ( ଯିଏ ପରେ କୋରାପୁଟ ଜିଲ୍ଲାରୁ ଏକମାତ୍ର ମୁଖ୍ୟମନ୍ତ୍ରୀ ହୋଇଥିଲେ) ଫାଶୀ ପାଇବା ପୂର୍ବରୁ ଲକ୍ଷ୍ମଣ ନାଏକଙ୍କୁ ପଚାରିଥିଲେ, ' ଘରେ କ'ଣ କହିବାର ଅଛି ?' ସେ କହିଥିଲେ, ' କୋରାପୁଟିଆ ସମସ୍ତେ ମୋର ପୁଅଝିଅ, ଭାଇଭଉଣୀ, ମୋ ଘରକୁ କ'ଣ ଖବର ଦେବି ? ସୂର୍ଯ୍ୟ ଚନ୍ଦ୍ର ସତ ହୋଇଥିଲେ, ଭାରତ ନିଶ୍ଚୟ ସ୍ୱାଧୀନ ହେବ । ସ୍ୱରାଜ୍ୟ ଆସିବ, ମୁଁ ଦେଖିପାରିବି ନାହିଁ । ତାହା ହିଁ ମୋର ଦୁଃଖ ।'

ସ୍ୱର୍ଗୀୟ ଲକ୍ଷ୍ମଣ ନାଏକ ସ୍ୱରାଜ ନ ଦେଖିପାରିବାର ଦୁଃଖ ଆମମାନଙ୍କୁ ବିଚଳିତ କରୁଥିଲା ସେଦିନ । ମାତ୍ର କୋରାପୁଟ ଅଞ୍ଚଳକୁ ସମୃଦ୍ଧ କରା ନଗଲେ ଆଉ କୋରାପୁଟ ଜିଲ୍ଲାର ସୀମାନ୍ତ ଅଞ୍ଚଳଗୁଡ଼ିକୁ ଆନ୍ଧ୍ରପ୍ରଦେଶ ସରକାରଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷା ନ କଲେ, ଲକ୍ଷ୍ମଣ ନାଏକ ସ୍ୱରାଜ ଦେଖି ନପାରିବାର ଦୁଃଖର ଆଉ ଶେଷ ହେବ ନାହିଁ । ଭାରତର ପ୍ରଥମ ନାଗରିକ, ରାଷ୍ଟ୍ରପତି ଜଣେ ଆଦିବାସୀ ମହିଳା । କେନ୍ଦ୍ରରେ ଆଦିବାସୀ ମନ୍ତ୍ରଣାଳୟର ମନ୍ତ୍ରୀ ଓଡ଼ିଶାର ଜଣେ ଆଦିବାସୀ ନେତା, ଏପରିକି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ । କୋରାପୁଟ ଜିଲ୍ଲା ସମେତ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ସେମାନେ ସମସ୍ତେ ଦୃଷ୍ଟି ଦେବେ ବୋଲି ଆଶା କରୁଛୁଁ ।

**ସଙ୍କଳ୍ପ**

ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଅବିଭକ୍ତ କୋରାପୁଟର ମହିଳା ସ୍ୱାଧୀନତା ସଂଗ୍ରାମୀ



ଡକ୍ଟର ବାସନ୍ତୀ ମହାନ୍ତି

କ୍ରାନ୍ତିଭୂମି କୋରାପୁଟର ଅଧିବାସୀମାନେ ସ୍ୱାଧୀନଚେତା । ନାରୀ ଏଠି ଅସୂର୍ଯ୍ୟଂପଶ୍ୟା ନୁହେଁ । ପରଦା ପ୍ରଥା ଏମାନଙ୍କର ନାହିଁ । ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସେ ନିର୍ଭୀକ ଭାବରେ ଖଡ୍‌ଗ ଉତ୍ତୋଳନ କରିପାରେ । ଆନ୍ଦୋଳନର ନେତୃତ୍ୱ ନେଇ ସାମାଜିକ ବିପ୍ଳବ ସୃଷ୍ଟି କରିପାରେ । ଏହିପରି ଯେଉଁ କେତେଜଣ କ୍ରାନ୍ତିକାରୀ ବହ୍ନିକନ୍ୟାମାନଙ୍କୁ କୋଳରେ ଧାରଣ କରି କୋରାପୁଟ ଧନ୍ୟ ହୋଇଛି, ସେମାନଙ୍କ ମଧ୍ୟରେ ଅଛନ୍ତି ଶବର ଯୁବତୀ ସାଣ୍ଡି ଶବର, ଲକ୍ଷ୍ମୀ ସଉରୁଣୀ, ଇନ୍ଦିରା ଲକ୍ଷ୍ମୀ ପଣ୍ଡା, ଚିତ୍ର ଭାନୁ ଦେବୀ ଓ ଆହୁରି ଅନେକ । ଏମାନଙ୍କର ତ୍ୟାଗ, ତିତିକ୍ଷା ଦେଶପ୍ରେମ ଓ ବୀରତ୍ୱ ଆଗାମୀ ପିଢ଼ି ପାଇଁ ଦୃଷ୍ଟାନ୍ତ ହୋଇ ରହିଥିବ ।

କୋୟା ସଂପ୍ରଦାୟର ବାଙ୍ଗରାଦେବୀ ଅଧୁନା ମାଲକାନାଗିରି ଜିଲ୍ଲାର କୋରକୁଣ୍ଡାସ୍ଥିତ ସୁବଳୟା ରାଜ୍ୟର ରାଜନନ୍ଦିନୀ । ଏ ରାଜ୍ୟର ଅଧିବାସୀମାନେ ବେଶ୍ ସ୍ୱାଧୀନତା ପ୍ରିୟ । ଜୟପୁର ରାଜାଙ୍କ ବଶ୍ୟତା ସ୍ୱୀକାର କରିବାକୁ ଅସ୍ୱୀକାର କରିବାରୁ ଏ ରାଜ୍ୟର ଜଣେ ରାଜାଙ୍କୁ ହତ୍ୟା କରାଯାଇଥିଲା । ତାଙ୍କ ପରେ ମଲ୍ଲିକ ମର୍ଦ୍ଦନ କୃଷ୍ଣ ସିଂହାସନ ଆରୋହଣ କରିଥିଲେ । ଜୟପୁର ରାଜାଙ୍କ କବଳରୁ ରକ୍ଷା ପାଇବା ପାଇଁ ସେ ମଲ୍ଲିକ ମର୍ଦ୍ଦନ ଗିରି ନାମକ ଏକ ଉଆସ ନିର୍ମାଣ କରି ସେଠାରେ ବସବାସ କଲେ । ସମ୍ଭବତଃ ଏହି ନାମାନୁସାରେ କାଳକ୍ରମେ ଏ ଅଞ୍ଚଳ ମାଲକାନାଗିରି ନାମରେ ପରିଚିତ ହେଲା ।

ଏହି ବଂଶର ଶେଷ ରାଜା ପରମାନନ୍ଦ ପାତ୍ର ଅପୁତ୍ରିକ ଥିବାରୁ ତାଙ୍କ ମୃତ୍ୟୁପରେ ବାଙ୍ଗରାଦେବୀ ସିଂହାସନ ଆରୋହଣ କରିଥିଲେ । ତାଙ୍କ ସମୟରେ ଜୟପୁର ରାଜ୍ୟ୧୮୪୮ ବେଳକୁ ଇଂରେଜ ଶାସନାଧୀନ ହୋଇଥିଲା। ସ୍ମୋଲେଟ୍‌ଙ୍କ ପରେ ରୀଡ୍ ସାହେବ ହେଲେ ଜୟପୁର ରାଜ୍ୟର ବ୍ରିଟିଶ୍ ପ୍ରତିନିଧି । ରୀଡ୍‌ଙ୍କ ସମୟରେ ଶୋଷଣ କଷଣର ମାତ୍ରା ଖୁବ୍ ବଢ଼ିଯାଇଥିଲା । ଫଳରେ ପ୍ରଜା ଓ ଜମିଦାରମାନେ ପ୍ରତ୍ୟକ୍ଷ ଭାବରେ ବିଦ୍ରୋହ ଘୋଷଣା କରିଥିଲେ । ଇଂରେଜ ସେନାଧକ୍ଷ କ୍ୟାପ୍‌ଟେନ୍ ମେକ୍‌ନେଲ ଦଳବଳ ଧରି ବାଙ୍ଗରା ଦେବୀଙ୍କ ଉଆସ ଆକ୍ରମଣ କଲେ । ଇଂରେଜଙ୍କ ଗୁଳିଗୁଳା ବନ୍ଧୁକର ମୁକାବିଲା କରି ନ ପାରି ବାଙ୍ଗରା ଦେବୀ ଅନୁଚରମାନଙ୍କ ସହ ବଣ ଜଙ୍ଗଲରେ ଲୁଚିଲେ । ଇଂରେଜମାନେ ଚାଲିଯିବା ପରେ ସେହି ବଣ ଜଙ୍ଗଲରେ ରହି ତାମା ଦୋରାଙ୍କ ସହାୟତାରେ ପୁଣି ଥରେ ସେ ସକ୍ରିୟ ହୋଇଗଲେ । ସେମାନଙ୍କୁ ଦମନ କରିବାପାଇଁ ଇଂରେଜମାନେ ଏଥର ମୋଟୁ ରାସ୍ତା ଦେଇ ବାଙ୍ଗରା ଦେବୀଙ୍କ ରାଜ୍ୟ ଆକ୍ରମଣ କଲେ । କିନ୍ତୁ ବାଙ୍ଗରା ଦେବୀ ଏହା ଭିତରେ ତାଙ୍କ ସୈନ୍ୟବାହିନୀକୁ ଏତେ ଶକ୍ତିଶାଳୀ କରିଦେଇଥିଲେ ଯେ, ଇଂରେଜମାନଙ୍କୁ ପରାଜିତ ହେବାକୁ ପଡିଲା । ଏହା ୧୮୭୯ର ଘଟଣା। ଫଳରେ ଇଂରେଜମାନଙ୍କ କ୍ରୋଧ ବଢ଼ିବାରେ ଲାଗିଲା । ସେମାନେ ପୁଣିଥରେ ୧୮୮୦ ଖ୍ରୀଷ୍ଟାବ୍ଦରେ ବାଙ୍ଗରା ଦେବୀଙ୍କ ରାଜ୍ୟ ଆକ୍ରମଣ କରିଥିଲେ । ଏଥିରେ ତାମା ଦୋରା ନିହତ ହୋଇଥିଲେ । ବାଙ୍ଗରା ଦେବୀ ହତୋତ୍ସାହିତ ହୋଇ ଦୁଃଖ ଯନ୍ତ୍ରଣାରେ ପ୍ରାଣ ତ୍ୟାଗ କଲେ ।

ସଂଗ୍ରାମୀ ଖରା ପାର୍ବତୀ ଘାସିବା ତାଲୁକ ମୁଖ୍ୟ ଖରା ମାଲେୟାଙ୍କ ପତ୍ନୀ । ଇଂରେଜମାନଙ୍କ ଗୁଳିଗୋଳା ବନ୍ଧୁକକୁ ଭୟ କରୁଥିବା ସ୍ଥାନୀୟ ସଂଗ୍ରାମୀଙ୍କ ମନରେ ଆସ୍ଥା ସୃଷ୍ଟି କରିବା ପାଇଁ ସେ ବିଭିନ୍ନ କାର୍ଯ୍ୟକ୍ରମମାନ କରିଥିଲେ । ତାମା ଦୋରାଙ୍କର ବିଶ୍ୱସ୍ତ ଚିଙ୍ଗୁଡୁ ଦୋରା ଖରା ପାର୍ବତୀଙ୍କର ଅନୁଗତ ଥିଲେ । ସେ ପ୍ରଚାର କରିଦେଲେ ଖରା ପାର୍ବତୀ ଓ ମୁଠାଦାର ଖରା ମାଲେୟା ଜଗତ୍‌ଜନନୀ ଓ ଜଗତପିତା। ଇଂରେଜମାନଙ୍କ ଅତ୍ୟାଚାରରୁ ମୁକ୍ତି ଦେବାପାଇଁ ତାଙ୍କ କୋଳରେ ଭଗବାନ ଅବତାର ହୋଇ ଜନ୍ମଗ୍ରହଣ କରିଛନ୍ତି । ସତକୁ ସତ ଇଂରେଜଙ୍କ କୁଶାସନରେ ଅତିଷ୍ଠ ହେଉଥିବା ପ୍ରଜାମାନେ ତାଙ୍କୁ ବିଭିନ୍ନ ପ୍ରକାର ଉପଢ଼ୌକନ ଦେଇ ଦର୍ଶନ କଲେ । ସଂଗ୍ରାମ ପରିଚାଳନା ପାଇଁ ତାଙ୍କ ପାଖରେ ପ୍ରଚୁର ଅର୍ଥ ହୋଇଗଲା ।

ଇଂରେଜମାନେ ଏ ଖବର ପାଇ ତାଙ୍କ ରାଜ୍ୟ ଆକ୍ରମଣ କଲେ । ଏହି ଯୁଦ୍ଧରେ ଖରା ମାଲେୟା ନିହିତ ହୋଇଥିଲେ । ଖରା ପାର୍ବତୀ ଶିଶୁ ପୁତ୍ରକୁ ଧରି ପ୍ରାଣମୂର୍ଚ୍ଛା ଯୁଦ୍ଧ କରିଥିଲେ ଓ ଇଂରେଜମାନଙ୍କୁ ନାକେଦମ୍ କରିଦେଇଥିଲେ । ଇଂରେଜମାନଙ୍କ ଗୁଳିଗୁଳା ବନ୍ଧୁକ ମାଡରେ ବିଦ୍ରୋହୀମାନେ ଭୟଭୀତ ହୋଇ ଯୁଦ୍ଧରୁ ପଳାୟନ କଲେ ମଧ୍ୟ ବାଙ୍ଗରା ଦେବୀ ଆତ୍ମସମର୍ପଣ କରି ନଥିଲେ । ଗରିଲା ଯୁଦ୍ଧ କରି ଜଣେ ପୋଲିସ୍ ଡି.ଏସ୍.ପି. ସମେତ କେତେଜଣ ପୋଲିସ୍ କର୍ମୀଙ୍କୁ ହତ୍ୟା କରି ସ୍ୱାମୀ ହତ୍ୟାର ପ୍ରତିଶୋଧ ନେଇଥିଲେ । ଏହିପରି ପାଞ୍ଚବର୍ଷ କାଳ ଇଂରେଜ ସରକାରଙ୍କର ନିଦ ହଜେଇ ଶେଷରେ ଇଂରେଜ ଗୁଳିରେ ପ୍ରାଣ ହରାଇଥିଲେ ।

ସାଣ୍ଡି ଶବର ଆଉ ଜଣେ ମହିଳା ସଂଗ୍ରାମୀ । ଗୁଣୁପୁର କୁଜେନ୍ଦ୍ରୀ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ବାଇରୁ ଗମାଙ୍ଗଙ୍କ ସେ କନ୍ୟା ଥିଲେ । ପିତାଙ୍କ ପ୍ରଭାବରେ ଶୈଶବରୁ ସେ ନିର୍ଭୀକ ଓ ସ୍ୱାଧୀନତା ପ୍ରିୟ ଥିଲେ । ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଟ୍ଟନାୟକଙ୍କ ଆଦର୍ଶ ପ୍ରେରଣା ତାଙ୍କୁ ଜଣେ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀ କରିଥିଲା ।

ଗାଁ ମହିଳାମାନଙ୍କୁ ଏକଜୁଟ୍ କରି କପାଚାଷ, ସୂତା କାଟିବା, ପାଠ ପଢ଼ିବା ପାଇଁ ପ୍ରବର୍ତ୍ତାଇ ଥିଲେ । **୧୯୪୨ ମସିହା ଅଗଷ୍ଟ ବିପ୍ଳବ ବେଳେ ବିଶ୍ୱନାଥ ପଟ୍ଟନାୟକ ଓ ତାଙ୍କ ଭାଇ ନୀଳକଣ୍ଠ ଗମାଙ୍ଗ ୨୦୦ ପୁରୁଷ କର୍ମୀଙ୍କୁ ନେତୃତ୍ୱ ଦେଉଥିବାବେଳେ ସାଣ୍ଡି ୫୦ ଜଣ ମହିଳାଙ୍କୁ ଏକତ୍ର କରାଇ ଥାନା ଘେରାଉ କରିଥିଲେ । ବିଶ୍ୱନାଥ ପଟ୍ଟନାୟକ ଓ ନୀଳକଣ୍ଠ ଗମାଙ୍ଗଙ୍କୁ ପୋଲିସ୍ ଗିରଫ କରିଥିଲା । କିନ୍ତୁ ସାଣ୍ଡି ଶବରଙ୍କ ସହ ମହିଳାମାନଙ୍କୁ କିଛି ସମୟ ଥାନାରେ ଅଟକେଇ ଛାଡିଦେଇଥିଲା । ସାଣ୍ଡି ବାହାରେ ରହି ସ୍ୱାଧୀନତା ଆନ୍ଦୋଳନକୁ ତ୍ୱରାନ୍ୱିତ କରିଥିଲେ ।** ମଧୁ ଶବର ନାମକ ଜଣେ ଶିକ୍ଷକଙ୍କୁ ବିବାହ କରି ମାତ୍ର ସାତବର୍ଷ ଦାମ୍ପତ୍ୟ ଜୀବନ ନିର୍ବାହ ପରେ ୩୩ ବର୍ଷ ବୟସରେ ସେ ମୃତ୍ୟୁ ବରଣ କରିଥିଲେ ।

ଗୁଣୁପୁର ଅଞ୍ଚଳର ଆଉଜଣେ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ଶଉରା । ତାଙ୍କର ମଧ୍ୟ ସ୍ୱାଧୀନତା ସଂଗ୍ରାମ ପାଇଁ ଯଥେଷ୍ଟ ଅବଦାନ ଥିଲା । ସେ କଂଗ୍ରେସର ଗୁପ୍ତ ବାର୍ତ୍ତାମାନ ଲୁଚିଛପି ସଂଗ୍ରାମୀମାନଙ୍କ ପାଖରେ ପହଞ୍ଚାଉଥିଲେ । ଜୟପୁରର କଂଗ୍ରେସ କର୍ମୀ ରାଧାମୋହନ ସାହୁ, ରାଧାକୃଷ୍ଣ ବିଶ୍ୱାସରାୟ ଓ ସଦାଶିବ ତ୍ରିପାଠୀ ଆଦି ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହ ପ୍ରତ୍ୟକ୍ଷ ଭାବରେ ଯୋଗାଯୋଗ ରଖି ଏ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମକୁ ତ୍ୱରାନ୍ୱିତ କରିଥିଲେ ।

ମହିଳାମାନଙ୍କ ସ୍ୱାଧୀନତା ସଂଗ୍ରାମର ଆଉ ଏକ ଚମତ୍କାର ଉଦାହରଣ ହେଉଛି ବିଶ୍ୱନାଥ ପଟ୍ଟନାୟକଙ୍କ ଗିରଫଦାରୀର ଅଭୂତପୂର୍ବ ଶୈଳୀରେ ପ୍ରତିବାଦ । ସାଣ୍ଡି ଶବରଙ୍କ ସହ ଆଉ ୮ ଜଣ କିଶୋରୀ ହାତକୁ ହାତ ଛନ୍ଦି ମାନବ ଶୃଙ୍ଖଳରେ କୁଜେନ୍ଦ୍ରୀ ଠାରୁ ଗୁଣୁପୁର ଥାନା ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ପୋଲିସ୍ ତାଙ୍କୁ କିଛି ସମୟ ଅଟକାଇ ଛାଡି ଦେଇଥିଲା । ସେମାନଙ୍କ ମଧ୍ୟରେ ଥିଲେ ଲକ୍ଷ୍ମୀ ଶବର, ଚମ୍ପା ଶବର, ସୀତା ଗମାଙ୍ଗ, ଜାଡି ଶବର, ଶାନ୍ତି ଶବର ଇତ୍ୟାଦି ।

ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ଇନ୍ଦିରା ପଣ୍ଡା କେବଳ କୋରାପୁଟର ନୁହେଁ ସମଗ୍ର ଓଡ଼ିଶା ଓ ଭାରତର ଗୌରବ । ବର୍ମା (ଏବର ମିଆଁମାର)ସହରରେ ରେଳ ବିଭାଗରେ ଷ୍ଟେସନ୍ ମାଷ୍ଟର ଥିବା ପିତା ଓ ମାତାଙ୍କୁ ଦ୍ୱିତୀୟ ବିଶ୍ୱ ମହାଯୁଦ୍ଧରେ ହରେଇ ସାରିବା ପରେ ଭାଇ ନକୁଳ ସହ ଅନାଥ ହୋଇଯାଇଥିଲେ । ସେତେବେଳେ ସେଠାରେ ଥିବା ଓଡ଼ିଆମାନେ ତାଙ୍କୁ ଉଦ୍ଧାର କରିଥିଲେ । କ୍ୟାପ୍‌ଟେନ ନୃସିଂହ ଦାସ ଦୁଇ ଭାଇ ଭଉଣୀଙ୍କ ଦାୟିତ୍ୱ ନେଇଥିଲେ । **ତାଙ୍କ ସହାୟତାରେ ସୁଭାଷ ବୋଷ ଲକ୍ଷ୍ମୀ ଓ ନକୁଳଙ୍କୁ ଆଜାଦ୍ ହିନ୍ଦ୍ ଫୌଜରେ ଭର୍ତ୍ତି କରିଦେଇଥିଲେ ଓ ସେଠାରେ ସେ କିଛି ଦିନ ଟ୍ରେନିଙ୍ଗ୍ ନେବା ପରେ ମହିଳାଙ୍କ ପାଇଁ ଉର୍ଦ୍ଦିଷ୍ଟ ଝାନ୍‌ସୀ ରେଜିମେଣ୍ଟରେ କାମ କରିଥିଲେ । ସେତେବେଳେ ତାଙ୍କୁ ବୟସ ହୋଇ ନଥିବାରୁ ସେ ଯୁଦ୍ଧ କରିବା ପରିବର୍ତ୍ତେ ଗୁପ୍ତଚର କାମ କରୁଥିଲେ । ମୁଣ୍ଡରେ ଇଂରେଜମାନଙ୍କ ଘୋଡା ପାଇଁ ଖାଦ୍ୟ, ଘାସ ଓ ଇଂରେଜମାନଙ୍କ ଖାଦ୍ୟ ପାଇଁ ବେଙ୍ଗ ନେଇ ସେ ଶତ୍ରୁ ଶିବିର ଯାଉଥିଲେ ଓ ସେଠାରୁ ଗୁପ୍ତ ତଥ୍ୟ ଆଣୁଥିଲେ ।** ଚାରିବର୍ଷ ବର୍ମାରେ ରହିଲା ପରେ ସେ ସିଂହାପୁର ଯାଉଥିଲେ । ସେଠାରେ ସେ ବନ୍ଧୁକ ଧରି ଯୁଦ୍ଧ କରୁଥିଲେ । ନେତାଜୀଙ୍କୁ ବନ୍ଦୀ ଓ ହତ୍ୟା କରାଯିବାର ଖବର ପାଇବା ପରେ ଆଜାଦ୍ ହିନ୍ଦ୍ ଫୌଜରୁ ସେ ବିଦାୟ ନେଲେ । ଯିବା ପୂର୍ବରୁ ମହିଳା ରେଜିମେଣ୍ଟକୁ ଭାଙ୍ଗି ଦିଆଗଲା । ଲକ୍ଷ୍ମୀଙ୍କୁ ସେଠାରୁ ଭାରତକୁ ଆଣିବାରେ ସହାୟତା କଲେ କ୍ୟାପଟେନ୍ ନୃସିଂହ ଦାସ ।

ଖୁବ୍ କଷ୍ଟରେ ପୋଷାକ ବଦଳାଇ ଛଦ୍ମ ବେଶରେ ସେ ଆସିଥିଲେ । ମୂକ ଅଭିନୟ କରି ଇଂରେଜମାନଙ୍କ ସହ ଅତି ସତର୍କତାର ସହ ଗୋଟିଏ ଉଡାଜାହାଜରେ ଆସିଥିଲେ । ତାଙ୍କ ପୂର୍ବପୁରୁଷଙ୍କ ଭିଟାମାଟି ଜୟପୁରରେ ପହଞ୍ଚିଥିଲେ । ଆଜାଦ୍ ହିନ୍ଦ୍ ଫୌଜ୍‌ରେ ଥିବା ସେ ଓଡ଼ିଶାର ଏକମାତ୍ର ମହିଳା । ତାଙ୍କ ପାଇଁ ଆମେ ଯେତେ ଗର୍ବ ଅନୁଭବ କଲେ ବି ତାହା ଯଥେଷ୍ଟ ହେବ ନାହିଁ । କିନ୍ତୁ ବିଡମ୍ବନାର ବିଷୟ ଏକଦା ଆଜାଦ୍ ହିନ୍ଦ ଫୌଜର ସାହାସିନୀ ମହିଳା ଜୟପୁରରେ କିଛି ଦିନ ବୈବାହିକ ଜୀବନଯାପନ କଲାପରେ ଖୁବ୍ ଅସହାୟ ହୋଇପଡିଲେ, ରୋଜଗାରର କୌଣସି ପନ୍ଥା ନଥିଲା । ଭଙ୍ଗାଘରେ ରହି, ପର ଘରେ ବାସୀ କାମ କରି ସେ ଉଦର ଭରଣ କରୁଥିଲେ । ପ୍ରାୟ ତାଙ୍କ ଜୀବନର ଶେଷ ମୁହୂର୍ତ୍ତରେ ତାଙ୍କ ସନ୍ଧାନ ପାଇ ତାଙ୍କୁ ସମ୍ମାନିତ କରାଯାଇଥିଲା । ଜୟପୁର ଉପକଣ୍ଠରେ ତାଙ୍କର ଏକ ପ୍ରତିମୂର୍ତ୍ତି ଲକ୍ଷ୍ମୀ ପଣ୍ଡାଙ୍କ ସ୍ମୃତି ରୋମନ୍ଥନ କରେ ।

ଚିତ୍ରଭାନୁ ଦେବୀ କୋଟପାଡର ଜଣେ ମହିଳା ସ୍ୱାଧୀନତା ସଂଗ୍ରାମୀ । ପିତା ଥିଲେ ଚକ୍ର ପାଢ଼ୀ। ବିବାହର ଏକ ବର୍ଷ ପରେ ସେ ବିଧବା ହୋଇଥିଲେ । ସେ ସୁନ୍ଦର ଗୀତ ଗାଉଥିଲେ । ଶୋଭାଯାତ୍ରା ବେଳେ ତାଙ୍କ କଣ୍ଠର ଗୀତ ଶୁଣି କର୍ମୀମାନଙ୍କ ମନରେ ଅଫୁରନ୍ତ ଉତ୍ସାହ ସୃଷ୍ଟି ହେଉଥିଲା । ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ସେ ପୋଲିସ୍ ଲାଠିରେ ଆହତ ହୋଇ ଦୀର୍ଘଦିନ ଶଯ୍ୟାଶାୟୀ ଥିଲେ । ପରେ ସର୍ବୋଦୟରେ ଯୋଗ ଦେଇଥିଲେ ଓ ବିଭିନ୍ନ ପ୍ରକାର ରଚନାତ୍ମକ କାର୍ଯ୍ୟରେ ପ୍ରତ୍ୟକ୍ଷ ଭାବରେ ଅଂଶଗ୍ରହଣ କରି ଦେଶମାତୃକାର ସେବା କରିଥିଲେ ।

ଏହି ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତି ଆଜିର ଯୁବପିଢ଼ିଙ୍କୁ ପ୍ରେରଣା ଦେଉ । ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶମାତୃକା ପାଇଁ ଉତ୍ସର୍ଗୀକୃତ ଭାବେ ଯୁବପିଢ଼ି ଉଦ୍‌ବୁଦ୍ଧ ହୁଅନ୍ତୁ । ଏହା ହିଁ ହେବ ସେମାନଙ୍କ ପ୍ରତି ଆମର ଯଥାର୍ଥ ଶ୍ରଦ୍ଧାଞ୍ଜଳି ।

**୨୧୩ ସି–ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ, ଲକ୍ଷ୍ମୀସାଗର, ଭୁବନେଶ୍ୱର–୭୫୧୦୦୬**
**ମୋ– ୯୪୩୭୦୩୩୦୭୪**

# ମୃତ୍ତିକା କ୍ଷୟ, କୃଷି ପାଇଁ ବିପଦ



ସତ୍ୟ ସୁନ୍ଦର ଭଞ୍ଜ

କୃଷିରେ ମାତ୍ରାଧିକ୍ୟ କୀଟନାଶକ ବ୍ୟବହାର ଯୋଗୁ ମୃତ୍ତିକା ଧୀରେ ଧୀରେ କୃଷି ପ୍ରତି ଅନୁପଯୋଗୀ ହେବାରେ ଲାଗିଛି । ଅବଶ୍ୟ ଶସ୍ୟରେ କେବଳ କୀଟ ନାଶକ ବ୍ୟବହାର ନୁହେଁ ଏହା ସହିତ ଅନେକ କାରଣ ମଧ୍ୟ ରହିଛି । ତଥ୍ୟ ନେବାରେ ଜଣାପଡ଼ିଛି କପା ଚାଷ ହେଉଥିବା ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କପାଚାଷ ବଢୁଥିବାରୁ ମୃତ୍ତିକା ମଧ୍ୟ ସେହି ପରିମାଣରେ କ୍ଷୟ ହେଉଛି । ଫଳରେ କୃଷି ଓ ଆନୁଷଙ୍ଗିକ କୃଷି ପ୍ରତି ସମସ୍ୟା ଜଟିଳ ହେବାରେ ଲାଗିଛି । ବିଶେଷକରି କପାଚାଷରେ ମାତ୍ରାଧିକ୍ୟ କୀଟନାଶକ ବ୍ୟବହାର ହେଉଥିବାରୁ ମାଟି ପ୍ରଦୂଷିତ ହେଉଥିବା କୃଷି ବିଜ୍ଞାନୀଙ୍କ ମତ । ଏହା ସହିତ ପୋଡୁଚାଷ, ଜଙ୍ଗଲ କ୍ଷୟ ଓ ପ୍ଲାଷ୍ଟିକ ମାଟିରେ ମିଶୁଥିବାରୁ ମାଟି ବିଷାକ୍ତ ହେବାରେ ଲାଗିଛି ବୋଲି କୃଷି ବୈଜ୍ଞାନିକଙ୍କ ମତ ରହିଥିବାବେଳେ ପ୍ରାକୃତିକ ଉପାଦାନ କମୁଥିବାରୁ ଚାଷ ପାଇଁ ମାଟି ଅନୁର୍ବର ହେଉଛି ବୋଲି ମଧ୍ୟ କୁହାଯାଉଛି । କୃଷି ବିଭାଗ ସୂଚନା ଅନୁସାରେ, ୨୦୧୫–୧୬ ବେଳକୁ ଏଠାରେ ମାଟିରେ ୦.୪୯ପ୍ରତିଶତ ଅର୍ଗାନିକ (ଜୈବିକ) କାର୍ବନ ରହୁଥିଲା । ୨୦୨୩–୨୪ରେ ଏହା ଖସିଆସି ୦.୩୭ପ୍ରତିଶତ ହୋଇଛି । କୃଷି ବିଭାଗ ପକ୍ଷରୁ ମାଟିର ସ୍ୱାସ୍ଥ୍ୟ ପରୀକ୍ଷାରୁ ଏହା ଜଣାପଡିଛି । ଆଗାମୀ ଦିନରେ ମାଟିର ସ୍ୱାସ୍ଥ୍ୟ ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ । ଅର୍ଗାନିକ କାର୍ବନ ମାତ୍ରା ୦.୫ପ୍ରତିଶତ ରହିଲେ ମାଟି ନିମନ୍ତେ ଉତ୍ତମ ବୋଲି କୃଷି ବୈଜ୍ଞାନିକଙ୍କ ମତ ରହିଛି । ମୃତ୍ତିକା କ୍ଷୟ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ମୃତ୍ତିକା ମଧ୍ୟ ସ୍ୱାସ୍ଥ୍ୟ ହରାଉଛି । ମାଟିରୁ ଯବକ୍ଷାରଜାନ, ଫସଫରସ ମାତ୍ରା କମୁଥିବାରୁ ଉଦ୍ଭିଦର ବୃଦ୍ଧି ବାଧାପ୍ରାପ୍ତ ହେଉଛି । ଯବକ୍ଷାରଜାନ ଉଦ୍ଭିଦରେ ପୁଷ୍ଟିସାର ଖାଦ୍ୟ ପ୍ରସ୍ତୁତି ଓ ପତ୍ରରେ ସବୁଜକଣିକା ବଢ଼ାଉଥିବା ବେଳେ ଫସଫରସ୍ ଚେର ବୃଦ୍ଧିରେ ସାହାଯ୍ୟ କରିବା ସହ ଫୁଲଫଳ ଧରିବାରେ ସହାୟକ ହୋଇଥାଏ । ଅଧିକ ଅମଳ ପାଇଁ ଚାଷୀ ମାତ୍ରାଧିକ୍ୟ କୀଟନାଶକ ବ୍ୟବହାର କରୁଥିବାରୁ ଭୂତଳ ଜଳ ମଧ୍ୟ ପ୍ରଦୂଷଣ ହେବାରେ ଲାଗିଛି । ଜିଲ୍ଲାରେ ପୋଡୁଚାଷ ଏବଂ ଏବଂ ଜଙ୍ଗଲ ଅବକ୍ଷୟ ବଢୁଥିବାରୁ ଉର୍ବର ମାଟି ଧୋଇ ହୋଇ ଯାଉଥିବା ମଧ୍ୟ ଗବେଷକଙ୍କ ମତ ରହିଛି । ଏହି ସମସ୍ୟା ପ୍ରତି କୃଷି ବିଭାଗ , ପ୍ରଶାସନ ଓ ଚାଷୀ ସଚେତନ ନହେଲେ ନିକଟ ଭବିଷ୍ୟତରେ ଜମିରୁ ଉତ୍ପାଦନ କମିବା ସହ ଉତ୍ପାଦନ ମାତ୍ରା କମି ଗୁଣବତ୍ତା ହରାଇବା ଆଶଙ୍କା ପ୍ରକାଶ ପାଇଛି ।

ପାରମ୍ପରିକ କୃଷିର ପ୍ରୟୋଗ ସମୟରେ ପ୍ରକୃତିଦତ୍ତ କୀଟ ପତଙ୍ଗ, ଗାଈ ଗୋବର ବ୍ୟବହାର କରି କୃଷକ ଯେଉଁ ସୁନାର ଫସଲ ଉତ୍ପାଦନ କରୁଥିଲା ତାହା ଏବେ କ୍ୱଚିତ୍ ଦେଖାଦେଉଛି । ଏହା ପଛରେ ରହିଛି ଅନେକଗୁଡ଼ିଏ କାରଣ । ଏଠି ସ୍ମରଣ କରିଦିଆଯାଇପାରେ ଯେ ବିଗତ ଦିନରେ ମାଟିର ସ୍ୱାସ୍ଥ୍ୟ ଓ କୃଷିର ସଫଳତାରେ ମୁଖ୍ୟ ଭୂମିକା ନିର୍ବାହ କରୁଥିଲେ କେଚୁଆ (ଜିଆ) । ପ୍ରାକୃତିକ ଭାବେ ଏହି ଛୋଟ ଜୀବ ମାଟିକୁ ଉର୍ବର ଓ ସଜୀବ କରି ରଖୁଥିଲେ । ଯାହା ଫଳରେ କୃଷକମାନେ ଉତ୍ତମ ଫସଲ ଉତ୍ପାଦନ କରିପାରୁଥିଲେ । ଏହି କେଚୁଆକୁ ମାଟିର ଡାକ୍ତର ବୋଲି ମଧ୍ୟ କୁହାଯାଏ । ଦିନ ଥିଲା ଏହି ଜୀବ କୃଷକଙ୍କ ପାଇଁ ଅତ୍ୟନ୍ତ ଲାଭକାରୀ ଥିଲା । କିନ୍ତୁ କାଳକ୍ରମେ ଚାଷୀ ଅଧିକ ଉତ୍ପାଦନ ବୃଦ୍ଧି ଆଶାରେ ଧାନ ଓ ଅନ୍ୟ ଫସଲରେ ଅଧିକ ରାସାୟନିକ ପ୍ରୟୋଗ ଜିଆ ବଂଶକୁ ବଞ୍ଚିବାକୁ ଦେଲାନାହିଁ । ଫଳରେ କୃଷି କ୍ଷେତ୍ରରେ ଏକ ବଡ଼ ନକାରାତ୍ମକ ପ୍ରଭାବ ପଡ଼ିଲା । ମାଟିର ଉର୍ବରତା ବୃଦ୍ଧି କରିବାରେ ଜିଆ/କେଚୁଆ ମାଟିକୁ ଖୋଦି ଚାଲୁଥିଲା । ଯାହା ମାଟିର ଗଠନ ଉନ୍ନତି ହେଉଥିଲା । କେଚୁଆ ଭର୍ମିକମ୍ପୋଷ୍ଟ ତିଆରି କରୁଥିଲା । ଜିଆ ଜମିରେ ଥିବା ଜୈବିକ ପଦାର୍ଥ ଯଥା ଶୁଖିଲା ପତ୍ର, ଶେଷ ଫସଲ ଓ ଅନ୍ୟ ଅର୍ଗାନିକ ତତ୍ତ୍ୱକୁ ଖାଇ ସେଥିରୁ ଭଲ ମାନ ଥିବା ମଳ ତିଆରି କରେ । ଏହା ସାର ଫସଲ ପାଇଁ ଅତ୍ୟନ୍ତ ପୋଷକ ଓ ପ୍ରାକୃତିକ । କିନ୍ତୁ ଏବେ ଜିଆ ଅଧିକ ପରିମାଣରେ ଦେଖାଯାଉନଥିବା ବେଳେ ଭର୍ମିକମ୍ପୋଷ୍ଟ ଖତ କୃତ୍ରିମ ଭାବେ ପ୍ରସ୍ତୁତ କରିବାକୁ ଚାଷୀ ବାଧ୍ୟ ହେଉଛି । ଗବେଷକଙ୍କ ମତ ରହିଛି ଜିଆ କୀଟନାଶକ ଆବଶ୍ୟକତା କମାଏ । କିନ୍ତୁ ରାସାୟନିକ ସାର ମାତ୍ରାଧିକ୍ୟ ପ୍ରୟୋଗ ଯୋଗୁଁ ଜିଆକୁ ବଞ୍ଚାଇ ରଖିବା ଆଉ ସମ୍ଭବ ହେଉନାହିଁ ।

ଭୂମି ଉର୍ବର ଓ ସ୍ୱାସ୍ଥ୍ୟବାନ ହେଲେ ଫସଲ ଗଛ ମଧ୍ୟ ଶକ୍ତିଶାଳୀ ହୁଏ। ଯାହା ମାନବ ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ଉପକାରୀ ଓ ପରିବେଶ ପାଇଁ ମଧ୍ୟ ଶୁଭ । କେଚୁଆ ଦ୍ୱାରା ତିଆରି ହେଉଥିବା ମଳ ମାଟି ପାଇଁ ବିଷମୁକ୍ତ ଓ ଜୈବିକ ହୋଇଥାଏ । ଏହି ମାଧମରେ ଜଳପ୍ରଦୂଷଣ, ଜୈବ ବିବିଧତାର କ୍ଷୟ ରୋକାଯାଇଥାଏ । ଅନ୍ୟ ପକ୍ଷରେ କୃଷକମାନଙ୍କ ଆର୍ଥିକ ଉନ୍ନତି ମଧ୍ୟ ହୋଇଥାଏ । କେଚୁଆ/ଜିଆର ଚାଷ ଜମିରେ ପ୍ରୟୋଗ ଫଳରେ ଭଲ ଫସଲ ଉତ୍ପାଦନ ଓ କମ ଖର୍ଚ୍ଚ ଦ୍ୱାରା କୃଷକମାନେ ଅଧିକ ଲାଭବାନ ହୋଇଥାନ୍ତି । ବ୍ୟବସାୟିକ ଭାବେ କେଚୁଆ ଚାଷ କରି ବହୁତ କୃଷକ ଆଜି ନିଜ ଜୀବିକା ଚଳାଉଛନ୍ତି । କିନ୍ତୁ ଦିନ ଥିଲା ଏହା ପ୍ରାକୃତିକ ଭାବେ କୃଷକକୁ ମିଳୁଥିଲା । ପ୍ରାକୃତିକ ଭାବେ ମାଟି ଉର୍ବରତା ବଢ଼ାଇବା, ଜୈବ ସାର ଉତ୍ପାଦନ କରିବା ଓ ପରିବେଶ ସୁରକ୍ଷାରେ ଜିଆର ଭୂମିକା ଅମୂଲ୍ୟ । ତେଣୁ ଆମେ କହିପାରିବା – ଯେଉଁଠି କେଚୁଆ ରହିଛି, ସେଇଠି ମାଟି ଶକ୍ତିଶାଳୀ ଓ କୃଷି ଲାଭ ଦାୟକ ନିଶ୍ଚିତ ।

କହିବାକୁ ଗଲେ ଜିଆ କୃଷକ ଓ ପରିବେଶ ପାଇଁ ଏକ ଆଶୀର୍ବାଦ । ଏହା କୃଷି ଜଗତରେ ଏକ ଅତ୍ୟନ୍ତ ଜରୁରୀ ଓ ଲାଭଦାୟକ ପ୍ରାଣୀ । ଏହି ପ୍ରାଣୀଟିକୁ 'ମାଟିର ମିତ୍ର' ବୋଲି ମଧ୍ୟ କୁହାଯାଇଥାଏ । ଏହା କୃଷି କ୍ଷେତ୍ର ଓ ପରିବେଶର ଗଠନରେ ଏକ ଅମୂଲ୍ୟ ଭୂମିକା ନିଭାଏ । ମାଟି ଗଠନରେ ପ୍ରମୁଖ ଭୂମିକା ନିଭାଇଥାଏ ଜିଆ । ଜିଆ ମାଟି ମଧ୍ୟରେ ଗତି କରି ଛିଦ୍ର ତିଆରି କରେ । ଏହା ଜଳ ଓ ବାୟୁ ପ୍ରବେଶକୁ ସୁବିଧା ଦେଇ ମୂଳ ବୃଦ୍ଧିରେ ସାହାଯ୍ୟ କରେ । ମାଟିର ଗଠନ ଓ ଜୀବନ୍ତ ରଖିବାରେ ଏହି ପ୍ରାଣୀ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର । ଜିଆ ବର୍ମି କମ୍ପୋଷ୍ଟ ତିଆରି କରିଥାଏ । ଜିଆ ମାଟି ଭିତରେ ଜୈବ ବସ୍ତୁକୁ ଭଙ୍ଗ କରି ପରିବେଶକୁ ଶୁଦ୍ଧ ଓ ସ୍ୱଚ୍ଛ ରଖେ । ଏହି ଜୀବ ଦୂଷିତ ଦ୍ରବ୍ୟଗୁଡିକୁ ଉପଯୋଗୀ ରୂପକୁ ପରିଣତ କରେ । ଜିଆ ଦ୍ୱାରା ଜମିରେ ଜଳଧାରଣ କ୍ଷମତା ବୃଦ୍ଧି ପାଇଥାଏ । ଜିଆ/କେଚୁଆର ଗତି ଓ ଛିଦ୍ର ତିଆରି କାରଣରୁ ମାଟିର ଜଳଧାରଣ କ୍ଷମତା ବଢ଼ିଥାଏ । ଏହା ଶୁଷ୍କ ଅଞ୍ଚଳରେ ମଧ୍ୟ ଚାଷ କରିବାରେ ସାହାଯ୍ୟ କରେ । ରାସାୟନିକ ସାରର ବିକଳ୍ପ ଭାବେ କାମ କରିଥାଏ ଜିଆ । ଉର୍ବର ମାଟିର ପ୍ରମୁଖ ମାଧ୍ୟମ ଜିଆର ବଂଶ ବୃଦ୍ଧି ପାଇଁ ଶିକ୍ଷା ଓ ଗବେଷଣାରେ ଉପଯୋଗ ଅଧିକ ଆବଶ୍ୟକ ରହିଛି । ଜିଆ ଏକ ସାଧାରଣ ଜୀବ ହେଲେ ମଧ୍ୟ ତାହାର ଭୂମିକା ଅସାଧାରଣ । ଏହା ମାଟି, ପରିବେଶ ଓ ମାନବ ସମାଜ ପାଇଁ ଅତ୍ୟନ୍ତ ଉପଯୋଗୀ । ତେଣୁ ଏହି ବ୍ୟବସ୍ଥାକୁ ଆଧୁନିକ କୃଷି ପଦ୍ଧତିର ଅଂଶ ଭାବେ ଗ୍ରହଣ କରିବା ଦ୍ୱାରା ଆମେ ଦୀର୍ଘକାଳୀନ ଲାଭ ଉଠାଇପାରିବା ସହ ଜୈବିକ ଫସଲ ଅଧିକ ମାତ୍ରାରେ ଉତ୍ପାଦନ କରି ସୁସ୍ଥ ଓ ନିରୋଗ ଜୀବନ ଯାପନ କରିପାରିବା । ଜିଆ ଯେପରି ମାଟିକୁ ଅଧିକ ଉର୍ବର କରି କୃଷି ଉତ୍ପାଦନ ବଢ଼ାଇଥାଏ, ଠିକ ସେହିପରି ଚାଷ ଜମିର ମିତ ଭାବେ ପରିଚିତ ଗେଣ୍ଡା କୃଷକଙ୍କ ବନ୍ଧୁ । ବର୍ଷାଦିନେ ତଥା ଶ୍ରାବଣ ମାସରେ ଚାଷ ଜମିରେ ଅସଂଖ୍ୟ ଗେଣ୍ଡା ଜନ୍ମଲାଭ କରୁଥିବାବେଳେ ମାଟିକୁ ହାଲୁକା ଛିଦ୍ର ଯୁକ୍ତ କରାଇ ଉର୍ବର କରିଥାନ୍ତି । ଚାଷଜମିରେ ଗେଣ୍ଡା ରହି ଅପକାରୀ ଶୈବାଳ, ଚକଡା ପୋକ ଆଦିକୁ ଭକ୍ଷଣ କରିବା ସହ ଚାଷକୁ ସୁରକ୍ଷା ଦେଇଥାଏ । ମୃତ୍ତିକାର ଉପକାର କଲେ ମଧ୍ୟ କ୍ଷେତରେ ଚାଷୀଙ୍କ ପାଦକୁ ଗେଣ୍ଡା କାଟି ଦେଇଥାଏ । ତେଣୁ ଚିତାଲାଗି ଅମାବାସ୍ୟାରେ ପ୍ରତ୍ୟେକ ଚାଷୀ ପରିବାର ପକ୍ଷରୁ ଅରୁଆ ଚାଉଳରେ ଚିତଉ ପିଠା ଓ ଗଇଁଠା ପିଠା ପ୍ରସ୍ତୁତ କରାଯାଇ ଗେଣ୍ଡାଙ୍କ ଉଦ୍ଦେଶ୍ୟରେ ଖାଇବା ପାଇଁ ଜମିରେ ଦିଆଯାଇଥାଏ । ଏଥିସହ ବନ୍ୟା ଜଳରୁ ଫସଲର ସୁରକ୍ଷା ପାଇଁ ବରୁଣ ଦେବତାଙ୍କ ଉଦ୍ଦେଶ୍ୟରେ ପାଣିରେ ଚିତଉ ପିଠାକୁ ଚାଷୀମାନେ ଭସାଇଥିବା ପରିଲକ୍ଷିତ ହୋଇଥାଏ । ଏହାଦ୍ୱାରା ଗେଣ୍ଡାମାନେ ଫସଲ ସୁରକ୍ଷା କରିବା ସହ କୃଷକଙ୍କୁ ନିଜର ବନ୍ଧୁ ବୋଲି ଭାବି ଆକ୍ରମଣ କରିବେ ନାହିଁ ଓ ବରୁଣ ଦେବତାଙ୍କ ଆଶୀର୍ବାଦରୁ ବର୍ଷା ଓ ବନ୍ୟାରେ ଫସଲ କ୍ଷତି ହେବନାହିଁ ବୋଲି ଲୋକକଥା ରହିଥିବା ସମ୍ପର୍କରେ ଅଗ୍ରଣୀ ଚାଷୀଙ୍କ ମତ ରହିଛି । ଏପରିକି ଚିତାଲାଗି ଅମାବାସ୍ୟାରେ କିଛି ଉପକୂଳ ଓଡ଼ିଶାରେ ପ୍ରତ୍ୟେକ କୃଷକ ପରିବାର ପକ୍ଷରୁ ଗେଣ୍ଡାଙ୍କୁ ପୂଜା କରାଯିବା ସହ ସେମାନଙ୍କୁ ଅରୁଆ ଚାଉଳରେ ପ୍ରସ୍ତୁତ ଚିତଉ ପିଠା ଖାଇବାକୁ ଦିଆଯାଇଥାଏ ।

**ସହସମ୍ପାଦକ, ସମୟ**
**ମୋ–୯୪୩୭୧୫୦୬୩୨**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପୁଣି...

ମିଳିଛି । ଏହି ଗାଁର ପରମ୍ପରା ଅନୁଯାୟୀ ସ୍ୱାମୀ ଜଣେ ଲଙ୍ଗଳ ଯୁଆଳି ଟାଣିବ ଓ ସ୍ତ୍ରୀ ଲଙ୍ଗଳକୁ ଧରି ତିନି ଥର ବୁଲାଇଛନ୍ତି । ଉଭୟଙ୍କ ଭୁଲ ପାଇଁ ଗାଁକୁ ଆଦିବାସୀ ନିୟମ ଅନୁସାରେ ଏକ ଡବା ମଦ ଓ ଗାଈ ଦେବାକୁ କୁହାଯାଇଛି । ପରମ୍ପରା ଅନୁଯାୟୀ ପ୍ରେମୀ ଯୁଗଳଙ୍କୁ ଦଣ୍ଡ ରହିଛି । କିନ୍ତୁ ନିଜ ସମାଜର ବର୍ତ୍ତମାନର ପୀଢ଼ି ଶିକ୍ଷା ଲାଭ କରିବା ଏହା କଣ ବାର୍ତ୍ତା ଦେଉଛି । ଆଜି ମଧ୍ୟ ଆମେ ଅନ୍ଧବିଶ୍ୱାସ କରି ଆଇନକୁ ହାତକୁ ନେବା ଠିକ ନୁହେଁ ।

## ଜାତୀୟରାଜପଥ...

ରେବତୀ ରାଉଳ ଓ ଦୁଇବର୍ଷର ଭାଇ ଗୁରୁତର ଆହତ ହୋଇ ଏମ୍ସରେ ଚିକିତ୍ସିତ ହେଉଥିଲେ । ସୋମବାର ରେବତୀଙ୍କ ମୃତ୍ୟୁ ହେବା ପରେ ସ୍ଥାନୀୟ ଲୋକମାନେ ଉତ୍ତେଜିତ ହୋଇ ଶବ ରଖି ଆଇଗିଣିଆ ଛକ ନିକଟରେ ପୁଣି ଜାତୀୟ ରାଜପଥ-୧୬କୁ ଅବରୋଧ କରିଥିଲେ । ଯଦ୍ୱାରା ଦୁଇଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଗାଡି ଚଳାଚଳ ବ୍ୟାହତ ହୋଇଥିଲା । ଡିସିପି ଜଗମୋହନ ମିନା ପହଞ୍ଚି ବୁଝାସୁଝା କରିବା ପରେ ସନ୍ଧ୍ୟା ୬ଟାରେ ରାସ୍ତାରୋକ ହଟିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଛି ।

କମିଶନରେଟ୍ ପୋଲିସ ରିଜର୍ଭ ଇନ୍ସପେକ୍ଟରଙ୍କ ଡ୍ରାଇଭର ମାନସ ରାଉଳ । ସେ ସପରିବାରେ ପାତ୍ରପଡା ନିକଟ ଫୁଲେଶ୍ୱରୀ ବସ୍ତିରେ ରୁହନ୍ତି । ରାକ୍ଷୀ ପୂର୍ଣ୍ଣିମା ଦିନ ତାଙ୍କ ସ୍ତ୍ରୀ ରେବତୀ ପୁଅ-ଝିଅଙ୍କୁ ସାଙ୍ଗରେ ଧରି ଭାଇକୁ ରାକ୍ଷୀ ବାନ୍ଧିବା ପାଇଁ ପଟିଆ ଯାଇଥିଲେ । ପଟିଆରୁ ଫେରିବା ସମୟରେ ଆଇଗିଣିଆ ଛକ ଭି-୨ ସାମ୍ନାରେ ଜାତୀୟ ରାଜପଥ ପାର୍ ହେଉଥିବା ବେଳେ ତାଙ୍କୁ ଏକ ଥର୍ ଗାଡି ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଝିଅ ରେସ୍ମାଙ୍କ ମୃତ୍ୟୁ ହୋଇଥିବା ବେଳେ ମା'-ପୁଅ ଗୁରୁତର ଆହତ ହୋଇ ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ସୋମବାର ମଧ୍ୟାହ୍ନରେ ରେବତୀଙ୍କ ମୃତ୍ୟୁ ହୋଇଛି । ମୃତ୍ୟୁ ହେବା ଖବର ବସ୍ତି ଓ ଅନ୍ୟାନ୍ୟ ସ୍ଥାନୀୟ ଲୋକଙ୍କ ପାଖରେ ପହଞ୍ଚିବା ପରେ ଶହ ଶହ ମହିଳା ଓ ପୁରୁଷ ଏମ୍ସ ହସ୍ପିଟାଲରେ ପହଞ୍ଚି ପ୍ରତିବାଦ କରିଥିଲେ । ସେମାନଙ୍କ କହିବା କଥା ଥର ଗାଡି ଜବତ ହୋଇଛି । ଡ୍ରାଇଭରକୁ ପୋଲିସ କାହିଁକି ଗିରଫ କରୁନାହିଁ । ଡ୍ରାଇଭର ଗିରଫ ହେଲେ ଶବ ବ୍ୟବଚ୍ଛେଦ ହେବ ବୋଲି ଉତ୍ତେଜିତ ଲୋକମାନେ ଦାବି କରିଥିଲେ । ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଓ ଡିସିପି ଜଗମୋହନ ମିନା ଫୋର୍ସ ସହ ମେଡିକାଲ ନିକଟରେ ପହଞ୍ଚି ବୁଝାସୁଝା କରିବା ପରେ ଉତ୍ୟକ୍ତ ଲୋକମାନେ ଆନ୍ଦୋଳନରୁ ବିରତ ରହିଥିଲେ । ରେବତୀଙ୍କ ଶବ ବ୍ୟବଚ୍ଛେଦ କରାଯାଇଥିଲା । ଦୁଇବର୍ଷର ପୁଅକୁ ଏମ୍ସରୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଛି ।

ରେବତୀଙ୍କ ଶବ ବ୍ୟବଚ୍ଛେଦ ପରେ ଆଇଗିଣିଆ ଛକ ନିକଟକୁ ନିଆଯାଇଥିଲା । ଶବ ରଖି ଶହ ଶହ ମହିଳା ଓ ପୁରୁଷ ପୁଣି ରାଜୀୟ ରାଜପଥ ଅବରୋଧ କରିଥିଲେ । ସେମାନଙ୍କ ଦାବି ଥିଲା ଥର୍ ଗାଡିର ଡ୍ରାଇଭରକୁ ଗିରଫ କରାଗଲେ ଆମେ ଆନ୍ଦୋଳନରୁ ହଟିବୁ । ଦୁଇଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାସ୍ତାରୋକ ହେବା ପରେ ଡିସିପି ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ଗାଡି ଡ୍ରାଇଭର ଚିହ୍ନଟ ହୋଇଛି, ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ସେମାନେ ରାସ୍ତାରୋକରୁ ହଟିଥିଲେ । ରାସ୍ତାରୋକରୁ ହଟିବା ପରେ ଆନ୍ଦୋଳନକାରୀ ଯେଉଁ ଟାୟାର ଗୁଡିକରେ ନିଆଁ ଲଗାଇଥିଲେ ସେସବୁକୁ ଅଗିଶବ ବାହିନୀ ଦ୍ୱାରା ଲିଭାଯି ବାପରେ ସନ୍ଧ୍ୟା ୬ଟାରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ଆନ୍ଦୋଳନକାରୀଙ୍କ କହିବା କଥା ଗାଡି ଡ୍ରାଇଭର ଜଟଣୀର ପ୍ରଭାବଶାଳୀ ବ୍ୟବସାୟୀ ସୁନାକର ବେହେରାଙ୍କ ପୁଅ ହୋଇଥିବାରୁ ତାକୁ ପୋଲିସ ଖସାଇ ଦେବା ଉଦ୍ଦେଶ୍ୟରେ ଗିରଫ କରିବାରେ ବିଳମ୍ବ କରୁଛି । ଥର୍ ଗାଡି ଜଟଣୀ ଥାନା ନିକଟରୁ ଜବତ ହୋଇଥିବା ବେଳେ ଡ୍ରାଇଭରକୁ ପୋଲିସ କାହିଁକି ଗିରଫ କରୁନାହିଁ । ସୁନାକର ବେହେରାଙ୍କ ପୁଅ ସ୍ଥାନରେ ଖଣ୍ଡଗିରି ଥାନା ପୋଲିସ ଅନ୍ୟ କୌଣସି ଡ୍ରାଇଭରକୁ ଗିରଫ କରିପାରେ ବୋଲି ଆନ୍ଦୋଳନକାରୀଙ୍କ ସନ୍ଦେହ ହେଉଥିବା ସେମାନେ ଗଣମାଧ୍ୟମକୁ କହିଛନ୍ତି ।

ଆନ୍ଦୋଳନକାରୀଙ୍କ ଦାବି ଥିଲା ଓଭରବ୍ରିଜ୍ କିମ୍ବା ଅଣ୍ଡରଗ୍ରାଉଣ୍ଡ ରାସ୍ତା ନିର୍ମାଣ, ମାନସଙ୍କ ପରିବାରକୁ କ୍ଷତିପୂରଣ ସହିତ ତାଙ୍କୁ ସ୍ଥାୟୀ ଚାକିରି ଦେବାରେ ପ୍ରଶାସନ ସହଯୋଗ କରୁ । ସେମାନଙ୍କ ଦାବି ମଧ୍ୟରୁ ଡ୍ରାଇଭରକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଡିସିପି କହିବା ସହ ଓଭରବ୍ରିଜ୍ କିମ୍ବା ଅଣ୍ଡରଗ୍ରାଉଣ୍ଡ ରାସ୍ତା ନିମନ୍ତେ ଜାତୀୟ ରାଜପଥକୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେଲେ । ସେହି ସ୍ଥାନରେ ଦୈନିକ ଶହ ଶହ ଲୋକ ଜାତୀୟ ରାଜପଥ ପାର୍ ହେଉଛନ୍ତି । କାରଣ ଫୁଲେଶ୍ୱରୀ ବସ୍ତିର ପିଲାମାନେ ରାସ୍ତା ପାର୍ ହୋଇ ସ୍କୁଲକୁ ଯାଉଛନ୍ତି ଓ ଅନ୍ୟାନ୍ୟ ଲୋକମାନେ ଦୈନିକ ସେହିଠାରେ ରାସ୍ତା ପାର୍ ହେଉଥିବାରୁ ସପ୍ତାହକୁ ଦୁଇ ତିନୋଟି ଦୁର୍ଘଟଣା ଘଟୁଥିବା ଆନ୍ଦୋଳନକାରୀମାନେ କହିଛନ୍ତି ।

## ମୁନିରଙ୍କ...

ସେନା ବାସ୍ତବ ପକ୍ଷେ ଶାସନ କରୁଛି ଫଳରେ ପରମାଣୁ ଅସ୍ତ୍ର ସେମାନଙ୍କ ହାତରେ ରହିବା ବାସ୍ତବିକ ବିପଦଜ୍ଜନକ । ପାକିସ୍ତାନରେ ଗଣତନ୍ତ୍ର ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ ମୁନୀର କହିଥିଲେ ଯେ ଭବିଷ୍ୟତରେ ଯଦି ଭାରତ ସହ ଯୁଦ୍ଧ ହୁଏ ତେବେ ବିଶ୍ୱର ଅଧା ଅଞ୍ଚଳକୁ ଆମେ ଧ୍ୱଂସ କରିଦେବୁ । ଆମ ପାଖରେ ପରମାଣୁ ଅସ୍ତ୍ର ରହିଛି ବୋଲି ସମସ୍ତେ ଜାଣିବା ଉଚିତ୍ । ଆମେ ପରମାଣୁ ସମ୍ପନ୍ନ ରାଷ୍ଟ୍ର । ଯଦି କିଏ ଭାବୁଛି ଆମେ ଆଣ୍ଠେଇ ପଡିଛି ତେବେ ଅଧା ବିଶ୍ୱକୁ ଆମେ ଧରାଶାୟୀ କରିଦେବୁ ବୋଲି ସେ କହିଛନ୍ତି ।

## ନିୟମିତ...

ଏବଂ ସମସ୍ୟାର ସମାଧାନ ଉପରେ ସବୁବେଳେ ଗୁରୁତ୍ୱ ଦେଇଥାନ୍ତି । ଆଜି ଆସିଥିବା ଅଭିଯୋଗକାରୀମାନଙ୍କ ମଧ୍ୟରେ କିଛି ଜଣ ନିଜ ନିଜ ସମସ୍ୟାକୁ ନେଇ ବିଚଳିତ ହେଉଥିବାରୁ, ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଭରସା ଓ ଆଶ୍ୱାସନା ଦେଇ ବୁଝାଇଥିଲେ ଏବଂ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଭରା କଥାରେ ଚିନ୍ତିତ ଲୋକମାନଙ୍କ ମୁହଁରେ ଆଶାର କିରଣ ଦେଖାଦେଇଥିଲା ଏବଂ ସେମାନେ ଆଶ୍ୱସ୍ତ ହୋଇ ଫେରିଥିଲେ । ଆଜି ପ୍ରକୋଷ୍ଠ ମଧ୍ୟରେ ଗ୍ରହଣ କରାଯାଇଥିବା ସମସ୍ତ ଅଭିଯୋଗ ଗୁଡିକର ପ୍ରତିବିଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ୮ ଜଣ ବରିଷ୍ଠ ମନ୍ତ୍ରୀ ଆଜି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ ।

ରାଜ୍ୟ ସରକାରଙ୍କ ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରାଜ୍ୟସ୍ତର ସହିତ ଜିଲ୍ଲାସ୍ତରରେ ମଧ୍ୟ ଅନୁଷ୍ଠିତ ହେଉଛି । ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜରିଆରେ ଅନେକ ଲୋକଙ୍କର ବର୍ଷ ବର୍ଷ ଧରି ପଡି ରହିଥିବା ସମସ୍ୟାର ସମାଧାନ ହୋଇପାରୁଛି ।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ ।

ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

## ବିରୋଧୀ...

କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଥିଲେ । ଅଧିକାଂଶ ମହିଳା ସାଂସଦ ରାସ୍ତା ଉପରେ ବସି ଯାଇଥିଲେ । ଟିଏମ୍‌ସିର ମହୁଆ ମୈତ୍ର, କଂଗ୍ରେସର ସଞ୍ଜନା ଜାଠ ଆଦି ସାଂସଦମାନେ ଜୋରଦାର ସ୍ଲୋଗାନବାଜି କରିଥିଲେ । ପ୍ରିୟଙ୍କା ଗାନ୍ଧି ମଧ୍ୟ ମୋର୍ଚ୍ଚାରେ ସାମିଲ ହୋଇ ଜୋରଦାର ସ୍ଲୋଗାନ ଦେଇଥିଲେ । ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ଏଆଇସିସି ସଭାପତି ମଲ୍ଲିକାର୍ଜୁନେ ଖଡଗେ, ସମାଜବାଦୀ ପାର୍ଟି ସାଂସଦ ଅଖିଳେଶ ଯାଦବ, ବରିଷ୍ଠ ନେତା ଶରଦ ପାୱାର ଏହି ପ୍ରତିବାଦରେ ସାମିଲ ହୋଇଥିଲେ । ମହିଳା ସାଂସଦମାନେ ପୋଲିସ ବ୍ୟାରିକେଡ୍ ଉପରେ ଚଢ଼ି ଡେଇଁବାକୁ ଚେଷ୍ଟା କରିଥିଲେ । ଇତି ମଧ୍ୟରେ ସାଂସଦ ମହୁଆ ମୈତ୍ର ସେଠାରେ ଅଚେତ ହୋଇପଡିଥିଲେ । ଅଖିଳେଶ ଯାଦବ ମଧ୍ୟ ବ୍ୟାରିକେଡ୍ ଉପରେ ଚଢ଼ି ଡେଇଁବାକୁ ଉଦ୍ୟମ କରିଥିଲେ । ପୋଲିସ ତତ୍‌କ୍ଷଣାତ୍ ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି, ସଞ୍ଜୟ ରାଉତ ଓ ସାଗରିକା ଘୋଷଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇଥିଲା । ଦୁଇ ମହିଳା ସାଂସଦ ଅଚେତ ହେବାପରେ ସେମାନଙ୍କ ଚେତା ଫେରାଇବା ପାଇଁ ଚେଷ୍ଟା କରାଯାଇଥିଲା । ରାହୁଲ କହିଛନ୍ତି ଯେ ଏ ଲଢ଼େଇ ରାଜନୈତିକ ଲଢ଼େଇ ନୁହେଁ । ସମ୍ବିଧାନକୁ ରକ୍ଷା କରିବା ପାଇଁ ଲଢ଼େଇ । ଜଣେ ବ୍ୟକ୍ତି ଓ ଗୋଟିଏ ଭୋଟ୍ ପାଇଁ ଲଢ଼େଇ । ବାସ୍ତବ କଥା ହେଲା ସେମାନଙ୍କ ପାକରେ କହିବାକୁ କିଛି ନାହିଁ । ସତ ପୁରା ଦେଶ ସାମ୍ନାରେ ରହିଛି । କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ଆମର ଦାବି ନିର୍ବାଚନ କମିଶନଙ୍କ ଉପରେ ଅତ୍ୟନ୍ତ ସ୍ପଷ୍ଟ । ଆମେ ସଂସଦଭବନରୁ ନିର୍ବାଚନ ସଦନ ଯାଏ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରିଥିଲୁ ଓ ଆମେ ନିର୍ବାଚନ କମିଶନଙ୍କୁ ଏସ୍‌ଆଇଆର ଓ ଅନ୍ୟ ପ୍ରସଙ୍ଗରେ ସ୍ମାରକପତ୍ର ଦେଇଥାନ୍ତୁ । ମାତ୍ର ଆମକୁ ନିର୍ବାଚନ ସଦନ ଯାଏ ପହଞ୍ଚିବାକୁ ଅନୁମତି ଦିଆଗଲା ନାହିଁ । ଗଣତନ୍ତ୍ରକୁ ହତ୍ୟା କରାଯାଇଛି । ଦିଲ୍ଲୀ ପୋଲିସ ସାଂସଦମାନଙ୍କୁ ବସ୍‌ରେ ବଣ୍ଡଲ ଭଳି ଭର୍ତ୍ତି କରିନେଉଛି । ଦିଲ୍ଲୀ ପୋଲିସ ଯୁଗ୍ମ କମିଶନର କହିଛନ୍ତି ଯେ ବିକ୍ଷୋଭ ବେଳେ ଅଟକ ରହିଥିବା ଇଣ୍ଡିଆ ମେଣ୍ଟର ନେତାଙ୍କୁ ସ୍ଥାନୀୟ ଥାନାକୁ ନିଆଯାଇଛି । ଏତେବଡ ବିକ୍ଷୋଭ ପାଇଁ ସେମାନଙ୍କ ପାଖରେ ଅନୁମତି ନଥିଲା । କେବଳ ୩୦ ସାଂସଦଙ୍କୁ ଶୋଭାଯାତ୍ରାରେ ଯାଇ ନିର୍ବାଚନ କମିଶନଙ୍କୁ ଦାବିପତ୍ର ଦାଖଲ କରିବାକୁ ଅନୁମତି ଦିଆଯାଇଥିଲା । ଆଇନ୍‌ଶୃଙ୍ଖଳା ପରିସ୍ଥିତି ପାଇଁ ସେମାନଙ୍କୁ ଅଟକ ରଖିଛୁ । କିଛି ସାଂସଦ ବ୍ୟାରିକେଡ୍ ଡେଇଁବାକୁ ଚେଷ୍ଟା କରୁଥିଲେ ସେମାନଙ୍କୁ ଅଟକ ରଖାଯାଇଛି । ବିରୋଧୀ ସାଂସଦଙ୍କ ବିକ୍ଷୋଭ ପାଇଁ ପୋଲିସ ସଂସଦ ବିଲ୍ଡିଂ ରାସ୍ତାକୁ ବନ୍ଦ କରି ବ୍ୟାରିକେଡ ଲଗାଇଥିଲା । ଭୋଟ୍ ଚୋରୀ ବିକ୍ଷୋଭ ଶୋଭାଯାତ୍ରାକୁ ଅଟକାଇବା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ବିରୋଧୀଙ୍କ ବିକ୍ଷୋଭ ଯୋଗୁ ଅପରାହ୍ଣ ୨ଟା ଯାଏ ସଂସଦର କାର୍ଯ୍ୟ ଚାଲିପାରିନଥିଲା । ସଂସଦର ଉଭୟ ଗୃହକୁ ମୁଲତବୀ କରାଯାଇଥିଲା ।

## ଛାତ୍ରୀଙ୍କୁ...

କେନାଲରେ ସାଇକେଲକୁ କେନାଲକୁ ଫୋପାଡ଼ି ଦେଇ କେନାଲ କଡ଼ରେ ଥିବା ଜଙ୍ଗଲରେ ଦୁଷ୍କର୍ମ କରିଥିଲା । ପରେ ପରିବାର ଲୋକ ଓ ଅଞ୍ଚଳବାସୀ ଖୋଜାଖୋଜି କରି ସେଠାରୁ ଉଦ୍ଧାର କରିଥିଲେ । ଅଭିଯୁକ୍ତକୁ ନିସ୍ତୁକ ମାଡ଼ ମାରିଥିବାବେଳେ ତାର ବାଇକକୁ ଜାଳି ଦେଇଥିଲେ । ଅଭିଯୁକ୍ତ ଜଣକ ପୂର୍ବରୁ ବିଭିନ୍ନ କେଶ୍‌ରେ ସଂପୃକ୍ତି ଥାଇ ଜେଲରୁ ବେଲରେ ଆସିଥିବାବେଳେ ପୁଣି ଏପରି କାଣ୍ଡ ଘଟାଇ ଥିବାରୁ ତାକୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଆସୁଛି...

ସ୍ୱଳରୁ ମଧ୍ୟମ ଧରଣ ବର୍ଷା ହୋଇପାରେ।

୧୩ ତାରିଖରୁ ବର୍ଷାର ପରିମାଣ ବଢ଼ିବ। ମାଲକାନାଗିରି ଓ କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ସେହିପରି ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ରାୟଗଡ଼, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶାରେ ଭାରି ବର୍ଷା ହେବାର ସମ୍ଭାବନା ଅଛି। ଉପକୂଳ ସମେତ ଉତ୍ତର ଓଡ଼ିଶାରେ ସ୍ଥାନେ ଦୁଇ ସ୍ଥାନେ ଛାଡି ଦେଲେ ବାକି ଅଞ୍ଚଳରେ ସ୍ୱଳରୁ ମଧ୍ୟମ ଧରଣ ବର୍ଷା ହେବ।

## ପାରିବାରିକ...

ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପ୍ରଥମେ ଗାଇସିଲେଟ୍ ଓ ପରେ ବୁର୍ଲା ଭିମସାର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ୬ଜଣିଆ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରିଥିଲେ। ନାବାଳିକାର ଶରୀର ଶତପ୍ରତିଶତ ପୋଡି ଯାଇଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ପୀଡିତା ଆତ୍ମହତ୍ୟା ପୂର୍ବରୁ ଏକ ଭିଡିଓରେ ନିଜର ପ୍ରତିକ୍ରିୟା ଦେଇଥିଲେ। ଏହି ମୋବାଇଲକୁ ପୋଲିସ ଜବତ କରିଛି। ୩ଟି ଥାନାର ଅଧିକାରୀଙ୍କ ନେତୃତ୍ୱରେ ୩ଟି ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ କରାଯାଉଛି। ପାରିବାରିକ କଳହ ଯୋଗୁଁ ଏଭଳି ଘଟିଥିବା ଆଇଜି ହିମାଂଶୁ ଲାଲ କହିଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତ ନାବାଳିକା ଓ ତାଙ୍କ ପରିବାର ଲୋକଙ୍କ ବୟାନ ରେକର୍ଡ କରାଯାଇଛି। ବୟାନରେ ଜଣେ ଝିଅଙ୍କ ନାମ ସେ କହିଥିବା ବେଳେ ମାମୁଁଘର ଲୋକଙ୍କ ଉପରେ ପୋଲିସର ସନ୍ଦେହ ରହିଛି। ଅପରାହ୍ଣରେ ମାମୁଁ ଝିଅକୁ ପୋଲିସ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲା।

ରାଜ୍ୟରେ ବାରମ୍ବାର ଏଭଳି ଘଟଣା ଘଟୁଥିବା ବେଳେ ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ରାଜ୍ୟ ସରକାରଙ୍କୁ ଘେରିଛନ୍ତି। ବିରୋଧି ବିଜେଡି ଓ କଂଗ୍ରେସ ରାଜ୍ୟରେ ନାରୀଙ୍କୁ ନ୍ୟାୟ ଦେବାରେ ରାଜ୍ୟ ସରକାର ବିଫଳ ବୋଲି ଅଭିଯୋଗ କରିଛନ୍ତି। ନାରୀଙ୍କ ସୁରକ୍ଷା କଥା ମୁଖ୍ୟମନ୍ତ୍ରୀ କହୁଥିବା ବେଳେ ରାଜ୍ୟରେ ଗୋଟିଏ ପରେ ଗୋଟିଏ ଘଟଣା ଘଟୁଛି। କିନ୍ତୁ ମୁଖ୍ୟମନ୍ତ୍ରୀ ନିଦାବିଷ୍ଟ ସାଜିଛନ୍ତି। ଏହି ଘଟଣା ପରେ ପୀଡିତାଙ୍କ ପରିବାରକୁ ଭେଟିବାକୁ ବିଜେଡିର ଏକ ଟିମ୍ ବୁର୍ଲା ଭିମସାରକୁ ଆସିଥିଲା। କାଜୁଆଲଟି ସାମ୍ନାରେ ଟିମ୍ ଦୀର୍ଘ ସମୟ ଧରି ରହିବା ସତ୍ତ୍ୱେ ପୋଲିସ ସେମାନଙ୍କୁ ଭେଟିବାକୁ ଦେଇନଥିଲା। ଗେଟ୍ ବନ୍ଦ କରି ରଖିଥିବା ବେଳେ ସେମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ସ୍ନେହାଙ୍ଗିନୀ ଛୁରିଆ, ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ ଏନେଇ ସରକାରଙ୍କ ବିଫଳତା ଉପରେ ବର୍ଷିଥିଲେ। ସେହିପରି କଂଗ୍ରେସ ମଧ୍ୟ ସମାନ ଅଭିଯୋଗ କରିଛି। କଂଗ୍ରେସ କର୍ମୀ ମାନେ ପୋଲିସର କାର୍ଯ୍ୟକୁ ନିନ୍ଦା କରିବା ସହ ଶବ ବ୍ୟବଚ୍ଛେଦ ଗୃହ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏଥିସହ ଘଟଣାକୁ ପୋଲିସ ଚପାଇ ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ କରିଥିଲେ। ଏଥିରେ ଏଆଇସିସିର ରାଷ୍ଟ୍ରୀୟ ପ୍ରବକ୍ତା ହମିଦ୍ ହୁସେନ, ଜିଲ୍ଲା ସଂଯୋଜକ ଆସଫ୍ ଅଲ୍ଲୀ ଖାନ୍, ଦିଲୀପ ଦୁରିଆ, ଜିତେନ୍ଦ୍ର ପ୍ରଧାନ, ସତ୍ୟନାରାୟଣ ସାହୁ , ଗିରିଜା ନାୟକ, ବିଜୟଲକ୍ଷ୍ମୀ ବେହେରା, ସସ୍ମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। ଏହି ଘଟଣା ପୂର୍ବରୁ ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ କଲେଜର ସୌମ୍ୟାଶ୍ରୀ, କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇ ଓ ବଳଙ୍ଗା ଘଟଣା ପରେ ଏଭଳି ସମ୍ବେଦନଶୀଳ ମାମଲା ବାରମ୍ବାର ଘଟୁଛି। ଏହାକୁ ରୋକିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ୍।


### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଡାକ୍ତର ରାମକୃଷ୍ଣ ସାମନ୍ତରାୟ
ପିତା: ସ୍ୱର୍ଗତ ବାଳମୁକୁନ୍ଦ ସାମନ୍ତରାୟ
ଗୁରୁଜଙ୍ଗ, ଖୋରଧା
ଧରାବତରଣ: ୨୭.୨.୧୯୧୮
ତିରୋଧାନ: ୨୫.୮.୨୦୦୨

ଅଦ୍ୟ ଭାଦ୍ରବ ମାସ କୃଷ୍ଣପକ୍ଷ ପବିତ୍ର ତୃତୀୟା ତିଥି ମଙ୍ଗଳବାର ତା.୧୨.୦୮.୨୦୨୫ରିଖ ଆପଣଙ୍କର ଶ୍ରାଦ୍ଧଦିବସ । ଏହି ଅବସରରେ ଆପଣଙ୍କର ଆରାଧ୍ୟ ଦେବତା ଗୁରୁଜଙ୍ଗ ଗ୍ରାମେ ବିଜେ ପ୍ରଭୁ ଶ୍ରୀଶ୍ରୀ ଧବଳେଶ୍ୱରଙ୍କ ଠାରେ ମୁଁ ପ୍ରାର୍ଥନା କରୁଛି, ଆପଣଙ୍କର ଅମର ଆତ୍ମା ଚିରଶାନ୍ତି ଲାଭକରୁ । ମୁଁ ଏହି ପବିତ୍ର ଦିବସରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଆପଣଙ୍କୁ ଜ୍ଞାପନ କରୁଛି ।

ଆପଣଙ୍କର ଜ୍ୟେଷ୍ଠପୁତ୍ର
ରାଧାକୃଷ୍ଣ (ରାଧୁଆ)



### AFFIDAVIT

By virtue of an affidavit sworn before Executive Magistrate, Nayagarh Odisha on dated. 23.07.2025 I, Kajal Swain W/o- Ananda Chandra Swain Resident of Village MALISAHI, P.O.- MALISAHI, P.S.-NAYAGARH SADAR, DIST-NAYAGARH, PIN-752070 declare that I have changed my minor son's name from SACHIDANANDA SWAIN to RAJESH SWAIN. Henceforth, he shall be known as Rajesh Swain for all purposes.

Sd/- Kajal Swain



C-848

### OFFICE OF THE MUNICIPAL COUNCIL: BALANGIR

Address: - Office of the Municipal Council Balangir, Opp. Of Rajendra Park Balangir, Pin: -767001,
Ph No.: - 06652 232720, Email ID:- bgrmc1972@gmail.com

Letter No. 3851 // Date 11.8.25

**Extension of Quotation Call Notice for Lease of Parking at Bhima Bhoi Medical College & Hospital. Balangir**

Detail Quotation Call Notice vide Letter No.3523//Dt.30.07.2025 has been extended that Sealed Quotation(S) are invited by the undersigned from reputed Agency / Farms/Persons to lease out of the Parking at Bhima Bhoi Medical College & Hospital, Balangir for the period of one year. The tenders paper must reached to the undersigned on or before dt.19.08.2025 at 12.00 Noon & the same will be open on dt.21.08.2025 at 11.00 A.M. intended bidder are requested to submit their quotation along with all the supporting documents as mentioned earlier,.

The undersigned reserves all the rights to reject any or all without assigning any reason thereof.

OIPR : 13169/11/0069/2526

Sd/- Executive Officer
Balangir Municipality



### ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର-୪

ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ଏସ୍.
ଆଭିସକାଳ ବିଭିଜନ କୋର୍ଟ ନଂ୪ଙ୍କ ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର
ଓ.ଏସ୍.ଏସ୍ କେସ୍ ନଂ ୧୯୮/୨୦୨୪

**ନୋଟିସ୍**

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ବିପିନ ବିହାରି ସ୍ୱାଇଁ ଓଗେର ....................................... ବାଦୀ/ଦରଖାସ୍ତକାରୀ

ବନାମ

ପ୍ରଶାନ୍ତ ବେହେରା ଓଗେର ....................................... ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,

୧. ପ୍ରଶାନ୍ତ ବେହେରା, ପିତା : ସ୍ୱର୍ଗତ ଭିକାରୀ ବେହେରା
୨. ବିଷ୍ଣୁ ବେହେରା, ପିତା : ସ୍ୱର୍ଗତ ଧୁଳୀ ବେହେରା
୩. ମଦନ ବେହେରା, ପିତା : ସ୍ୱର୍ଗତ ଭାଗବତ ବେହେରା,
୪. କୁନା ମହାରାଜ, ପିତା :କୈଳାସ ମହାରାଜ
୫. ମିଶ୍ରା ମହାରାଜ , ପିତା: ଶ୍ରୀଧର ମହାରାଜ

କ୍ର.ନଂ. ୧ ଠାରୁ ୫ ଙ୍କ ବାସସ୍ଥାନ : କୁରୁଜଙ୍ଗ, ପୋ: ବାଲୁଗାଁ, ଥାନା-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା-୭୫୨୦୨୪

- ପ୍ରତିବାଦୀ ନଂ ୧ ରୁ ୫

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀମାନେ ଜମିର ହାଲ ଜମିଜମାର ବନ୍ଦୋବସ୍ତ ପ୍ରକାଶନର ରେକର୍ଡ ବିରୋଧରେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪ରେ ଦାଖଲ କରିଅଛନ୍ତି । ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି । ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ରିଭିଜନ୍ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଉକ୍ତିଆରେ ଆସନ୍ତା ତା. ୨୨.୦୯.୨୫ ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

**ତପସିଲ ସୂଚି**

ଜିଲ୍ଲା-ଖୋର୍ଦ୍ଧା, ଥାନା-ଜଟଣୀ, ତହସିଲ-ଭୁବନେଶ୍ୱର, ମୌଜା-କୁରୁଜଙ୍ଗ, ହାଲ୍ ଖାତା ନଂ ୧୧୪୦, ହାଲ୍ ପ୍ଲଟ ନଂ ୧୬୭୪, ଏରିଆ-ଏ ୦.୦୯୦ ଡିସିମିଲ, ସାବିକ ଖାତା ନଂ. ୧୯୬, ପ୍ଲଟ ନଂ. ୨୨୦, ସାବିକ ଏରିଆ ଏ ୨.୬୧୦ ମଧ୍ୟରୁ ଏ ୦.୦୯୦ଡି ।

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲ/ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଉକ୍ତିଆରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା :
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର



A-484

E-mail: eemisundargarh@yahoo.co.in

**GOVERNMENT OF ODISHA : OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARGARH.**

**'e' Procurement Notice**

**Bid Reference No. SE MID SNG 03/2025-26**

Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works | Civil Construction work. |
| 2 | No of Works | 10 (Ten) Nos. |
| 3 | Estimated cost | Varies from Rs. 12.72 lakh to Rs. 38.13 lakh (Approximately) |
| 4 | Period of completion | 03 (Three) to 04 (Four) Calendar months |
| 5 | Date and Time of availability of bid documents in the portal | From dt.12.08.2025 at.10.00 AM to dt.21.08.2025 up to 5.30 PM. |
| 6 | Last date / time of receipt of bids in the portal | Dt.21.08.2025 up to 5.30 PM |
| 7 | Date of opening of Bid | Dt.22.08.2025 at 11.00 AM onwards |
| 8 | Name and address of the OIT | Superintending Engineer, Minor Irrigation Division, Sundargarh. |

** Further details can be seen from the e-Procurement market place http://tendersodisha.gov.in

OIPR : 32124/11/0031/2526

Sd/- Superintending Engineers. M.I.Division, Sundargarh



A-486

**GOVERNMENT OF ODISHA : OFFICE OF THE SUPERINTENDING ENGINEER, MINOR IRRIGATION DIVISION,BALANGIR**
WOMEN'S COLLEGE CHOWK,PALACE LINE, DIST-BALANGIR, PIN-767001
ODISHA INTEGRATED IRRIGATION PROJECT FOR CLIMATE RESILIENT , AGRICULTURE (OIIPCRA)
(WORLD BANK PROJECT ID: PI63533)
REQUEST FOR BIDS (RFB) E Procurement Notice
NATIONAL OPEN COMPETITIVE PROCUREMENT FOR SMALL WORKS
RFB No. OIIPCRA-W2-BGR-2/2025-26 Date. 07.08.2025

| | | |
|---|---|---|
| Name of work | : | Balance work for "Improvement (Renovation) to Mayabati MIP in Patnagarh Block of Balangir District under OIIPCRA. Package ID: BGR-8 of 1 (One) Minor Irrigation Project" |
| No. of works | : | 01 Minor Irrigation Project |
| Estimated cost | : | Rs. 226.07 Lakh Approx |
| Cost of Bid Document | : | Free of Cost |
| Period of completion | | As per DTCN. |
| Availability of bid documents | : | From 13.08.2025 from 10.00 Hrs to 12.09.2025 up to 15,00 Hrs. in the e-procurement website (https://tendersodisha.gov,in) |
| Date of Pre-Bid Meeting | : | 19,08.2025 As per Para-7 of DTCN |
| Last date & time of receipt of bid | : | Up to 12.09.2025,15.00 Hrs. through online. |
| Period of receipt of bid security | : | To be paid online along with the bid. Bank Guarantees also acceptable subject to verification. |
| Date of opening of technical bid | : | On dt: 15.09.2025 at 11.00 Hrs. |
| Date of opening of financial bid | : | To be intimated online after off-line evaluation of Technical Bid. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class II or III |
| The detail tender call notice can also be seen in the DOWR website | : | https://dowrodisha.gov.in https://octdms.in |
| Name & Address of the OIT | : | Superintending Engineer, M.I. Division, Balangir, Women's college chowk, Palace Line, Dist: Balangir, Pin 767001, E-Mail:-mid- balangir@yahoo.co.in |
| Further details can be seen from the e-Procurement market place in | : | https://tendersodisha.gov.in |

OIPR : 32550/11/0004/2526

Sd/- Superintending Engineer, M.I. Division, Balangir



### NOTICE INVITING BID (TENDER)

Reference No. 1859 /Dr ACHMC Dt.11-08-2025

**TENDER FOR SUPPLY OF EXTRA NEUTRAL ALCOHOL (ENA) FOR PREPARATION OF HOMOEOPATHIC MEDICINES AT THE MINI PHARMACY ATTACHED TO DR ABHIN CHANDRA HOMOEOPATHIC MEDICAL COLLEGE & HOSPITAL, BHUBANESWAR FOR THE YEAR 2025-26.**

E-305 : Sealed tenders are invited from reputed manufacturers/authorized dealers/ traders including wholesale co-operative organizations and Government/ Semi Govt, agencies for supply of Extra Neutral Alcohol (ENA) to the Mini Pharmacy attached to Dr Abhin Chandra Homoeopathic Medical College & Hospital, Bhubaneswar for the financial year 2025-26.

| | | |
|---|---|---|
| 1. | Value of Tender | Rs 1180852 /- (Eleven lakhs eighty thousands eight hundred fifty two only) |
| 2. | Cost of Tender Book | Rs. 500.00 (Five hundred only including GST) |
| 3. | Availability of tender book | In the office of the Principal Dr Abhin Chandra Homoeopathic Medical College & Hospital, Bhubaneswar / downloaded from the website- www.ayushodisha.nic.in |
| 4. | Mode of payment of cost of Tender Book | In shape of Demand Draft in favor of Principal Dr Abhin Chandra Homoeopathic Medical College & Hospital, Bhubaneswar |
| 5. | Date of commencement of sale of Tender Book | From Dt: 12-08-2025 at 11.00 A.M. to 03-09-2025 up to 4.00 P.M. |
| 6. | Last date & time for submission of tender | Dt 03-09-2025 up to 5.00 P.M. |
| 7. | Mode of submission of tender | To be submitted through a sealed Tender box kept in the office chamber of the Principal Dr Abhin Chandra Homoeopathic Medical College & Hospital, Bhubaneswar. |
| 8. | Mode of submission of sealed samples | To be submitted to the Principal Dr Abhin Chandra Homoeopathic Medical College & Hospital, Bhubaneswar |
| 9. | Date, Time & Place for opening of tenders | Technical bids will be opened on Dt 04-09-2025 at 11.30 A.M. at office of the Principal Dr Abhin Chandra Homoeopathic Medical College & Hospital, Bhubaneswar. The date, time & place of opening of the Financial Bids of the technically qualified bidders will be intimated later on. |

The Tender Inviting Authority reserves the right to accept / reject any or all the bids without assigning any reasons thereof.

For more details contact- 9937103803,9583550609

OIPR : 10030/11/0009/2526

Sd/- Principal,
Dr Abhin Chandra Homoeopathic Medical College & Hospital, Bhubaneswar



### AFFIDAVIT

I Sisirakanta Mishra S/o Arjun Mishra Resident At-Puruna Bank Sahi, Po/Ps- Tikiri, Dist-Rayagada, Odisha, Pin code 765015 Declare by this Affidavit No-38554,Date 06/08/2025, that now onwards I shall be known as Sisirkanta Mishra for all Future purposes.



### AFFIDAVIT

I Arjuna Mishra S/o-Narayan Mishra Resident At-Ratnamanipur, Po-Singipur PS-Patapur, Dist-Ganjam,Odisha,Pin code 761014 Declare by this Affidavit No-38555 Date-06/08/2025, that now onwards I shall be known as Arjun Mishra for all Future purposes.



### AFFIDAVIT

I, Manju Kumari Panda, D/o-Maheswar Panda resident of Plot No.: 12, Madhusdan Nagar, Unit - 4, Bhubaneswar, Dist.: Khordha, Pin - 751001, Odisha declare by this affidavit CF No - 41, dated 04.08.2025 that now onwards I shall be known as Manju Kumari Panda for all future Proposes.



### ଦ.ପୂ. ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ କାର୍ଯ୍ୟ କରୁଥିବା ସିଆରଏସ/ଇଡେନ୍‌କିଜି/ଖଡ୍ଗପୁର ନିମ୍ନୋକ୍ତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ସକାଶେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି : ୧, ଟେଣ୍ଡର ନୋଟିସ୍ ନଂ : ସିକେପି-ଇଷ୍ଟ-୨୫-୨୬-୨୨ : କାର୍ଯ୍ୟର ନାମ : ଏଚିଇଏନ/ଆଇଆର/ଟାଟାଙ୍କ କ୍ଷମତା ଅଧୀନରେ ଥିବା ବାରବଳ ଠାରେ ପ୍ଲାଟଫର୍ମ ରେଲ ଲେଭଲ/ମିଡିୟମ ଲେଭଲର ଉଚ୍ଚତାକୁ ପିଏଫ୍ ନଂ ୧ ଓ ୨ ଏବଂ ୩ ର ହାଇ ଲେଭଲକୁ ବୃଦ୍ଧି କରିବା ନିମନ୍ତେ ବଳକା କାର୍ଯ୍ୟ । ଟେଣ୍ଡର ମୂଲ୍ୟ : ଟ. ୭୦,୮୨,୬୪୦.୩୫, ଇଏମଡି : ଟ. ୧,୪୧,୨୦୦.୦୦ । ଟେଣ୍ଡର ଫର୍ମ ମୂଲ୍ୟ : ଟ. ୦.୦୦, ଖୋଲା ତାରିଖ : ୨୯.୦୮.୨୦୨୫ । ୱେବସାଇଟ୍ http://www.ireps.gov.in ରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରୟୋଜନୀୟ କାଗଜପତ୍ର ଅପଲୋଡ୍ ହୋଇଥିବା ଆବଶ୍ୟକ । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ଦିଆଯାଉ ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । ସୂଚନା : ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଉପଲବ୍ଧ କରାଯିବ । (କର୍ତ୍ତୃପକ୍ଷ-ରେଳବାଇ ବୋର୍ଡର ପତ୍ରାଙ୍କ ନଂ. ୨୦୨୦/ସିଇ-ଆଇ/ସିଟି/୩ଇ/ଡିସିସି/ପଲିସି ତାରିଖ : ୧୬.୦୨.୨୦୨୦) । (PR-507)



### यूनियन बैंक ऑफ़ इंडिया Union Bank of India

### କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡା

୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ.ଆଇ. ଡିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧, ଯୋଗାଯୋଗ ନଂ.: ୯୯୯୩୪୪୯୪୨୭

### ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

**ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିକୁ (ସମ୍ପତ୍ତି ବିବରଣୀ ସ୍ତମ୍ଭରେ ଦର୍ଶିତ) ଗଠନାତ୍ମକ/ଭୌତିକ/ସାଙ୍କେତିକ (ଯେଉଁଟି ପ୍ରଯୁଜ୍ୟ) ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା୧୧.୦୯.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି । ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିର ବିବରଣୀ / ଦଖଲ ତାରିଖ | ସମୁଦାୟ ବକେୟା ଦେୟ (ଟଙ୍କାରେ) | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଉମୁରି ଶାଖା / ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସରସ୍ୱତୀ ସାହୁ, ସ୍ୱାମୀ: ସୁରେନ୍ଦ୍ର ସାହୁ, ୨) ଶ୍ରୀ ପିଣ୍ଟୁ ସାହୁ, ପିତା: ସୁରେନ୍ଦ୍ର ସାହୁ, ୩) ଶ୍ରୀ ଲିଟୁ ସାହୁ, ପିତା: ସୁରେନ୍ଦ୍ର ସାହୁ, ସମସ୍ତ ଠିକଣା- ସା: ମାଣ୍ଟିଆଗେଟା ସାହି, ପ୍ରସାଦ ରାଓ ପେଟା, ଜୟପୁର, ଜିଲ୍ଲା: କୋରାପୁଟ, ଓଡ଼ିଶା, ପିନ୍-୭୬୪୦୦୨ | ଶ୍ରୀମତୀ ସରସ୍ୱତୀ ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପରିମିତ କ୍ଷେତ୍ର: ଏକର୦.୦୩୧ ଡିସିମିଲି(୧୩୭୨ବର୍ଗଫୁଟ), ଖାତା ନଂ.: ୨୬୩/୧୫୬(ପୁରୁଣା), ୨୬୩/୬୪୯୦(ନୂଆ), ପ୍ଲଟ୍ ନଂ.: ୧୦୩୨/୯୦୫୧(ନୂଆ), ମୌଜା: ଜୟପୁର, ଜିଲ୍ଲା: କୋରାପୁଟ, ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ସୁକିଆଗୁଡା ରାସ୍ତା, ପଶ୍ଚିମ: ସାଇଟ ନଂ.: ୧୮୩, ଉତ୍ତର: ୨୦ଫୁଟିଆ ରାସ୍ତା, ଦକ୍ଷିଣ: ସୁକିଆଗୁଡା ରାସ୍ତା / ୦୪.୧୦.୨୦୨୧ | ୩୦.୦୬.୨୦୨୫ ସୁଦ୍ଧା ଟ.୧୧,୬୩,୮୫୧/- + ଚୁକ୍ତିବଦ୍ଧ ସୁଧ ଓ ଦେୟ | ଟ.୨୩,୭୬,୦୦୦/- / ଟ.୨,୩୭,୬୦୦/- / ଟ.୨୩,୭୬୦/- |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ : ତା୦୫.୦୯.୨୦୨୫ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ

ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://baanknet.com ଦେଖନ୍ତୁ ।

ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍ https://www.unionbankofindia.co.in/auction-property/view-auction-property.aspx and www.unionbankofindia.co.inକୁ ଅନୁଧ୍ୟାନ କରନ୍ତୁ ।

ଇ-ନିଲାମ ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଇ-ମେଲ ubin0821721@unionbankofindia.bank କରନ୍ତୁ କିମ୍ବା ଶ୍ରୀ ରାଜୁ ଦଲ, ମୋ: ୭୦୦୨୪୭୩୩୬୨, ସଂଗ୍ରାମ କେଶରୀ ଜେନା, ମୋ: ୮୯୧୭୫୫୫୩୨୯

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ ।

ସ୍ଥାନ: ରାୟଗଡା, ତାରିଖ: ୧୧.୦୮.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୨୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୦୯୦୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୨, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ରକ୍ଷା ବନ୍ଧନରେ ବଳଭଦ୍ରଙ୍କ ତତ୍ତ୍ୱ ଆଲୋଚନା



ଭୁବନେଶ୍ୱର(ସବ୍ୟୁ): ବଡ଼ ଠାକୁର ବଳଭଦ୍ରଙ୍କ ଜନ୍ମଦିନ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କ ରକ୍ଷାବନ୍ଧନ ଚନ୍ଦ୍ରଶେଖରପୁର ଦୁର୍ଗାପୂଜା ମଣ୍ଡପରେ ଜୟ ଜଗନ୍ନାଥ ପରିବାର ଟ୍ରଷ୍ଟ ଓ ଆଦିଶକ୍ତି ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡ଼ ନାରାୟଣ ମହାପାତ୍ରଙ୍କ ଉପସ୍ଥିତିରେ ସକାଳୁ ମୁରଲୀଧର ପଳେଇ ଏବଂ ଟ୍ରଷ୍ଟର ସଦସ୍ୟ ଓ ସଦସ୍ୟାମାନେ କଳିଯୁଗ ମହାମନ୍ତ୍ର ଜଗନ୍ନାଥ ଜଗନ୍ନାଥ ପାହିମାମ.. ଜଗନ୍ନାଥ ରାକ୍ଷମାମ.. ସହ ଶ୍ରୀଜଗନ୍ନାଥ ସହସ୍ର ନାମ ପଠନ କରିଥିଲେ । ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତ୍ରିଲୋଚନ ନାୟକ, ସୁରେଶ ମିଶ୍ର, ଅକ୍ଷୟ ସାହୁ, ବଂଶୀଧର ନାୟକ, ବିଜୟ ପଣ୍ଡା, ହେମନ୍ତ ମଲିଆ, ଶରତ ମହାପାତ୍ର, ଶ୍ରୀନିବାସ ରାଓ, ଚୈତନ୍ୟ ନାୟକ, ପ୍ରଶାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ହୋଇ ସହଯୋଗ କରିଥିଲେ ।

# କେନାଲରୁ ଶବ ଉଦ୍ଧାର : ହତ୍ୟା ଅଭିଯୋଗ କଲେ ଭାଇ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଏୟାରଫିଲ୍ଡ ଥାନା ଅଞ୍ଚଳ ଏକ କେନାଲରୁ ଜଣେ ବ୍ୟବସାୟୀଙ୍କ ଶବ ଉଦ୍ଧାର ହୋଇଛି। ତାଙ୍କ ବଡ଼ ଭାଇ ହତ୍ୟା ଅଭିଯୋଗ କରିବାରୁ ପୋଲିସ୍ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି। ପୋଲିସ୍ କହିବା ଅନୁଯାୟୀ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ମୃତ୍ୟୁ ଦୁର୍ଘଟଣାଜନିତ ନା ହତ୍ୟା କରାଯାଇଛି ତାହା ଜଣାପଡିବ। ଜ୍ୟୋତି ରଞ୍ଜନ ବେହେରା ୟୁନିଟ୍-୩ ଅଞ୍ଚଳରେ ବ୍ୟବସାୟ କରନ୍ତି। ରବିବାର ରାତିରେ ବ୍ୟବସାୟ ବନ୍ଦ କରି ଘରକୁ ଫେରୁଥିବା ବେଳେ ସୁନ୍ଦରପଦା -ସରପନ୍ତରା କେନାଲରେ କିପରି ପଡ଼ି ଯାଇଥିବାରୁ ଘରେ ପହଞ୍ଚି ନଥିଲେ। ବଡ଼ ଭାଇ ବିଶ୍ୱ ରଞ୍ଜନ ଖୋଜ୍ ଖବର କରି ପାଇନଥିଲେ। ରବିବାର ପୂର୍ବାହ୍ନରେ ଖବର ପାଇଥିଲେ ଭାଇ କେନାଲରେ ପଡ଼ି ଯାଇ ତାର ମୃତ୍ୟୁ ହୋଇଛି। ଏହି ଖବରକୁ ସେ ଗ୍ରହଣ କରିନଥିଲେ। ତାଙ୍କ କହିବା ଅନୁଯାୟୀ କେହି ତାଙ୍କୁ ହତ୍ୟା କରି କେନାଲରେ ପକାଇ ଦେଇଛି। ଶରୀରରେ କ୍ଷତଚିହ୍ନ ପ୍ରଭୃତି ନଥିବାରୁ ହତ୍ୟା ଅଭିଯୋଗକୁ ପୋଲିସ୍ ପସନ୍ଦ କରିନଥିଲେ ମଧ୍ୟ ବଡ଼ ଭାଇଙ୍କ ଏତଲା ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ପୋଲିସ କହିବା ଅନୁଯାୟୀ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ମୃତ୍ୟୁ ରହସ୍ୟ ଜଣାପଡିବ।

### ନିର୍ବାଚନରେ ଭୋଟ ତାରତମ୍ୟ ଅଭିଯୋଗ ପ୍ରସଙ୍ଗ

# ନିର୍ବାଚନରେ ସ୍ୱଚ୍ଛତା ପ୍ରତିପାଦନ କରିବାରେ ନିର୍ବାଚନ କମିଶନ ବିଫଳ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ୮ ମାସ ତଳେ ବିଜୁ ଜନତା ଦଳ ତରଫରୁ ଗତ ନିର୍ବାଚନରେ ପରିଲକ୍ଷିତ ଭୋଟ ଅସଙ୍ଗତିକୁ ନେଇ ନିର୍ବାଚନ କମିସନରଙ୍କ ନିକଟରେ ତଥ୍ୟ ପ୍ରଦାନ କରାଯାଇ ଉତ୍ତର ମଗାଯାଇଥିଲା, ଯାହାର ସନ୍ତୋଷଜନକ ଉତ୍ତର ଏପର୍ଯ୍ୟନ୍ତ ମିଳିନାହିଁ । ତେଣୁ, ବିଜୁ ଜନତା ଦଳ ଏହି ମାମଲାକୁ ନେଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି ସୂଚନା ଦେଇଛି । ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ପୂର୍ବତନ ରାଜ୍ୟସଭା ସାଂସଦ ତଥା ଦଳର ମୁଖପାତ୍ର ଅମର ପଟ୍ଟନାୟକ, ପୂର୍ବତନ ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ ଓ ବିଧାୟକ ଧ୍ରୁବ ଚରଣ ସାହୁ ଏହି ସୂଚନା ଦେଇଛନ୍ତି ।

ଶ୍ରୀ ଅମର ପଟ୍ଟନାୟକ କହିଥିଲେ, ଗତ ନିର୍ବାଚନରେ ଭୋଟ ଶେଷ ହେବା ପରେ ନିର୍ବାଚନ କମିସନରଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟକୁ ଅନୁଶୀଳନ କରିବା ପରେ ଅନେକ ତାରତମ୍ୟ ପରିଲକ୍ଷିତ ହୋଇଥିଲା । ଗୋଟିଏ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ହିସାବରେ, ବିଜେଡି ତରଫରୁ ନିର୍ବାଚନ କମିସନରଙ୍କୁ ଏହି ତାରତମ୍ୟ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା । ଏହି ତାରତମ୍ୟ ମୁଖ୍ୟତଃ ତିନୋଟି ବିନ୍ଦୁରେ କେନ୍ଦ୍ରିତ ଥିଲା । ପ୍ରଥମଟି ଥିଲା, ରାଜ୍ୟର ସମସ୍ତ ସଂସଦ କ୍ଷେତ୍ରରେ, ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ଥିଲା । ଦ୍ୱିତୀୟଟି ହେଲା ସଂସଦ କ୍ଷେତ୍ରର ଭୋଟ ସଂଖ୍ୟା ଅପେକ୍ଷା ଏହା ମଧ୍ୟରେ ଆସୁଥିବା ବିଧାନସଭାର ସମୁଦାୟ ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ତାରତମ୍ୟ ରହିଥିଲା । ତୃତୀୟଟି ହେଲା, ନିର୍ବାଚନ ସମୟ ଶେଷ ହୋଇଯିବା ପରେ ଭୋଟ ପଡିବା ସଂଖ୍ୟା ପ୍ରାୟ ୭ ପ୍ରତିଶତରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଥିଲା । ପଚାଶ ପ୍ରତିଶତ ବିଧାନସଭା ଆସନରେ ଏହି ତାରତମ୍ୟ ୧୫ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ରହିଥିଲା ।

ଶ୍ରୀ ପଟ୍ଟନାୟକ କହିଥିଲେ, ୨୦୨୪ ମସିହା ଡିସେମ୍ବର ୧୯ ତାରିଖରେ ବିଜେଡି ତରଫରୁ ଏହି ସମ୍ବନ୍ଧରେ ଅଭିଯୋଗ ଦାଖଲ କରାଯାଇ, ଏହାର ଉତ୍ତର ରଖିବାକୁ ଅନୁରୋଧ କରାଯାଇଥିଲା । ଏହାଛଡା, ନିର୍ବାଚନ ପ୍ରକ୍ରିୟାକୁ ଅଧିକ ପାରଦର୍ଶିତା କରିବା ପାଇଁ, ଭୋଟର ଲିଷ୍ଟ ପ୍ରସ୍ତୁତିରୁ ଆରମ୍ଭ କରି ଭୋଟ ଗଣତି ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ଅଡିଟ୍ କରିବା ପାଇଁ ମଧ୍ୟ ଅନୁରୋଧ କରାଯାଇଥିଲା । ନିର୍ବାଚନ ପ୍ରକ୍ରିୟାର ଏପରି ଅଡିଟ୍ ବ୍ୟବସ୍ଥା ସମସ୍ତ ବିକଶିତ ରାଷ୍ଟ୍ର ମାନଙ୍କରେ ରହିଛି । ସେହିପରି ଭିଭିପ୍ୟାଡ଼ ବ୍ୟବସ୍ଥାରେ, କେବଳ ୫%ରେ ସୀମିତ ନରଖି, ସମସ୍ତ ଭୋଟ ପାଇଁ ଲାଗୁ କରାଯାଉ ବୋଲି ଅନୁରୋଧ କରାଯାଇଥିଲା । ନିୟମ ଅନୁଯାୟୀ ନିର୍ବାଚନ ପରେ, ଫର୍ମ ୧୭ ସି ନିର୍ବାଚନ କମିସନଙ୍କ ଦ୍ୱାରା ପ୍ରଦାନ କରାଯିବା କଥା, କିନ୍ତୁ, ନିର୍ବାଚନ କମିସନ ତାହା ଦେଉନାହାନ୍ତି । ଶ୍ରୀ ପଟ୍ଟନାୟକ କହିଥିଲେ ନିର୍ବାଚନ ଫଳାଫଳକୁ ନେଇ ରାଜ୍ୟବାସୀଙ୍କ ମନରେ ନିର୍ବାଚନର ସ୍ୱଚ୍ଛତାକୁ ସୃଷ୍ଟି ହୋଇଥିବା ସନ୍ଦେହକୁ ଦୂର କରିବାରେ ନିର୍ବାଚନ କମିସନ ସକ୍ଷମ ହୋଇପାରି ନାହାନ୍ତି, ଯେଉଁଥିପାଇଁ ବିଜୁ ଜନତା ଦଳ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ଯାଉଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

### ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବ ବିଜେଡି

# ୧୨ଫୁଟ୍ ଲମ୍ବର ଅଜଗର ଉଦ୍ଧାର

ଚୌଦ୍ୱାର, (ସ.ବ୍ୟୁ.) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଶାଳଗାଁ ଗ୍ରାମର ଏକ ବିଲରୁ ୧୨ଫୁଟ୍ ଲମ୍ବର ଏକ ବିରାଟ ଅଜଗରକୁ ଉଦ୍ଧାର କରାଯାଇଛି । ସ୍ଥାନୀୟ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣ ପାଇଁ ଅଜଗରଟି ଗ୍ରାମ ଆଡକୁ ଚାଲିଆସିଥିବା ନେଇ ଗ୍ରାମବାସୀମାନେ ସନ୍ଦେହ କରିଛନ୍ତି । ଗ୍ରାମର କିଛି ଯୁବକ ଅଜଗରଟିକୁ ଜୀବନ୍ତ ଅବସ୍ଥାରେ ବିଲ ଭିତରେ ଦେଖି ଭଗତ୍‌ପୁର ବନବିଭାଗ ଓ ସ୍ନେକ୍ ହେଲ୍‌ପଲାଇନକୁ ଖବର ଦେଇଥିଲେ । ହେଲେ ବନବିଭାଗ ଓ ସ୍ନେକ୍ ହେଲ୍‌ପଲାଇନ୍‌ର କର୍ମକର୍ତ୍ତାମାନେ ଆସିବା ବିଳମ୍ବ ହେବାରୁ ଗ୍ରାମବାସୀମାନେ କୌଶଳକ୍ରମେ ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଥିଲେ ।

### ରେଭେନ୍ସା କଲିଜିଏଟ୍ ସ୍କୁଲ ରେ ତୃତୀୟ ଲଡ୍ଡୁ ଦିବସ

# ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କୁ "ଶିକ୍ଷାର୍ଥୀ ଜ୍ୟୋତି" ସମ୍ମାନ

ଭୁବନେଶ୍ୱର (ସବ୍ୟୁ) ସୋମବାର ସକାଳ ଦଶଟା ସମୟରେ ରେଭେନ୍ସା କଲେଜିଏଟ୍ ସ୍କୁଲ ପରିସରସ୍ଥ ନେତାଜୀ ଅଡ଼ିଟୋରିୟମ୍ ଠାରେ ତୃତୀୟ ଲଡ୍ଡୁ ଦିବସ ମହାସମାରୋହରେ ପାଳିତ ହୋଇଛି । ଉକ୍ତ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ବିଦ୍ୟାଳୟ ତରଫରୁ ଛାତ୍ର ଗୌରବ ସମ୍ମାନରେ ସମ୍ମାନିତ ପୂଜ୍ୟ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀ, ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ମଣିପୁର ଉଚ୍ଚନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର ଏବଂ ସ୍କୁଲର ପ୍ରଧାନଶିକ୍ଷକ ପ୍ରଗତି ପଣ୍ଡାଙ୍କ ଉପସ୍ଥିତିରେ ତୃତୀୟ ଲଡ୍ଡୁ ଦିବସ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି । ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ପ୍ରାକ୍ତନ ଛାତ୍ର ଶୁଭାନ୍ୱେଷ ରଥ ପୂଜ୍ୟ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କ



ସଂପର୍କରେ ତଥା ତାଙ୍କ କୃତି ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ପ୍ରଧାନଶିକ୍ଷକ ପ୍ରଗତି ପଣ୍ଡା ତାଙ୍କ ଭାଷଣରେ ଏହି ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ପୂଜ୍ୟ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀ ଙ୍କ ପ୍ରତିଭା ଦ୍ୱାରା ଅନୁପ୍ରେରିତ ହୋଇ ଆଗାମୀ ଜୀବନରେ ସଫଳକାମ ହେବା ନିମନ୍ତେ ଉପଦେଶ ଦେଇଥିଲେ ।

ମଣିପୁର ଉଚ୍ଚନ୍ୟାୟାଳୟର ପୂର୍ବତନ ପ୍ରଧାନ ବିଚାରପତି ସମ୍ମାନନୀୟ ଲକ୍ଷ୍ମୀକାନ୍ତ ମହାପାତ୍ର ବର୍ତ୍ତମାନ ସମୟରେ ଗୁରୁଜୀଙ୍କ ଭଳି ଆଧ୍ୟାତ୍ମିକ ବ୍ୟକ୍ତିତ୍ୱଙ୍କର ଆବଶ୍ୟକତା ସଂପର୍କରେ ଆଲୋଚନା କରିଥିଲେ । ଗୁରୁଜୀ ଡକ୍ଟର ଶତପଥୀ ତାଙ୍କ ଅଭିଭାଷଣରେ ପିଲାଙ୍କୁ ଉପଦେଶ ଦେଇ କହିଥିଲେ ନିଜ ପିତାମାତାଙ୍କୁ ନିଜ ଆଦର୍ଶ ବୋଲି ଗ୍ରହଣ କରି ତାଙ୍କ ଉପଦେଶ ମାନି ଚାଲିଲେ ଜୀବନରେ ନିଶ୍ଚୟ ପ୍ରଗତି କରିବ । ଏହି ବିଦ୍ୟାଳୟ ଅନେକ ମହାମନୀଷୀ ସୃଷ୍ଟି କରିଛି । ଗୁରୁଜୀ ଡକ୍ଟର ଶତପଥୀଙ୍କୁ ବିଦ୍ୟାଳୟ ତରଫରୁ "ଶିକ୍ଷାର୍ଥୀ ଜ୍ୟୋତି" ସମ୍ମାନରେ ସମ୍ମାନିତ କରାଯାଇଥିଲା । ତାପରେ ବିଦ୍ୟାଳୟର ପ୍ରତି ଶ୍ରେଣୀରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ପରେ ପରେ ପୂଜ୍ୟ ଗୁରୁଜୀଙ୍କ ଦ୍ୱାରା ଆଶୀର୍ବାଦ ସୂଚକ ଲଡ୍ଡୁ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ବିଶ୍ୱନାଥ ମିଶ୍ର, ଶୁଭାନ୍ୱେଷ ରଥ, ସରୋଜ ମହାନ୍ତି, ବିଶ୍ୱରଂଜନ ନାୟକ ଏବଂ ଟୁକୁ ଭାଇ ।

# ହୋଟେଲରୁ ଶବ ଜବତ

ଭୁବନେଶ୍ୱର, (ସବ୍ୟୁ) : ତମାଣ୍ଡୋର ଏକ ହୋଟେଲରୁ ଜଣେ ବୟସ୍କ ବ୍ୟକ୍ତିଙ୍କ ଶବ ଜବତ କରିଛି ପୋଲିସ । ତାଙ୍କ ନାଁ ବିମଳ ପାଣିଗ୍ରାହୀ । ସେୟାର ବଜାରରେ ଟଙ୍କା ହରାଇବା ପରେ ସେ ମାନସିକ ଚାପରେ ରହୁଥିଲେ । ଘରୁ ଆସି ହୋଟେଲରେ ରହି ଆତ୍ମହତ୍ୟା କରିଥିବା କୁହାଯାଉଥିବା ବେଳେ ମୃତ୍ୟୁ ରହସ୍ୟ ସ୍ପଷ୍ଟ ହୋଇନାହିଁ ।

ତମାଣ୍ଡୋ ଥାନା ପୋଲିସ ଶବ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତ୍ୟୁର କାରଣ ସମ୍ପର୍କରେ ପଚାରିବାରୁ ଟଙ୍କା ହରାଇ ସେ ମାନସିକ ଚାପରେ ରହୁଥିବା ପୋଲିସ କହିଛି । ହେଲେ ପ୍ରକୃତରେ କେଉଁ କାରଣ ପାଇଁ ସେ ଆତ୍ମହତ୍ୟା କଲେ ଅନୁସନ୍ଧାନ ଆଗକୁ ବଢିଲେ ଜଣାପଡିବ ବୋଲି ପୋଲିସ କହିଛି ।

# ଅଙ୍ଗଦାନ ପାଇଁ ସଚେତନତାର ବାର୍ତ୍ତା ବାଣ୍ଟିଲେ ହାଇଟେକର ଶତାଧିକ ବିଦ୍ୟାର୍ଥୀ




ଭୁବନେଶ୍ୱର (ସବ୍ୟୁ): ଅଙ୍ଗଦାନ ପାଇଁ ସଚେତନତାର ବାର୍ତ୍ତା ବାଣ୍ଟିଲେ ହାଇଟେକ ମେଡିକାଲ କଲେଜର ଶତାଧିକ ଛାତ୍ରଛାତ୍ରୀ । ଏଥିରେ ହାଇଟେକ ମେଡିକାଲ କଲେଜ, ଡେଣ୍ଟାଲ କଲେଜ, ଫାର୍ମାସୀ କଲେଜ, ଫିଜିଓଥେରାପି କଲେଜ ସହିତ ହାଇଟେକ ଗ୍ରୁପର ଶତାଧିକ ବିଦ୍ୟାର୍ଥୀ ସାମିଲ ହୋଇ ଅଙ୍ଗଦାନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ କରିଥିଲେ । ଏହି ଅବସରରେ ଏକ ପଥପ୍ରାନ୍ତ ସଭାର ଆୟୋଜନ ମଧ୍ୟ ହୋଇଥିଲା । ଶୋଭାଯାତ୍ରାଟି ମାଷ୍ଟରକ୍ୟାଣ୍ଟିନ ଛକରୁ ରାମ ମନ୍ଦିର ଛକ ପର୍ଯ୍ୟନ୍ତ ହୋଇଥିଲା । ଛାତ୍ରଛାତ୍ରୀ ମାନେ ହାତରେ ପ୍ଲାକାର୍ଡ ଧରି ପଥଚାରୀଙ୍କୁ ସଚେତନ କରିବା ସହ ସ୍ଥାନେ ସ୍ଥାନେ ପଥପ୍ରାନ୍ତ ନାଟକ ଦ୍ୱାରା ଜନସଚେତନତା ସୃଷ୍ଟି କରିଥିଲେ । କିପରି ଜଣେ ବ୍ୟକ୍ତି ମୃତ୍ୟୁ ପରେ ଶରୀରର ୮ଟି ଅଙ୍ଗ ଦାନ କରି ପାରିବ ଯାହାଦ୍ୱାରା ଅନ୍ୟ ରୋଗୀ ମାନଙ୍କର କେମିତି ଜୀବନ ବଞ୍ଚିପାରିବ ସେ ବିଷୟରେ ଅତିଥିମାନେ ବୁଝାଇଥିଲେ । ଏହି ମାରାଥନରେ ହାଇଟେକ ଗ୍ରୁପର ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ, ମନସ୍ତତ୍ତ୍ୱବିତ୍ ଅମ୍ରିତ ପାଟଯୋଷୀ, ଅଭିନେତା ସବ୍ୟସାଚୀ, ଅଭିନେତ୍ରୀ ଶୀତଳ, ଜାତିସଂଘ ଯୁବଗୋଷ୍ଠୀର ପରମାଣୁ ନିରସ୍ତ୍ରୀକରଣ ସଦସ୍ୟ ମୋକ୍ଷା ପାଣିଗ୍ରାହୀ, ହାଇଟେକ୍ ଗ୍ରୁପର ନିର୍ଦ୍ଦେଶକ ଅନୀଲ ପାଣିଗ୍ରାହୀ, ସଂଯୋଜକ ଅଖିଳ ପାଣିଗ୍ରାହୀ, ଦକ୍ଷା ପାଣିଗ୍ରାହୀ, ଅନୁରାଧା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଣୀବିହାରରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର, (ସବ୍ୟୁ) : ବାଣୀବିହାର ହଷ୍ଟେଲ ନିକଟରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ସେ ଫକୀର ମୋହନ ହଷ୍ଟେଲ ଛାତ ଉପରୁ ଖସିପଡ଼ିଲେ ନା ତାଙ୍କୁ କେହି ଠେଲି ହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ପୋଲିସ ପହଞ୍ଚି ଶବ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରିଛି ।

ଫକୀର ମୋହନ ହଷ୍ଟେଲରେ ୩ ମହଲା ୯୨ ନମ୍ବର ରୁମ୍‌ରେ ଜଣେ ଛାତ୍ର ରହୁଥିବା ବେଳେ ତାଙ୍କ ପାଖରେ ରୁହନ୍ତି ଜଣେ ନେତାଙ୍କ ଡ୍ରାଇଭର ବିଶ୍ୱରଞ୍ଜନ । ରବିବାର ରାତିରେ ସେ ଛାତରୁ ପଡିଯାଇ ମୃତ୍ୟୁ ହୋଇଥିବା କୁହାଯାଉଛି । ହେଲେ ବାସ୍ତବରେ ଘଟଣା କ'ଣ ତାହା ସ୍ପଷ୍ଟ ହୋଇନାହିଁ । ୯୨ ନମ୍ବର ରୁମ୍‌ରେ ସେ ରହୁଥିବା ବେଳେ ୯୯ ନମ୍ବର ରୁମ୍ ସିଧା ଖସି ଡ୍ରେନ୍ ପାଖରେ ପଡିଥିବା ବେଳେ ତାଙ୍କ ମୁଣ୍ଡ ଓ ନାକରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଛି ।

ହଷ୍ଟେଲରେ ଛାତ୍ରମାନେ ରହିପାରୁ ନଥିବା ବେଳେ ଅଣଛାତ୍ର ଅର୍ଥାତ୍ ନେତାଙ୍କ ଡ୍ରାଇଭର କିପରି ସେଠାରେ ଆସି ରହୁଥିଲେ ତାହା ସ୍ପଷ୍ଟ ହୋଇନାହିଁ । ନିଶାଶକ୍ତ ଅବସ୍ଥାରେ ସେ ଖସିପଡିଛନ୍ତି ନା ତାଙ୍କୁ କେହି ଠେଲି ଦେବାରୁ ସେ ପଡିଯାଇ ମୃତ୍ୟୁ ହେଲା ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତାହା ଜଣାପଡିବ ବୋଲି ସହିଦନଗର ଥାନା ପୋଲିସ କହିଛି ।

# ସେଣ୍ଟ୍ରାଲ୍ ବ୍ୟାଙ୍କର ପ୍ରତିଷ୍ଠାତାଙ୍କ ୧୪୪ତମ ଜନ୍ମ ଦିବସ



ଭୁବନେଶ୍ୱର (ସବ୍ୟୁ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସଂସ୍ଥାପକ ସାର୍ ସୋରାବ୍‌ଜୀ ପୋଚ୍‌ଖାନାୱାଲାଙ୍କ ୧୪୪ତମ ଜନ୍ମ ଦିବସ ସର୍ବଭାରତୀୟ ସ୍ତରରେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ଦିବ୍ୟେନ୍ଦୁ କୁମାରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ଦେଶର ପ୍ରଥମ ସ୍ୱଦେଶୀ ବ୍ୟାଙ୍କ ପ୍ରତିଷ୍ଠାରେ ତାଙ୍କର ଅନନ୍ୟ ଅବଦାନକୁ ସ୍ମରଣ କରି ଏବଂ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ମୂଲ୍ୟବୋଧ ଏବଂ ଦୃଷ୍ଟିକୋଣ ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ପୁନର୍ଜୀବିତ କରିବା ଉଦ୍ଦେଶ୍ୟରେ ପୋଚ୍‌ଖାନାୱାଲାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଷେତ୍ରୀୟ ମୁଖ୍ୟ ଦିବ୍ୟେନ୍ଦୁ କୁମାର ବର୍ଷ ବର୍ଷ ଧରି ବ୍ୟାଙ୍କ ଉପରେ ଭରସା ରଖିବା ପାଇଁ ସମସ୍ତ ଅଂଶୀଦାରମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଆର୍ଥିକ ବଜାରରେ ଉପଲବ୍ଧ ଅନେକ ବ୍ୟାଙ୍କିଙ୍ଗ୍ ଉତ୍ପାଦରେ ବ୍ୟାଙ୍କ ଅଗ୍ରଣୀ ରହିଛି। ଜୁନ୍ ୨୦୨୫ ଆର୍ଥିକ ବର୍ଷ ସୁଦ୍ଧା ବ୍ୟାଙ୍କ ୩୩ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ବ୍ୟାଙ୍କ ରେକର୍ଡ ସୃଷ୍ଟି କରିଛି।

# ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣୀ

ପୁରୀ, (ସବ୍ୟୁ): ସୋମବାର ପୂର୍ବାହ୍ନରେ ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ବ୍ରହ୍ମଗିରି ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟ ରଞ୍ଜନ ପରିଡା ଏଥିରେ ଅଧକ୍ଷତା କରିଥିଲେ। ଆଜିର ଏହି ଜନ ଶୁଣାଣୀରେ ମୋଟ ୬୯ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇ ଥିଲା। ସେଥିରୁ ୬୫ ଗୋଟି ବ୍ୟକ୍ତିଗତ, ୪ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୩ ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତକ୍ଷଣାତ ୩ ଗୋଟିର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣୀରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର



ଜେନା, ବ୍ରହ୍ମଗିରି ବିଡିଓ ଅମୀୟ କୁମାର ପଣ୍ଡା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣୀ ଅଧିକାରୀ ପଞ୍ଚାନନ ପରିଜା ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଅଗଷ୍ଟ ୧୮ ତାରିଖରେ ସତ୍ୟବାଦୀ ବ୍ଲକ ସମ୍ମିଳନୀ କକ୍ଷରେ ଓ ଅଗଷ୍ଟ ୨୫ ତାରିଖରେ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଦିବା ୧୦ ଘଟିକା ସମୟରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ପ୍ରକାଶ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ହରଘର ତିରଙ୍ଗା, ସ୍ୱଚ୍ଛତା ଓ ସଚେତନତା କାର୍ଯ୍ୟକ୍ରମ

ପୁରୀ, (ସବ୍ୟୁ) : ରାଜ୍ୟ ସରକାରଙ୍କ ହରଘର ତିରଙ୍ଗା ଅଭିଯାନ ଅବସରରେ ଘରେ ଘରେ ସ୍ୱଚ୍ଛତା ଓ ସାମାଜିକ ସଚେତନତା ସୃଷ୍ଟି ପ୍ରତି ଗୁରୁତ୍ୱ ଦିଆଯାଇଛି। ବ୍ରହ୍ମଗିରି ବ୍ଲକ ପରିସରରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଉପସ୍ଥିତ ରହି ସ୍ୱଚ୍ଛତା ସମସ୍ତଙ୍କ ପାଇଁ ଜରୁରୀ ବୋଲି କହିବା ସହ ପ୍ରତ୍ୟେକ ନିଜ ଗୃହକୁ ସ୍ୱଚ୍ଛ ରଖିବାକୁ ସଚେତନ କରାଇଥିଲେ। ଜାତିର ଜନକ ମହାତ୍ମାଗାନ୍ଧୀ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେଉଥିଲେ। ତେଣୁ ଆମେ ସମସ୍ତେ ସ୍ୱଚ୍ଛତା ପ୍ରତି ନିଷ୍ଠା ରଖିବା ସହ ଅପରିଷ୍କାର ପ୍ରତି କଠୋର ହେବାକୁ ଆହ୍ୱାନ ଦିଆଯାଇଥିଲା।ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ପୋଲିସ ଏସଡିପିଓ ଆର ଏନ ଭଞ୍ଜ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା,ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ,ବ୍ରହ୍ମଗିରି ବିଡିଓ ଅମୀୟ କୁମାର ପଣ୍ଡା, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।ଜିଲ୍ଲା ର ସମସ୍ତ ବ୍ଲକ ଓ ସହରାଞ୍ଚଳରେ ଆଜି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବେଦାନ୍ତ ଆଲୁମିନିୟମର ଉନ୍ନତ ଲଜିଷ୍ଟିକ ନେଟୱର୍କ

# ୨୦୨୫ ଆର୍ଥିକ ବର୍ଷରେ ୫୫ ନିୟୁତ ଟନରୁ ଅଧିକ ମାଲ ପରିବହନ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଦେଶର ସବୁଠାରୁ ଉନ୍ନତ ଓ ଉଚ୍ଚମାତ୍ରାର ଲଜିଷ୍ଟିକ ନେଟୱର୍କ ମଧ୍ୟରୁ ଅନ୍ୟତମ। ୨୦୨୫ ଆର୍ଥିକ ବର୍ଷରେ ଏକ ପ୍ରଭାବଶାଳୀ ୫୫+ ନିୟୁତ ଟନ କଂଚାମାଲ ଓ ସମାପ୍ତ ଆଲୁମିନିୟମ ଉତ୍ପାଦ ସ୍ଥାନାନ୍ତର କରିଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ରେଳପଥ ପ୍ରାୟ ୧୬୧୭ ନିୟୁତ ଟନ ମାଲ ପରିବହନ କରିଛି। ବେଦାନ୍ତ ଆଲୁମିନିୟମର ପରିବହନ ସେହି ପରିମାଣର ପ୍ରାୟ ୪% ଅଟେ ଯାହା ଏକ ଘରୋଇ କ୍ଷେତ୍ର ପାଇଁ ଏକ ଅସାଧାରଣ ସଫଳତା ଅଟେ।


ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରେ ମୁଖ୍ୟତଃ ଏହାର କାର୍ଯ୍ୟ ସଂପାଦନ ସହ କମ୍ପାନିର ଲଜିଷ୍ଟିକ ଇକୋ ସିଷ୍ଟମ ସ୍କେଲ, ସଠିକତା ଏବଂ ସ୍ଥାୟୀତ୍ୱର ଉଦାହରଣ ଦିଏ। ଉନ୍ନତ ଲଜିଷ୍ଟିକ୍ସ ନେଟୱର୍କ ଲାଂଜିଗଡ଼ରେ ଏହାର କ୍ୟାପଟିଭ ରିଫାଇନାରୀରୁ ଆଲୁମିନା, ନିକଟବର୍ତ୍ତି ଖଣିରୁ



କୋଇଲା ଏବଂ ବିଶ୍ୱ ବଜାର ପାଇଁ ଉଚ୍ଚମାତ୍ରାର ଆଲୁମିନିୟମ ଉତ୍ପାଦ ସ୍ଥାନାନ୍ତର କରେ। ଭାରତର ପ୍ରାୟ ପ୍ରତ୍ୟେକ ପ୍ରମୁଖ ବନ୍ଦରରେ ବେଦାନ୍ତ ଆଲୁମିନିୟମର ଉପସ୍ଥିତି ରହିଛି ଓ ଦେଶର ସର୍ବବୃହତ ପାରାଦୀପ ବନ୍ଦରରୁ ସର୍ବବୃହତ କଂଟେନର କାର୍ଗୋ ରପ୍ତାନିକାରୀ ଭାବରେ ଉଭା ହୋଇଛି। ଭାରତର ପ୍ରମୁଖ ରପ୍ତାନୀକାରୀଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ହୋଇ କଂପାନି ଛଅଟି ମହାଦେଶରେ ୧୦୦ରୁ ଅଧିକ ଗନ୍ତବ୍ୟସ୍ଥଳକୁ ମାଲ ପଠାଉଛି। ଯାହା ମେକ ଇନ ଇଣ୍ଡିଆ ପଦକ୍ଷେପ ଅଧିନରେ ଏକ ବିଶ୍ୱସ୍ତରୀୟ ଉତ୍ପାଦନ ଓ ବାଣିଜ୍ୟ ପାୱାର ହାଉସ ହେବାର ଦେଶର ମହତ୍ୱକାଂକ୍ଷାକୁ ସୁଦୃଢ କରିପାରିଛି।

ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ବେଦାନ୍ତ ଆଲୁମିନିୟମରେ ଲଜିଷ୍ଟିକ୍ସ ଆମର ଶିଳ୍ପ ନେତୃତ୍ୱ, ସ୍ଥାୟୀତ୍ୱ ଲକ୍ଷ୍ୟ ଏବଂ ରାଷ୍ଟ୍ର ନିର୍ମାଣ ମିଶନର ଏକ ରଣନୀତିକ ସମର୍ଥକ। ପରିବେଶ ପ୍ରଥମେ ଆଭିମୁଖ୍ୟ ସହ ଆମେ ଭାରତର ସବୁଠାରୁ ଉନ୍ନତ ଓ ଭବିଷ୍ୟତ ପ୍ରସ୍ତୁତ ଲଜିଷ୍ଟିକ ସିଷ୍ଟମ ମଧ୍ୟରୁ ଗୋଟିଏ ନିର୍ମାଣ କରିଛୁ ଯାହା ୫୫ ନିୟୁତ ଟନରୁ ଅଧିକ କାର୍ଗୋ ପରିଚାଳନା କରେ ଓ ୮୦ ନିୟୁତ ଟନ ପର୍ଯ୍ୟନ୍ତ ବୃଦ୍ଧି କରିବାର ଯୋଜନା ସହିତ ଭାରତ ଏକ ଦୀକ୍ଷିତ ଭାରତ ହେବା ଦିଗରେ ଅଗ୍ରସର ହେଉଥିବାରୁ ଦକ୍ଷ ତଥା ସ୍ଥାୟୀ ଉଦ୍ୟୋଗ ନିର୍ମାଣ ଶୃଙ୍ଖଳା ଗୁରୁତ୍ୱପୂର୍ଣ୍ଣ ହେବ। ଆମର ପ୍ରୟାସ ପ୍ରଧାନମନ୍ତ୍ରୀଙ୍କ ଗତି ଶକ୍ତି ପ୍ରକଳ୍ପ ସହିତ ସଂଯୁକ୍ତ, କାରଣ ଆମେ ଏକ ଡିଜିଟାଲ ସମନ୍ୱିତ, ବହୁ ମୋଡାଲ ପରିବହନ ଏବଂ ଲଜିଷ୍ଟିକ୍ସ ନେଟୱର୍କ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ।

# ଜେଲେନସ୍କିଙ୍କ ସହ କଥା ହେଲେ ମୋଦୀ





ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିୟୁକ୍ରେନର ରାଷ୍ଟ୍ରପତି ଭୋଲଦୋମିର ଜେଲେନସ୍କିଙ୍କ ସହ ଟେଲିଫୋନ ଆଲୋଚନା କରିଛନ୍ତି । ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଆମେରିକା-ରୁଷ ଆଲୋଚନା ପୂର୍ବରୁ ଏହି ଟେଲିଫୋନ ଆଲୋଚନାକୁ ବେଶ ଗୁରୁତ୍ୱ ଦିଆଯାଉଛି । ଏହି ଆଲୋଚନା ସଂପର୍କରେ ପ୍ରଧାନମନ୍ତ୍ରୀ "ଏକ୍ସ' ରେ ଲେଖିଛନ୍ତି ରାଷ୍ଟ୍ରପତି ଜେଲେନସ୍କିଙ୍କ ସହ କଥା ହୋଇ ଏବଂ ସାମ୍ପ୍ରତିକ ଘଟଣାବଳୀ ଉପରେ ତାଙ୍କର ଦୃଷ୍ଟିକୋଣ ଶୁଣି ଆନନ୍ଦିତ । ମୁଁ ବିବାଦର ଶୀଘ୍ର ଏବଂ ଶାନ୍ତିପୂର୍ଣ୍ଣ ସମାଧାନର ଆବଶ୍ୟକତା ଉପରେ ଭାରତର ସ୍ଥାୟୀ ଆଭିମୁଖ୍ୟ ଜଣାଇଲି । ଭାରତ ଏହି କ୍ଷେତ୍ରରେ ସମସ୍ତ ପ୍ରକାରର ଯୋଗଦାନ ଦେବାକୁ ପ୍ରତିବଦ୍ଧ, ଏବଂୟୁକ୍ରେନ ସହିତ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ମଧ୍ୟ । ସୂଚନାଯୋଗ୍ୟ ଯେ ୧୫ ତାରିଖରେ ହେବାକୁ ଥିବା ଡୋନାଲ୍ଡ ଟ୍ରମ୍ପ ଓ ଭ୍ଲାଦିମିର ପୁଟିନ ଆଲୋଚନାକୁ ନେଇ ଜେଲେନସ୍କି ପୂର୍ବରୁ ହିଁ ଅସନ୍ତୋଷ ପ୍ରକାଶ କରିସାରିଛନ୍ତି । କୌଣସି ପ୍ରକାରର ଜମି ହସ୍ତାନ୍ତରକୁୟୁକ୍ରେନ ବିରୋଧ କରିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଟ୍ରମ୍ପ-ପୁଟିନ ଆଲୋଚନା ପଛରେ ଭାରତର ଏକ ଗୋପନ ଉଦ୍ୟମ ରହିଛି ବୋଲି କୁହାଯାଉଛି ।ଏହି ଦୃଷ୍ଟିକୋଣରୁ ମୋଦୀ-ଜେଲେନସ୍କି ଆଲୋଚନାର ସମୟ ବେଶ ଗୁରୁତ୍ୱପୂର୍ଣ୍ଣ ।

## ଏୟାର ଇଣ୍ଡିଆର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ସେପ୍ଟେମ୍ବରରୁ ଦିଲ୍ଲୀ -ୱାଶିଂଟନ ବିମାନ ସେବା ବନ୍ଦ

ନୂଆଦିଲ୍ଲୀ: ଦିଲ୍ଲୀରୁ ୱାଶିଂଟନକୁ ବିମାନ ଚଳାଚଳ ବନ୍ଦ କରିବ ଏୟାର ଇଣ୍ଡିଆ । ଆସନ୍ତା ମାସରୁ ଦିଲ୍ଲୀରୁ ୱାଶିଂଟନ ଡିସିକୁ ଏୟାର ଇଣ୍ଡିଆ ବିମାନ ସେବା ବନ୍ଦ କରିବ ବୋଲି ନିଷ୍ପତ୍ତି ନେଇଛି । ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପଛରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାରଣ ଦର୍ଶାଯାଉଛି । କୁହାଯାଉଛି ଯେ, ଏୟାର ଇଣ୍ଡିଆର ୨୬ଟି ବୋଇଂ ୭୮୭-୮ ବିମାନକୁ ଅପଗ୍ରେଡ୍ କରିବା ପାଇଁ କାମ ଚାଲିଛି ।ଏହା ଯୋଗୁଁ ଅନେକ ବିମାନ ଦୀର୍ଘ ସମୟ ପର୍ଯ୍ୟନ୍ତ ଉଡ଼ାଣ ପାଇଁ ଉପଲବ୍ଧ ହେବ ନାହିଁ ।ଏହି କାମ ୨୦୨୬ ଶେଷ ପର୍ଯ୍ୟନ୍ତ ଜାରି ରହିବ ।ଏହା ବ୍ୟତୀତ, ଏବେ ପାକିସ୍ତାନର ଆକାଶପଥ ବନ୍ଦ ଥିବାରୁ ଦୂରଗାମୀ ବିମାନରେ ସମସ୍ୟା ସୃଷ୍ଟି ହେଉଛି । ତେଣୁ ଏୟାର ଇଣ୍ଡିଆ ଏଭଳି ନିଷ୍ପତ୍ତି ନେଇଛ । ବିମାନ କମ୍ପାନି ପକ୍ଷରୁ କୁହାଯାଇଛି ଯେ, ସେପେଫମ୍ବର ୧, ୨୦୨୫ ପରେ ବିମାନ ଯାତ୍ରା ପାଇଁ ବୁକ୍ କରିଥିବା ଯାତ୍ରୀମାନଙ୍କ ସହିତ ଯୋଗାଯୋଗ କରାଯିବ ଏବଂ ସେମାନଙ୍କୁ ଦୁଇଟି ବିକଳ୍ପ ଦିଆଯିବ । ଅନ୍ୟ ଏକ ବିମାନରେ ସିଟ୍ ବୁକ୍ କରିବା ଏବଂ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ ପାଇବାର ବିକଳ୍ପ ଦିଆଯିବ ।ଯାତ୍ରୀମାନେ ଏବେ ବି ଏୟାର ଇଣ୍ଡିଆର ଆଲାସ୍କା ଏୟାରଲାଇନ୍ସ,ୟୁନାଇଟେଡ୍ ଏୟାରଲାଇନ୍ସ, ଡେଲଫା ଏୟାରଲାଇନ୍ସ ପରି ଇଣ୍ଟରଲାଇନ୍ ପାର୍ଟନର ମାଧ୍ୟମରେ ଜେଏଫକେ, ନ୍ୟୁୟର୍କ,, ଚିକାଗୋ କିମ୍ବା ସାନ ଫ୍ରାନ୍ସିସ୍କୋ ଦେଇ ୱାଶିଂଟନ ଡିସି ଯାଇପାରିବେ । ଗୋଟିଏ ଟିକେଟରେ, ବ୍ୟାଗଗୁଡ଼ିକୁ ସିଧାସଳଖ ଶେଷ ଗନ୍ତବ୍ୟସ୍ଥଳକୁ ପଠାଯିବ



। ଏୟାର ଇଣ୍ଡିଆ ଏବେ ବି ଉତ୍ତର ଆମେରିକାର ୬ଟି ସହରକୁ ନନ୍-ଷ୍ଟପ୍ ବିମାନ ପରିଚାଳନା କରୁଛି । ଏଥିରେ କାନାଡାର ଟରଣ୍ଟୋ ମଧ୍ୟ ଅନ୍ତର୍ଭୁକ୍ତ ।

# ନୋଟ ବାଣ୍ଟି ବିବାଦରେ ପପ୍ପୁ ଯାଦବ



ପାଟନା : ପୂର୍ଣ୍ଣିଆ ସାଂସଦ ପପ୍ପୁ ଯାଦବ ଆଜିକାଲି ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରୁଛନ୍ତି । ବିହାରରେ ବନ୍ୟା ପୀଡିତଙ୍କ ଗସ୍ତ ଏବଂ ସାକ୍ଷାତ ସମୟରେ ପପ୍ପୁ ଯାଦବଙ୍କୁ ୧୦୦ ଟଙ୍କିଆ ନୋଟ ବାଣ୍ଟୁଥିବାର ଦେଖାଯାଇଥିଲା । ଏହାକୁ ନେଇ ବିବାଦ ଦେଖାଦେଇଛି ।ଏହାର ଭିଡିଓ ଅପଲୋଡ୍ କରିୟୁଜର୍ସ ସୋସିଆଲ ମିଡିଆରେ ପ୍ରଶ୍ନ ଉଠାଇଛନ୍ତି । ଲୋକମାନେ ତାଙ୍କ ନୋଟ ବଣ୍ଟନ ଶୈଳୀରେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଆଗକୁ ବିହାର ନିର୍ବାଚନ ଥିବାରୁ ଏହା ଭୋଟରଙ୍କୁ ଆକୃଷ୍ଟ କରିବାର ଏକ ଚାଲ ନୁହେଁ ତ ? ତେବେ ଆଉ କେତେକ ତାଙ୍କୁ ପ୍ରଶଂସା ମଧ୍ୟ କରୁଛନ୍ତି । ତଥାପି, ତାଙ୍କୁ ପ୍ରଶଂସା କରୁଥିବା ଲୋକମାନେ ମଧ୍ୟ ଚୁପ୍ ଚାପ୍ ପପ୍ପୁ ଯାଦବଙ୍କ ଆୟ ବିଷୟରେ ପ୍ରଶ୍ନ ଉଠାଇଛନ୍ତି । ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି ଯେ ପପ୍ପୁ ଯାଦବ ଏତେ ଟଙ୍କା କେଉଁଠାରୁ ପାଉଛନ୍ତ । ଉଲ୍ଲେଖନୀୟ ଯେ ପପ୍ପୁ ଯାଦବ ଏକ ଧନୀ ପରିବାରରୁ ଆସିଛନ୍ତି । ପପ୍ପୁ ଯାଦବ ନିଜେ ତାଙ୍କର ଅନେକ ସାକ୍ଷାତକାରରେ କହିଛନ୍ତି ଯେ ତାଙ୍କ ପରିବାରର ଶହ ଶହ ଏକର ଜମି ଅଛି । ବହୁ ବର୍ଷ ଧରି, ସେ ତାଙ୍କ ଦିଲ୍ଲୀ ବାସଭବନ ସହିତ ତାଙ୍କ ପାଟନା ଏବଂ ପୂର୍ଣ୍ଣିଆ ବାସଭବନରେ ସାଧାରଣ ଲୋକଙ୍କ ପାଇଁ ମାଗଣା ଖାଦ୍ୟ, ପାନୀୟ ଏବଂ ରହିବାର ବ୍ୟବସ୍ଥା କରିଆସୁଛନ୍ତି ।

# ଦିଲ୍ଲୀରେ ସାଂସଦଙ୍କ ପାଇଁ ନବନିର୍ମିତ ଫ୍ଲାଟ ଉଦଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ବାବା ଖରକ ସିଂହ ମାର୍ଗରେ ସାଂସଦମାନଙ୍କ ପାଇଁ ନବନିର୍ମିତ ୧୮୪ଟି ଟାଇପ୍ - ୭ ବହୁତଳ ବିଶିଷ୍ଟ ଫ୍ଲାଟ୍ ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସେ କିଛି ଦିନ ତଳେ କର୍ତ୍ତବ୍ୟ ପଥଠାରେ କର୍ତ୍ତବ୍ୟ ଭବନ ଭାବରେ ଜଣାଶୁଣା ସାଧାରଣ କେନ୍ଦ୍ରୀୟ ସଚିବାଳୟକୁ ଉଦଘାଟନ କରିଥିଲେ ଏବଂ ଆଜି ତାଙ୍କୁ ସାଂସଦମାନଙ୍କ ପାଇଁ ଏକ ନବନିର୍ମିତ ଆବାସିକ କମ୍ପ୍ଲେକ୍ସ ଉଦଘାଟନ କରିବାର ସୁଯୋଗ ମିଳିଛି । ଭାରତର ଚାରୋଟି ମହାନ ନଦୀର ନାମ, ଯଥା : କୃଷ୍ଣା, ଗୋଦାବରୀ, କୋଶୀ ଏବଂ ହୁଗଳି ନାମରେ ନାମିତ ହୋଇଥିବା ଏହି କମ୍ପ୍ଲେକ୍ସର ଚାରୋଟି ଟାଓ୍ୱାର ସମ୍ପର୍କରେ ସେ ଉଲ୍ଲେଖ କରି କହିଥିଲେ ଯେ ଲକ୍ଷ ଲକ୍ଷ ଲୋକଙ୍କୁ ଜୀବନ ଦେଉଥିବା ଏହି ନଦୀଗୁଡ଼ିକ ଏବେ ଜନପ୍ରତିନିଧିଙ୍କ ଜୀବନରେ ଆନନ୍ଦର ଏକ ନୂତନ ଧାରା ପ୍ରବାହିତ କରିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ନଦୀକୁ ନେଇ ନାମକରଣ ପରମ୍ପରା ଦେଶକୁ ଏକତାର ସୂତ୍ରରେ ବାନ୍ଧିଥାଏ । ନୂତନ କମ୍ପ୍ଲେକ୍ସ ଦିଲ୍ଲୀରେ ସାଂସଦମାନଙ୍କ ପାଇଁ ଜୀବନଧାରଣର ସହଜତା ବୃଦ୍ଧି କରିବ ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ, ଦିଲ୍ଲୀରେ ସାଂସଦମାନଙ୍କ ପାଇଁ ସରକାରୀ ବାସଗୃହର ଉପଲବ୍ଧତା ଏବେ ବୃଦ୍ଧି ପାଇବ । ପ୍ରଧାନମନ୍ତ୍ରୀ ସମସ୍ତ ସାଂସଦଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଫ୍ଲାଟ ନିର୍ମାଣରେ ସାମିଲ ହୋଇଥିବା ଯନ୍ତ୍ରୀ ଏବଂ ଶ୍ରମଜୀବୀଙ୍କୁ ପ୍ରକଳ୍ପ ସମାପ୍ତ କରିବାରେ ସେମାନଙ୍କର ଉତ୍ସର୍ଗୀକୃତ ମନୋଭାବ ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ତାଙ୍କୁ ସାଂସଦ ମାନଙ୍କ ପାଇଁ ନୂତନ ଭାବେ ନିର୍ମାଣ କରାଯାଇଥିବା ଆବାସିକ କମ୍ପ୍ଲେକ୍ସରୁ ଏକ ନମୁନା ଫ୍ଲାଟ ପରିଦର୍ଶନ କରିବାର ସୁଯୋଗ ମିଳିଛି । ଏହି କାର୍ଯ୍ୟକ୍ରମରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ର ମନ୍ତ୍ରୀ ଏବଂ ସାଂସଦମାନେ ଉପସ୍ଥିତ ଥିଲେ

## ଭୋଟର ତାଲିକା ମନ୍ତବ୍ୟ

# କର୍ଣ୍ଣାଟକ ମନ୍ତ୍ରୀଙ୍କ ଇସ୍ତଫା

ବେଙ୍ଗାଲୁରୁ : କର୍ଣ୍ଣାଟକ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା କେଏନ ରାଜାନ୍ନା ନିଜ ପଦରୁ ଇସ୍ତଫା ଦେଇଥିବା ଜଣାପଡିଛି । ଭୋଟର ତାଲିକା ପ୍ରସ୍ତୁତିକୁ ନେଇ ସେ ଦେଇଥିବା ବୟାନକୁ କଂଗ୍ରେସ ଦେହରେ ଯାଇ ନଥିଲା । ଏହାକୁ ନେଇ ଦଳ ଭିତରେ ରାଜାନ୍ନାଙ୍କୁ ବିରୋଧ କରାଯାଇଥିଲା । ଏଥିପାଇଁ ସେ ନିଜର ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କୁ ପଠାଇ ଦେଇଥିବା କୁହାଯାଉଛି । ରାଜାନ୍ନା ହେଉଛନ୍ତି ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ଘନିଷ୍ଠ ସହଯୋଗୀ । ଆଜି ସେ ବିଧାନ ସୌଧରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ । ଏହାପରେ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ରିପୋର୍ଟ ପ୍ରକାଶ ପାଇଛି । କିନ୍ତୁ କଂଗ୍ରେସ କିମ୍ବା ରାଜାନ୍ନା ଏ ସମ୍ପର୍କରେ କିଛି ବି କହି ନାହାନ୍ତି । ଏହି ପ୍ରସଙ୍ଗକୁ ନେଇ ବିରୋଧୀ ବିଜେପି ବିଧାନସଭାରେ ହୋହାଲ୍ଲା କରିଛି । ଆଇନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏଚକେ ପାଟିଲ ଓ ରାଜାନ୍ନା ପୂରା ସସପେନ୍ସ ଉପରୁ ପରଦା ଉଠାନ୍ତୁ ବୋଲି ବିଜେପି ଦାବି କରିଛି । କଂଗ୍ରେସରେ କ'ଣ ଗଣତନ୍ତ୍ର ନାହିଁକି ବୋଲି ମଧ୍ୟ ଦଳ ପ୍ରଶ୍ନ କରିଛି ।

## ବିସ୍ଫୋରଣ ପରେ ଜାଫର ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ

ଇସଲାମବାଦ : ପାକିସ୍ତାନର ଜାଫର ଏକ୍ସପ୍ରେସ୍‌ର ୬ ଟି ବଗି ଲାଇନ୍ ଚ୍ୟୁତ ହୋଇଛି । ଟ୍ରେନ୍ ଟ୍ରାକରେ ଏକ ବଡ ବିସ୍ଫୋରଣ ହେବା ପରେ ଏହି ଦୁର୍ଘଟଣା ଘଟିଛି । କ୍ୱେଟାରୁ ପେଶୱାର ଯାଉଥିବା ଜାଫର ଏକ୍ସପ୍ରେସ୍ ମସ୍ତୁଙ୍ଗରର ସ୍ପେ ଜେନ୍ସ ଷ୍ଟେସନ୍ ନିକଟରେ ପହଞ୍ଚିଥିଲା । ଟ୍ରେନ୍‌ରେ ପ୍ରାୟ ୫୦ ଯାତ୍ରୀ ଥିଲେ । ହଠାତ୍ ଏକ ବିସ୍ଫୋରଣ ହୋଇଥିଲା । ଏହା ପରେ ପରେ ଟ୍ରେନର ୬ ଟି ବଗି ଲାଇନ୍ ଚ୍ୟୁତ ହୋଇପଡିଥିଲା । ତେବେ ଏଥିରେ କୌଣସି ଧନ ଜୀବନ ହାନି ହୋଇନାହିଁ । ପାକିସ୍ତାନୀ ରେଳ ଅଧିକାରୀ କହିଛନ୍ତି ଯେ, ରେଳ ଟ୍ରାକରେ ବୋମା ରଖାଯାଇଥିଲା । ଟ୍ରେନଟି ସେହି ରାସ୍ତାରେ ଯିବା ବେଳେ ବିସ୍ଫୋରଣ ଘଟିଥିଲା । ଏଥିରେ ଥିବା ସମସ୍ତ ଯାତ୍ରୀଙ୍କୁ ଅନ୍ୟ ଏକ ଟ୍ରେନ୍‌ରେ ସେମାନଙ୍କ ମନ୍ତବ୍ୟ ସ୍ଥଳକୁ ପଠାଇଦିଆଯାଇଛି । ଏହି ଦୁର୍ଘଟଣା ପରେ ଜାଫର ଏକ୍ସପ୍ରେସ୍ ଚଳାଚଳକୁ କିଛି ଦିନ ବାତିଲ କରାଯାଇଛି ।



## ଦେଶବ୍ୟାପୀ ଘରେ ଘରେ ତିରଙ୍ଗା

# ତିନିଦିନିଆ ଚଳଚ୍ଚିତ୍ର ମହୋତ୍ସବର ଶୁଭାରମ୍ଭ

ନୂଆଦିଲ୍ଲୀ : ଆଜିଠାରୁ ଦେଶବ୍ୟାପୀ "ଘରେ ଘରେ ତିରଙ୍ଗା ଦେଶପ୍ରେମ ଚଳଚ୍ଚିତ୍ର ମହୋତ୍ସବ'ର ଶୁଭାରମ୍ଭ ହୋଇଛି । ପ୍ରଥମ ଦିନରେ ମହୋତ୍ସବକୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି । ଏହି ମହୋତ୍ସବର ଉଦ୍ଦେଶ୍ୟ ହେଉଛି ଚଳଚ୍ଚିତ୍ର ମାଧ୍ୟମରେ ଭାରତର ସ୍ୱାଧୀନତା ପ୍ରତି ସମ୍ମାନ ବ୍ୟକ୍ତ କରିବା । ଅଗଷ୍ଟ ୧୧ରୁ ୧୩ ତାରିଖ ମଧ୍ୟରେ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବ ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ଜାତୀୟ ଚଳଚ୍ଚିତ୍ର ବିକାଶ ନିଗମ (ଏନଏଫଡିସି) ଦ୍ୱାରା ଆୟୋଜିତ ହେଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବ୍ୟାପକ ଘରେ ଘରେ ତିରଙ୍ଗା ଅଭିଯାନର ଏକ ଅଂଶବିଶେଷ ଭାବେ ଏହି ମହୋତ୍ସବ ଆୟୋଜନ କରାଯାଉଛି । ଏହା ଜାତୀୟ ପତାକା ସହିତ ପ୍ରତ୍ୟେକ ନାଗରିକଙ୍କ ଭାବଗତ ସମ୍ପର୍କକୁ ଆହୁରି ଗଭୀର କରିବା ସହିତ ଏକତା ଏବଂ ଦେଶପ୍ରେମର ନୂତନ ଭାବନା ସୃଷ୍ଟି କରିବ । ଦେଶପ୍ରେମ ଉପରେ ଆଧାରିତ ଚଳଚ୍ଚିତ୍ର ପ୍ରଦର୍ଶନ ମାଧ୍ୟମରେଏହି ମହୋତ୍ସବର ଉଦ୍ଦେଶ୍ୟ ହେଉଛି, ଦର୍ଶକଙ୍କୁ ଭାରତର ସ୍ୱାଧୀନତା ଯାତ୍ରାକୁ ମନେ ପକାଇବା, ଅଗଣିତ ବୀରଙ୍କ ବଳିଦାନ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଏବଂ ଦେଶର ପରିଚୟକୁ ଆକାର ଦେଇଥିବା କାହାଣୀଗୁଡ଼ିକୁ ପ୍ରଦର୍ଶନ କରିବା । ଦିଲ୍ଲୀରେ ମହୋତ୍ସବର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗ ଦେଇ ଦିଲ୍ଲୀ ସରକାରରେ କଳା, ସଂସ୍କୃତି ଓ ଭାଷା ମନ୍ତ୍ରୀ କପିଳ ମିଶ୍ରା କହିଛନ୍ତି, ଆମ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ସ୍ମୃତିଚାରଣ କରିବା ଏବଂ ପରବର୍ତ୍ତୀ ପିଢ଼ିକୁ ଅନୁପ୍ରାଣିତ କରିବା ଲାଗି ଚଳଚ୍ଚିତ୍ର ଏକ ଶକ୍ତିଶାଳୀ ମାଧ୍ୟମ । ମୁମ୍ବାଇରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର



ସଚିବ ସଞ୍ଜୟ ଜାଜୁ କହିଛନ୍ତି, ଘରେ ଘରେ ତ୍ରିରଙ୍ଗା - ଦେଶପ୍ରେମ ଚଳଚ୍ଚିତ୍ର ମହୋତ୍ସବର ଲକ୍ଷ୍ୟ ସିନେମା ମାଧ୍ୟମରେ ଭାରତର ସମୃଦ୍ଧ ସାଂସ୍କୃତିକ ଇତିହାସ ଏବଂ ଐତିହ୍ୟକୁ ପ୍ରଦର୍ଶିତ କରିବା । ଚଳଚ୍ଚିତ୍ର ଏକ ଦୃଶ୍ୟମାନ ମାଧ୍ୟମ ହୋଇଥିବାରୁ ଏହା ଦର୍ଶକଙ୍କ ଉପରେ ଏକ ଦୀର୍ଘସ୍ଥାୟୀ ପ୍ରଭାବ ପକାଇଥାଏ । ଏହି ମହୋତ୍ସବର ଲକ୍ଷ୍ୟ ସମସ୍ତ ଭାରତୀୟଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ କରିବା ବୋଲି ସେ କହିଛନ୍ତ ।ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଶ୍ରୀ ପ୍ରଭାତ, ଡିପିଡି ଅତିରିକ୍ତ ମହାନିର୍ଦ୍ଦେଶକ ଭୂପେନ୍ଦ୍ର କଇଁଥୋଲା, ଗଣମାଧ୍ୟମ ଓ ଯୋଗାଯୋଗ ପ୍ରମୁଖ ମହାନିର୍ଦ୍ଦେଶକ ଧୀରେନ୍ଦ୍ର ଓଝା ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ବହୁ ଲୋକପ୍ରିୟ ଚଳଚ୍ଚିତ୍ର ପରିବେଷଣ କରାଯାଇଛି ।

ମୁମ୍ବାଇର ଏନଏଫଡିସି ପରିସରରେ ଆୟୋଜିତ ମହୋତ୍ସବର ଉଦଘାଟନୀ କାର୍ଯ୍ୟକ୍ରମରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ସଚିବ ଶ୍ରୀ ଜାଜୁ ଓ ଅଭିନେତ୍ରୀ ଶ୍ରୀୟା ପିଲଗାଓଁକରଙ୍କ ସମେତ ବହୁ ବରିଷ୍ଠ ସରକାରୀ ଅଧିକାରୀ, ଚଳଚ୍ଚିତ୍ର ନିର୍ମାତା, ଚଳଚ୍ଚିତ୍ର ପ୍ରେମୀ ସାମିଲ ହୋଇଥିଲେ ।

# ଗାଜା ଏୟାରଷ୍ଟ୍ରାଇକରେ ୫ ସାମ୍ବାଦିକ ମୃତ

## ଜଣଙ୍କୁ ହମାସ ଆତଙ୍କୀ କହିଲା ଇସ୍ରାଏଲ


ଗାଜା : ଗାଜା ଉପରେ ଇସ୍ରାଏଲର ଘନଘନ ଆକ୍ରମଣ ଜାରି ରହିଛି । ଏହିକ୍ରମରେ ରବିବାର ଇସ୍ରାଏଲ ପକ୍ଷରୁ ଗାଜା ସହରର ଅଲ ଶିଫା ନିକଟରେ ହୋଇଛି ବଡ଼ଧରଣର ଏୟାର ଷ୍ଟ୍ରାଇକ । ଏଥିରେ ହସ୍ପିଟାଲ ବାହାରେ ଯୁଦ୍ଧ ଖବରକୁ ପୂରା ବିଶ୍ୱ ପାଖରେ ପହଞ୍ଚାଉଥିବା ଅନ୍ତର୍ଜାତୀୟ ଗଣମାଧ୍ୟମ ଅଲ ଜଜୀରାର ୫ ଜଣ ସାମ୍ବାଦିକଙ୍କ ମୃତ୍ୟୁ ହୋଇଛି । ଏହି ୫ ଜଣ ହେଲେ ଅନସ ଅଲ ଶରିଫ, ମହମ୍ମଦ କ୍ୱାରିକ୍ୱେ, କ୍ୟାମେରାମ୍ୟାନ ଇବ୍ରାହିମ ଜହିର, ମୋମେନ ଅଲିୱା ଓ ମହମ୍ମଦ ନୌଫାଲ । ଅଲ ଶିଫା ହସ୍ପିଟାଲର ମୁଖ୍ୟ ଫାଟକ ନିକଟରେ ଥିବା ପ୍ରେସ ଟେଣ୍ଟ ଉପରେ ଇସ୍ରାଏଲ ରବିବାର ଏୟାର ଷ୍ଟ୍ରାଇକ କରିଥିଲା । ଏଥିରେ ମୋଟ ୭ ଜଣ ପ୍ରାଣ ହରାଇଥିଲେ । ଏମାନଙ୍କ ମଧ୍ୟରେ ୫ ଜଣ ସାମ୍ବାଦିକ ଥିବା ଅଲ ଜଜୀରା ପକ୍ଷରୁ କୁହାଯାଇଛି ।ଆକ୍ରମଣର କିଛି ଘଟଣା ପରେ ଇସ୍ରାଏଲ ମିଲିଟାରୀ ପକ୍ଷରୁ ଏହାକୁ



ସ୍ୱୀକାର କରାଯାଇଛି ।ତେବେ ପ୍ରାଣ ହରାଇଥିବା ସାମ୍ବାଦିକମାନଙ୍କ ମଧ୍ୟରେ ଥିବା ଅଲ ଶିରିଫଙ୍କୁ ଇସ୍ରାଏଲ ହମାସ ଆତଙ୍କବାଦୀ ବୋଲି କହିଛି । ସେ କୁଆଡ଼େ ହମାସର ଗୋଟିଏ ଆତଙ୍କବାଦୀ ସେଲର ନେତୃତ୍ୱ ନେଉଥିଲେ ବୋଲି ଇସ୍ରାଏଲ ଦାବି କରିଛି । ୨୮ ବର୍ଷୀୟ ଅଲ ଶରିଫ ପ୍ରାଣ ହରାଇବାର କିଛି ସମୟ ପୂର୍ବରୁ ଏକ୍ସରେ ଗୋଟିଏ ପୋଷ୍ଟ କରିବାକୁ ଚେଷ୍ଟା କରିଥିଲେ । ଅବଶ୍ୟ ଏହାକୁ ସେ ପ୍ରାଣ ହରାଇବା ପୂର୍ବରୁ ଲେଖି ସାରିଥିଲେ । ଇସ୍ରାଏଲର ଏୟାର ଷ୍ଟ୍ରାଇକ ପରେ ତାଙ୍କ ଆକାଉଣ୍ଟରୁ ସେ ଲେଖିଥିବା କଥାକୁ ତାଙ୍କର ଜଣେ ବନ୍ଧୁ ପୋଷ୍ଟ କରିଥିବା ଜଣାପଡ଼ିଛି ।

# ୧୫ରେ ଟ୍ରମ୍ପ-ପୁଟିନ୍ ଭେଟ୍‌ଘାଟ୍

## ଯୋଗ ଦେବେନି ୟୁକ୍ରେନ୍ ରାଷ୍ଟ୍ରପତି





ନୂଆଦିଲ୍ଲୀ : ୟୁକ୍ରେନ୍ ପ୍ରସଙ୍ଗ ନେଇ ଆସନ୍ତା ୧୫ ତାରିଖରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କର ରୁଷ୍ କଉ୍ତପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ମଧ୍ୟରେ ବୈଠକ ହେବ । ଆଲାସ୍କାରେ ହେବାକୁ ଥିବା ଏହି ବୈଠକରେ ଦୁଇ ନେତା ୟୁକ୍ରେନ୍ ଯୁଦ୍ଧର ଭବିଷ୍ୟତ ଉପରେ ଆଲୋଚନା କରିବେ । ତେବେ ଏହି ଦ୍ୱିପାକ୍ଷିକ କଥାବାର୍ତ୍ତାରେ ଯୋଗ ଦେବା ପାଇଁ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନସ୍କି ଯୋଗ ଦେଉନଥିବା ଜଣାପଡିଛି । କ୍ରେମଲିନ୍‌ର ଜଣେ ମୁଖପାତ୍ର କହିଛନ୍ତି ଯେ, ଆଲାସ୍କା ରୁଷର ଅତ୍ୟନ୍ତ ନିକଟତର ହୋଇଥିବାରୁ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ଏହି ସ୍ଥାନକୁ ବଛାଯାଇଛି । ୟୁକ୍ରେନ୍ ଯୁଦ୍ଧ ବନ୍ଦ ପାଇଁ ନିଜର କିଛି ଅଞ୍ଚଳ ଛାଡିବାକୁ ରାଜି ଥିବା ଟ୍ରମ୍ପ ସଂକେତ ଦେବା ପରେ ପୁଟିନ୍ ତାଙ୍କ ସହ ବୈଠକ କରିବାକୁ ଦିନ ଧାର୍ଯ୍ୟ ହୋଇଛି । ଦୀର୍ଘ ସାଢେ ତିନି ବର୍ଷ ହେଲା ରୁଷ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଚାଲିଛି । ଏଥିରେ ଉଭୟ ପକ୍ଷର କେତେ ଲୋକ ପ୍ରାଣ ହରାଇଲେଣି ତାହାର ହିସାବ କାହା ପାଖରେ ନାହିଁ । ଏହା ଏକ ଅତ୍ୟନ୍ତ ଜଟିଳ ସ୍ଥିତି । ପୂର୍ବ ୟୁକ୍ରେନର ଡୋନୋବାସ ଅଞ୍ଚଳକୁ ରୁଷ୍ ନେବ ଏବଂ କ୍ରିମେୟା ଅଞ୍ଚଳକୁ ନିଜ ପାଖରେ ରଖିବ । ଏହା ବଦଳରେ ଖେନ୍‌ସୋନ୍ ଓ ଜାପନିଝଝିଆକୁ ୟୁକ୍ରେନକୁ ଫେରାଇବ । ଏହି ପ୍ରସ୍ତାବ ଉପରେ ଟ୍ରମ୍ପ ଓ ପୁଟିନ୍ କଥାବାର୍ତ୍ତାରେ ସାମିଲ ହେବେ ବୋଲି କୁହାଯାଉଛି ।

# ଦିଲ୍ଲୀରେ ବୁଲା କୁକୁର ସାବାଡ଼

ନୂଆଦିଲ୍ଲୀ: ଦିଲ୍ଲୀ-ଏନସିଆରରେ ବୁଲା କୁକୁରଙ୍କ 'ଆତଙ୍କ'କୁ ନେଇ ସୁପ୍ରିମକୋର୍ଟ ଏକ ବଡ଼ ରାୟ ଶୁଣାଇଛନ୍ତି । ସୁପ୍ରିମକୋର୍ଟ ଦିଲ୍ଲୀ ଏବଂ ନୋଏଡା-ଗାଜିଆବାଦ ସମେତ ସମଗ୍ର ଏନସିଆରରେ କୁକୁରମାନଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦିଲ୍ଲୀରେ, ଏମସିଡି ଏବଂ ଏନଡିଏମସିକୁ ତୁରନ୍ତ ବୁଲା କୁକୁରମାନଙ୍କୁ ଉଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ସୁପ୍ରିମକୋର୍ଟ କହିଛନ୍ତି ଯେ, ସମସ୍ତ ବୁଲା କୁକୁରଙ୍କୁ ତୁରନ୍ତ ଉଠାଇ ସୁରକ୍ଷିତ ଆଶ୍ରୟସ୍ଥଳକୁ ପଠାନ୍ତୁ । ଯଦି କୌଣସି ସଂଗଠନ କୁକୁରମାନଙ୍କୁ ବଳପୂର୍ବକ ଧରିବା ସମୟରେ ବାଧା ସୃଷ୍ଟି କରନ୍ତି, ତେବେ ତାଙ୍କୁ ସୁପ୍ରିମକୋର୍ଟଙ୍କ କଠୋର କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡିବ । ଏହି ପ୍ରକ୍ରିୟାରେ କାହାର ଭାବନାକୁ ଆଘାତ ଯେମିତି ନଦିଆଯାଏ ତା' ପ୍ରତି ଧ୍ୟାନ ଦେବାକୁ କୋର୍ଟ କହିଛନ୍ତି । ବିଶେଷ କରି ଦିଲ୍ଲୀରେ କୁକୁର ଆକ୍ରମଣ ବଢୁଥିବା ଦେଖି ସୁପ୍ରିମକୋର୍ଟ ଏହି ବଡ଼ ରାୟ ଶୁଣାଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି, ଆମକୁ ରାସ୍ତାଗୁଡ଼ିକୁ



ସମ୍ପୂର୍ଣ୍ଣ ଭାବରେ ବୁଲା କୁକୁର ମୁକ୍ତ କରିବାକୁ ପଡିବ । କାହାକୁ ପୋଷ୍ୟ କୁକୁର ଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ । ରାସ୍ତାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ବୁଲା କୁକୁର ମୁକ୍ତ କରାଯିବା ଆବଶ୍ୟକ । ଏହି ମାମଲାରେ କେବଳ ସରକାରଙ୍କ ଆବେଦନର ଶୁଣାଣି ହେବ ଏବଂ କୁକୁରପ୍ରେମୀ କିମ୍ବା ଅନ୍ୟ କୌଣସି ପକ୍ଷଙ୍କ ଆବେଦନ ଗ୍ରହଣ କରାଯିବ ନାହ । କୁକୁରମାନଙ୍କ ପାଇଁ ତୁରନ୍ତ ଏକ ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ଜାତୀୟ ରାଜଧାନୀ ଦିଲ୍ଲୀ, ଏମସିଡି ଏବଂ ନୂଆଦିଲ୍ଲୀ ନଗର ନିଗମକୁ କହିଛନ୍ତି ସୁପ୍ରିମକୋର୍ଟ । ଏଭଳି ନିର୍ଦ୍ଦେଶ ଦେଇ ୮ ସପ୍ତାହ ମଧ୍ୟରେ ଭିତ୍ତିଭୂମି ନିର୍ମାଣ ସମ୍ପର୍କରେ ଏକ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି ।

# ମାଡଗାଓଁର ମନୀଶଙ୍କୁ ଫୋନ୍ କଲେ ବିରାଟ

## ରଜତ ପଟିଦାରଙ୍କ ସିମ କାର୍ଡ ଛତିଶଗଡରୁ ମିଳିଲା






ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି) : ଛତିଶଗଡର ଗରିଆ ବନ୍ଦ ଅନ୍ତର୍ଗତ ଛୋଟିଆ ଗାଁ ମାଡଗାଓଁ । ଏଇଠି ରୁହନ୍ତି ମନୀଶ ବିଶି। ମନୀଶଙ୍କୁ କାହିଁକି ଫୋନ୍ କଲେ କିମ୍ବଦନ୍ତୀ କ୍ରିକେଟର ବିରାଟ କୋହଲି, ଏ ବି ଡିଭିଲିୟର୍ସ ଓ ରଜତ୍ ପଟିଦାର ? କୌଣସି ବିଜ୍ଞାପନ କିମ୍ବା ବ୍ରାଣ୍ଡ ପ୍ରମୋସନ୍ ପାଇଁ ଏପରି ହୋଇଥିବ ବୋଲି ସମସ୍ତେ ଭାବିବା ସ୍ୱାଭାବିକ କଥା । କିନ୍ତୁ ବାସ୍ତବ ଜୀବନରେ ମନୀଶଙ୍କ ସହ ଏପରି ଘଟଣା ଘଟିଛି। କୋହଲି ତାଙ୍କୁ ଫୋନ୍ କରି କଥା ହୋଇଛନ୍ତି।

ନିକଟରେ ମନୀଶ ସ୍ଥାନୀୟ ଦୋକାନରୁ ଗୋଟିଏ ସିମ୍‌କାର୍ଡ କିଣିଥିଲେ। ଏହାପରେ ତାଙ୍କୁ ବିଭିନ୍ନ ସେଲିବ୍ରିଟି ଫୋନ କରିବା ଆରମ୍ଭ କରିଥିଲେ। ତାଙ୍କ ଜୀବନରେ ଚଳଚିତ୍ରର କାହାଣୀ ପରି ଗୋଟିଏ ପରେ ଗୋଟିଏ ଘଟଣା ଘଟିବା ଆରମ୍ଭ ହୋଇଥିଲା। ବାସ୍ତବରେ ମନୀଶ କିଣିଥିବା ସିମକାର୍ଡକୁ ଏକଦା କ୍ରିକେଟର ରଜତ ପଟିଦାର ବ୍ୟବହାର କରୁଥିଲେ। ଉକ୍ତ ନମ୍ବରକୁ ବିଶି ବ୍ୟବହାର କରିବା ମାତ୍ରେ ତାଙ୍କ ପାଖକୁ ବିରାଟ କୋହଲି ଓ ଏ ବି ଡିଭିଲିୟର୍ସଙ୍କ ଭଳି କିମ୍ବଦନ୍ତୀଙ୍କ ଫୋନ୍ ଆସିଥିଲା।

ପ୍ରଥମେ ମନୀଶ ତାଙ୍କ ବନ୍ଧୁ କ୍ରସ୍ କନେକ୍ସନ ବୋଲି ଭାବିଥିଲେ। ହେଲେ ଉକ୍ତ ନମ୍ବର ହ୍ୱାଟସ୍‌ଆପ୍ ଇନଷ୍ଟଲ କରିବା ମାତ୍ରେ ଆରସିବି ଅଧିନାୟକ ରଜତ ପଟିଦାରଙ୍କ ପ୍ରୋଫାଇଲ୍ ଫଟୋ ଦେଖିଥିଲେ। ଏଥିସହ ତାଙ୍କୁ ଫୋନ କରିଥିବା ଲୋକ ସତରେ ବିରାଟ କୋହଲି ଓ ଡେଭିଲିୟର୍ସ ବୋଲି ଜାଣିବାକୁ ପାଇଥିଲେ। ଗଜେନ୍ଦ୍ର ବିଶି ନାମକ ଚାଷୀଙ୍କ ପୁଅ ହେଉଛନ୍ତି ମନୀଶ ବିଶି । ଜୁନ୍ ୨୮ରେ ସେ ତାଙ୍କ ଗାଁଠାରୁ ୮ କିମି ଦୂର ଦେଓଭୋଗରେ ଥିବା ମୋବାଇଲ୍ ଦୋକାନରୁ ସିମ୍ କିଣିଥିଲେ। ଏହାପରେ ମନୀଶ ଓ ବନ୍ଧୁ ଖେମରାଜ ମିଳିତ ଭାବେ ବ୍ୟବହାର କରିଥିଲେ। କ୍ରିକେଟ୍‌ରଙ୍କ ଫୋନ୍ ଆସିବା ଆରମ୍ଭ ହୋଇଥିଲା। ଏତେ ବଡ ବଡ ସେଲିବ୍ରେଟିଙ୍କ ସହ ଭୟରେ ଫୋନ୍‌ରେ କଥା ହୋଇଥିଲେ ହେଁ ନିଜକୁ ବିଶ୍ୱାସ କରିପାରୁନଥିଲେ। ଏସବୁ ପ୍ରାଙ୍କ କଲ୍ ବୋଲି ଭାବୁଥିଲେ। ତେବେ ଏହି ଘଟଣାର ଟ୍ୱିଷ୍ଟ ଜୁଲାଇ ୧୫ରେ ଆସିଥିଲା। ନିଜେ ପଟିଦାର ଉକ୍ତ ନମ୍ବରକୁ ଫୋନ୍ କରିଥିଲେ। ସେ କହିଲେ ଭାଇ ଦୟାକରି ମୋ ସିମକୁ ଫେରାଇ ଦିଅ। ତଥାପି ମନୀଶ ଓ ଖେମରାଜ ଏହାକୁ ବିଶ୍ୱାସ କରିନଥିଲେ। କିନ୍ତୁ ପଟିଦାରଙ୍କ ତତ୍ପରତା ଓ ପୋଲିସ ପଠାଇବା କଥା ଶୁଣି ସେମାନେ ବିଶ୍ୱାସ କରିବାକୁ ଲାଗିଥିଲେ। ପଟିଦାର କଲ କାଟିବା ପରେ ପୋଲିସ ଟିମ୍ ପହଞ୍ଚି ଥିଲା। ପୋଲିସକୁ ଦେଖି ମନୀଶ ଖେମରାଜ ପୂର୍ବରୁ ଆସୁଥିବା ପ୍ରାଙ୍କ ନଥିଲା ବୋଲି ବିଶ୍ୱାସ କରୁଥିଲେ । ଗରିଆ ବନ୍ଦ ଡେପୁଟି ଏସ୍‌ପି ନେହା ସିହ୍ନା କହିଛନ୍ତି ଯେ, ୯୦ ଦିନ ରହି ସିମ୍ ବନ୍ଦ ରହିବା ଯୋଗୁଁ ଟେଲିକମ୍ ନୀତି ଅନୁସାରେ ଉକ୍ତ ସିମ ଡିଆକ୍ଟିଭେଟ୍ ହୋଇଯାଇଥିଲା। ଏ ଦୃଷ୍ଟିରୁ ଏହି ନମ୍ବରରୁ ନୂଆ ଗ୍ରାହକଙ୍କୁ ଦିଆଯାଇଥାଏ। ସମାନ ଘଟଣା ଏବେ ମନୀଶ ସହ ଘଟିଛି। ସିମ୍ କିଣିବା ପରେ ରଜତ ପଟିଦାରଙ୍କ ଯୋଗାଯୋଗରେ ଥିବା କ୍ରିକେଟରମାନେ ମନୀଶଙ୍କୁ ଫୋନ କରିଥିଲେ। ପଟିଦାର ମଧ୍ୟ ପ୍ରଦେଶ ସାଇବର ସେଲକୁ ତାଙ୍କ ସିମ ଆଉ କାହାକୁ ଦିଆଯାଇଥିବା ଅଭିଯୋଗ କରିଥିଲେ। ଏହାକୁ ଫେରାଇ ଆଣିବାକୁ ଅନୁରୋଧ କରିଥିଲେ। ମଧ୍ୟପ୍ରଦେଶ ସାଇବର ସେଲ ପକ୍ଷରୁ ଗରିଆ ବନ୍ଦ ପୋଲିସକୁ ଯୋଗାଯୋଗ କରାଯାଇଥିଲା। ସେମାନଙ୍କ ସହମତିରେ ପଟିଦାରଙ୍କୁ ସିମ୍ ହସ୍ତାନ୍ତର କରାଯାଇଥିବା ନେହା ସିହ୍ନା କହିଛନ୍ତି।

ସବୁ ସମସ୍ୟାର ସମାଧାନ ହୋଇସାରିଛି। କିନ୍ତୁ ମନୀଶ, ଖେମରାଜ ଓ ସେମାନଙ୍କ ପରିବାର ପାଇଁ ସିମକାର୍ଡ ଅଭିଜ୍ଞତା କୌଣସି ଚଳଚିତ୍ର କାହାଣୀଠାରୁ କମ୍ ନଥିଲା। ଖେମରାଜ ହେଉଛନ୍ତି ବିରାଟ କୋହଲିଙ୍କ ଜଣେ ବଡ ପ୍ରଶଂସକ । ସେ କହିଛନ୍ତି ବିରାଟ କୋହଲିଙ୍କ ସହ ଦିନେ କଥା ହେବି ବୋଲି ଭାବିନଥିଲା। ଯେତେବେଳେ ଏବି ଡିଭିଲିୟର୍ସ ଫୋନ କଲେ ସେ ଇଂରାଜୀରେ କଥାହୋଇଥିଲେ। ଆମେ କିଛି ବି ବୁଝି ପାରିନଥିଲୁ । କିନ୍ତୁ ବେଶ୍ ଉତ୍ସାହିତ ଲାଗୁଥିଲା। ମନୀଶ ଯେତେବେଳେ ମୋତେ ଫୋନ ଧରାଇଦିଏ, କୋହଲି ଓ ୟସ୍ ଦୟାଲ୍ ଫୋନ୍ କରି କାହିଁକି ଆମେ ପଟିଦାରଙ୍କ ନମ୍ବର ବ୍ୟବହାର କରୁଛୁ ବୋଲି ପ୍ରଶ୍ନ କରିଥିଲେ। ଆମେ ନୂଆ ସିମ ଆଣିବା ପାଇଁ କହିଥିଲୁ। ଏହା ଆମ ନମ୍ବର ବୋଲି ବୁଝାଇଥିଲେ। ଶେଷରେ ରଜତ୍ ପଟିଦାରଙ୍କ ବୁଦ୍ଧିମତା ଓ ପୋଲିସର ତତ୍ପରତା ଯୋଗୁଁ ଏହି ସିମକାର୍ଡ ସମସ୍ୟାର ସମାଧାନ ହୋଇପାରିଛି।




# ଧୋନିଙ୍କ ମାନହାନି କେସର ପୁଣି ଶୁଣାଣି ହେବ

ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି) : ମାଡ୍ରାସ୍ ହାଇକୋର୍ଟ ମହେନ୍ଦ୍ର ଧୋନିଙ୍କ ୧୦ ବର୍ଷ ତଳର ମାନହାନି କେଶ୍‌ର ଶୁଣାଣି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଧୋନି ଦୁଇଟି ବଡ ମିଡିଆ ସଂସ୍ଥା ସହ ଜୈନିକ ପତ୍ରକାର ଓ ଆଇପିଏସ୍ ଅଧିକାରୀଙ୍କ ନାମରେ ନାମହାନି କେଶ କରିଥିଲେ। ଧୋନୀ ଆଇପିଏଲ୍ ବ୍ୟାଟିଂ ଦୁର୍ନୀତିରେ ସାମିଲ ଅଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ସୋମବାର ବିଚାରପତି ସିଭି କାର୍ତ୍ତିକେୟନ ଜଣେ ଆୟୁକ୍ତ ନିଯୁକ୍ତ କରିଛନ୍ତି। ସେ ଚେନ୍ନାଇ ସମସ୍ତ ପକ୍ଷ ଓ ଧୋନୀଙ୍କ ସମ୍ପର୍କିତ ପ୍ରମାଣ ଯୋଗାଡ କରିବେ। ଧୋନୀ ନିକଟରେ ଏହି ମାନହାନି କେଶ୍‌ର ଶୁଣାଣି କରିବା ପାଇଁ ଅନୁରୋଧ କରିଥିଲେ। ୨୦୧୪ ରୁ ଏହି କେଶ୍ କୋର୍ଟରେ ପଡି ରହିଛି। ୨୦ ଅକ୍ଟୋବର ୨୦୨୫ ରୁ ୧୦ ଡିସେମ୍ବର ପର୍ଯ୍ୟନ୍ତ ଉପଲବ୍ଧ କରିବେ ବୋଲି କହିଛନ୍ତି। ଏହାର ତଦନ୍ତରେ ମୁଁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରସ୍ତୁତ ଅଛି। ହାଇକୋର୍ଟଙ୍କ ସମସ୍ତ ନିର୍ଦ୍ଦେଶ ମଧ୍ୟ ପାଳନ କରିବି ବୋଲି ଧୋନୀ କହିଛନ୍ତି। ୨୦୧୩ରେ ଆଇପିଏଲ୍‌ରେ ସ୍ପଟ୍ ଫିକ୍ସିଙ୍ଗ୍ ହୋଇଥିଲା। ଏଥିରେ ଶ୍ରୀସନ୍ଥ, ଅଜିତ ଚାଣ୍ଡିଲା ଓ ଅଙ୍କିତ ଚୌହାନ ଧରାପଡିଥିଲେ। ଚେନ୍ନାଇ ସୁପରକିଙ୍ଗସ୍ ମାଲିକ ଏନ୍ ସିନିବାସଙ୍କ ଜ୍ୱାଇଁ ଗୁରୁନାଥ ମେୟାପାନ ନାମ ମଧ୍ୟ ଉଠିଥିଲା। ଏହି ଘଟଣା ପରେ ରାଜସ୍ଥାନ ରୟାଲ୍ସ ଓ ଚେନ୍ନାଇକୁ ଦୁଇ ବର୍ଷ ପାଇଁ ବାସନ୍ଦ କରାଯାଇଥିଲା।

# ସେପ୍ଟେମ୍ବର ୩୦ରୁ ମହିଳା କ୍ରିକେଟ ବିଶ୍ୱ କପ୍

## ଟ୍ରଫି ଉନ୍ମୋଚିତ, କାଉଣ୍ଟ ଡାଉନ୍ ଆରମ୍ଭ




ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି) : ଆଇସିସି ଦିନିକିଆ ମହିଳା ବିଶ୍ୱ କପ୍ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବାକୁ ଯାଉଛି। ଏହି ବିଶ୍ୱ ମହାକୁମ୍ଭର ଟ୍ରଫି ଉନ୍ମୋଚିତ ହେବା ସହ ପ୍ରତିଯୋଗିତାର କାଉଣ୍ଟ ଡାଉନ୍ ଆରମ୍ଭ ହୋଇଛି। ଭାରତ ପ୍ରଥମ ଥର ପାଇଁ ମହିଳା ଦିନିକିଆ ବିଶ୍ୱ କପ୍ ଟ୍ରଫି ହାସଲ କରିବା ଲକ୍ଷ୍ୟରେ ରହିଛି। ଟ୍ରଫି ଉନ୍ମୋଚନ ଅବସରରେ ଭାରତୀୟ କ୍ରିକେଟ୍‌ର ଯୁବରାଜ ସିଂ, ଆଇସିସି ଅଧ୍ୟକ୍ଷ ଜୟଶାହା ଓ ବିସିସିଆଇ ସେକ୍ରେଟାରୀ ଦେବଜିତ ସାଇକିଆ ଉପସ୍ଥିତ ଥିଲେ। ଭାରତୀୟ ମହିଳା ଦଳ ଆଜି ପର୍ଯ୍ୟନ୍ତ ଆଇସିସି ବିଶ୍ୱ କପ୍ ଟ୍ରଫି ଜିତିପାରିନାହିଁ। ୨୦୧୭ରେ ଶ୍ରେଷ୍ଠ ପ୍ରଦର୍ଶନ କରି ଭାରତ ଫାଇନାଲରେ ପ୍ରବେଶ କରିଥିଲା। ତେବେ ଇଂଲଣ୍ଡ ଠାରୁ ପରାଜିତ ହୋଇ ଦଳ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ୨୦୨୫ ମହିଳା ଦିନିକିଆ ବିଶ୍ୱ କପ୍‌କୁ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରୁଛନ୍ତି। ସେପ୍ଟେମ୍ବର ୩୦ରେ ଉଦ୍‌ଘାଟନୀ ଓ ନଭେମ୍ବର ୨ରେ ଫାଇନାଲ ମ୍ୟାଚ ଖେଳାଯିବ। ଭାରତ ସେପ୍ଟେମର ୩୦ରେ ବେଙ୍ଗାଲୁରୁ ଠାରେ ଶ୍ରୀଲଙ୍କା ବିପକ୍ଷରେ ମ୍ୟାଚ ଖେଳିବା ଅଭିଯାନ ଆରମ୍ଭ କରିବ। ଏହା ପରେ ଅକ୍ଟୋବର ୫ରେ ପାରମ୍ପରିକ ପ୍ରତିଦ୍ୱନ୍ଦି ପାକିସ୍ତାନକୁ କଲମ୍ବୋରେ ଭେଟିବେ । ୨୬ରେ ବାଙ୍ଗାଲୁରୁରେ ବାଂଲାଦେଶକୁ ଭେଟିବ ଟିମ୍ ଇଣ୍ଡିଆ।

# ଏସିଆ କପ୍ ଫିଟନେସ୍ ଟେଷ୍ଟରେ ପାଣ୍ଡ୍ୟା

ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି) : ସେପ୍ଟେମ୍ବର ୯ରୁ ଏସିଆ କପ୍ କ୍ରିକେଟ୍ ୟୁଏଇରେ ଆରମ୍ଭ ହେବାକୁ ଯାଉଛି। ଭାରତୀୟ ଚୟନ କମିଟି ଏଥିପାଇଁ ଦଳ ଚୟନ ପ୍ରକ୍ରିୟା ଆରମ୍ଭ କରିଛି। ଏସିଆ କପ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଖେଳିବା ନେଇ ସନ୍ଦେହ ରହିଛି। ପ୍ରଥମେ ତାଙ୍କୁ ଫିଟନେସ୍ ଟେଷ୍ଟ ଦେବାକୁ ପଡିବ। ଯଦି ସେ ସମ୍ପୂର୍ଣ୍ଣ ଭାବେ ଫିଟ୍ ଥିବେ ତେବେ ତାଙ୍କୁ ଦଳରେ ସ୍ଥାନ ମିଳିବ ବୋଲି ଚୟନ କମିଟିର ଜଣେ ସଦସ୍ୟ କହିଛନ୍ତି। ପାଖାପାଖି ଦୁଇ ମାସ ହେବ ହାର୍ଦ୍ଦିକ କ୍ରିକେଟ୍‌ଠାରୁ ଦୂରରେ ଅଛନ୍ତି। ବେଙ୍ଗାଲୁରୁରେ ଥିବା ନ୍ୟାସନାଲ୍ କ୍ରିକେଟ୍ ଏକାଡେମୀରେ ପାଣ୍ଡ୍ୟା ଫିଟ୍‌ନେସ ଟେଷ୍ଟ ଦେବେ। ୨୦୨୪ ଟି-୨୦ ବିଶ୍ୱ କପ୍ ଓ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଜିତିଥିବା ଭାରତୀୟ ଦଳର ସେ ସଦସ୍ୟ ଥିଲେ। ଦଳ ବିଜୟରେ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଥିଲା। ଶ୍ରେୟାସ ଆୟର ଫିଟ୍‌ନେସ୍ ଟେଷ୍ଟ ଦେଇସାରିଛନ୍ତି। ସେ ଡିସେମ୍ବର ୨୦୨୩ ପରଠାରୁ ଅନ୍ତର୍ଜାତୀୟ ଟି-୨୦ ଖେଳିନାହାଁନ୍ତି। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ହର୍ଣ୍ଣିଆ ଅପରେସନ୍ ପରେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାଁନ୍ତି। ସେ ଏନ୍‌ସିଏରେ ଏକ ସପ୍ତାହ ମେଡିକାଲ ଟିମରେ ଫିଟ୍ ହେବା ପାଇଁ ଆବଶ୍ୟକ କାର୍ଯ୍ୟ ପନ୍ଥା ଗ୍ରହଣ କରିବେ। ସୂର୍ଯ୍ୟକୁମାର ସୋସିଆଲ୍ ମିଡିଆରେ କ୍ରିକେଟକୁ ଫେରିବେ ପାଇଁ ବ୍ୟଗ୍ର ବୋଲି ଲେଖିଛନ୍ତି।




# ବାସ୍କେଟ୍‌ବଲ୍ : କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ସଫଳତା

ବରଗଡ଼,(ସବ୍ୟୁ) : କଟକ ବାରବାଟୀ ଷ୍ଟାଡିଅମରେ ଗତ-୦୬-୦୮-୨୦୨୫ ରୁ ୦୮-୦୮-୨୦୨୫ ପର୍ଯ୍ୟନ୍ତ ସେଣ୍ଟ ଜାଭିୟର ସ୍କୁଲ ଦ୍ୱାରା ଆୟୋଜିତ ସି.ବିଏସ.ଇ କ୍ଲଷ୍ଟର -୨ ରେ ଓଡ଼ିଶା, ପଶ୍ଚିମ ବଙ୍ଗ ଓ ଛତିଶଗଡ଼ରୁ ଆସିଥିବା ୧୧୦ଟି ଟିମ୍‌ର ବାସ୍କେଟ୍ ବଲ୍ ପ୍ରତିଯୋଗିତାରେ ବରଗଡ଼, ବିକାଶ ଆବାସିକ ବିଦ୍ୟାଳୟର ୧୪ ବର୍ଷରୁ କମ୍ ୪୩ ଜଣ ପ୍ରତିଯୋଗୀ ଫାଇନାଲ୍ ପ୍ରତିଯୋଗିତାରେ ମଦର୍ସ୍ ପବ୍ଲିକ ସ୍କୁଲକୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରି ଏକ ସ୍ୱର୍ଣ୍ଣିମ ଇତିହାସ ସୃଷ୍ଟି କରିଛନ୍ତି । ବାସ୍କେଟ୍ ବଲ୍ କୋଚ୍ ଶ୍ରୀମତୀ ପୁନମ୍ କିରୋ ଏବଂ ଶିକ୍ଷକ ଅମୂଲ୍ୟ ସିକନ୍ଦରଙ୍କ ତତ୍ତ୍ୱାବଧାନରେ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଗୌରବ ହାସଲ କରିଥିବାରୁ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମେନ୍ ଶ୍ରୀ ଡି.ମୁରଲୀ କ୍ରିଷ୍ଣା, ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳ, ଉପାଧକ୍ଷ (ସିବିଏସ୍‌ଇ ଏଫେୟାର୍ସ) ଶ୍ରୀ ପ୍ରଦୀପ କୁମାର ସାହୁ, ଉପାଧକ୍ଷ (ଏକାଡେମିକ୍ସ) ଡ.ମନୋଜ କୁମାର ତ୍ରିପାଠୀ, ମୁଖ୍ୟ କୋଚ୍ ଶ୍ରୀ ପିତାମ୍ବର ପ୍ରଧାନ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଖୁସିବ୍ୟକ୍ତ କରିବା ସହିତ ବିକାଶ ଆବାସିକ ବିଦ୍ୟାଳୟର ମୁଖ୍ୟ ଦ୍ୱାରରେ ସମସ୍ତ ପ୍ରତିଯୋଗୀମାନଙ୍କୁ ସ୍ୱାଗତ ଜଣାଇଥିଲେ ।




# ରୋହିତ, କୋହଲିଙ୍କ ସପକ୍ଷରେ ଗାଙ୍ଗୁଲି

ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି) : ଭାରତୀୟ କ୍ରିକେଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଭୟ ଖେଳାଳି ଟେଷ୍ଟ ଏବଂ ଟି-୨୦ରୁ ଅବସର ନେଇସାରିଛନ୍ତି। ଏବେ କେବଳ ଦିନିକିଆରେ ରୋହିତ କୋହଲି ଖେଳ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୨୭ ଦିନିକିଆ ବିଶ୍ୱ କପ୍ ପାଇଁ ବିସିସିଆଇ ପ୍ରସ୍ତୁତି ଆରମ୍ଭ କରିଛି। ରୋହିତ ଓ କୋହଲିଙ୍କୁ ଦଳରୁ ବାଦ୍ ଦିଆଯାଇପାରେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଉଛି। ଏଥି ମଧ୍ୟରୁ ପୂର୍ବତନ ଅଧିନାୟକ ସୌରବ ଗାଙ୍ଗୁଲି ଉଭୟ ରୋହିତ ଓ କୋହଲିଙ୍କ ସମର୍ଥନରେ ବାହାରିଛନ୍ତି। ଏହି ଦୁଇ ଖେଳାଳିଙ୍କୁ ନେଇ ଗାଙ୍ଗୁଲି ବଡ କଥା କହିଛନ୍ତି। ଧଳା ବଲ କ୍ରିକେଟରେ କୋହଲି ଓ ରୋହିତ ଭାରତ ପାଇଁ ଅନେକ ସଫଳତା ଆଣିଛନ୍ତି। ସେମାନଙ୍କ ପ୍ରଦର୍ଶନକୁ ଯେତେ ପ୍ରଶଂସା କରାଯିବ ତାହା କମ୍ ହେବ। ଭାରତୀୟ ଦଳରେ ସ୍ଥାନ ପାଇବାକୁ ହେଲେ ଭଲ ପ୍ରଦର୍ଶନ କରିବାକୁ ପଡିବ। ସେମାନେ ଭଲ ଖେଳିଲେ ସ୍ଥାନ ପାଇବେ।

ଅକ୍ଟୋବର ୧୯ରୁ ଭାରତୀୟ ଦଳ ଦିନିକିଆ ଶୃଙ୍ଖଳା ଖେଳିବା ପାଇଁ ଅଷ୍ଟ୍ରେଲିଆ ଗସ୍ତରେ ଯିବ । ୨୦୧୭ ବିଶ୍ୱ କପ୍ ପୂର୍ବରୁ ଭାରତୀୟ ଦଳ ଏହି ଶୃଙ୍ଖଳା ବ୍ୟତୀତ ନ୍ୟୁଜିଲାଣ୍ଡ ବିପକ୍ଷରେ ଦୁଇଥର, ଆଫଗାନିସ୍ଥାନ, ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦିନିକିଆ ଶୃଙ୍ଖଳା ଖେଳିବ । ଟି-୨୦ ଫର୍ମାଟରେ ଖେଳାଯିବାକୁ ଥିବା ଏସିଆ କପ୍‌ରେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ଗାଙ୍ଗୁଲି କହିଛନ୍ତି । ସେ ଏବେ ବେଙ୍ଗଲ କ୍ରିକେଟ୍ ସଂଘର ଅଧକ୍ଷ ପଦ ପାଇଁ ନିର୍ବାଚନ ଲଢିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସୂଚନା ଦେଇଛନ୍ତି।

# ଆଜିଠୁ ପଞ୍ଜାବରେ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିଅନସିପ୍

## ଭାଗ ନେବେ ୩୦ ଦଳ

ନୂଆଦିଲ୍ଲୀ,୧୧।୮ (ଏଜେନ୍ସି) : ମଙ୍ଗଳବାର ଠରୁ ପଞ୍ଜାବର ଜଲନ୍ଧରରେ ୧୫ତମ ହକି ଇଣ୍ଡିଆ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିଅନସିପ୍‌ର ଡିଭିଜନ ଭିତ୍ତିକ ନୂଆ ଫର୍ମାଟରେ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି। ୨୩ ତାରିଖରେ ପ୍ରତିଯୋଗିତା ଶେଷ ହେବ। ୩୦ ଟି ଦଳ ଅଂଶଗ୍ରହଣ କରିବେ। ପୂର୍ବରୁ ଏହି ଫର୍ମାଟ ସିନିୟର ସବ୍‌ଜୁନିୟର ପୁରୁଷ, ମହିଳା ଏବଂ ଜୁନିୟର ମହିଳା ଜାତୀୟ ଚାମ୍ପିଅନସିପ୍‌ରେ ଲାଗୁ କରାଯାଇସାରିଛି। ୩୦ଟି ଦଳକୁ ଏ, ବି ଓ ସି ଡିଭିଜନରେ ଭାଗ କରାଯାଇଛି। ଡିଭିଜନ୍ ଏ ରେ ୧୨ ଟି ଦଳ ରହିଛନ୍ତି। ପୁଲ ପର୍ଯ୍ୟାୟ ପାଇଁ ଡିଭିଜନ୍ ଏ କୁ ୪ ଟି ପୁଲରେ ବିଭକ୍ତ କରାଯାଇଛି। ପ୍ରତି ପୁଲ୍‌ରେ ୩ ଟି ଲେଖାଏଁ ଦଳ ରହିଛନ୍ତି। ପୁଲ ଏ ରେ ଡିପେଣ୍ଡିଙ୍ଗ୍ ଚାମ୍ପିଅନ୍ ହକି ପଞ୍ଜାବ,ମଧ୍ୟପ୍ରଦେଶ, ତାମିଲନାଡୁ ରହିଛନ୍ତି। ପୁଲ ବି ରେ ଉତ୍ତରପ୍ରଦେଶ , ଝାଡଖଣ୍ଡ , ମହାରାଷ୍ଟ୍ର। ପୁଲ୍ ସି ରେ ହରିୟାଣା, ମଣିପୁର, ଦାଦ୍ରା, ଦାମନ୍‌ଡିଉ। ପୁଲ୍ ଡି ରେ ହକି କର୍ଣ୍ଣାଟକ , ଓଡିଶା ଓ ଆନ୍ଧ୍ରପ୍ରଦେଶ ରହିଛନ୍ତି।

ଡିଭିଜନ୍ ବି ରେ ୧୦ ଟି ଦଳ ରହିଛନ୍ତି। ଏମାନଙ୍କୁ ଦୁଇଟି ପୁଲରେ ବିଭକ୍ତ କରାଯାଇଛି। ପୁଲ ଏ ରେ ମିଜୋରାମ, ହକି ହିମାଞ୍ଚଳ, ହକି ଚଣ୍ଡିଗଡ, ଜମ୍ମୁ-କାଶ୍ମିର ଓ ଅରୁଣାଞ୍ଚଳ ତଥା ପୁଲ ବି ରେ ବିହାର, ଦିଲ୍ଲୀ, ଉତ୍ତରାଖଣ୍ଡ, ବେଙ୍ଗଲ ଏବଂ ଆସାମ ରହିଛନ୍ତି।

ଡିଭିଜନ୍ ସି ରେ ୮ ଟି ସ୍ଥାନ ପାଇଛନ୍ତି। ଏଗୁଡିକୁ ଦୁଇଟି ପୁଲରେ ବିଭକ୍ତ କରାଯାଇଛି। ପୁଲ ଏ ରେ କେରଳ, ପୁଡୁଚେରୀ, ତେଲେଙ୍ଗାନା ଓ ତ୍ରିପୁରା ଏବଂ ପୁଲ୍ ବି ରେ ଛତିଶଗଡ, ହକି ରାଜ, ଗୁଜରାଟ, ଗୋଆନ୍ସ ହକି ସ୍ଥାନ ପାଇଛନ୍ତି। ମ୍ୟାଚ ବିଜୟ ପାଇଁ ୩ ପଏଣ୍ଟ। ଡ୍ର ପାଇଁ ୧ ପଏଣ୍ଟ ମିଳିବ। ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀ କହିଛନ୍ତି ଜୁନିୟର ସ୍ତରର ପ୍ରତିଯୋଗିତା ଭାରତୀୟ ହକିର ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ । ଜୁନିୟର ସ୍ତରରୁ ହିଁ ବିଶ୍ୱ ସ୍ତରର ଖେଳାଳି ଗଢାଯାଇପାରିବ। ଭିନ୍ନ ଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ହିଁ ଖେଳାଳିଙ୍କ ଦକ୍ଷତା ଓ ପ୍ରତିଯୋଗିତା ମୂଳକ ଭାବନା ବଢିବ। ଏହି ପ୍ରତିଯୋଗିତା ପାଇଁ ମୁଁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ଦିଲ୍ଲୀପ ତିର୍କୀ କହିଛନ୍ତି।





ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି